


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-122 ♦WEDNESDAY ♦29 OCTOBER 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୨୨ ♦ବୁଧବାର ♦୨୯ ଅକ୍ଟୋବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦







## ଅମଲାପୁରମ୍‌ରେ ପିଟିହେଲା ଅଣଆଖିଆ 'ମୋନ୍ଥା'

# ଓଡ଼ିଶାରେ ବାତ୍ୟା ପ୍ରଭାବହୀନ

### ଆନ୍ଧ୍ରପ୍ରଦେଶର ୧୪୧୯ ଗାଁ, ୪୪ ସହର ପ୍ରଭାବିତ

### ଅତି ପ୍ରବଳ ବର୍ଷା, ସ୍କୁଲ କଲେଜ ଆଉ ୫ଦିନ ଛୁଟି

### ଆଜି ପାଇଁ ଦକ୍ଷିଣ ଓଡ଼ିଶାର ୫ ଜିଲ୍ଲାକୁ ରେଡ୍ ଆଲର୍ଟ

■ **ଭୁବନେଶ୍ୱର/ଶ୍ରୀକାକୁଲମ, ୨୮।୧୦ (ସମିସ):** ଆନ୍ଧ୍ରପ୍ରଦେଶର କାକିନାଡ଼ା ନିକଟ ଅମଲାପୁରମ୍‌ରେ ଲ୍ୟାଣ୍ଡଫଲ୍ କରିଛି ବାତ୍ୟା 'ମୋନ୍ଥା'। ମଙ୍ଗଳବାର ସନ୍ଧ୍ୟାରେ ଆଇଏମ୍‌ଡି ଏ ସମ୍ପର୍କରେ ସୂଚନା ଦେଇଛି। ସନ୍ଧ୍ୟା ୭ଟାରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇ ପ୍ରାୟ ରାତି ୧୧ଟା ବେଳେ ବାତ୍ୟା ସ୍ଥଳଭାଗ ଅତିକ୍ରମ କରିଛି। ସ୍ଥଳଭାଗ ଅତିକ୍ରମ କରିବା ସମୟରେ ମଛଲିପଟ୍ଟନମ୍‌ଠାରେ ପବନର ବେଗ ସର୍ବାଧିକ ଘଣ୍ଟା ପ୍ରତି ୮୨ କିମି ଥିବା ବେଳେ କାକିନାଡ଼ାରେ ପବନର ବେଗ ୫୨ କିମି ରେକର୍ଡ ରହିଥିଲା। ତେବେ ଏହା ଭୀଷଣ ହେବ ବୋଲି ଯାହା ଅନୁମାନ କରାଯାଉଥିଲା, ତାହା ହୋଇନାହିଁ। ଓଡ଼ିଶା ଉପରେ ମଧ୍ୟ ଏହାର ବିଶେଷ ପ୍ରଭାବ ପଡ଼ିନାହିଁ। ମୋନ୍ଥାର ଗତିପଥ ଓଡ଼ିଶାଠାରୁ ଦୂରେଇ ଯାଉଥିବାରୁ ପବନର କୌଣସି ପ୍ରଭାବ ପଡ଼ିନାହିଁ। ତେବେ କେତେକ ଅଞ୍ଚଳରେ ପ୍ରବଳ ବର୍ଷା ହୋଇଥିବାର ଖବର ମିଳିଛି।

ମିଳିଥିବା ସୂଚନା ଅନୁଯାୟୀ ମୋନ୍ଥା ପ୍ରଭାବରେ ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନାର ୧୪୧୯ ଗାଁ ଓ ୪୪ଟି ସହର ପ୍ରଭାବିତ ହୋଇଛି। ପବନ ଓ ବର୍ଷା ଯୋଗୁ ଜନଜୀବନ ପ୍ରଭାବିତ ହୋଇଛି। ଶ୍ରୀକାକୁଲମ, ବିଜୟନଗରମ, ମାନ୍ୟମ, ଆଲୁରି ସୀଥାରାମରାଜୁ, ବିଶାଖାପାଟନମ, ଅନକାପାଲି, ପୂର୍ବ ଗୋଦାବରୀ, ଏଲୁରୁ, ଏନଟିଆର, ଗୁଣ୍ଟୁର, ପାଲନାଡୁ, ଚିତ୍ତୁର ଏବଂ ତିରୁପତି ଜିଲ୍ଲାରେ ପ୍ରବଳ ବର୍ଷା ହୋଇଛି ଓ ▶ପୃଷ୍ଠା-୭



## ରଞ୍ଜନା ଦେଶାଇ ଅଷ୍ଟମ ବେତନ ଆୟୋଗ ଅଧ୍ୟକ୍ଷା

### ସର୍ତ୍ତାବଳୀକୁ ମଞ୍ଜୁରୀ; ୧୮ ମାସରେ ରିପୋର୍ଟ



■ **ନୂଆଦିଲ୍ଲୀ, ୨୮।୧୦ (ଏଜେନ୍ସି):** କେନ୍ଦ୍ର ସରକାର ମଙ୍ଗଳବାର ଅଷ୍ଟମ ବେତନ ଆୟୋଗଙ୍କ ସନ୍ଦର୍ଭ ସର୍ତ୍ତାବଳୀ ଅଥବା ଟର୍ମସ ଅଫ୍ ରେଫରେନ୍ସ (ଟିଓଆର୍) କୁ ଅନୁମୋଦନ ଦେଇଛନ୍ତି। ଏହାପରେ ବର୍ତ୍ତମାନ ଆୟୋଗ ଗଠନ କରାଯିବ। ଏହାଛଡା ଗଠନର ୧୮ ମାସ ମଧ୍ୟରେ ଆୟୋଗ ତାଙ୍କର ସୁପାରିସ ଦାଖଲ କରିବେ। ଏହାପରେ ନୂତନ ବେତନ ହାର ୨୦୨୬ ଜାନୁଆରୀ ପହିଲାରୁ କାର୍ଯ୍ୟକାରୀ ହୋଇପାରିବ। ତଥାପି, ପୂର୍ବ ଧାରାଗୁଡ଼ିକୁ ଦୃଷ୍ଟିରେ ରଖି, ସୁପାରିସଗୁଡ଼ିକର ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହେବାକୁ ୨୦୨୮ ପର୍ଯ୍ୟନ୍ତ ସମୟ ଲାଗିପାରେ। ଏହାର ଅର୍ଥ ହେଉଛି କର୍ମଚାରୀମାନେ ୧୭-୧୮ ମାସର ବକେୟା ପ୍ରାପ୍ୟ ଏକକାଳୀନ କିମ୍ବା କିସ୍ତିରେ ପାଇବେ। ଏହି ପଦକ୍ଷେପ ୫୦ ଲକ୍ଷ କେନ୍ଦ୍ର କର୍ମଚାରୀ ଏବଂ ୬୯ ଲକ୍ଷ ପେନସନଭୋଗୀଙ୍କୁ ଲାଭ ଦେବ। ସରକାର ଜାନୁଆରୀ ୨୦୨୫ ରେ ବେତନ ଆୟୋଗ ଗଠନ ଘୋଷଣା କରିଥିଲେ। ସର୍ତ୍ତାବଳୀକୁ ଅନୁମୋଦନ ଦେବା ଏକ ଦଲିଲକୁ ବୁଝାଏ ଯାହା ଆୟୋଗଙ୍କ କାର୍ଯ୍ୟାଦେଶ, ଏହା କିପରି କାର୍ଯ୍ୟକାରୀ କରିବ, କେତେ ସମୟ ଲାଗିବ ଏବଂ ଏଥିରେ କିଏ ସବୁ ସାମିଲ ହେବ ତାହା ବର୍ଣ୍ଣନା କରିଥାଏ। ସୂଚନାଯୋଗ୍ୟ ଯେ, ସପ୍ତମ ବେତନ ଆୟୋଗ ୨୦୧୪ ଫେବୃଆରୀରେ ଗଠନ ▶ପୃଷ୍ଠା-୭

## ଶୂନ୍ୟ ଜୀବନହାନି ଆମର ଲକ୍ଷ୍ୟ: ମୁଖ୍ୟମନ୍ତ୍ରୀ



### ୧୫୮ ଉଦ୍ଧାରକାରୀ ଦଳ, ୨୦୪୮ ଆଶ୍ରୟସ୍ଥଳ ପ୍ରସ୍ତୁତ

### ବାତ୍ୟା ପରେ, ତୁରନ୍ତ ଫସଲ କ୍ଷତି ଆକଳନ କରି ସହାୟତା ପାଇଁ ନିର୍ଦ୍ଦେଶ

■ **ଭୁବନେଶ୍ୱର, ୨୮।୧୦ (ସମିସ):** ପ୍ରତ୍ୟେକ ବିପର୍ଯ୍ୟୟରେ ଶୂନ୍ୟ ଜୀବନହାନୀ ହେଉଛି ଆମର ଲକ୍ଷ୍ୟ। ବାତ୍ୟା ଆନ୍ଧ୍ରପ୍ରଦେଶରେ ଅତିକ୍ରମ କରୁଥିଲେ ମଧ୍ୟ ଓଡିଶାର ବିଭିନ୍ନ ଜିଲ୍ଲାରେ, ବିଶେଷ କରି ଦକ୍ଷିଣ ଓଡିଶାର ଜିଲ୍ଲା ଗୁଡିକରେ ବ୍ୟାପକ ବର୍ଷା ସହିତ ପବନ ହେବାର ସମ୍ଭାବନା ରହିଛି। ତେଣୁ କୌଣସି ବିପଦ ସଂକୁଳ ଅଞ୍ଚଳରେ ଯେପରି ସମସ୍ତେ ବାତ୍ୟା-ବନ୍ୟା ଆଶ୍ରୟ ସ୍ଥଳ କିମ୍ବା ଅନ୍ୟ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ ହେବେ, ତାହା ଅଧିକାରୀମାନେ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।


ମଙ୍ଗଳବାର ମୁଖ୍ୟମନ୍ତ୍ରୀ ଲୋକସେବା ଭବନରେ ବାତ୍ୟା 'ମୋନ୍ଥା'ର ମୁକାବିଲା ସମ୍ପର୍କରେ ସମୀକ୍ଷା କରି ଅଧିକାରୀମାନଙ୍କୁ କହିଛନ୍ତି ଯେ ଗତବର୍ଷ ମଧ୍ୟ ବାତ୍ୟା ଦାନା ସମୟରେ ଆମେ ସଫଳ ଭାବରେ ଲୋକଙ୍କୁ ସ୍ଥାନାନ୍ତରିତ କରି 'ଜିରୋ କାଜୁଆଲ୍‌ଟି' ଲକ୍ଷ୍ୟ ହାସଲ କରିଥିଲୁ। ▶ପୃଷ୍ଠା-୭

## ଭୟ କରନ୍ତୁ ନାହିଁ; ସଜାଗ ରୁହନ୍ତୁ: ନବୀନ

### ଏକାଠି କରିବା ବାତ୍ୟା ମୁକାବିଲା

### ପ୍ରଶାସନକୁ ପୂର୍ଣ୍ଣ ସହଯୋଗ କରନ୍ତୁ

### ଲୋକଙ୍କୁ ସହାୟତା କରିବାକୁ ବିଜେଡି କର୍ମୀ ଓ ନେତାଙ୍କୁ ପରାମର୍ଶ



■ **ଭୁବନେଶ୍ୱର, ୨୮।୧୦ (ସମିସ):** ବାତ୍ୟା ମୋନ୍ଥା ପରିପ୍ରେକ୍ଷୀରେ ସଜାଗ ରହିବା ସହ ପ୍ରଶାସନକୁ ପୂର୍ଣ୍ଣ ସହଯୋଗ କରିବାକୁ ରାଜ୍ୟବାସୀଙ୍କୁ ଆହ୍ୱାନ ଦେଇଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏକ ଭିଡ଼ିଓ ପୋଷ୍ଟ କରି ନବୀନ ପୂର୍ବବର୍ଷଗୁଡ଼ିକ ପରି ଏଥର ମଧ୍ୟ ଏକାଠି ହୋଇ ବାତ୍ୟାର ମୁକାବିଲା କରିବା ନିମନ୍ତେ ରାଜ୍ୟବାସୀଙ୍କ ସହଯୋଗ ଲୋଡ଼ିଛନ୍ତି।

ଏହି ଅବସରରେ ନବୀନ କହିଛନ୍ତି ଯେ ପୂର୍ବରୁ ଆମେ ଅନେକ ବାତ୍ୟାର ସଫଳ ମୁକାବିଲା କରିଛୁ। ତେଣୁ ବାତ୍ୟା 'ମୋନ୍ଥା' ପାଇଁ ଭୟ ନ କରି ସଜାଗ ରୁହନ୍ତୁ। ଆମେ ସବୁବେଳେ ଏକାଠି ମିଳି ବିପର୍ଯ୍ୟୟର ମୁକାବିଲା କରିଆସୁଛେ। ଏଥର ମଧ୍ୟ ଏକାଠି ହୋଇ ବାତ୍ୟାର ମୁକାବିଲା କରିବା। ଏହା ସହିତ ବିପଦ ସମୟରେ ରାଜ୍ୟର ଜନସାଧାରଣଙ୍କ ସହ ରହିବା ଓ ଲୋକମାନଙ୍କୁ ସହାୟତା କରିବା ପାଇଁ ▶ପୃଷ୍ଠା-୭

## ୬୧ ଟ୍ରେନ୍ ବାତିଲ୍

■ **ଭୁବନେଶ୍ୱର, ୨୮।୧୦ (ସମିସ):** ବାତ୍ୟା 'ମୋନ୍ଥା'କୁ ନଜରରେ ରଖି ଭାରତୀୟ ରେଳବାଇ ପକ୍ଷରୁ ପୂର୍ବତଟ ରେଳପଥର ୱାଲ୍ଟିୟର ଏବଂ ସଂଯୁକ୍ତ ରୁଟ୍‌ରେ ଅନେକ ଟ୍ରେନ୍‌ର ଚଳାଚଳ ବାତିଲ୍ କରାଯାଇଛି। ତେବେ ମଙ୍ଗଳବାର ଯାତ୍ରୀ ସୁରକ୍ଷା ପଦକ୍ଷେପ ସ୍ୱରୂପ ୬୧ଟି ଟ୍ରେନ୍ ବାତିଲ୍ ହୋଇଛି। ଏଥିରେ ଆଜି କେବଳ ୪୮ ଟ୍ରେନ ବାତିଲ୍ କରାଯାଇଛି। ୯ଟି ଟ୍ରେନ୍‌ର ଚଳାଚଳ ଆଂଶିକ ବାତିଲ୍ ,୬ର ଦିଗ ପରିବର୍ତ୍ତନ ଏବଂ ୯ଟିର ଚଳାଚଳ ସମୟ ପୁନଃନିର୍ଦ୍ଧାରଣ କରାଯାଇଛି। ପୁରୀ-ତିରୁପତି ଗୁରୁବାର ନିମନ୍ତେ ଏବଂ ବେଙ୍ଗାଲୁରୁ-ଭୁବନେଶ୍ୱର ପ୍ରଶାନ୍ତି ଏକ୍ସପ୍ରେସ ଏବଂ ଭୁବନେଶ୍ୱର ନିୟୁ-ହାଇଦ୍ରାବାଦ୍ ସ୍ପେଶାଲ ଭଳି କେତେକ ଗୁରୁତ୍ୱପୂର୍ଣ୍ଣ ଟ୍ରେନ୍ ବୁଧବାର ନିମନ୍ତେ ବାତିଲ୍ କରାଯାଇଛି। ▶ପୃଷ୍ଠା-୭

## ଭାରତୀୟ ଜିତିଲେ ୨୪୦ କୋଟିର ଲଟେରୀ



■ **ଆବୁଧାବି, ୨୮।୧୦ (ଏଜେନ୍ସି):** ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ରେ ରହୁଥିବା ଜଣେ ଭାରତୀୟଙ୍କ ଭାଗ୍ୟ ଖୋଲି ଯାଇଛି। ସେ ରାତାରାତି କୋଟିପତି ପାଲଟି ଯାଇଛନ୍ତି। ଅନିଲକୁମାର ବୋଲା ଆବୁଧାବିରେ ଶହେ ନିୟୁତ ଦିରହମ (୨୪୦ କୋଟି ଟଙ୍କା) ର ଜ୍ୟାକପଟ୍ ଜିତିଛନ୍ତି। ଗତ ୧୮ ତାରିଖରେ ଅନୁଷ୍ଠିତ ୨୩ତମ 'ଲକି ଡେ ଡ୍ର'ରେ ଏହି ବଡ଼ ପୁରସ୍କାର ପାଇଛନ୍ତି। କେବଳ ମାଆଙ୍କ ଆଶୀର୍ବାଦ ଯୋଗୁଁ ଏପରି ସମ୍ଭବ ହୋଇଥିବା ବିଜେତା କହିଛନ୍ତି। ଗତ ୧୮ ତାରିଖ ତାଙ୍କ ପାଇଁ ସୌଭାଗ୍ୟଶାଳୀ ପାଲଟି ଯାଇଛି। ଏହି ଅବସରରେ ଅନିଲ ଦେଇଥିବା ଏକ ସାକ୍ଷାତରକାରର ଭିଡିଓ ଖୁବ ଭାଇରାଲ ହେବାରେ ଲାଗିଛି।

ଭିଡିଓରେ ଅନିଲ ପୁରସ୍କାର ଜିତୁଥିବା ଦେଖାଯାଉଛି। ସେ ଏହି ସଫଳତା ପଛରେ ଥିବା କାହାଣୀ ମଧ୍ୟ କହିଛନ୍ତି। ଏହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ଅନିଲ କହୁଛନ୍ତି ଯେ ଏହି ଲଟେରି ଜିତିବା ପାଇଁ ସେ କୌଣସି ମ୍ୟାଜିକ କରି ନ ଥିଲେ। ସେ ସହଜରେ ଏକ ଟିକଟ ବାଛି ଥିଲେ। ତେବେ ଏହି ଟିକଟର ଶେଷ କ୍ରମିକ ସଂଖ୍ୟାଟି ତାଙ୍କ ପାଇଁ ସ୍ୱତନ୍ତ୍ର ଥିଲା। କାରଣ ଏହା ତାଙ୍କ ମାଆଙ୍କ ଜନ୍ମ ତାରିଖର ସଂଖ୍ୟା ଥିଲା। ▶ପୃଷ୍ଠା-୭

## ଜମି ପାଇଁ ବାପାକୁ ଟାଙ୍ଗିଆରେ ହାଣି ହତ୍ୟା

■ **ଉମରକୋଟ, ୨୮।୧୦ (ସମିସ):** ଅଢ଼େଇ ଏକର ଜମି ପାଇଁ ୮୦ ବର୍ଷର ବୁଢ଼ା ବାପାକୁ ଟାଙ୍ଗିଆରେ ହାଣି ମାରିଦେଲା ପୁଅ। ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ୍ ବଡ଼ବାସିନୀ ଗ୍ରାମରେ ଏହି ଘଟଣା ଘଟିଛି। ମୃତକ ହେଲେ, ସାଧୁ ରାଜଗଣ୍ଡ। ଉମରକୋଟ ପୁଲିସ ସାଧୁଙ୍କ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅଭିଯୁକ୍ତ ପୁଅ ବିଶ୍ୱନାଥକୁ ଗିରଫ କରିଛି।


ସୂଚନାନୁସାରେ ସାଧୁଙ୍କ ୨ଟି ପତ୍ନୀ ଅଛନ୍ତି। ବିଶ୍ୱନାଥ ପ୍ରଥମ ପତ୍ନୀଙ୍କ ପୁଅ ହୋଇଥିବା ବେଳେ ଦ୍ୱିତୀୟ ପତ୍ନୀଙ୍କ ଗୋଟିଏ ଝିଅ ରହିଛି। ସାଧୁଙ୍କ ୫ ଏକର ଜମି ଥିଲା। ପୁଅକୁ ୨.୫୦ଏକର ଜମି ଚାଷ ପାଇଁ ଦେଇଥିବା ବେଳେ ବଳକା ୨.୫୦ ଏକର ଜମି ଅନ୍ୟ ଲୋକଙ୍କ ଦ୍ୱାରା ନିଜେ ଚାଷ କରାଉଥିଲେ। କିନ୍ତୁ ସବୁ ଜମି ଦେଇଦେବା ପାଇଁ ସାଧୁଙ୍କ ସହ ପ୍ରାୟ ସମୟରେ ଗଣ୍ଡଗୋଳ କରୁଥିଲା ବିଶ୍ୱନାଥ। ଗତ କିଛି ଦିନ ହେବ ବାପା-ପୁଅଙ୍କ ଭିତରେ ତିକ୍ତତା ବଢ଼ି ଯାଇଥିଲା। ଗତରାତିରେ ସାଧୁ ଶୋଇଥିବା ବେଳେ ବିଶ୍ୱନାଥ ଏକ ଟାଙ୍ଗିଆରେ ତାଙ୍କ ଛାତି, ହାତ ଓ ଜଙ୍ଘକୁ ହାଣି ପକାଇଥିଲା। ସାଧୁଙ୍କ ଚିତ୍କାର ଶୁଣି ବିଶ୍ୱନାଥ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲା। ଖବର ପାଇ ଝିଅ ଲକ୍ଷ୍ମୀ ଦୁରୁଆ(୩୦) ଘଟଣାସ୍ଥଳରେ ପହଞ୍ଚି ଗୁରୁତର ବାପାଙ୍କୁ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ସାଧୁଙ୍କ ମୃତ୍ୟୁ ହୋଇଯାଇଥିଲା। ଏନେଇ ଅଭିଯୋଗ ହେବା ପରେ ଉମରକୋଟ ପୁଲିସ ବିଶ୍ୱନାଥକୁ ଗିରଫ କରିଛି ବୋଲି ଉମରକୋଟ ଆଇଆଇସି ରମା କାନ୍ତ ସାଏ ସୂଚନା ଦେଇଛନ୍ତି।

## ଦୁର୍ଗାପୁରରେ ଓଡ଼ିଆ ମେଡିକାଲ ଛାତ୍ରୀଙ୍କ ଗଣଦୁଷ୍କର୍ମ ମାମଲା

# ପୀଡ଼ିତାଙ୍କ ପୁରୁଷ ବନ୍ଧୁ ହିଁ ମାଷ୍ଟରମାଇଣ୍ଡ

■ **କୋଲକାତା, ୨୮।୧୦ (ଏଜେନ୍ସି):** ପଶ୍ଚିମ ବଙ୍ଗ ଦୁର୍ଗାପୁରରେ ଓଡ଼ିଆ ମେଡିକାଲ ଛାତ୍ରୀ ଗଣଦୁଷ୍କର୍ମ ମାମଲାରେ ପୁଲିସ ମୁଖ୍ୟ ଅଭିଯୁକ୍ତ ଏବଂ ଅନ୍ୟ ୫ ସହ ଅଭିଯୁକ୍ତଙ୍କୁ ଚିହ୍ନଟ କରିଛି। ଆଜି ଏସଂକ୍ରାନ୍ତ ଟିଆଇ ପରେଡ୍ ରିପୋର୍ଟ ଦୁର୍ଗାପୁର ଏସ୍‌ଡିଜେଏମ୍ କୋର୍ଟରେ ଦାଖଲ ହୋଇଛି। ପୀଡ଼ିତାଙ୍କ ପୁରୁଷ ବନ୍ଧୁ ହିଁ ସମଗ୍ର ଦୁଷ୍କର୍ମ ଘଟଣାର ମାଷ୍ଟରମାଇଣ୍ଡ ବୋଲି ଜଣାପଡ଼ିଛି।

ପୀଡ଼ିତା ଦୁର୍ଗାପୁରର ଏକ ଘରୋଇ ମେଡିକାଲ କଲେଜର ଦ୍ୱିତୀୟ ବର୍ଷ ଛାତ୍ରୀ। ଗତ ଅକ୍ଟୋବର ୧୦ ତାରିଖ ରାତିରେ ହୋଇଥିବା ଗଣଦୁଷ୍କର୍ମରେ ତାଙ୍କର ପୁରୁଷ ବନ୍ଧୁ ଓ ଅନ୍ୟ ୫ ଜଣ ସାମିଲ ଥିଲେ। ପୀଡ଼ିତାଙ୍କ ଓକିଲ ପାର୍ଥ ଘୋଷ କହିଛନ୍ତି,



ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ ହେଉଛି ଫିରଦୋସ ଶେଖ୍। ଅନ୍ୟ ୫ ଜଣଙ୍କୁ ଏଥିରେ ସହଅଭିଯୁକ୍ତ କରାଯାଇଛି। ମେଡିକାଲ ଛାତ୍ରୀଙ୍କୁ ଦୁଷ୍କର୍ମ କରିବା ଲାଗି ପୁରୁଷ ବନ୍ଧୁ ହିଁ ଷଡ଼ଯନ୍ତ୍ର ରଚନା କରିଥିଲା ବୋଲି ଘୋଷ କହିଛନ୍ତି।

ଆଜି କୋର୍ଟରେ ଟିଆଇ ପରେଡ ରିପୋର୍ଟ ଉପସ୍ଥାପନ କରାଯାଇଥିଲା। ସମସ୍ତ ୬ ଜଣ ଅଭିଯୁକ୍ତଙ୍କୁ ଭିଡିଓ

### ୩୧ ଯାଏଁ ବଢ଼ିଲା ହାଜତ ମିଆଦ

କନଫେରେନସିଂ ଜରିଆରେ କୋର୍ଟରେ ହାଜର କରାଯାଇଥିଲା। ଅଭିଯୁକ୍ତମାନଙ୍କ ତରଫରୁ କୌଣସି ଓକିଲ ମାମଲା ଲଢୁ ନ ଥିବାରୁ ସେମାନେ ନିଜ ଆଡୁ ଜାମିନ ଆବେଦନ କରିଥିଲେ। କୋର୍ଟ ସେମାନଙ୍କର ଆବେଦନକୁ ନାମଞ୍ଜୁର କରିବା ସହିତ ବିଚାର ବିଭାଗୀୟ ହାଜତ ମିଆଦ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ବଢ଼ାଇ ଦେଇଛନ୍ତି। ବିଚାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ହେଲେ ପୁଲିସକୁ ଯଥାଶୀଘ୍ର ଚାର୍ଜସିଟ୍ ଦାଖଲ କରିବାକୁ ପଡ଼ିବ ବୋଲି ବିଚାରପତି କହିଥିଲେ। ଆସନ୍ତା ୩୧ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବାକୁ ଥିବା ବେଳେ ଏହାପୂର୍ବରୁ ଚାର୍ଜସିଟ୍ ଦାଖଲ କଲେ ଭଲ। ଚାର୍ଜସିଟର କପି ସମସ୍ତ ପକ୍ଷଙ୍କୁ ଦିଆଯିବା ପରେ କୋର୍ଟରେ ଚାର୍ଜଫ୍ରେମ ହେବ। ଏହାପରେ ବିଚାର ପ୍ରକ୍ରିୟା ଆରମ୍ଭ ହୋଇପାରିବ ବୋଲି କୋର୍ଟ କହିଥିଲେ।


ସୂଚନାଯୋଗ୍ୟ ଯେ ଗତ ୧୦ ତାରିଖ ରାତିରେ ଦୁର୍ଗାପୁରର ଏହି ଘରୋଇ ମେଡିକାଲ କଲେଜ ବାହାରକୁ ପୀଡ଼ିତାଙ୍କୁ ଡାକିନେଇଥିଲା ତାଙ୍କର ସହପାଠୀ ତଥା ପୁରୁଷ ବନ୍ଧୁ। ଖାଇବା ବାହାନାରେ ପୀଡ଼ିତାଙ୍କୁ ସେ ମେଡିକାଲ ନିକଟବର୍ତ୍ତୀ ଜଙ୍ଗଲିଆ ଅଞ୍ଚଳକୁ ନେଇଯାଇଥିଲା। ପୂର୍ବରୁ ସେଠାରେ ଅପେକ୍ଷାରେ ଥିବା ଅନ୍ୟ ୫ ଜଣ ପୀଡ଼ିତାଙ୍କୁ ଟେକିନେଇ ଗଣଦୁଷ୍କର୍ମ କରିଥିଲେ। ଏହି ଜଘନ୍ୟ ▶ପୃଷ୍ଠା-୭



ବାତ୍ୟା 'ମୋନ୍ଥା' ସ୍ଥଳଭାଗ ଛୁଇଁବା ପୂର୍ବରୁ ଆନ୍ଧ୍ର ପ୍ରଦେଶର କାକିନାଡ଼ାରେ ଭୀଷଣ ବର୍ଷା । ପାଣି ଘେରରେ ଉପକୂଳିଆ ଅଞ୍ଚଳ

# ଜାମାଇକାରେ ମାଡ଼ ହେବ ବିଶ୍ୱର ଭୟଙ୍କର ତୋଫାନ 'ମେଲିସା'

ୱାସିଂଟନ, ୨୮।୧୦ (ଏଜେନ୍ସି): କାରିବିଆନ ଦେଶ ଜାମାଇକା ଅଭିମୁଖେ ବଡ଼ ବିପଦ ମାଡ଼ି ଚାଲିଛି । ବିପଦର ନାମ 'ମେଲିସା' । ଏହା ଚଳିତ ବର୍ଷର ସବୁଠାରୁ ଭୟଙ୍କର ଝଡ଼ ତୋଫାନ ପାଲଟି ଯାଇଛି । ଏହା ମଙ୍ଗଳବାର ରାତିରେ ଜାମାଇକା ଉପକୂଳରେ ସ୍ଥଳଭାଗ ଛୁଇଁପାରେ । ଏହା ପୂର୍ବରୁ ମେଲିସା ହାଇତି ଏବଂ ଡୋମିନିକାନ ରିପବ୍ଲିକାନରେ ବିପର୍ଯ୍ୟୟ ସୃଷ୍ଟି କରିଥିଲା । ଏହା ଜାମାଇକା, ହାଇତିରେ ୩ ଜଣ ଲେଖାଏଁ ଡୋମିନିକାନରେ ଜଣଙ୍କ ଜୀବନ ନେଇଛି । ଏହାର ପ୍ରଭାବରେ ଭୀଷଣ ବର୍ଷା ଏବଂ ଭୟଙ୍କର ପବନ ହେଉଛି । ଏହାକୁ ନେଇ ଆମେରିକା ପାଣିପାଗ ବିଜ୍ଞାନୀ ବଡ଼ ଚେତାବନୀ ଦେଇଛନ୍ତି । ମେଲିସା ବିନାଶକାରୀ ସାବ୍ୟସ୍ତ ହୋଇପାରେ ବୋଲି କୁହାଯାଇଛି । ଏବେ ମେଲିସା ଘଣ୍ଟା ପ୍ରତି ୨୮୨ କିମି ବେଗରେ ଆଗକୁ ବଢ଼ି ଚାଲିଛି । ଏହା ପଞ୍ଚମ ଶ୍ରେଣୀର ଝଡ଼ ପାଲଟି ଯାଇଛି । ଏହା ସବୁଠାରୁ ବିପଜ୍ଜନକ ଶ୍ରେଣୀରେ ଯାଉଛି । ଏହା ମଙ୍ଗଳବାର ସନ୍ଧ୍ୟାରେ ଜାମାଇକା ଉପକୂଳରେ ମାଡ଼ ହୋଇପାରେ । ବାତ୍ୟାର ଭୟବହତାକୁ ଦେଖି କ୍ୟୁବାରୁ ୬ ଲକ୍ଷ ଏବଂ ଜାମାଇକାରୁ ୨୮ ହଜାରରୁ ଅଧିକ ଲୋକଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ନିଆଯାଇଛି ।



ଅନ୍ୟପକ୍ଷରେ ଆମେରିକା ବାୟୁସେନା ରିଜର୍ଭର ୪୦୩ତମ ଶାଖା 'ହୁରିକେନ ହଣ୍ଟର୍ସ' ପକ୍ଷରୁ ଏକ ଭିଡିଓ ଜାରି କରାଯାଇଛି । ଏଥିରେ ଝଡ଼ତୋଫାନର ମଧ୍ୟଭାଗର ଦୃଶ୍ୟ ଦେଖିବାକୁ ମିଳୁଛି । ଭୟଙ୍କର ମେଘମାଳ ଯାଉଥିବା ଦେଖାଯାଉଛି । ଜାମାଇକା ଅଭିମୁଖେ ମେଲିସା ବଢୁଥିବାବେଳେ ରବିବାର ଏହି ଭିଡିଓ ସୁଟିଂ କରାଯାଇଥିଲା । ଶନିବାର ଏହି ଝଡ଼ ତୋଫାନ ୧୨୦ କିମି ବେଗରେ ଗତି କରୁଥିଲା । ମାତ୍ର ୨୪ ଘଣ୍ଟା ଭିତରେ ରବିବାର ରାତି ସୁଦ୍ଧା ଏହା ୨୨୫ ବେଗରେ ଗତି କରିବାକୁ ଲାଗିଥିଲା । ସୋମବାର ରାତିରେ ଏହାର ବେଗ ୨୬୦ କିମି ଛୁଇଁ ଥିଲା । ତେଣୁ ଏହା ପଞ୍ଚମ ଶ୍ରେଣୀର ଝଡ଼ ହୋଇଥିଲା । ଏହି ଶ୍ରେଣୀରେ ସାମିଲ ଝଡ଼ର ଘଣ୍ଟା ପ୍ରତି ବେଗ ୨୫୨ କିମିରୁ ଅଧିକ ହୋଇଥାଏ । ଏହାର ବେଗ ଏତେ ଅଧିକ ହୋଇଥାଏ ଯେ ମଜବୁତ ସିମେଣ୍ଟ କଂକ୍ରିଟକୁ ବି କ୍ଷତିଗ୍ରସ୍ତ କରିଦେଇଥାଏ । ବଡ଼ ବଡ଼ ଗଛକୁ ଉପାଡ଼ି ଦେଇଥାଏ । ବିଦ୍ୟୁତ ଏବଂ ଯୋଗାଯୋଗ ବ୍ୟବସ୍ଥା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥାଏ । ସମୁଦ୍ରରୁ ବଡ଼ ବଡ଼ ଲହରୀ ଆସିଥାଏ ।

## ଇରାନରେ ବନ୍ଦୀ ହୋଇଥିବା ୪ ଭାରତୀୟ ସ୍ୱଦେଶ ଫେରିଲେ

ନୂଆଦିଲ୍ଲୀ, ୨୮।୧୦ (ଏଜେନ୍ସି): ଇରାନରେ ବନ୍ଦୀ ୪ ଭାରତୀୟ ନାଗରିକ ମଙ୍ଗଳବାର ସକାଳେ ଦିଲ୍ଲୀରେ ପହଞ୍ଚିଛନ୍ତି । ଏମାନେ ଗୁଜରାଟର ବାସିନ୍ଦା । ସମସ୍ତେ ଆଜି ସ୍ୱଦେଶ ଫେରିଛନ୍ତି । ମନସା ବିଧାୟକ ଜେଏସ ପଟେଲ ଏହି ସୂଚନା ଦେଇଛନ୍ତି । ଏହି ୪ ଜଣ ବେଆଇନ ଭାବେ ଆମେରିକା ଯିବାକୁ ପ୍ରୟାସ କରୁଥିଲେ । ଏହି ସମୟରେ ଇରାନର ତେହରାନ ବିମାନବନ୍ଦରରେ ସେମାନଙ୍କୁ ଅପହରଣ କରି ନିଆଯାଇଥିଲା । ଅପହରଣକାରୀମାନେ ଏହି ଭାରତୀୟଙ୍କୁ ବନ୍ଦୀ ବନାଇ ପରିବାର ଲୋକଙ୍କୁ ୨ କୋଟି ଟଙ୍କା ଲେଖାଏଁ ମାଗିଥିଲେ । ଏ ନେଇ ପରିବାର ସଦସ୍ୟଙ୍କୁ ଏକ ଭିଡିଓ ପଠାଯାଇଥିଲା । ଏଥିରେ ୪ ଜଣଙ୍କୁ ଉଲଗ୍ନ କରି ମୁହଁ ବାନ୍ଧି ତଳେ ବସାଇ ଦିଆଯାଇଥିବା ଦେଖିବାକୁ ମିଳିଥିଲା । ଏହା ପରେ ଭାରତ ସରକାରଙ୍କ ମାମଲାରେ ହସ୍ତକ୍ଷେପ କରିଥିଲେ । ଇରାନ ସରକାର ଚାରି ଜଣଙ୍କୁ ବନ୍ଦୀଙ୍କ କବଳରୁ ମୁକ୍ତ କରିଥିଲେ । ଏବେ ସମସ୍ତେ ଟ୍ରେନରେ ଗୁଜରାଟ ଫେରିବେ । ଅପହୃତଙ୍କ ମଧ୍ୟରେ ଜଣେ ମହିଳା ଏବଂ ତିନି ପୁରୁଷ ସାମିଲ ଅଛନ୍ତି । ତିନି ଜଣ ଗାନ୍ଧୀନଗରର ହୋଇଥିବାବେଳେ ଅନ୍ୟ ଜଣେ ବଡପୁରାର ବାସିନ୍ଦା ଥିଲେ ।

## ଇସ୍ରାଏଲ-ପାକିସ୍ତାନ ମଧ୍ୟରେ ଗୁପ୍ତ ଚୁକ୍ତି

ଇସଲାମାବାଦ, ୨୮।୧୦ (ଏଜେନ୍ସି): ପାକିସ୍ତାନ ସହ ଭାରତର ବନ୍ଧୁ ରାଷ୍ଟ୍ର ଇସ୍ରାଏଲ ଗୁପ୍ତ ଚୁକ୍ତି ସ୍ୱାକ୍ଷର କରିଛି । ଏହି ଚୁକ୍ତି ଅଧିନରେ ଗାଜାକୁ ପାକିସ୍ତାନ ୨୦ ହଜାର ସୈନ୍ୟ ପଠାଇବ । ଏହି ସୈନ୍ୟ ହମାସ ଠାରୁ ଅସ୍ତ୍ରଶସ୍ତ୍ର ଆଣି ଆତ୍ମସମର୍ପଣ କରାଇବେ ଏବଂ ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା କରିବେ । ଏହି ପାକିସ୍ତାନୀ ସୈନିକ ଇଣ୍ଟରନ୍ୟାସନାଲ ଷ୍ଟାବିଲାଇଜେସନ ଫୋର୍ସ (ଆଇଏସଏଫ)ର ଅଂଶ ହେବେ । ଏମାନେ ହିଁ ଗାଜାରେ ଶାନ୍ତି ଚୁକ୍ତିକୁ କାର୍ଯ୍ୟକାରୀ କରିବେ । ଏହାକୁ ନେଇ ଇଜିପ୍ଟର ରାଜଧାନୀ କାଇରୋରେ ଏକ ଗୁପ୍ତ ବୈଠକ ହୋଇଥିଲା । ଏଥିରେ ଇସ୍ରାଏଲ ଗୁଇନ୍ଦା ଏଜେନ୍ସି ମୋସାଦର ବଡ଼ ଅଧିକାରୀଙ୍କ ସହ ପାକିସ୍ତାନ ଏବଂ ଆମେରିକା ଗୁଇନ୍ଦା ଅଧିକାରୀ ସାମିଲ ହୋଇଥିଲେ । ତେବେ ତୁର୍କୀ, ଅଜରବୈଜାନ ଏବଂ କାତାର ଏହି ନିଷ୍ପତ୍ତି ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି । ପାକିସ୍ତାନ ସୈନିକ ଗାଜାରେ ମୁତୟନ ହୁଅନ୍ତୁ ବୋଲି ଏହି ଦେଶ ଚାହୁଁନାହାନ୍ତି । ପାକିସ୍ତାନ ସହ ତୁର୍କୀର ଘନିଷ୍ଠ ସମ୍ବନ୍ଧ ରହିଛି । ଏହା ସତ୍ତ୍ୱେ ବି ତୁର୍କୀ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଅସନ୍ତୁଷ୍ଟ କରିବାକୁ ଚାହୁଁନାହିଁ । ତେଣୁ ଚୁପ୍ ରହିଛି ।

# କୋଭିଡରେ ମୃତ ଘରୋଇ ଡାକ୍ତରଙ୍କୁ ମିଳୁ ସରକାରୀ ବୀମାର ଲାଭ



■ ସୁପ୍ରିମକୋର୍ଟରେ ଡାକ୍ତରଙ୍କୁ କରୋନା କ୍ଷତିପୂରଣ ପ୍ରଦାନ ମାମଲା

■ ଡାକ୍ତରଙ୍କ ଧ୍ୟାନ ରଖିବା ଆମ ଦାୟିତ୍ୱ, ନହେଲେ ସମାଜ କ୍ଷମା ଦେବନାହିଁ

ନୂଆଦିଲ୍ଲୀ, ୨୮।୧୦ (ଏଜେନ୍ସି) : ଯଦି ନ୍ୟାୟପାଳିକା ଡାକ୍ତରଙ୍କ ଧ୍ୟାନ ରଖିବେ ନାହିଁ ଏବଂ ତାଙ୍କ ସହ ଛିଡାହେବ ନାହିଁ ତେବେ ସମାଜ ଆମକୁ କେବେ କ୍ଷମା କରିବ ନାହିଁ । କରୋନା ସମୟରେ ପ୍ରାଣ ହରାଇଥିବା ଘରୋଇ ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀଙ୍କୁ ସରକାରୀ ବୀମା ଯୋଜନାର ଲାଭ ଦେବା ଆବେଦନ ଉପରେ ଶୁଣାଣି କରି ସୁପ୍ରିମକୋର୍ଟ ମଙ୍ଗଳବାର ଏହି ଟିପ୍ପଣୀ ଦେଇଛନ୍ତି । ଜଷ୍ଟିସ ପି ଏସ ନରସିହ୍ମା ଏବଂ ଜଷ୍ଟିସ ଆର ମହାଦେବନଙ୍କ ଖଣ୍ଡପୀଠ କହିଛନ୍ତି ଯେ ବୀମା କମ୍ପାନୀଗୁଡ଼ିକ ବୈଧ ଦାବି ଗୁଡିକର ସମାଧାନ ସହ ଅର୍ଥ ପ୍ରଦାନ କରିବା ଉଚିତ । ସରକାର ଏହା ସୁନିଶ୍ଚିତ କରିବା ଆବଶ୍ୟକ । ଘରୋଇ ଡାକ୍ତର କେବଳ ଲାଭ ପାଇଁ କାମ କରୁଛନ୍ତି ବୋଲି ଭାବିବା ଭୁଲ୍ । କରୋନା ସମୟରେ ଲୋକଙ୍କ ସେବା କରି ପ୍ରାଣ ହରାଇଥିବା ଘରୋଇ ଡାକ୍ତରଙ୍କ ବୀମା ଦାବି ଖାରଜ କରିବା ଅନୁଚିତ । ଖାଲି ସେ ଘରୋଇ ଡାକ୍ତରଖାନାରେ କାମ କରୁଥିବା କହି ପରିବାରର ବୀମା ଦାବି ଖାରଜ କରିବା ଭୁଲ୍ ହେବ । କରୋନା ମୁକାବିଲା ପାଇଁ ଧାର୍ଯ୍ୟ ସର୍ତ୍ତ ଅନୁଯାୟୀ ଏବଂ ଯଦି କରୋନାରେ ଡାକ୍ତର ପ୍ରାଣ ହରାଇଛନ୍ତି ତେବେ ବୀମା ବାବଦ ଅର୍ଥ ପ୍ରଦାନ କରିବା ପାଇଁ କେନ୍ଦ୍ର ବୀମା କମ୍ପାନୀକୁ କହିବା ଉଚିତ ।

ପ୍ରଧାନମନ୍ତ୍ରୀ ବୀମା ଯୋଜନା ବ୍ୟତୀତ ଏଭଳି ଆଉ କ'ଣ ଯୋଜନା ଅଛି ତାହାର ସୂଚନା ଦେବାକୁ ସୁପ୍ରିମକୋର୍ଟ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଛନ୍ତି । ଏଭଳି ମାମଲାର ସମାଧାନ ପାଇଁ ବୀମା କମ୍ପାନୀଙ୍କ ନିମନ୍ତେ ଏକ ନିୟମ ଧାର୍ଯ୍ୟ କରିବେ ବୋଲି ସୁପ୍ରିମକୋର୍ଟ କହିଛନ୍ତି । ଏହି ଆଧାରରେ ବୀମା କମ୍ପାନୀ ଆଗାମୀ ଦାବିଗୁଡିକର ସମାଧାନ କରିବେ । ପ୍ରଦୀପ ଆରୋରା ଏବଂ ଅନ୍ୟ ଲୋକମାନଙ୍କ ଆବେଦନ ଉପରେ ବିଚାର କରି କୋର୍ଟ ଏହି ରାୟ ଦେଇଛନ୍ତି । ଏଥିରେ ୨୦୨୧ ମାର୍ଚ୍ଚ ୯ରେ ବମ୍ବେ ହାଇକୋର୍ଟ ଦେଇଥିବା ନିଷ୍ପତ୍ତିକୁ ବିରୋଧ କରାଯାଇଥିଲା । ସେତେବେଳେ ହାଇକୋର୍ଟ କହିଥିଲେ ଯେ ଯଦି ସରକାର ଆନୁଷ୍ଠାନିକ ଭାବେ ଘରୋଇ ଡାକ୍ତରଙ୍କୁ ସେବା ମାଗିଥିବେ ତେବେ ଘରୋଇ ହସ୍ପିଟାଲର ଡାକ୍ତର ଏବଂ ଅନ୍ୟ କର୍ମଚାରୀଙ୍କୁ ବୀମା ଲାଭ ମିଳିବ । ଏହା କିରନ ଭାସ୍କର ସୁର୍ଗଡେଙ୍କ ମାମଲା ସମ୍ବନ୍ଧିତ । ସେ ୨୦୨୦ ମାର୍ଚ୍ଚରେ କରୋନାରେ ନିଜ ସ୍ୱାମୀଙ୍କୁ ହରାଇ ଥିଲେ । ତାଙ୍କ ସ୍ୱାମୀ ଥାନେରେ ଏକ ଘରୋଇ କ୍ଲିନିକ ଚଳାଉ ଥିଲେ । ତାଙ୍କ କ୍ଲିନିକ ମାନ୍ୟତା ପ୍ରାପ୍ତ କରୋନା ହସ୍ପିଟାଲ ହୋଇ ନ ଥିବା କହି ବୀମା ଦାବିକୁ କମ୍ପାନୀ ଖାରଜ କରି ଦେଇଥିଲା । ସୂଚନାଯୋଗ୍ୟ ଯେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ପ୍ୟାକେଜ (ପିଏମଜେକେପି) ୨୦୨୦ ମାର୍ଚ୍ଚରୁ ଆରମ୍ଭ ହୋଇଥିଲା । ଏହି ଯୋଜନା ଅଧିନରେ କରୋନା କାର୍ଯ୍ୟରେ ମୁତୟନ ଥିବା ସ୍ୱାସ୍ଥ୍ୟକର୍ମୀଙ୍କୁ ୫୦ ଲକ୍ଷ ଟଙ୍କାର ବୀମା ପ୍ରଦାନ କରାଯାଇଥିଲା । କରୋନାରେ ମୃତ୍ୟୁହେଲେ ପରିବାର ସଦସ୍ୟଙ୍କୁ ଏହି ରାଶି ପ୍ରଦାନ କରାଯାଉଥିଲା ।

# ସରକାରୀ ଚାକିରୀ, ପେନସନ୍, ମାଗଣା ବିଜୁଳି

■ ବିହାର ପାଇଁ ତେଜସ୍ୱୀଙ୍କ ପ୍ରତିଶ୍ରୁତି

■ ମଞ୍ଚରେ ଦେଖାଗଲେନି ବିହାର କଂଗ୍ରେସ ଅଧ୍ୟକ୍ଷ ଓ ପ୍ରଭାରୀ

ପାଟନା, ୨୮।୧୦ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନ ପାଇଁ ବିରୋଧୀ ମହାମେଣ୍ଟ 'ଇଣ୍ଡିଆ'ର ନେତା ମଙ୍ଗଳବାର ଘୋଷଣାପତ୍ର ଜାରି କରିଛନ୍ତି । ଏହାର ନାମ 'ତେଜସ୍ୱୀ କା ପ୍ରଣ' ରଖାଯାଇଛି । ଏକ ସ୍ୱତନ୍ତ୍ର ସାମ୍ବାଦିକ ସମ୍ମିଳନୀରେ ମହାମେଣ୍ଟର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ତେଜସ୍ୱୀ ଯାଦବ ଏହାକୁ ଜାରି କରିଛନ୍ତି । ଏଥିରେ ଅନେକ ବଡ଼ ବଡ଼ ପ୍ରତିଶ୍ରୁତି ଦିଆଯାଇଛି । ସରକାର ଗଠନର ୨୦ ମାସ ମଧ୍ୟରେ ପ୍ରତ୍ୟକ ପରିବାରରୁ ଜଣକୁ ସରକାରୀ ଚାକିରି ଦେବାକୁ ଘୋଷଣା କରାଯାଇଛି । ଏହାକୁ ସାକାର କରିବା ପାଇଁ ସରକାର ଗଠନର ୨୦ ଦିନ ଭିତରେ ନିୟମ ପ୍ରସ୍ତୁତ କରାଯିବ । ଏହି ଘୋଷଣାପତ୍ରରେ ଯୁବ ଗୋଷ୍ଠୀ, ମହିଳା, ଠିକା କର୍ମଚାରୀ, ପୁରୁଣା ପେନସନଧାରକ, ଚାଷୀ ଏବଂ ଗରିବ ପରିବାର ପାଇଁ ଅନେକ ପ୍ରତିଶ୍ରୁତି ଦିଆଯାଇଛି ।





ଏହା ଜାରି କରି ତେଜସ୍ୱୀ କହିଥିଲେ ଯେ ଆମେ କେବଳ ସରକାର ନୁହେଁ, ବରଂ ବିହାର ଗଠନ ପାଇଁ କାମ କରିବୁ । ଆଜି ମହାମେଣ୍ଟର ସବୁ ସହଯୋଗୀ ମିଶି ଲୋକଙ୍କ ସାମ୍ନାରେ ଘୋଷଣାପତ୍ର ରଖିଛନ୍ତି । ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ମଧ ତେଜସ୍ୱୀ ନିଶାଣ କରିଛନ୍ତି । କଟାକ୍ଷ କରି ତେଜସ୍ୱୀ କହିଥିଲେ ଯେ ସେ ମୁଖ୍ୟମନ୍ତ୍ରୀ ନୀତୀଶଙ୍କ ପ୍ରତି ସହାନୁଭୂତି ରଖିଛନ୍ତି । ବିଜେପି ଏବଂ ଦୁର୍ନୀତିଗ୍ରସ୍ତ ଅଧିକାରୀମାନେ ନୀତୀଶଙ୍କୁ କଣ୍ଢେଇ କରି ରଖିଛନ୍ତି । କେବଳ ତାଙ୍କ ଚେହେରାକୁ ବ୍ୟବହାର କରୁଛନ୍ତି ।

ତେଜସ୍ୱୀଙ୍କ ଏହି ପଣରେ ଲୋକଙ୍କ ପାଇଁ ମାଗଣା ଘୋଷଣାର ବନ୍ୟା କରାଯାଇଛି । ଏଥିରେ ୫ଟି ପ୍ରମୁଖ ଘୋଷଣା ରହିଛି । ସେଗୁଡିକ ହେଲା ପ୍ରତ୍ୟେକ ପରିବାରକୁ ୨୦୦ ୟୁନିଟ ମାଗଣା ବିଜୁଳି । ପ୍ରତିଯୋଗିତାମୂଳକ ପରୀକ୍ଷାର ଫର୍ମ ଏବଂ ପରୀକ୍ଷା ଶୁଳ୍କ ମାଗଣା କରାଯିବ । ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟବୀମା ମାଗଣା ହେବ । ସରକାରୀ ବସ୍‌ରେ ମହିଳା ମାଗଣାରେ ଯାତ୍ରା କରିବେ । ପରିକ୍ଷାର୍ଥୀଙ୍କୁ ମାଗଣାରେ କୋଚିଂ ଦିଆଯିବ । ଏହା ବ୍ୟତୀତ ସବୁ 'ଜୀବିକା ସିଏମ୍ ଦିଦି'ଙ୍କୁ ସରକାରୀ କରାଯିବ ଏବଂ ମାସକୁ ୩୦ ହଜାର ଟଙ୍କା ଦିଆଯିବ । 'ମାଇ-ବହିନ ମାନ ଯୋଜନା'ରେ ମହିଳାଙ୍କୁ ମାସକୁ ୨୫୦୦ ଟଙ୍କା ଲେଖାଏଁ ୫ ବର୍ଷ ପର୍ଯ୍ୟନ୍ତ ପ୍ରଦାନ କରାଯିବ ।

ତେବେ ଏହି ମଞ୍ଚରେ କିଛି ନେତାଙ୍କ ଉପସ୍ଥିତିକୁ ନେଇ ଚର୍ଚ୍ଚା ଲାଗି ରହିଛି । ସାମ୍ବାଦିକ ସମ୍ମିଳନୀରେ ତେଜସ୍ୱୀଙ୍କ ସହ କଂଗ୍ରେସର ରାଜ୍ୟସଭା ସାଂସଦ ଅଖିଳେଶ ସିଂହ ଏବଂ ରାଷ୍ଟ୍ରୀୟ ପ୍ରବକ୍ତା ପବନ ଖେଡ଼ା ଉପସ୍ଥିତ ଥିବା ବେଳେ ବିହାର କଂଗ୍ରେସ ଅଧ୍ୟକ୍ଷ ରାଜେଶ ରାମ କିମ୍ବା ପ୍ରଭାରୀ କୃଷ୍ଣା ଅଲାବାରୁଙ୍କୁ ଦେଖିବାକୁ ମିଳି ନ ଥିଲା । ଏଥିରୁ ଜଣାପଡୁଛି ଯେ ମହାମେଣ୍ଟରେ ସବୁକିଛି ଠିକ୍ ଚାଲିନାହିଁ ।

## ପ୍ରଶାନ୍ତ କିଶୋରଙ୍କ ପାଖରେ ୨ଟି ଭୋଟର କାର୍ଡ

ନୂଆଦିଲ୍ଲୀ, ୨୮।୧୦ (ଏଜେନ୍ସି):ନିର୍ବାଚନ ରଣନୀତିକାରରୁ ରାଜନେତା ପାଲଟିଥିବା ଜନ ସୁରାଜ ପାର୍ଟିର ପ୍ରତିଷ୍ଠାତା ପ୍ରଶାନ୍ତ କିଶୋରଙ୍କୁ ନେଇ ବିବାଦ ସୃଷ୍ଟି ହୋଇଛି । ବିହାର ଉପ-ମୁଖ୍ୟମନ୍ତ୍ରୀଙ୍କ ପରେ ପ୍ରଶାନ୍ତ କିଶୋରଙ୍କ ପାଖରେ ଦୁଇ ଦୁଇଟି ଭୋଟର କାର୍ଡ ଥିବା ଜଣାପଡ଼ିଛି । ପଶ୍ଚିମବଙ୍ଗ ଏବଂ ବିହାରର ଭୋଟର ଭାବେ ସେ ପଞ୍ଜିକୃତ ହୋଇଛନ୍ତି । ସୂଚନା ଅନୁଯାୟୀ ପଶ୍ଚିମବଙ୍ଗର ୧୨୧, କାଳୀଘାଟ ରୋଡର ଭୋଟର ତାଲିକାରେ ତାଙ୍କ ନାମ ରହିଛି । ଏହା କୋଲକାତାର ଭବାନିପୁର ବିଧାନସଭା କ୍ଷେତ୍ରରେ ଥିବା ଟିଏମ୍‌ସି ମୁଖ୍ୟାଳୟର ଠିକଣା । ଏହା ମୁଖ୍ୟମନ୍ତ୍ରୀ ତଥା ଟିଏମ୍‌ସି ମୁଖ୍ୟ ମମତା ବାନାର୍ଜୀଙ୍କ ନିର୍ବାଚନ କ୍ଷେତ୍ର । ୨୦୨୧ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଟିଏମ୍‌ସିର ରାଜନୈତିକ ପରାମର୍ଶଦାତା ଭାବେ ପ୍ରଶାନ୍ତ କିଶୋର କାମ କରିଥିଲେ । ସେହିପରି ବିହାର ରୋହତାସ ଜିଲ୍ଲା ସାସାରାମ ସଂସଦୀୟ କ୍ଷେତ୍ରର କରଗାହର ଠିକଣାରେ ପ୍ରଶାନ୍ତଙ୍କ ଆଉ ଏକ ଭୋଟର ଆଇଡି ରହିଛି । ଏହାର ମତଦାନ କେନ୍ଦ୍ରଟି କୋନାର ମଧ୍ୟ ବିଦ୍ୟାଳୟରେ ରହିଛି । ନିର୍ବାଚନ କମିଶନ ଏହି ମାମଲାକୁ ଗୁରୁତର ସହ ନେଇ ପ୍ରଶାନ୍ତ କିଶୋରଙ୍କୁ ନୋଟିସ ଜାରି କରିଛନ୍ତି । ତିନି ଦିନ ମଧ୍ୟରେ ଜବାବ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ୧୯୫୦ର ଲୋକ ପ୍ରତିନିଧି ଆଇନ ଅନୁଯାୟୀ କୌଣସି ବ୍ୟକ୍ତି ଦୁଇଟି ଭୋଟର କାର୍ଡ ରଖିପାରିବେ ନାହିଁ ।



# ଦିଲ୍ଲୀରେ କ୍ଲାଉଡ୍ ସିଡିଂ ଫେଲ୍ !

## ୪ ଘଣ୍ଟା ପରେ ବି ହେଲାନି ବର୍ଷା

ନୂଆଦିଲ୍ଲୀ, ୨୮।୧୦ (ଏଜେନ୍ସି): ଦିଲ୍ଲୀରେ ପ୍ରଦୂଷଣ ସ୍ତର କମିବାର ନା ଧରୁନାହିଁ । ବାୟୁ ମାନ ସୂଚକାଙ୍କ କ୍ରମାଗତ ଭାବେ ବିପଜ୍ଜନକ ସ୍ତରରେ ରହିଛି । ରାଜଧାନୀ ବାୟୁ ଅତ୍ୟନ୍ତ ଖରାପ ଶ୍ରେଣୀକୁ ଚାଲିଯାଇଛି । ଏଥିରୁ ଦିଲ୍ଲୀବାସୀଙ୍କୁ ନିର୍ଯାତ ଦେବା ପାଇଁ କ୍ଲାଉଡ ସିଡିଂ କରାଯାଇଛି । ମଙ୍ଗଳବାର ହେଲିକପ୍ଟର ମାଧ୍ୟମରେ ବାଦଲ ଉପରେ କେମିକାଲ ପକାଯାଇଛି । ଆଜି ଦ୍ୱିପହରେ କାନପୁରର ସ୍ୱତନ୍ତ୍ର ବିମାନ 'ସେସନା' ଉଡ଼ାଣ ଆରମ୍ଭ କରିଥିଲା । ଏହା ଖେକଡ଼ା, ବୁରାଡ଼ି, ମୟୁର ବିହାର ଅଞ୍ଚଳରେ ୬ ହଜାର ଫୁଟ ଉପରୁ ରାସାୟନିକ ପକା ଯାଇଥିଲା । ଏହାର ଚାରି ଘଣ୍ଟା ଭିତରେ ଯେକୌଣସି ସମୟରେ ବର୍ଷା ହୋଇପାରେ ବୋଲି ଆଇଆଇଟି କାନପୁର ଏବଂ ଦିଲ୍ଲୀ ସରକାରଙ୍କ ପକ୍ଷରୁ କୁହାଯାଇଥିଲା । ସମସ୍ତେ ଏହି ବର୍ଷାକୁ ଚାତକ ପରି ଚାହିଁ ରହିଥିଲେ । କିନ୍ତୁ ଚାରି ଘଣ୍ଟାରୁ ଅଧିକ ସମୟ ବିତିବା ପରେ ବି ବର୍ଷାର ଦେଖା ମିଳି ନ ଥିଲା । ରାତି ସାତଟା ସୁଦ୍ଧା ଏହି ଅଞ୍ଚଳର କୌଣସି ସ୍ଥାନରେ ଟୋପେ ବର୍ଷା ହୋଇ ନ ଥିଲା । ଦିଲ୍ଲୀ ପରିବେଶ ମନ୍ତ୍ରୀ ହରମିତ ସିଂହ ସିର୍ସା କହିଥିଲେ ଯେ ଦ୍ୱିତୀୟ ଥର ପାଇଁ ଏପରି ପରୀକ୍ଷଣ କରାଯାଇଛି । ଆଜି ବିମାନ ପ୍ରାୟ ଅଧ ଘଣ୍ଟା ପର୍ଯ୍ୟନ୍ତ କ୍ଲାଉଡ ସିଡିଂ କରିଥିଲା । ଏହି ସମୟରେ ୮ ଫ୍ଲେୟର୍ସ ଛଡ଼ା ଯାଇଥିଲା । ଏହାର ଓଜନ ୨ରୁ ଅଢେଇ କେଜି ମଧ୍ୟରେ ହେବ । ଯଦି ପାଣିପାଗ ଠିକ୍ ରହିଲା ତେବେ ଦିନକୁ ୯ରୁ ୧୦ ଥର କ୍ଲାଉଡ ସିଡିଂ କରାଯିବ । ଆଇଆଇଟି କାନପୁର ପକ୍ଷରୁ ଏହି ବ୍ୟବସ୍ଥା ବିକଶିତ କରାଯାଇଛି ।

ଅନ୍ୟପକ୍ଷରେ ଦିଲ୍ଲୀରେ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ସରକାର କଠୋର ପଦକ୍ଷେପ ନେଇଛନ୍ତି । ନଭେମ୍ବରରୁ ଦିଲ୍ଲୀରେ ବିଏସ୍-୪ ଗାଡ଼ି ପ୍ରବେଶ ଉପରେ କଟକଣା ଲଗାଇ ଦିଆଯାଇଛି । ବିଏସ-୬ ଅନୁକୂଳ ହୋଇ ନ ଥିବା ଗାଡ଼ିଗୁଡିକୁ ରାଜଧାନୀରେ ପ୍ରବେଶ ପାଇଁ ଅନୁମତି ଦିଆଯିବ ନାହିଁ । ତେବେ ଆଜି ଦିଲ୍ଲୀ ବାୟୁ ମାନରେ ସାମାନ୍ୟ ସୁଧାର ଆସିଛି । ମଙ୍ଗଳବାର ଏକ୍ୟୁଆଇ ୩୦୬ ରେକର୍ଡ କରାଯାଇଛି । ସୁଧାର ସତ୍ତ୍ୱେ ବାୟୁ ଏବେ ବି ଅତ୍ୟନ୍ତ ଖରାପ ଶ୍ରେଣୀରେ ରହିଛି । ଅନ୍ୟପକ୍ଷରେ ଦିଲ୍ଲୀର ପ୍ରଦୂଷଣ ମାପ କରୁଥିବା କେନ୍ଦ୍ରର ଏକ ଭିଡିଓ ଖୁବ ଭାଇରାଲ ହେବାରେ ଲାଗିଛି । ଏହି ପ୍ରଦୂଷଣ ମାପକ ଯନ୍ତ୍ର ଲାଗିଥିବା ସ୍ଥାନର ଚାରିପାଖରେ ବୁଲି ଟ୍ରକ୍‌ଗୁଡିକ ପାଣି ସିଞ୍ଚୁ ଥିବା ଦେଖାଯାଉଛି । ଦିନ ଯାକ ଏପରି କରାଯାଉଛି । ଭିଡିଓରେ ଦାବି କରାଯାଉଛି ଯେ ଏହି ସ୍ଥାନରୁ ସାରା ଦିଲ୍ଲୀରେ ପ୍ରଦୂଷଣ ସ୍ତର ମାପ କରାଯାଇଥାଏ । ଏହାର ଆଖପାଖକୁ ଥଣ୍ଡା ରଖିଲେ ପ୍ରଦୂଷଣ ସ୍ତର କମ୍ ଦେଖାଇ ଥାଏ ବୋଲି କୁହାଯାଉଛି । ତେଣୁ ପ୍ରଦୂଷଣ ରୋକିବା ପରିବର୍ତ୍ତେ ଦିଲ୍ଲୀ ସରକାର ଏଭଳି ଅଭିନବ ଉପାୟ ଅବଲମ୍ବନ କରୁଥିବା ଚର୍ଚ୍ଚା ହେଉଛି ।

# ଚର୍ଚ୍ଚାରେ ୧୫ କୋଟିର ଘୋଡ଼ା



ଆଜମେର, ୨୮।୧୦ (ଏଜେନ୍ସି): ଆଜମେରର ପୁଷ୍କରରେ ପଶୁ ମେଳା ଲାଗିଛି । ଏହି ମେଳା ପଡ଼ିଆରେ ଘୋଡ଼ାଙ୍କ ଗହଳି ଲାଗିଛି । ପଞ୍ଜାବ, ହରିୟାଣାରୁ ଆସିଥିବା ଘୋଡ଼ା ମାଲିକ ବିଳାଶପୂର୍ଣ୍ଣ ଟେଣ୍ଟରେ ନିଜ ଘୋଡ଼ାଙ୍କ ସହ ବିଶ୍ରାମ ନେଉଛନ୍ତି । ଆଉ ଏହି ଟେଣ୍ଟ ବାହାରେ ମହଙ୍ଗା ଗାଡ଼ିର ଧାଡ଼ି ଲାଗିଛି । ତେବେ ଏହି ମେଳାରେ ଧଳାର ରଙ୍ଗ ଘୋଡ଼ା 'ଶାବାଜ'କୁ ଦେଖିବା ପାଇଁ ଲୋକଙ୍କ ଗହଳି ଲାଗିଛି । କାରଣ ଏହି ଘୋଡ଼ାର ମୂଲ୍ୟ ୧୫ କୋଟି ଟଙ୍କା । ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ଶାବାଜର ବ୍ରିଡିଂ ପାଇଁ ୨ ଲକ୍ଷ ଟଙ୍କା ଦେବାକୁ ପଡୁଛି । ଯିଏ ଏହା ଶୁଣୁଛି ସେ ଆଶ୍ଚର୍ଯ୍ୟ ହୋଇ ଯାଉଛି । ଏହି ଘୋଡ଼ା ୬ଟି ଶୋ' ଜିତିଲାଣି । ସେହିପରି ଏହି ମେଳାକୁ ୫ ବର୍ଷୀୟ ଘୋଡ଼ା 'ବାଦଲ' ପହଞ୍ଚିଛି । ସେ ଏ ପର୍ଯ୍ୟନ୍ତ ୨୮୫ ଶାବକଙ୍କ ପିତା ପାଲଟି ଗଲାଣି । ଏହାର ମୂଲ୍ୟ ୧୧ କୋଟି ପର୍ଯ୍ୟନ୍ତ ଗଲାଣି । କିନ୍ତୁ ବାଦଲକୁ ବିକିବାକୁ ଚାହୁଁ ନାହାନ୍ତି ତା'ର ମାଲିକ ରାହୁଲ । ଏହା ବ୍ୟତୀତ ୮୦୦ କେଜିର ମଇଁଷୀ ସାମିଲ ହୋଇଛି । ଏହାର ମୂଲ୍ୟ ପ୍ରାୟ ୧୦ ଲକ୍ଷ ଟଙ୍କା ।



ଗଞ୍ଜାମ ଜିଲ୍ଲା ପାତ୍ରପୁରର ଏକାଧିକ ଆଦିବାସୀ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ



ଗଞ୍ଜାମ ବ୍ଲକ୍ ପୋଡ଼ମ୍ପେଟାରେ ସମୁଦ୍ର ଗର୍ଭରେ ଲୀନ ହେଲା ୩ ଘର



ମତ୍ସ୍ୟଜୀବୀଙ୍କୁ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଖାଦ୍ୟ ପ୍ରଦାନ

■ 'ମୋନ୍ଥା' ପ୍ରଭାବ

## ସମୁଦ୍ରରେ ଫସିଲା ଟ୍ରଲର୍


ବ୍ରହ୍ମଗିରି, ୨୮।୧୦(ସମିସ): ବାତ୍ୟା 'ମୋନ୍ଥା' ପ୍ରଭାବରେ ସମୁଦ୍ରରେ ଫସିଥିବା ଏକ ମାଛଧରା ଟ୍ରଲର୍ ମଙ୍ଗଳବାର ବ୍ରହ୍ମଗିରି ବାଲିହରଚଣ୍ଡୀ ସମୁଦ୍ର କୂଳରେ ଲାଗିଛି। ଉକ୍ତ ଟ୍ରଲର୍‌ଟି ବିଶାଖାପାଟଣା ଅଭିମୁଖେ ଯାଉଥିଲା। କିନ୍ତୁ ସମୁଦ୍ରରେ ବାତ୍ୟାଜନିତ ବର୍ଷା-ପବନରେ ଦିଗହରା ହୋଇ ଯାଇଥିଲା। ଏହାସହ ଟ୍ରଲର୍‌ରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। ଫଳରେ ସୋମବାର ରାତିରେ ସମୁଦ୍ର ଭିତରେ ଫସି ରହିଥିଲା। ତେବେ ଆଜି ମଧ୍ୟାହ୍ନରେ ତାହା ଭାସିଭାସି ବାଲିହରଚଣ୍ଡୀ ସମୁଦ୍ର କୂଳରେ ଲାଗିଥିଲା। ସେଥିରେ ଥିବା ସମସ୍ତ ୧୦ଜଣ ମତ୍ସ୍ୟଜୀବୀ ସୁରକ୍ଷିତ ଅଛନ୍ତି। ଏହି ଖବର ପ୍ରଘଟ



■ ବାଲିହରଚଣ୍ଡୀ କୂଳରୁ ଉଦ୍ଧାର
■ ୧୦ ମତ୍ସ୍ୟଜୀବୀ ସମେତ ଟନ୍‌ଟନ୍ ମାଛ ଉଦ୍ଧାର

ହେବା ପରେ ଟ୍ରଲର୍ ଦେଖିବା ପାଇଁ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଥିଲା। ସେଥିରେ ଥିବା ୧୦ଟି ବଡ଼ବଡ଼ ମାଛକୁ ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳରୁ ଲୋକମାନେ ରୁଣ୍ଡ ହୋଇଥିଲେ। ଟ୍ରଲରରେ ଥିବା ଟନ୍ ଟନ୍ ବଡ଼ ତୁମୁଡ଼ା ମାଛ ଟ୍ରାକ୍ଟର ଦ୍ୱାରା ଆସି କଣ୍ଟେନରରେ ଲୋଡ୍ କରାଯାଇ ବିଶାଖାପାଟଣା ଯିବ ବୋଲି ଜଣାପଡ଼ିଛି।।

## ପେଣ୍ଠ ନିକଟରେ ଧସିଲା ପଥର ବନ୍ଧ



ରାଜନଗର, ୨୮।୧୦ (ସମିସ): ବାତ୍ୟା 'ମୋନ୍ଥା' ପ୍ରଭାବରେ ସମୁଦ୍ର ଅଶାନ୍ତ ହୋଇଉଠିଛି। ଗତକାଲି ରାତିରୁ ପାଗ ପରିବର୍ତ୍ତନ ହୋଇଥିବା ବେଳେ କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଅଞ୍ଚଳରେ ହାଲୁକା ପବନ ସାଙ୍ଗକୁ ପ୍ରବଳ ବର୍ଷା ଲାଗି ରହିଛି। ସମୁଦ୍ରରେ ବି ଉଚ୍ଚ ଜୁଆର ଉଠି ପଥରବନ୍ଧରେ ମାଡ଼ ହେଉଛି। ରାଜନଗର ବ୍ଲକ୍ ପେଣ୍ଠ ନିକଟରେ ଥିବା ଓଡ଼ିଶାର ପ୍ରଥମ ଜିଓ-ସିନ୍ଥେଟିକ ୱାଲ୍‌ରେ ସମୁଦ୍ର ଜୁଆର ଭୟଙ୍କର ଭାବେ ମାଡ଼ ହେଉଥିବାରୁ ୱାଲ୍ ନିକଟରେ ଥିବା ପଥରବନ୍ଧ କ୍ଷତିଗ୍ରସ୍ତ ହୋଇଛି। ଏହାଦ୍ୱାରା ସମୁଦ୍ର କୂଳରେ ନିର୍ମାଣ ହୋଇଥିବା ପଥରବନ୍ଧ ଧସିଯାଇଛି। ପାଖାପାଖି ୫ଫୁଟ୍ ସମୁଦ୍ର ମଧ୍ୟକୁ ଏହି ପଥର ବନ୍ଧ ଧସିବା ସହ ପଥରଗୁଡ଼ିକୁ ସମୁଦ୍ରକୁ ଭସାଇ ନେଉଛି। ଏହି ଦୃଶ୍ୟ ଦେଖି ସ୍ଥାନୀୟ ଅଞ୍ଚଳବାସୀଙ୍କ ମନରେ ଛନକା ପଶିଛି। ପଥରବନ୍ଧ ନିର୍ମାଣ ସମୟରେ ଛୋଟଛୋଟ ପଥର ପକାଇ ବନ୍ଧ ନିର୍ମାଣ କରାଯାଇଥିବାରୁ ଏପରି ସ୍ଥିତି ଉପୁଜିଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

## ବାତ୍ୟା ଆଶ୍ରୟସ୍ଥଳୀ ଦାୟିତ୍ୱରେ ଥିବା ଯୋଗାଣ ସହାୟକଙ୍କ ମୃତ୍ୟୁ



ରାୟଗଡ଼, ୨୮।୧୦(ସମିସ): ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ପୋତାର ପଞ୍ଚାୟତରୁ ଆସିଛି ଏକ ଦୁଃଖଦ ଖବର। ଏଠାରେ ବାତ୍ୟା ଆଶ୍ରୟସ୍ଥଳୀ ଦାୟିତ୍ୱରେ ଥିବା ଯୋଗାଣ ସହାୟକ ସୁରେନ୍ଦ୍ର ଗମାଙ୍ଗଙ୍କ ଅକାଳ ମୃତ୍ୟୁ ହୋଇଛି। ଆଶ୍ରୟସ୍ଥଳୀରେ ସୋମବାର ରାତିରେ ଲୋକଙ୍କୁ ରନ୍ଧାଖାଦ୍ୟ ଯୋଗାଇ ନିଜେ ଖାଇସାରି ଶୋଇବା ବେଳେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ତୁରନ୍ତ ପାରଳାଖେମୁଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ବଲାଙ୍ଗିରରେ ମୁଣ୍ଡ ନେଲା ଝାଡ଼ାବାନ୍ତି

ବେଲପଡ଼ା, ୨୮ ।୧୦ (ସମିସ): ବଲାଙ୍ଗୀର ଜିଲ୍ଲା ବେଲପଡା ବ୍ଲକ୍ ସୁଲେକେଲା ଗାଁରେ ଝାଡ଼ାବାନ୍ତି ଜଣଙ୍କ ଜୀବନ ନେଇଛି। ମୃତକ ହେଲେ, କେଶବ ରଣା। ଏହାସହ ଗାଁର ୩୦ରୁ ଅଧିକ ଆକ୍ରାନ୍ତ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ମହିଳା, ପୁରୁଷ ସହ ଶିଶୁ ମଧ୍ୟ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୬ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ପାଟଣାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତେବେ କେଉଁ କାରଣରୁ ଗାଁରେ ଝାଡ଼ାବାନ୍ତି ବ୍ୟାପୁଛି, ତାହା ଜଣାପଡ଼ିନାହିଁ। ଖବର ପାଇ ଏକ ଡାକ୍ତରୀଦଳ ଗାଁରେ ଡେରା ପକାଇଛନ୍ତି। ମଙ୍ଗଳବାର ବଲାଙ୍ଗିରରୁ ଏକ ଟିମ୍ ଗାଁରେ ପହଞ୍ଚି ଲୋକଙ୍କୁ ସଚେତନ କରିଛନ୍ତି। ଡାକ୍ତର ସ୍ନେହାଶ୍ରୀ ମିଶ୍ର, ତାପସ ବେହେରା ଓ କନକ ମାଝୀ ଗାଁର ସ୍ୱାସ୍ଥ୍ୟକର୍ମୀଙ୍କ ସହ ମିଶି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି।



■ ଜଣେ ମୃତ; ୩୦ରୁ ଅଧିକ ଆକ୍ରାନ୍ତ
■ ସୁଲେକେଲା ଗାଁରେ ପରିସ୍ଥିତି ଜଟିଳ

### ଜୟଙ୍କ ପ୍ରାର୍ଥିତ୍ୱକୁ ନେଇ ବିଜେପିରେ ମେଲୁଛି ଫାଟ

# ବିଜେଡିରେ ମିଶିଲେ ବସନ୍ତ ପଣ୍ଡାଙ୍କ ପୁତୁରା

ଭୁବନେଶ୍ୱର, ୨୮।୧୦ (ବ୍ୟୁରୋ): ନୂଆପଡା ଉପନିର୍ବାଚନକୁ ନେଇ ରାଜ୍ୟ ରାଜନୀତି ଚଳଚଞ୍ଚଳ ହୋଇ ଉଠିଥିବା ବେଳେ ବିଜେଡି ଦିନକୁ ଦିନ ନିଜ ସ୍ଥିତି ସୁଦୃଢ଼ କରି ଚାଲିଛି। ଏହିକ୍ରମରେ ମଙ୍ଗଳବାର ବିଜେପିର ପୂର୍ବତନ ସଭାପତି ତଥା ପୂର୍ବତନ ସାଂସଦ ବସନ୍ତ ପଣ୍ଡାଙ୍କ ପୁତୁରା ହରିଶ୍ଚନ୍ଦ୍ର ପଣ୍ଡା, ସରପଞ୍ଚ ସଂଘର ସାଧାରଣ ସମ୍ପାଦକ ତଥା ପୂର୍ବତନ ଜିଲ୍ଲା ଉପସଭାପତି ଟେକରାମ ସାହୁ, ପୂର୍ବତନ ନୂଆପଡା ନଗର ସଭାପତି ଉମେଶ ସହିସ ବିଜେଡିରେ ଯୋଗ ଦେଇଛନ୍ତି। ଶ୍ରୀ ପଣ୍ଡା ଆଜି ସନ୍ଧ୍ୟାରେ ନବୀନ ନିବାସରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟିବା ପରେ ଦଳରେ ସାମିଲ ହୋଇଛନ୍ତି। ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦକ ଦିବ୍ୟଶଙ୍କର ମିଶ୍ର



ଶଙ୍ଖ ଭବନରେ ଆନୁଷ୍ଠାନିକ ଭାବେ ତାଙ୍କୁ ସ୍ୱାଗତ କରିଛନ୍ତି। ବିଜେଡିରେ ଯୋଗଦାନ ପରେ ହରିଶଚନ୍ଦ୍ର ପଣ୍ଡା ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ବିଜେପି ଜୟଢୋଲକିଆଙ୍କୁ ନିଜ ଦଳକୁ ନେଇ ପ୍ରାର୍ଥୀ କରି ବିଜେପି କର୍ମକର୍ତ୍ତାଙ୍କୁ ଅଣଦେଖା କରିଛନ୍ତି । ଆମେ ଶୁଣିବାକୁ ପାଉଛୁ ବସନ୍ତ ପଣ୍ଡାଙ୍କୁ ରାଜ୍ୟସଭା ସାଂସଦ ଓ ତାଙ୍କ ପୁତ୍ର ଅଭିନନ୍ଦନଙ୍କୁ ନିଗମ ଅଧ୍ୟକ୍ଷ ପଦର ପ୍ରତିଶ୍ରୁତି ବିଜେପି ଦେଇଛି। ନୀତି ଆଦର୍ଶ କଥା କହୁଥିବା ବିଜେପି ଏବେ କେବଳ ଡିଲ୍ କରୁଛି। ଏହାଦ୍ୱାରା ଅସଲ କର୍ମକର୍ତ୍ତାମାନେ ପ୍ରତାରିତ ହେଉଛନ୍ତି। ଆଗାମୀ ସପ୍ତାହରେ ବିଜେପିର ଶତାଧିକ କର୍ମୀ ବିଜେଡିରେ ଯୋଗଦେବେ। ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ନୂଆପଡାରେ ଅନେକ ବିକାଶମୂଳକ କାର୍ଯ୍ୟ ହୋଇଛି। ନୂଆପଡାବାସୀ ଏହି ନିର୍ବାଚନରେ ବିଜେଡିକୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ବିଜୟୀ କରାଇବେ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସେହିପରି ନିଜ ପ୍ରତିକ୍ରିୟାରେ ଦିବ୍ୟଶଙ୍କର ମିଶ୍ର କହିଛନ୍ତି ଯେ ଶ୍ରୀ ପଣ୍ଡା ଶ୍ରୀ ସାହୁ ଓ ଶ୍ରୀ ସହିସଙ୍କୁ ଦଳକୁ ସ୍ୱାଗତ କରିବା ସହିତ ଏମାନଙ୍କ ଯୋଗଦାନ ପରେ ନୂଆପଡାରେ ବିଜୁ ଜନତା ଦଳ ଅଧିକ ଶକ୍ତିଶାଳୀ ହେବ। ବିଜୁ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ନୂଆପଡା ଜିଲ୍ଲା ଗଠନ ହୋଇଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ସମୟରେ ନୂଆପଡାରେ ଅନେକ ବିକାଶମୂଳକ କାର୍ଯ୍ୟ ହୋଇଛି, ଯାହାକୁ ଆଜି ବି ନୂଆପଡାବାସୀ ମନେ ରଖିଛନ୍ତି । ଗତ ୧୬ ମାସରେ ବିଜେପି ସରକାର ସବୁ କ୍ଷେତ୍ରରେ ବିଫଳ ହୋଇଛନ୍ତି। ନୂଆପଡା ଉପନିର୍ବାଚନରେ ବିଜେଡିର ବିପୁଳ ବିଜୟ ହେବ ବୋଲି ଶ୍ରୀ ମିଶ୍ର ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

**ଦୁଇ ବିଜେପି ସଂଗଠକ ମଧ୍ୟ ବିଜେଡିରେ ସାମିଲ**

**ପ୍ରଶ୍ନ ଉଠାଇଲା ବିଜେଡି**

## ବାତ୍ୟା ବେଳେ ଡିଆଇଜିଙ୍କୁ ଛୁଟି ଦେଲା କିଏ ?

ଭୁବନେଶ୍ୱର,୨୮।୧୦(ବ୍ୟୁରୋ): ନୂଆପଡ଼ା ଉପନିର୍ବାଚନ ହେବାକୁ ଦୁଇ ସପ୍ତାହରୁ କମ୍ ସମୟ ଥିବାବେଳେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ଅଚାନକ ଛୁଟିରେ ଯାଇଛନ୍ତି। ତାଙ୍କ ସ୍ଥାନରେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲଙ୍କୁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଯାହାକୁ ନେଇ ପ୍ରଶ୍ନ ଉଠାଇଛି ବିଜେଡି। ସୋମବାର ବିଜେଡି ପକ୍ଷରୁ ନୂଆପଡ଼ା ଜିଲ୍ଲାର ଜିଲ୍ଲାପାଳ ଓ ଏସ୍‌ପିଙ୍କ ଦ୍ୱାରା ନିର୍ବାଚନକୁ

■ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ
■ ହିମାଂଶୁ ଲାଲଙ୍କ ମାଧ୍ୟମରେ ନିର୍ବାଚନକୁ ପ୍ରଭାବିତ କରିବାକୁ ଉଦ୍ୟମ କରୁଛି ବିଜେପି

ସରକାରୀ ଦଳ ସପକ୍ଷରେ ନେବା ପାଇଁ ଉଦ୍ୟମ କରୁଛନ୍ତି ବୋଲି ଅଭିଯୋଗ କରାଯାଇଥିବା ବେଳେ, ହିମାଂଶୁ ଲାଲଙ୍କୁ ଅତିରିକ୍ତ ଦାୟିତ୍ୱ ଦେଇ ବିଜେପି ସରକାରୀ ଅଧିକାରୀଙ୍କୁ ବ୍ୟବହାର କରି ବିଜେପି ନିର୍ବାଚନକୁ ତାଙ୍କ ସପକ୍ଷରେ ନେବାକୁ ଉଦ୍ୟମ କରୁଛି ବୋଲି ଦଳ ଅଭିଯୋଗ କରିଛି। ସୋମବାର ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଏ ସଂକ୍ରାନ୍ତରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଯେଉଁଥିରେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି କନୱର ବିଶାଲ ସିଂ ଅଚାନକ ଛୁଟିରେ ଯିବା ନେଇ ସନ୍ଦେହ ପ୍ରକଟ କରାଯାଇଛି।

ପ୍ରତିନିଧି ଦଳର ଯୁକ୍ତି ଅନୁଯାୟୀ, କନୱର ବିଶାଲ ସିଂ ପୂର୍ବରୁ ପ୍ରଶାସନିକ ସ୍ତରରେ ନିର୍ବାଚନ ସମ୍ବନ୍ଧୀୟ ବୈଠକରେ ଉପସ୍ଥିତ ରହୁଥିବା ବେଳେ ଗତକାଲି ଅଚାନକ ତାଙ୍କ ସ୍ଥାନରେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲଙ୍କୁ ଦେଖିବାକୁ ମିଳିଥିଲା। ଉପନିର୍ବାଚନ ସମୟରେ ଓ ରାଜ୍ୟରେ ଆସନ୍ନ



ବାତ୍ୟା ସ୍ଥିତିରେ ସରକାର ସମସ୍ତ ସରକାରୀ ଅଧିକାରୀଙ୍କ ଛୁଟି ବାତିଲ କରିଛନ୍ତି। ତେବେ କେଉଁ ପରିସ୍ଥିତିରେ କନୱର ବିଶାଲ ସିଂଙ୍କୁ ଛୁଟିରେ ଯିବାକୁ ଅନୁମତି ଦିଆଗଲା ବୋଲି ସ୍ମାରକପତ୍ରରେ ବିଜେଡି ପ୍ରଶ୍ନ କରିଛି । ସେ ଛୁଟିରେ ଯାଇଛନ୍ତି ନା ସରକାର ତାଙ୍କୁ ଛୁଟିରେ ପଠାଇ ଦେଇଛନ୍ତି। ବିଜେଡିର ଅଭିଯୋଗ ଅନୁଯାୟୀ ଉପନିର୍ବାଚନର ଭୋଟ ଗଣତି ୧୪ ନଭେମ୍ବରରେ ଶେଷ ହେଉଥିବା ବେଳେ କନୱର ବିଶାଲ ସିଂ ନଭେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ଛୁଟିରେ ରହିବେ ବୋଲି ସୂଚନା ମିଳିଛି, ଯାହା ଅତ୍ୟନ୍ତ ସାଂଘାତିକ। ଏହାଛଡା ହିମାଂଶୁ ଲାଲଙ୍କ ପୂର୍ବ ରେକର୍ଡ ମଧ୍ୟ ଠିକ ନାହିଁ। ହିମାଂଶୁ ଲାଲଙ୍କ ମାଧ୍ୟମରେ ପ୍ରଶାସନିକ କଳକୁ ବ୍ୟବହାର କରି ବିଜେପି ନୂଆପଡା ଉପନିର୍ବାଚନ ଜିତିବାକୁ ଉଦ୍ୟମ କରୁଛି ବୋଲି ବିଜେଡି ଅଭିଯୋଗ କରିଛି। ଏହି ପରିପ୍ରେକ୍ଷୀରେ ଉପନିର୍ବାଚନ କିପରି ସ୍ୱଚ୍ଛ ଓ ଅବାଧ ହୋଇପାରିବ, ସେଥିପାଇଁ ଆବଶ୍ୟକୀୟ ଉପଯୁକ୍ତ ପଦକ୍ଷେପ ନେବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅନୁରୋଧ କରିଛି ବିଜେଡି। ଏହି ପ୍ରତିନିଧି ମଣ୍ଡଳୀରେ ସାଂସଦ ସୁଲତା ଦେଓ, ଭୃଗୁ ବକ୍ସିପାତ୍ର, ଡ. ଲେନିନ୍ ମହାନ୍ତି, ମିହିର ରାୟ, ତୁମ୍ବନାଥ ପଣ୍ଡା, ସୋଫିଆ ଆଲମ୍, ଜ୍ୟୋତ୍ସ୍ନା ପରିଡା, ରୀତାଞ୍ଜଳୀ ପ୍ରଧାନ ଓ ଇଲା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରକାଶ ପାଇଲା ଏଲ୍‌ଆଇ ପରୀକ୍ଷା ଫଳ

ଭୁବନେଶ୍ୱର, ୨୮।୧୦(ସମିସ): ବହୁ ବିବାଦୀୟ ହୋଇଥିବା ଫରେଷ୍ଟର, ଫରେଷ୍ଟଗାର୍ଡ ଓ ଲାଇଭ୍‌ଷ୍ଟକ୍ ଇନିସପେକ୍ଟର ନିଯୁକ୍ତି ପରୀକ୍ଷା ମଧ୍ୟରୁ ଲାଇଭ୍‌ଷ୍ଟକ୍ ଇନିସପେକ୍ଟର୍ (ଏଲ୍‌ଆଇ) ପରୀକ୍ଷା ଫଳ ମଙ୍ଗଳବାର ପ୍ରକାଶ ପାଇଛି। ଗତକାଲି ଅର୍ଥାତ୍ ସୋମବାର ଫରେଷ୍ଟର ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳେ ଆସନ୍ତା ୩୧ ତାରିଖ ମଧ୍ୟରେ ଫରେଷ୍ଟଗାର୍ଡ ରେଜଲ୍ଟ ମଧ୍ୟ ପ୍ରକାଶ ପାଇବ ବୋଲି ପରୀକ୍ଷା ପରିଚାଳନା କରୁଥିବା ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ପକ୍ଷରୁ ସୂଚନା ଦିଆଯାଇଛି। ଫଳରେ ଦୀର୍ଘ ଦୁଇ ବର୍ଷର ନିଯୁକ୍ତି ପ୍ରକ୍ରିୟା ପରେ ଯାଇ ଆଶାୟୀମାନେ ନିଯୁକ୍ତି ପାଇବା ନେଇ

### ୩୧ ସୁଦ୍ଧା ଫରେଷ୍ଟଗାର୍ଡ ରେଜଲ୍ଟ

ସମ୍ଭାବନା ସୃଷ୍ଟି ହୋଇଛି। ସୂଚନା ଅନୁଯାୟୀ, ସୋମବାର ଫରେଷ୍ଟର ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ଏକକାଳୀନ ସମସ୍ତ ପଦର ରେଜଲ୍ଟ କାହିଁକି ପ୍ରକାଶ କରାଗଲା ନାହିଁ ବୋଲି ଆଜି ଓଏସ୍‌ଏସ୍‌ଏସ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଆଶାୟୀମାନେ ବିକ୍ଷୋଭ କରିଥିଲେ। ଲଗାଣ ବର୍ଷା ସ।ତ୍ତ୍ୱେ ବହୁ ପରୀକ୍ଷାର୍ଥୀ ତ୍ୱରିତ ସମସ୍ତ ପରୀକ୍ଷାଫଳ ପ୍ରକାଶ କରିବାକୁ ଦାବି କରିଥିଲେ। ଆଶାୟୀଙ୍କ ସହ ଆଲୋଚନା କରି ଆଜି ଲାଇଭ୍‌ଷ୍ଟକ୍ ଇନିସପେକ୍ଟର୍ ରେଜଲ୍ଟ ପ୍ରକାଶ ପାଇବ ଓ ଚଳିତ ମାସ ଶେଷସୁଦ୍ଧା ଫରେଷ୍ଟର ରେଜଲ୍ଟ ବାହାର କରାଯିବ ବୋଲି ଓଏସ୍‌ଏସ୍‌ଏସ୍‌ସି ଅଧ୍ୟକ୍ଷ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଅଧ୍ୟକ୍ଷଙ୍କ କହିବା ଅନୁଯାୟୀ ଏଲ୍‌ଆଇ ପରୀକ୍ଷା ଫଳ ପ୍ରକାଶ ପାଇଛି। ଚୂଡ଼ାନ୍ତ ତାଲିକାରେ ୬୩୬ ଜଣ ସ୍ଥାନ ପାଇଥିବା ବେଳେ ଉଚ୍ଚନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ୭୧ଟି ପଦ ପାଇଁ ରେଜଲ୍ଟ ପ୍ରକାଶ ପାଇନାହିଁ ବା ହୋଲ୍ଡ କରାଯାଇଥିବା ସୂଚନା ମିଳିଛି।

**ଭିଜିଲାନ୍ସ ରିପୋର୍ଟ**

# ଯନ୍ତ୍ରୀ ସବୁଠୁ ଲାଞ୍ଚୁଆ; ୧୬ ମାସରେ ୫୪ ଗିରଫ

ଭୁବନେଶ୍ୱର/କଟକ,୨୮ ।୧୦(ସମିସ): ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ଭିଜିଲାନ ପ୍ରକାଶ କରିଛି ୧୬ ମାସର ରିପୋର୍ଟ। ଏହି ସମୟରେ ୩୦୨ ମାମଲାରେ ୩୦୩ ସରକାରୀ ଅଧିକାରୀଙ୍କୁ ଗିରଫ କରିଛି ଭିଜିଲାନ୍ସ। ସେଥିରେ ୯୦ଜଣ ପ୍ରଥମ ଶ୍ରେଣୀ ଅଧିକାରୀ ଓ ୬୨ଜଣ ଦ୍ୱିତୀୟ ଶ୍ରେଣୀ ଅଧିକାରୀ ରହିଛନ୍ତି। ଆଇଏଏସ୍, ମୁଖ୍ୟ ଯନ୍ତ୍ରୀ, ଯୁଗ୍ମ ସଚିବ, ଉପଜିଲ୍ଲାପାଳ, ତହସିଲଦାରଙ୍କ ଭଳି ୯୦ ଜଣ ପ୍ରଥମ ଶ୍ରେଣୀ ଅଧିକାରୀ ରହିଛନ୍ତି। ସର୍ବାଧିକ ୫୪ ଜଣ ଯନ୍ତ୍ରୀ ଗିରଫ ହୋଇଥିବା ବେଳେ ରାଜସ୍ୱ ବିଭାଗର ୩୩, ପଞ୍ଚାୟତିରାଜ ବିଭାଗର ୩୨, ପୁଲିସ ବିଭାଗର ୨୨, ବନ ବିଭାଗର ୧୩, ୮ ଜଣ ଡାକ୍ତର ଓ ୭ ଜଣ ଅଙ୍ଗନବାଡ଼ି କର୍ମଚାରୀ ବନ୍ଧା ହୋଇଛନ୍ତି। ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଜନିତ ୮୦ଟି ମାମଲା ରୁଜୁ କରାଯାଇଥିବା ବେଳେ ୨୧୨ କୋଟି ଟଙ୍କାର ସମ୍ପତ୍ତିକୁ ଖୋଜି ବାହାର କରିଛି ଭିଜିଲାନ୍ସ। ସେହିପରି ୧୩୬ଟି ଲାଞ୍ଚ କାରବାର ମାମଲାରେ ୧୪୪ ସରକାରୀ ବାବୁଙ୍କ ସମେତ ୧୪୪ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ଠାରୁ ୩୫ ଲକ୍ଷ ୬୨ ହଜାର ଟଙ୍କା ଜବତ କରାଯାଇଛି। ୪୬ ପ୍ରଥମ ଶ୍ରେଣୀ ଓ ୨୧ ଦ୍ୱିତୀୟ ଶ୍ରେଣୀ ଅଧିକାରୀଙ୍କ ସମେତ ୧୪୪ ଜଣଙ୍କ ବିରୋଧରେ ୮୦ଟି ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ମାମଲା ରୁଜୁ ହୋଇଛି। ୮୦ଟି ମାମଲାରେ ୨୧୨ କୋଟିର ସମ୍ପତ୍ତି ଜବତ ହୋଇଛି। ସେହିପରି ୨୪ କିଲୋ ସୁନା, ୯ କୋଟି ୨୦ ଲକ୍ଷ ଟଙ୍କା, ୮୩୨ ପ୍ଲଟ୍, ୮୪ ଏକର ଜମି ଓ ୮ଟି ଫାର୍ମ ହାଉସ ଜବତ କରାଯାଇଛି।

ମୁଖ୍ୟ ଯନ୍ତ୍ରୀ (ଗ୍ରାମ୍ୟ ନିର୍ମାଣ) ବୈକୁଣ୍ଠନାଥ ଷଡ଼ଙ୍ଗୀଙ୍କ ଘରେ ଚଢ଼ଉ ବେଳେ ସର୍ବାଧିକ ୨ କୋଟି ୫୬ ଲକ୍ଷ ଟଙ୍କା ମିଳିଥିଲା। ସେହିପରି ମାଲକାନଗିରି ଡେପୁଟି ଡାଇରେକ୍ଟର ତଥା ପ୍ରୋଜେକ୍ଟ ଡାଇରେକ୍ଟର ଶାନ୍ତନୁ ମହାପାତ୍ରଙ୍କ ଘରୁ ୨.୮ କୋଟି, ଜୟପୁର ଡେପୁଟି ରେଞ୍ଜର ୧.୪୩ କୋଟି ଓ ଧର୍ମଗଡ଼ ଉପ ଜିଲ୍ଲାପାଳ ତଥା ଆଇଏଏସ୍ ଧିମନ ଚକମାଙ୍କ ଠାରୁ ୫୭ ଲକ୍ଷ ଟଙ୍କା ଜବତ ହୋଇଥିଲା। ଭିଜିଲାନ୍ସ ମୋଟ ୩୦୨ ମାମଲାରେ ସମେତ ୫୧୯ ଜଣଙ୍କୁ (ସରକାରୀ ଓ ବେସରକାରୀ) ଗିରଫ କରିଛି। ଆୟ ବର୍ହିଭୂତ ସମ୍ପତ୍ତି ଓ ଲାଞ୍ଚ କାରବାର ଜନିତ ମାମଲାରେ ୭୩୯ଟି ସ୍ଥାନରେ ଚଢ଼ଉ କରିଛି ଭିଜିଲାନ୍ସ। ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ୧୪୭୮ଟି ବ୍ୟାଙ୍କ ଆକାଉଣ୍ଟକୁ ଫ୍ରିଜ କରାଯାଇଛି। ୧୫୮ଟି ମାମଲାରେ ୪୦୩ଟି ବିଲଡିଂ ଓ ଫ୍ଲାଟ୍ ଜବତ

■ ରାଜସ୍ୱ ବିଭାଗର ୩୩, ପଞ୍ଚାୟତିରାଜ ବିଭାଗର ୩୨ ଗିରଫ
■ ଗିରଫ ହୋଇଛନ୍ତି ୯୦ ପ୍ରଥମ ଓ ୬୨ ଦ୍ୱିତୀୟ ଶ୍ରେଣୀ ଅଧିକାରୀ
■ ୨୪ କିଲୋ ସୁନା, ୯ କୋଟି ଟଙ୍କା ଓ ୮୩୨ ପ୍ଲଟ ଜବତ
■ ପ୍ରମାଣ ଅଭାବରୁ ବନ୍ଦ ହୋଇଛି ୮୦ଟି ମାମଲାର ଅନୁସନ୍ଧାନ

ହୋଇଛି। ସେହି ବିଲଡିଂ ଓ ଫ୍ଲାଟର ମୂଲ୍ୟ ୫୯ କୋଟି ଟଙ୍କା ହେବ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଉଛି। ଗତ ୧୬ ମାସ ମଧ୍ୟରେ ୧୩୨ଟି ଭିଜିଲାନ୍ସ ମାମଲାରେ ଅଭିଯୁକ୍ତମାନେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ମୋଟ ମାମଲାର ପ୍ରାୟ ୫୦ ପ୍ରତିଶତ ମାମଲାରେ ଅଭିଯୁକ୍ତମାନଙ୍କୁ ସଜା ହୋଇଛି। ସଜା ହୋଇଥିବା ମାମଲା ଗୁଡ଼ିକରେ ୮୦ ପ୍ରତିଶତ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଜନିତ ମାମଲା ରହିଛି। ସେହିପରି ଦୋଷୀ ସାବ୍ୟସ୍ତ ହେବାପରେ ୩୦ ଜଣ ସରକାରୀ କର୍ମଚାରୀଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଥିବା ବେଳେ ୬୮ ଜଣଙ୍କର ପେନସନ ବନ୍ଦ କରାଯାଇଛି।

ଗତ ୧୬ ମାସ ମଧ୍ୟରେ ଭିଜିଲାନ୍ସ ୩୦୦ ସରକାରୀ ଅଧିକାରୀଙ୍କ ବିରୋଧରେ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ନେଇ ଅନୁସନ୍ଧାନ କରିଥିବା ବେଳେ ୨୪୭ଟି ଅନୁସନ୍ଧାନ ସମାଧାନ କରିଛି। ସେଥିରୁ ୧୪୫ଟି ମାମଲା ରୁଜୁ ହୋଇଥିବା ବେଳେ ୨୨ ଜଣଙ୍କ ବିରୋଧରେ ତାଙ୍କ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରେଫର୍ କରାଯାଇଛି। ଆବଶ୍ୟକୀୟ ପ୍ରମାଣ ନ ମିଳିବାରୁ ୮୦ଟି ଅନୁସନ୍ଧାନକୁ ବନ୍ଦ କରିଦିଆଯାଇଛି। ସେହିପରି ୫୦୩ଟି ମାମଲାର ତଦନ୍ତ ସାରିଛି ଭିଜିଲାନ୍ସ। ୪୦୬ ମାମଲାରେ ୮୩୪ ଜଣଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଛି। ସେଥିରେ ୫୯ ଜଣ ପ୍ରଥମ ଶ୍ରେଣୀ, ୬୮ ଜଣ ଦ୍ୱିତୀୟ ଶ୍ରେଣୀ, ୩୭୩ ଜଣ ତୃତୀୟ ଶ୍ରେଣୀ, ୧୨ ଜଣ ଚତୁର୍ଥ ଶ୍ରେଣୀ, ୪୨ ସରକାରୀ କର୍ମଚାରୀ ଓ ୨୮୦ ଜଣ ବେସରକାରୀ କର୍ମଚାରୀ ରହିଛନ୍ତି।

# ବାତ୍ୟା ପାଇଁ ଆଳୁ ଦର ବଢ଼ାଇଲେ ଅସାଧୁ ବେପାରୀ

## ● ଜିଲ୍ଲା ଖାଉଟି ବିଭାଗ ଧ୍ୟାନ ଦେବାକୁ ଦାବି



ଡେଲାଙ୍ଗ,୨୮।୧୦(ସମିସ): ବାତ୍ୟା ଭଳି ସଙ୍କଟକୁ ଅବସର ମନେକରି ଅସାଧୁ ବ୍ୟବସାୟୀମାନେ ଆଳୁ, ପିଆଜ ଭଳି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀଗୁଡ଼ିକର ଦର ମନଇଚ୍ଛା ବୃଦ୍ଧି କରୁଥିବା ସାଧାରଣରେ ଅଭିଯୋଗ ହୋଇଛି। ଏନେଇ ଜିଲ୍ଲା ଖାଉଟି କଲ୍ୟାଣ ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ସ୍ଥାନୀୟ ଖାଉଟିମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ବାତ୍ୟା ପାଇଁ ଡେଲାଙ୍ଗରେ କାର୍ଯ୍ୟରତ ବିଭିନ୍ନ ପ୍ରଶାସନିକ ଅଧିକାରୀଙ୍କ ଛୁଟି ବାତିଲ୍ ହୋଇଥିବା ଜଣାପଡ଼ିଛି। ବାତ୍ୟା ପ୍ରଭାବରୁ ଓଡ଼ିଶାର ୮ ଜିଲ୍ଲା ଝଡ଼ବର୍ଷା ଦ୍ୱାରା ଅଧିକ ପ୍ରଭାବିତ ହେବ ବୋଲି ପାଣିପାଗ ବିଭାଗ ସୂଚନା ଦେଇସାରିଥିବା ବେଳେ ଏହି ୮ ଜିଲ୍ଲା ମଧ୍ୟରେ ପୁରୀ ଜିଲ୍ଲାର ନାଁ ନ ଥିବା ଜଣାପଡ଼ିଛି। ତେବେ ବାତ୍ୟା ଭୟରେ ସାଧାରଣ ଲୋକେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀଗୁଡ଼ିକୁ ଆବଶ୍ୟକତାଠାରୁ ଅଧିକ ପରିମାଣର କିଣି ନେଉଥିବା ସୁଯୋଗ ଉଠାଇ ଆସାଧୁ ବେପାରୀମାନେ ବିଭିନ୍ନ ସାମଗ୍ରୀର କଳାବଜାରୀ କରିବା ଆରମ୍ଭ କରିଦେଲେଣି। ଡେଲାଙ୍ଗ ବ୍ଲକ୍‌ର ବିଭିନ୍ନ ବଜାରରେ ଖାଉଟିଙ୍କ ଆଗରେ ଆଳୁର କୃତ୍ରିମ ଅଭାବ ସୃଷ୍ଟିକରି ବ୍ୟବସାୟୀମାନେ ଜାଣିଶୁଣି ଅଧିକ ଦରରେ ଆଳୁ ବିକ୍ରି କରୁଥିବା ଦେଖିବାକୁ ମିଳୁଛି। ଡେଲାଙ୍ଗ ଷ୍ଟେସନ, ହାଟ ବଜାର, କଲ୍ୟାଣପୁର, ଘୋରଡିଆ, ମଉନିମଠ ଆଦି ବଜାରରେ ପୂର୍ବରୁ ୧୮ ଟଙ୍କାରେ ବିକ୍ରି କରାଯାଉଥିବା ଆଳୁ ରାତିକ ଭିତରେ ୨୦ରୁ ୨୨ ଟଙ୍କାରେ ପହଞ୍ଚିଯାଇଛି। ଏହାକୁ କେନ୍ଦ୍ରକରି ବିଭିନ୍ନ ସମୟରେ କେତେକ ଖାଉଟି ଓ ବ୍ୟବସାୟୀମାନଙ୍କ ମଧ୍ୟରେ ବଚସା ହେଉଥିବା ଦେଖିବାକୁ ମିଳୁଥିବାବେଳେ ଆଉ କେତେକ ଖାଉଟି ବିନା ପ୍ରଶ୍ନରେ ଅଧିକ ଦରରେ ସାମଗ୍ରୀ କିଣିନେଉଛନ୍ତି। ଏହା ସହିତ ବାତ୍ୟା ପ୍ରଭାବରୁ ବର୍ଷା ହେଲେ ପନିପରିବା ଫସଲ ଉଜୁଡ଼ିଯିବ ଏବଂ ଆଗାମୀ ଦିନରେ ବଜାରରେ କଞ୍ଚା ପରିବା ମିଳିବନାହିଁ ବୋଲି ଖାଉଟିଙ୍କ ମନରେ ଭୟ ସୃଷ୍ଟିକରି କେତେକ ଲାଭଖୋର ବ୍ୟବସାୟୀ ଅଧିକ ଦରରେ ପରିବା ବିକ୍ରି କରୁଥିବା ଅଭିଯୋଗ ହେଉଛି।

ପୂର୍ବରୁ ୪୦ କେଜିଆ ଆଳୁ ପ୍ୟାକେଟ୍ ୫୦୦ରୁ ୫୫୦ ଟଙ୍କାରେ କିଣାଯାଉଥିବା ବେଳେ ବର୍ତ୍ତମାନ ୬୦୦ରୁ ୬୫୦ ଟଙ୍କାରେ କିଣାଯାଉଥିବାରୁ ଆଳୁ ଦର ସାମାନ୍ୟ ବୃଦ୍ଧି ପାଇଥିବା ଜନୈକ ଆଳୁ ବ୍ୟବସାୟୀ ମତ ରଖିଛନ୍ତି। ଅନ୍ୟପଟେ ଜିଲ୍ଲା ଖାଉଟି ବିଭାଗ ନିଦାବିଷ୍ଟୁ ପାଳଟିଥିବାରୁ ବଜାରରେ ଆଳୁ ଦର ଉପରେ ଲଗାମ ନ ଥିବା ସ୍ଥାନୀୟ ଖାଉଟି ଅଭିଯୋଗ କରିଛନ୍ତି। ସେହିପରି ବିଭିନ୍ନ ସମୟରେ ଖାଉଟି ବିଭାଗର ଗୁଇନ୍ଦା ବଜାରରେ ବିଭିନ୍ନ ସାମଗ୍ରୀର ଦର ବୁଝିବା ସହିତ ଏହାର ବିବରଣୀ ଖାଉଟି ବିଭାଗ ନିକଟରେ ପେଠ କରିଥା'ନ୍ତି। ହେଲେ ବନ୍ୟା ଓ ବାତ୍ୟା ସମୟରେ ଲାଭଖୋର୍ ବ୍ୟବସାୟୀମାନେ ସଙ୍କଟକୁ ଅବସର ମନେକରି ମନଇଚ୍ଛା ଦରବୃଦ୍ଧି କରୁଥିବା ସମୟରେ ଖାଉଟି ବିଭାଗର ଏହି ଗୁଇନ୍ଦା ବ୍ୟବସ୍ଥା ଉଭେଇ ଯାଉଥିବା ସ୍ଥାନୀୟ ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି। ଖାଉଟି ବିଭାଗ ତୁରନ୍ତ ଏଥିପ୍ରତି ଧ୍ୟାନ ଦେବାକୁ ସ୍ଥାନୀୟ ବାସିନ୍ଦା ନରହରି ବାରିକ, ସୁଷମା ପ୍ରଧାନ, ଶରତଚନ୍ଦ୍ର ବେହେରା, କାର୍ତ୍ତିକ ସାହୁ, ଭାସ୍କର ମୁଦୁଲି ପ୍ରମୁଖ ଦାବି କରିଛନ୍ତି।

## ବାତ୍ୟାକୁ ନେଇ ଭୟଭୀତ ନ ହେବାକୁ ପରାମର୍ଶ



କାକଟପୁର,୨୮।୧୦(ସମିସ): ବାତ୍ୟା 'ମୋନ୍ଥା'କୁ ନେଇ କାକଟପୁରର ୧୬ଟି ପଞ୍ଚାୟତର ଅଧିବାସୀମାନେ ଆଶଙ୍କାରେ ଥିବାବେଳେ ବ୍ଲକ୍ ପ୍ରଶାସନ ତରଫରୁ ଘନଘନ ବୈଠକ ବସିବା ସହିତ କୌଣସି ବ୍ୟକ୍ତି ଭୟଭୀତ ନ ହେବାକୁ ମଣ୍ଡଳ ଉନ୍ନୟନ ଅଧିକାରୀ ନାରାୟଣ ଦୀକ୍ଷିତ ପ୍ରକାଶ କରିଛନ୍ତି। ସବୁସ୍ତରରେ ପ୍ରଶାସନ ସଜାଗ ଥିବାବେଳେ ପରିସ୍ଥିତିକୁ ନଜରରେ ରଖି ତଳିଆ ନଦୀ କୂଳ ଅଞ୍ଚଳବାସୀଙ୍କୁ ଆବଶ୍ୟକ ସ୍ଥଳେ ସ୍ଥାନାନ୍ତର କରାଯିବାକୁ ସୂଚନା ଦେଇଛନ୍ତି। ସ୍ୱାସ୍ଥ୍ୟ ବିଭାଗ ତରଫରୁ ଆଶୁ ଚିକିତ୍ସା କେନ୍ଦ୍ର ମାଧ୍ୟମରେ ଲୋକମାନଙ୍କୁ ଜରୁରୀ ସେବା ଯୋଗାଇଦେବାକୁ ପ୍ରସ୍ତୁତ ଅଛନ୍ତି ବୋଲି ସ୍ୱାସ୍ଥ୍ୟ ଅଧିକାରୀ ଶାନ୍ତିଭୂଷଣ ଜେନା ସୂଚନା ଦେଇଛନ୍ତି। ପ୍ରତ୍ୟେକ ସରକାରୀ କର୍ମଚାରୀ ଯଥା- ସ୍କୁଲ, କଲେଜ, ଅଙ୍ଗନବାଡ଼ି କେନ୍ଦ୍ର, ଡାକ୍ତରଖାନା, ବ୍ଲକ୍, ବିଦ୍ୟୁତ୍ ବିଭାଗ ଭଳି ମୁଖ୍ୟ ଦପ୍ତରର କର୍ମଚାରୀମାନଙ୍କ ଛୁଟି ବାତିଲ୍ କରାଯାଇ ବିପର୍ଯ୍ୟୟକୁ ମୁକାବିଲା କରିବା ପାଇଁ ସଜାଗ ରହିବାକୁ ପରାମର୍ଶ ଦିଆଯାଇଛି। ବ୍ଲକ୍‌ର ସମସ୍ତ ସରପଞ୍ଚଙ୍କୁ ନେଇ ବୈଠକ ଡକାଯିବା ସହିତ 'ମୋନ୍ଥା'ର ମୁକାବିଲା ପାଇଁ ଜାଗ୍ରତ ରହିବା ସହିତ ଆବଶ୍ୟକ ସହଯୋଗ ପାଇଁ ପ୍ରଶାସନ ତତ୍ପର ଅଛି ବୋଲି ପ୍ରକାଶ କରିଛନ୍ତି। ପ୍ରାଣୀ ଚିକିତ୍ସା ବିଭାଗ ତରଫରୁ ଗୃହପାଳିତ ପଶୁମାନଙ୍କ ପାଇଁ ଆବଶ୍ୟକ ଗୋ-ଖାଦ୍ୟ ମହଜୁଦ ରଖିଥିବା ଜାଣିବାକୁ ମିଳିଛି।

## ବର୍ଷା ଓ ପବନ ଯୋଗୁଁ ଧାନ ଫସଲ ନଷ୍ଟ

କଣାସ,୨୮।୧୦(ସମିସ): ସାମୁଦ୍ରିକ ଝଡ଼ 'ମୋନ୍ଥା' ଯୋଗୁଁ ଦୁଇଦିନ ହେଲା ପୁରୀ ଜିଲ୍ଲାର ଭାତହାଣ୍ଡି ରୂପେ ପରିଚିତ କଣାସ ବ୍ଲକ୍‌ର ଥୋଡୁଅ ଧାନଗୁଡ଼ିକ ଜମିରେ ଶୋଇ ପଡ଼ିଥିବା ଯୋଗୁଁ ଚାଷୀମାନେ ଚିନ୍ତାରେ ରହିଛନ୍ତି। ଟୁହାକୁ ଟୁହା ବର୍ଷା ସାଙ୍ଗକୁ ମଝିରେ ମଝିରେ ପବନ ବହିବା ଯୋଗୁଁ ଅନେକ ଜମିରେ ଥୋଡୁଅ ଧାନ ଗଛ ପାଣିରେ ବୁଡ଼ିରହିଛି। ଶୋଇପଡ଼ିଥିବା ଧାନଗଛଗୁଡ଼ିକ ବର୍ତ୍ତମାନ କ୍ଷୀର ନେଉଥିବାରୁ ସେଗୁଡ଼ିକ ଅଗାଡ଼ି ହୋଇଯିବାର ଅଧିକ ସମ୍ଭାବନା ରହିଛି। ଫଳରେ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। କଣାସ ବ୍ଲକ୍‌ର ୮୦ଭାଗ ଲୋକ ଚାଷ ଉପରେ ନିର୍ଭର କରିଥାଆନ୍ତି।


## ଘର କାନ୍ଥ ଭୁଶୁଡ଼ି ମାଆ-ଝିଅ ଆହତ



କଣାସ,୨୮।୧୦(ସମିସ): ସାମୁଦ୍ରିକ ଝଡ଼ 'ମୋନ୍ଥା' ପ୍ରଭାବରେ ଦୁଇଦିନ ହେଲା ପୁରୀ ଜିଲ୍ଲା କଣାସ ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ଟୁହାକୁ ଟୁହା ବର୍ଷା ଲାଗିରହିବା ସହିତ ମଝିରେ ମଝିରେ ପବନ ବହୁଛି। ମଙ୍ଗଳବାର ଦିନ ୧୧ଟା ସମୟରେ ବର୍ଷା ଯୋଗୁଁ ସାହୁପଡ଼ା ପଞ୍ଚାୟତ ସାହୁପଡ଼ା ଗ୍ରାମର ରୋହିତ ମାର୍ଥାଙ୍କ ଚାଳଛପର ବାସଗୃହର କାନ୍ଥ ଭୁଶୁଡ଼ି ପଡ଼ିବାରୁ ରୋହିତଙ୍କ ପତ୍ନୀ ସୁଚରିତା ମାର୍ଥା ଓ ୯ ବର୍ଷର ଝିଅ ଶୁଭସ୍ମିତା ମାର୍ଥା ଆହତ ହୋଇଛନ୍ତି। ଉଭୟଙ୍କୁ ସାହୁପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଥିଲା। ଝିଅ ଚିକିତ୍ସା ହୋଇ ଘରକୁ ଫେରିଆସିଥିବା ଜଣାପଡ଼ିଛି।

## ଗୋଟିଏ ପଟେ ବାତ୍ୟା ପ୍ରସ୍ତୁତି; ଅନ୍ୟପଟେ ଚିକେନ୍ ଭୋଜି

ଗୋପ,୨୮।୧୦(ସମିସ): ବାତ୍ୟା 'ମୋନ୍ଥା'କୁ ମୁକାବିଲା କରିବା ଲାଗି ରାଜ୍ୟ ସରକାର ତତ୍ପର ଥିବାବେଳେ ଜିରୋ କାଜୁଆଲିଟି ଉପରେ ଗୁରୁତ୍ୱ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ବାରମ୍ବାର ସମୀକ୍ଷା ବୈଠକ କରି ସ୍ଥିତି ଅନୁଧ୍ୟାନ କରୁଥିବାବେଳେ ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ମଧ୍ୟ ବାତିଲ୍ କରିଛନ୍ତି। ମାତ୍ର ଗୋପ ବ୍ଲକ୍‌ରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଗୋଟିଏ ପଟେ ବ୍ଲକ୍ ବୈଠକ ଗୃହରେ ପ୍ରସ୍ତୁତି ବୈଠକ ଚାଲିଥିବାବେଳେ ଅନ୍ୟପଟେ କେତେକ କର୍ମଚାରୀ କାର୍ଯ୍ୟାଳୟ ପରିସରରେ ଭୋଜିଭାତରେ ବ୍ୟସ୍ତ ଥିବା ସାମାଜିକ ଗଣମାଧ୍ୟମରେ ଭିଡିଓ ଭାଇରାଲ ହେବାରେ ଲାଗିଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଥିବା ବେଳେ ସିସିଟିଭି ଫୁଟେଜ୍ ଯାଞ୍ଚ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ସୂଚନା ମୁତାବକ, ବାତ୍ୟା 'ମୋନ୍ଥା'କୁ ଦୃଷ୍ଟିରେ ରଖି ଜିରୋ କାଜୁଆଲିଟି ଉପରେ ଗୁରୁତ୍ୱ ଦେବାକୁ ସମସ୍ତ ପ୍ରସ୍ତୁତି କରିବା ସହ ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ୍ କରିଛନ୍ତି ସରକାର। ଏନେଇ ବ୍ଲକ୍ କାର୍ଯ୍ୟାଳୟରେ ସମୀକ୍ଷା ବୈଠକ ଅନୁଷ୍ଠିତ ହେଉଥିଲା। ଉପମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀ ଗୋପ ବ୍ଲକ୍‌ରେ ଗୋଟିଏ ପଟେ ପ୍ରସ୍ତୁତି ବୈଠକ ଚାଲିଥିବାବେଳେ ଅନ୍ୟପଟେ କେତେକ କର୍ମଚାରୀ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଭୋଜି କରିବାରେ ବ୍ୟସ୍ତଥିବା ଦେଖିବାକୁ ମିଳିଛି। କେତେକ ଗଣମାଧ୍ୟମ ପ୍ରତିନିଧି ଫଟୋ ଓ ଭିଡିଓ ଉତ୍ତୋଳନ କରିଥିବାବେଳେ କର୍ମଚାରୀମାନେ ଏହାକୁ ବାରଣ କରିଥିଲେ। ମାତ୍ର ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାପରେ ବିଭିନ୍ନ ମହଲରେ ତୀବ୍ର ପତିକ୍ରିୟା ପ୍ରକାଶ ପାଇଛି। ଏହା ଉପରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।



## 'ପ୍ରାଚୀ ଉପତ୍ୟକା' ଶୀର୍ଷକ ରାଷ୍ଟ୍ରୀୟ ସଂଗୋଷ୍ଠୀ

ଚାରିଛକ,୨୮।୧୦(ସମିସ): ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ମହାବିଦ୍ୟାଳୟ ଇତିହାସ ବିଭାଗ ଏବଂ ଭାରତୀୟ ରାଷ୍ଟ୍ରୀୟ କଳା ଓ ସାଂସ୍କୃତିକ ଐତିହ୍ୟ ପରିଷଦର ମିଳିତ ଆନୁକୂଲ୍ୟରେ "ପ୍ରାଚୀ ଉପତ୍ୟକା ସ୍ଥଳାକୃତିର କାଳାନୁକ୍ରମ' ଶୀର୍ଷକ ରାଷ୍ଟ୍ରୀୟ ସଂଗୋଷ୍ଠୀ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ପ୍ରଫେସର ମିତ୍ରା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଡ. ରାଜେନ୍ଦ୍ର ପ୍ରସାଦ କୃଷି ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳାଧିପତି ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ମିଶ୍ର, ମୁଖ୍ୟବକ୍ତା ଭାବେ ଅନିଲ ଧୀର୍, ସମ୍ମାନିତ ଅତିଥି ରୂପେ ଡ. ବିଶ୍ୱଜିତ୍ ମହାନ୍ତି ଯୋଗଦେଇଥିଲେ। ଇତିହାସ ବିଭାଗ ମୁଖ୍ୟା ମେଜର ପୁଷ୍ପଲତା ଦତ୍ତ ଅତିଥି ପରିଚୟ, ସଂସ୍କୃତ ବିଭାଗ ଅଧ୍ୟାପକ ଜୀବନ ଦାଶ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଇତିହାସ ବିଭାଗ ଅଧ୍ୟାପିକା ସୁଲୋଚନା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ମଙ୍ଗଳା ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଡ. ସନ୍ତୋଷ କୁମାର ମିତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ "ପ୍ରାଚୀନ ମୁଦ୍ରା'ର ଏକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଗ୍ରନ୍ଥାଳୟ ପରିସରରେ ଏକ ହେରିଟେଜ୍ କ୍ଲବ୍‌ର ଶୁଭ ଉଦ୍‌ଘାଟନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଗୋପୀନାଥ କର, ପ୍ରାକ୍ତନ ଅଧ୍ୟକ୍ଷ ଡ. ପ୍ରଭାତ ଚନ୍ଦ୍ର ମିଶ୍ର, ଅବସରପ୍ରାପ୍ତ ଆଇଆର୍‌ଏସ୍ ଅଧିକାରୀ ଚନ୍ଦ୍ରକାନ୍ତ ଦଳାଇ, ପୂର୍ବତନ ପରିଚାଳନା କମିଟି ସଦସ୍ୟ ସନାତନ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପିକା ଡ. କୀର୍ତ୍ତିମୟୀ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ନୀତି ନିବାରଣ ସଚେତନତା ଶପଥପାଠ

କୁଣ୍ଢେଇ,୨୮।୧୦(ସମିସ): ଅକ୍ଟୋବର ୨୭ରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ସମଗ୍ର ଦେଶରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି। ଏହି ଅବସରରେ ସୋମବାର ପୂର୍ବାହ୍ଣ ୧୧ଟା ସମୟରେ କାକଟପୁର ଉପଡାକଘର କାର୍ଯ୍ୟାଳୟରେ ଏକ ଶପଥପାଠ ଅନୁଷ୍ଠିତ ହୋଇଯାଇଥିଲା। ଉପଡାକଘର ପୋଷ୍ଟମାଷ୍ଟର ଅରୁଣ କୁମାର କାଣ୍ଡି, ପୋଷ୍ଟାଲ ଆସିଷ୍ଟାଣ୍ଟ ସୁବାସ ଚନ୍ଦ୍ର ବାରିକ, ମାନସ ବେହେରା, ପୋଷ୍ଟ ମ୍ୟାନ୍ ପ୍ରମୋଦ କୁମାର ଓଝା, ପ୍ୟାକର ଦେବଶ୍ରୀ ଦାସ ଦୁର୍ନୀତି ନ କରିବା ପାଇଁ ଶପଥ ନେଇଛନ୍ତି।

## ନିମାପଡ଼ା କେନାଲ ବନ୍ଧ ରାସ୍ତା ମରାମତି ପାଇଁ ଦାବିପତ୍ର



ନିମାପଡ଼ା,୨୮।୧୦(ସମିସ): ଜୟଗୁରୁ ଆଶ୍ରମଠାରୁ ଗଡ଼ଅଣ୍ଡିଆ, ଗୁହାଳପଡ଼ା, ଭୁବନପୁର ଗ୍ରାମ ଦେଇ ପାଟପୁର ମୁସ୍‌ଲିମ ବସ୍ତି ପର୍ଯ୍ୟନ୍ତ ଦୀର୍ଘ ଦିନ ଧରି ବିପର୍ଯ୍ୟସ୍ତ ହୋଇ ରହିଥିବା ନିମାପଡ଼ା ମୁଖ୍ୟ କେନାଲ ରାସ୍ତାର ଯଥାଶୀଘ୍ର ଉନ୍ନତିକରଣ କରାଯିବା ଲାଗି "ଜାଗ୍ରତ ଯୁବଶକ୍ତି' ସଂଗଠନ ତରଫରୁ ନିମାପଡ଼ା ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଏକ ଦାବିପତ୍ର ମଙ୍ଗଳବାର ପ୍ରଦାନ କରାଯାଇଛି। ନିମାପଡ଼ା ପୁରୁଣା ବସ୍‌ଷ୍ଟାଣ୍ଡଠାରୁ ନିମାପଡ଼ା କଲେଜ, ନିମାପଡ଼ା କୋର୍ଟ, ସରସ୍ୱତୀ ଶିଶୁ ମନ୍ଦିର ସମେତ ବହୁ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ, ବ୍ୟାବସାୟିକ ପ୍ରତିଷ୍ଠାନ, ସ୍ୱାସ୍ଥ୍ୟକେନ୍ଦ୍ରକୁ ସଂଯୋଗ କରୁଥିବା ଏହା ମୁଖ୍ୟ ରାସ୍ତା ହୋଇଥିବାରୁ ପ୍ରତ୍ୟହ ହଜାର ହଜାର ଛାତ୍ରଛାତ୍ରୀ, ସାଧାରଣ ଲୋକ ଏହି ରାସ୍ତା ଦେଇ ଯାତାୟାତ କରନ୍ତି। ଜନସାଧାରଣଙ୍କ ସାମଗ୍ରିକ ସ୍ୱାର୍ଥସାଧନ ଦୃଷ୍ଟିରୁ ଏହି କେନାଲ ବନ୍ଧ ରାସ୍ତାର ଯଥାଶୀଘ୍ର ଉନ୍ନତିକରଣ ଲାଗି ପଦକ୍ଷେପ ନେବା ଲାଗି ଜାଗ୍ରତ ଯୁବଶକ୍ତି ସଂଗଠନ ସଂଯୋଜକ ସମୀର ରଞ୍ଜନ ରାଉତରାୟ, ଆବାହକ ଆଦର୍ଶ ଦାଶ, ବିଜୟାନନ୍ଦ ଦାସ, ବିଶ୍ୱଜିତ୍ ବେହେରା, ଅଜୟ ମିଶ୍ର, ଦଣ୍ଡପାଣି ସାହୁ, ଦେବାଶିଷ ଦାଶ, ଅଭିଜିତ୍ ବେହେରା, ସ୍ମୃତି ରଞ୍ଜନ ଓଝା, ଶୁଭମ୍ ବେହେରା, ଆୟୁଷ ସାହୁ, ଅନୁକୂଳ ସ୍ୱାଇଁ, କୃଷ୍ଣ ମୋହନ ବେହେରା ପ୍ରମୁଖ ଉପସ୍ଥିତ ରହି ରହି ରାସ୍ତା କାମ ଯଥାଶୀଘ୍ର ସାରିବାକୁ ଦାବି ଉପସ୍ଥାପନ କରିଥିଲେ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ନୟାହାଟ,୨୮।୧୦(ସମିସ): ଜନୈକ ୪୦ ବର୍ଷୀୟ ବିବାହିତ ଯୁବକ ନିଜ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିବା ନୟାହାଟ ଫାଣ୍ଡିରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅନ୍ତର୍ଗତ ଦେସ୍ଥଳି ପଞ୍ଚାୟତ କୋଳର ଗ୍ରାମର ପ୍ରଶାନ୍ତ ବେହେରା (୪୦) ସୋମବାର ବିଳମ୍ବିତ ରାତିରେ ସେହି ଗ୍ରାମର ସହଦେବ ବେହେରାଙ୍କ ବାରିପଟେ ଥିବା ଏକ ଆକାଶିଆ ଗଛରେ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିବା ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ସୂଚନା ଦେଇଛନ୍ତି। ମଙ୍ଗଳବାର ଫାଣ୍ଡିରେ ଅଭିଯୋଗ ହେଲାପରେ ଫାଣ୍ଡି ଅଧିକାରୀ ଶ୍ରୀ ମଲ୍ଲିକ ଉକ୍ତ ଗ୍ରାମକୁ ଯାଇ ଶବକୁ ଜବତ କରି ଚାରିଛକ ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଆତ୍ମହତ୍ୟାର କାରଣ ଜଣାପଡ଼ି ନ ଥିବାବେଳେ ଗୋପ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଜୟଦୁର୍ଗା ନୂତନ ପରିଚାଳନା କମିଟି ଗଠିତ



ଗୋପ,୨୮।୧୦(ସମିସ): ଗୋପ ଦେବୀ ବଜାରଠାରେ ଦୀର୍ଘ ବର୍ଷ ଧରି ଅନୁଷ୍ଠିତ ହେଉଥିବା ଦୁର୍ଗାପୂଜାକୁ ଆହୁରି ସରସ ସୁନ୍ଦର କରିବାକୁ ନୂତନ କମିଟି ଗଠନ କରାଯାଇଛି। ସର୍ବସମ୍ମତି କ୍ରମେ ବରିଷ୍ଠ ଶିକ୍ଷାବିତ୍ ବିଭୂତିଭୂଷଣ ପଟ୍ଟନାୟକଙ୍କୁ ସଭାପତି, ବୀରେନ୍ଦ୍ରକୁମାରସିଂହଙ୍କୁ ଉପସଭାପତି ବିରଞ୍ଚିନାରାୟଣ ଗୋଛାୟତ, ପ୍ରଦୀପ୍ତ କୁମାର ସିଂହ ସହସମ୍ପାଦକ, ସନତ କୁମାର ସେନାପତି, ସତ୍ୟ ନାରାୟଣ ସେନାପତି କୋଷାଧ୍ୟକ୍ଷ ଭାବେ ଚୟନ ହୋଇଛନ୍ତି। ଶତାଧିକ ସଭ୍ୟ ଉପସ୍ଥିତ ଥିବାବେଳେ ଆଗାମୀ ଦିନରେ ଗୋପରେ ଦୁର୍ଗାପୂଜାକୁ ସରସ ସୁନ୍ଦର କରାଯିବା ପାଇଁ ସମସ୍ତ ପ୍ରଚେଷ୍ଟା ଜାରି ରହିବ ବୋଲି ନୂତନ ଭାବେ ଚୟନ ହୋଇଥିବା କର୍ମକର୍ତ୍ତା ମତ ଦେଇଛନ୍ତି।


### ପବିତ୍ର ଅଁଳାନବମୀ ଉପଲକ୍ଷେ ନୀତିନିର୍ଘଣ୍ଟ

## ରାତି ୧୨ଟାରୁ ଦ୍ୱାରଫିଟା, ଭୋର୍ ୫ଟାରୁ ଦର୍ଶନ

ସାକ୍ଷୀଗୋପାଳ, ୨୮।୧୦(ସମିସ): ଶ୍ରୀଶ୍ରୀ ସାକ୍ଷୀଗୋପାଳ ମନ୍ଦିରରେ ଆସନ୍ତା ୩୧ ତାରିଖରେ ଅନୁଷ୍ଠିତ ହେବ ପ୍ରସିଦ୍ଧ ଅଁଳାନବମୀ ଓ ଶ୍ରୀରାଧାପାଦ ଦର୍ଶନ। ଶ୍ରୀଶ୍ରୀ ସାକ୍ଷୀଗୋପାଳ ସେବାୟତ ସଂଘ ପକ୍ଷରୁ ଏଥିପାଇଁ ନୀତିନିର୍ଘଣ୍ଟ ହୋଇଛି। ସୋମବାର ଅପରାହ୍ଣରେ ପଞ୍ଚସଖା ସ୍ମୃତି ଭବନଠାରେ ଅନୁଷ୍ଠିତ ଦ୍ୱିତୀୟ ସମନ୍ୱୟ ବୈଠକରେ ଏହାକୁ ସେବାୟତ ସଂଘ ପକ୍ଷରୁ ସାର୍ବଜନୀନ କରାଯାଇଥିଲା। ୩୧ ତାରିଖରେ ଅଁଳାନବମୀ ଅନୁଷ୍ଠିତ ହେବାକୁ ଥିବାବେଳେ ପୂର୍ବ ରାତି ୧୨ଟାରୁ ୧ଟା ମଧ୍ୟରେ ଦ୍ୱାରଫିଟା, ମଙ୍ଗଳ ଆଳତି ରାତି ୧ଟାରୁ ୧.୩୦, ବେଶ, ମଇଲମ, ମର୍ଦ୍ଦନ ଅବକାଶ ରାତି ୧.୩୦ରୁ ୨ଟା, ନଟବର ବେଶ ରାତି ୨ଟାରୁ ୨.୩୦, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ବଲ୍ଲଭ ରାତି ୨.୩୦ରୁ ୩ଟା, ସକାଳ ଧୂପ, ବାଳଧୂପ ଓ ମଦନମୋହନ ଭୋଗ ରାତି ୩ଟାରୁ ୪ଟା, ସେବାୟତ ଓ କର୍ମଚାରୀ ପରିବାର ଦର୍ଶନ ଭୋର୍ ୪ଟାରୁ ୫ଟା, ସର୍ବସାଧାରଣ ଦର୍ଶନ ବା ସାହାଣମେଳା ଭୋର୍ ୫ଟାରୁ ଆରମ୍ଭ ହୋଇ ରାତି ୧୨.୩୦ ମିନିଟ୍ ପର୍ଯ୍ୟନ୍ତ ଚାଲିବ। ସେହିପରି ନଭେମ୍ବର ୨ ତାରିଖ ବଡ଼ ଏକାଦଶୀ ପାଇଁ ଦ୍ୱାରଫିଟା ପୂର୍ବ ରାତି ୧ଟାରୁ, ମଙ୍ଗଳ ଆଳତି ବେଶ, ମଇଲମ, ମର୍ଦ୍ଦନ, ଅବକାଶ ରାତି ୨ଟା, ଲକ୍ଷ୍ମୀ-ନାରାୟଣ ବେଶ ରାତି ୨ଟାରୁ ୨.୩୦, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ବଲ୍ଲଭ ରାତି ୨.୩୦ରୁ ରାତି ୩ଟା, ସକାଳ ଧୂପ, ବାଳ ଧୂପ ଓ ମଦନମୋହନ ଭୋଗ ରାତି ୩ଟାରୁ ୪ଟା, ସେବାୟତ ଓ କର୍ମଚାରୀ ପରିବାର ଦର୍ଶନ ଭୋର୍ ୪ଟାରୁ ୫ଟା, ସର୍ବସାଧାରଣ ଦର୍ଶନ ବା ସାହାଣ ମେଳା ଭୋର୍ ୫ଟାରୁ ଆରମ୍ଭ ହୋଇ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ଚାଲିବ। ଏହାପରେ ପାଳିଆ ପରିବର୍ତ୍ତନ ଅପରାହ୍ଣ ୩ଟାରୁ ୩.୩୦ ମିନିଟ୍ କରାଯାଇ ପୁଣିଥରେ ସର୍ବସାଧାରଣ ଦର୍ଶନ ଅପରାହ୍ଣ ୩ଟା ୩୦ରୁ ରାତି ୧୧ଟା ପର୍ଯ୍ୟନ୍ତ ଚାଲିବ। ପରବର୍ତ୍ତୀ ଦେବନୀତି ଆରମ୍ଭ ଓ ପହୁଡ଼ ଅନୁଷ୍ଠିତ ହେବ ବୋଲି ସେବାୟତ ସଂଘର ସମ୍ପାଦକ ଅବଗତ କରାଇଛନ୍ତି।

## 'ଅଁଳାନବମୀ ଦିନ ମଦ ଦୋକାନ ବନ୍ଦ କରାଯାଉ'

ସାକ୍ଷୀଗୋପାଳ,୨୮।୧୦(ସମିସ): ପବିତ୍ର ଅଁଳାନବମୀ ଓ ଠାକୁରାଣୀ ଶ୍ରୀଶ୍ରୀ ରାଧାରାଣୀଙ୍କ ପାଦ ଦର୍ଶନ ଅବସରରେ ମଦ ଓ ନିଶା କାରବାର ଦୋକାନ ବନ୍ଦ କରିବା ପାଇଁ ଦାବି ଉଠାଇଲା ପୁରୀର ଆମ୍ ଆଦ୍‌ମୀ ପାର୍ଟି। ଆସନ୍ତା ୩୧ ତାରିଖ ଅଁଳାନବମୀ ଦିନ ସାକ୍ଷୀଗୋପାଳ ମନ୍ଦିରଠାରୁ ୩ କିଲୋମିଟର ପରିସର ମଧ୍ୟରେ ଥିବା ସମସ୍ତ ଅବକାରୀ ଦୋକାନ ଯଥା- ଭାଙ୍ଗ, ଦେଶୀ ଓ ଠିପି ଖୋଲା ମଦ ଦୋକାନ, ବିଅର ବାର୍ ସହ ଚୋରା ମଦ ବିକ୍ରି ସମ୍ପୂର୍ଣ୍ଣ ରୂପେ ପ୍ରଶାସନ ବନ୍ଦ କରିବା ନିମନ୍ତେ ଆପ୍ ପକ୍ଷରୁ ପୁରୀର ସନ୍ଧ୍ୟାରାଣୀ ଦାସ ଦାବି କରିଛନ୍ତି। ଯାହାଦ୍ୱାରା ଗହଳିର ସୁଯୋଗ ନେଇ ଅପରାଧୀ ଓ ନିଶାଡ଼ିଙ୍କ ପ୍ରାଦୁର୍ଭାବ କମିବା ସହ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବ ନାହିଁ। ସୂଚନାଥାଉକି, ସାକ୍ଷୀଗୋପାଳଙ୍କ ପବିତ୍ର ଅଁଳାନବମୀ ଅବସରରେ ମା' ରାଧାରାଣୀଙ୍କ ପାଦଦର୍ଶନ ଅନୁଷ୍ଠିତ ହେବ। ଏଥିପାଇଁ ସାକ୍ଷୀଗୋପାଳରେ ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ଭକ୍ତଙ୍କ ଭବ୍ୟ ଓ ଦିବ୍ୟ ଅନୁଭୂତି ଜିଲ୍ଲା ପ୍ରଶାସନଠାରୁ ଆରମ୍ଭ କରି ସତ୍ୟବାଦୀ ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଇଛି। ଭକ୍ତମାନଙ୍କର ଏହି ଭବ୍ୟ ଓ ଦିବ୍ୟ ଅନୁଭୂତି ଯେଭଳି କ୍ଷୁର୍ଣ୍ଣ ନ ହେବା ଆବଶ୍ୟକ ବୋଲି ଆପ୍ ନେତ୍ରୀ ସନ୍ଧ୍ୟାରାଣୀ ପ୍ରକାଶ କରିଛନ୍ତି। ପୁରୀ ଜିଲ୍ଲାପାଳ, ପୁରୀ ଅବକାରୀ ବିଭାଗ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ସତ୍ୟବାଦୀ ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି ବୋଲି ଜଣାପଡ଼ିଛି।




## ଏନ୍‌ସିଇଆର୍‌ଟି ପକ୍ଷରୁ ଅନୁଭୂତିଭିତ୍ତିକ ଶିକ୍ଷଣ ସର୍ବେକ୍ଷଣ



କୋଣାର୍କ,୨୮।୧୦(ସମିସ): ଜାତୀୟ ଶିକ୍ଷାନୀତି-୨୦୨୦ର ବାସ୍ତବ ରୂପାୟଣ ତଥା ତୃଣମୂଳସ୍ତରରେ ଏହାର କାର୍ଯ୍ୟକାରିତାକୁ ସମୁନ୍ନତ ଓ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଜାତୀୟ ଶିକ୍ଷା ଅନୁସନ୍ଧାନ ଓ ପ୍ରଶିକ୍ଷଣ ପରିଷଦ(ଏନ୍‌ସିଇଆର୍‌ଟି) ପକ୍ଷରୁ ଅନୁଭୂତିଭିତ୍ତିକ ଶିକ୍ଷଣ କାର୍ଯ୍ୟକ୍ରମ ଜାରି ରହିଛି। ଭାରତ ବର୍ଷର ୫ଟି ରାଜ୍ୟ ତଥା ଓଡ଼ିଶାର କନ୍ଧମାଳ, ବୌଦ୍ଧ, ଖୋର୍ଦ୍ଧା, ପୁରୀ ଓ ନୟାଗଡ଼ ଜିଲ୍ଲାରେ ଚଳିତ ମାସ ୧୩ରୁ ୨୮ ତାରିଖ ପର୍ଯ୍ୟନ୍ତ ଏହି ସର୍ବେକ୍ଷଣ କାର୍ଯ୍ୟ ସମ୍ପନ୍ନ ହୋଇଛି। ଏନ୍‌ସିଇଆର୍‌ଟିର ଆସୋସିଏଟ୍ ପ୍ରଫେସର ଡ. ଭାବଗ୍ରାହୀ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସଂଯୋଜକ ଡ. ଶରଦ ସିହ୍ନା ଏହି ସର୍ବେକ୍ଷଣର ପରିଚାଳନା କରୁଛନ୍ତି। ଏଥିରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ ଓ ଶିକ୍ଷା ପ୍ରଶାସକଙ୍କୁ ସାମିଲ୍ କରି ସେମାନଙ୍କ ଶିକ୍ଷଣ ଅନୁଭୂତି, ଶୈକ୍ଷିକ ସଫଳତା ଓ ସମସ୍ୟା ସମ୍ପର୍କରେ ମତାମତ ସଂଗ୍ରହ କରାଯାଇଛି। ମଙ୍ଗଳବାର ପୁରୀ ଜିଲ୍ଲାର କୋଣାର୍କସ୍ଥିତ ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ପୁରୀର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ସ୍ୱାଧୀନ କୁମାର ପ୍ରଧାନ ଓ ଶିକ୍ଷକ ପ୍ରଶିକ୍ଷିକା ପ୍ରୀତି ପରମିତା ସ୍ୱାଗତିକା ପାଲ୍ ଅନୁଭୂତିଭିତ୍ତିକ ଶିକ୍ଷଣ ସର୍ବେକ୍ଷଣ କରିଛନ୍ତି। ଡାଏଟ୍‌ର ଉଭୟ ଶିକ୍ଷକ ପ୍ରଶିକ୍ଷକ ୬ଷ୍ଠ, ୭ମ ଓ ୮ମ ଶ୍ରେଣୀରେ ଗଣିତ, ସମାଜବିଜ୍ଞାନ, ଓଡ଼ିଆ ଭାଷା ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟାର ଅନୁଧ୍ୟାନ କରିବା ସହିତ ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷ ଡ. ବିଶ୍ୱନାଥ ଖିଲାର, ଉପାଧ୍ୟକ୍ଷ ସୁନୀତି ସ୍ୱାଇଁ, ସ୍ନାତକ ତାଲିମପ୍ରାପ୍ତ ଶିକ୍ଷକ ବିଜୟ କୁମାର ସାହୁ, ଆଦ୍ୟାଶା ଖଟୁଆ, ଜୟନ୍ତ ମଣ୍ଡଳ, ବଲ୍ଲିଲତା ସ୍ୱାଇଁ, ଆର୍.କେ. ଯାଦବ, ଇରାଦର ମାଝୀ, ଏ.କେ. ନନ୍ଦୀ ଓ ଏମ୍.ଆର୍. ସାହୁଙ୍କ ସମେତ ଅନ୍ୟ ଶିକ୍ଷକଶିକ୍ଷୟିତ୍ରୀଙ୍କଠାରୁ ତଥ୍ୟ ସଂଗ୍ରହ କରିଥିଲେ। ଜାତୀୟ ଶିକ୍ଷାନୀତିକୁ ସମୁନ୍ନତ, ସୁଦୃଢ଼ ଓ କ୍ରିୟାଶୀଳ କରିବା ନିମନ୍ତେ ଏନ୍‌ସିଇଆର୍‌ଟି ପକ୍ଷରୁ ପ୍ରସ୍ତୁତ ହେଉଥିବା ନୂତନ ପାଠ୍ୟକ୍ରମ ଓ ଶୈକ୍ଷିକ କାର୍ଯ୍ୟଧାରା ନିମନ୍ତେ ଏହି ସର୍ବେକ୍ଷଣ ସହାୟକ ହେବ ବୋଲି ପୁରୀ ଡାଏଟ୍‌ର ଅଧ୍ୟକ୍ଷ ସନ୍ତୋଷ କୁମାର ପରିଡ଼ା ପ୍ରକାଶ କରିଛନ୍ତି। ଏଥିରେ ସିଆର୍‌ସିସି ରବୀନ୍ଦ୍ରନାଥ ବାହିନୀପତି ସହଯୋଗ କରିଥିଲେ।

**GOVERNMENT OF ODISHA** A-787
**OFFICE OF SUPERINTENDING ENGINEER**
**MINOR IRRIGATION DIVISION, MALKANGIRI**
E-mail ID:- **midivmalkangiri@gmail.com**
**NOTICE INVITING TENDER**
E-Procurement Notice
Bid Identification No. **SEMIDMKG - 08/2025-26**

The Superintending Engineer, Minor Irrigation Division, Malkangiri on behalf of Governor of Odisha invites **Percentage rate** bids in **Single cover** system through **Online Mode**. The bid documents consisting of work, Estimated Cost, Cost of Tender Paper, Time of Completion, Class of Contractor, set of terms and conditions of the contract and other necessary documents can be seen in e-procurement portal https://tendersodisha.gov.in

1. Name of the work : Improvement to Check Dams in Different Blocks under Improvement to CD Scheme and Improvement to MI Tank at MV-120 in korukonda block under MIPSP Scheme of Malkangiri District.
2. Total Number of work : 12 (Tweleve) Nos.
3. Estimated cost : Approximately varies from Rs. 4.24 lakh to Rs. 16.95 lakh.
4. Period of completion : Varies from 02(Two) to 03(Three) Calendar Months
5. Class of Contractor : "D" &"C" Class Contractor
6. Date and time of availability of bid documents in the portal : From 10.00 A.M of 01.11.25 to 5.00 PM of 10.11.2025
7. Last date /time for receipt of bids in the portal : 5.00 pm on 10.11.2025
8. Date of opening of bid : At 11.00 am on 11.11.2025 in website (www.tendersorissa.gov.in)
9. Submission of Bids : Online mode
10. Name of the Officer inviting Bid : Superintending Engineer, Minor Irrigation Division, Malkangiri
11. Further details can be seen from the Government of Odisha Web-site:www.tendersorissa.gov.in
12 Superintending Engineer, Minor Irrigation Division, Malkangiri on behalf of Governor of Odisha invites Percentage rate bids in Single Cover system through Online Mode for the works as detailed in the table below. The bids should be submitted online in the website www.tendersodisha.gov.in by eligible Contractors with CDMS registration as mentioned in Column-6 of table below registered with the State govt. and contractors of equivalent grade / Class registered with Central govt / MES / Railway for execution of works. The registered bidders of outside Odisha can also participate in this process after necessary Portal Enrolment, but shall have to subsequently undergo registration with the appropriate authority of the State Government within a month of acceptance of bids.

OIPR-32285/11/0014/2526

୨୮/୧୦/୨୦୨୫ (ମଙ୍ଗଳବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୨୨,୦୫୨/- ସୁନା: ୦୧.୯୩୦ ଗ୍ରାମ୍ ରୁପା: ୨୩.୫୫୦ ଗ୍ରାମ୍



# 'ଯୁବ ସମାଜ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେଉନି'

ପୁରୀ,୨୮।୧୦(ସମିସ): ପୁରୀ ସହରର ଅନ୍ୟତମ ବୌଦ୍ଧିକ ଅନୁଷ୍ଠାନ ପ୍ରଗତିଶୀଳ ପାଠଚକ୍ରର ଏକଶତ ବାର ଅଧିବେଶନ ସ୍ଥାନୀୟ ଓଡ଼ିଶା ସଙ୍ଗୀତ ପରିଷଦଠାରେ ଦେବୀ ପ୍ରସନ୍ନ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆଲୋଚ୍ୟ ବିଷୟ 'ସମସ୍ତଙ୍କ ପାଇଁ ନିଯୁକ୍ତି, ସମସ୍ୟା ଓ ସମ୍ଭାବନା' ଶୀର୍ଷକ ବିଷୟବସ୍ତୁରେ ମୁଖ୍ୟ ଆଲୋଚକ ଭାବେ ସୁରେନ୍ଦ୍ର ତପସ୍ୱୀ ନିଜ ବକ୍ତବ୍ୟରେ କହିଲେ ଯେ ଦେଶ ଜନସଂଖ୍ୟାର ୪୦ ପ୍ରତିଶତ ଯୁବବର୍ଗ ହୋଇଥିବାବେଳେ ଏହା ରାଷ୍ଟ୍ର ଗଠନରେ ଗୁରୁଦାୟିତ୍ୱ ତୁଲାଇବା ପରିବର୍ତ୍ତେ ଏକ ବୋଝ ହୋଇଛି। ଏହାର କାରଣ ଯୁବସମାଜ ପାଇଁ ନୂଆ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି ହେଉନାହିଁ। ସରକାରୀ ବିପଥଗାମୀ ନୀତି ଓ ନିଷ୍ପତ୍ତି ଯୋଗୁଁ ଦେଶ ସମ୍ପଦର ୭୦ ପ୍ରତିଶତ ଏକ ଭାଗ ଲୋକଙ୍କ ପାଖରେ ଗଚ୍ଛିତ ହୋଇଥିବାବେଳେ ସାଧାରଣ ଲୋକ ଦିନକୁ ଦିନ ଅଧିକ ଦରିଦ୍ର ହେଉଛନ୍ତି। ଏଭଳି ଏକ ସଙ୍କଟମୟ ପରିସ୍ଥିତିରେ ସମ୍ପଦର ସାମାଜିକୀକରଣ ବିନା ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଅସମ୍ଭବ। ତ୍ୱରିତ ପଦକ୍ଷେପ ଭାବେ ସରକାର ଅତି ଧନୀ ଲୋକ ନିକଟରେ ଗଚ୍ଛିତ ସମ୍ପଦ ଉପରେ ସମ୍ପତ୍ତି କର ବସାଇ ପ୍ରତ୍ୟେକ ବେରୋଜଗାରୀଙ୍କ ପାଇଁ ଏକ ମାସିକ ମୌଳିକ ଆୟ ପ୍ରଚଳନ କରିବା ଆବଶ୍ୟକ। ଏତଦ୍‌ବ୍ୟତୀତ ଜମି, ଜଳ, ଜଙ୍ଗଲ ଭଳି ପ୍ରାକୃତିକ ସମ୍ପଦଗୁଡ଼ିକୁ କର୍ପୋରେଟ୍ ହାତକୁ ଟେକି ନ ଦେଇ ଭବିଷ୍ୟତ ପୀଢ଼ି ପାଇଁ ସୁରକ୍ଷା ନିମନ୍ତେ ଜନସହଭାଗିତା ଭିତ୍ତିରେ ଏକ "ପ୍ରାକୃତିକ ସମ୍ପଦ ଆୟୋଗ' ଗଠନ ପାଇଁ ପଦକ୍ଷେପ ନେବା ଦରକାର। ଜନଗଣଙ୍କ ଦୈନନ୍ଦିନ ଚାହିଦା ପୂରଣ ପାଇଁ ଉତ୍ପାଦଗୁଡ଼ିକୁ କର୍ପୋରେଟ୍ ହାତକୁ ଟେକି ଦିଆ ନ ଯିବା ଆବଶ୍ୟକ। ଏ ସମସ୍ତ ବିଷୟକୁ ଗୁରୁତ୍ୱ ଦିଆଗଲେ ନୂଆ ନୂଆ ନିଯୁକ୍ତିର ସୁଯୋଗ ସୃଷ୍ଟି ହେବ। ଏହି ଆଲୋଚନାଚକ୍ରରେ ସର୍ବଶ୍ରୀ ଶ୍ରୀକାନ୍ତ ମହାନ୍ତି, ଶୁଭଶ୍ରୀ ଦାସ, ଦେବଦତ୍ତ ବିଶ୍ୱରଞ୍ଜନ, ଅଧ୍ୟାପକ ନିରଞ୍ଜନ ମହାରଣା, ଶଙ୍କର ସାହୁ, ଜିତେନ୍ଦ୍ର ସାହୁ, ଈଶ୍ୱର ସାହୁ, ସୀତାକାନ୍ତ ମହାନ୍ତି, ଲୋକନାଥ ନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଅମୂଲ୍ୟ ପ୍ରସାଦ ବରାଳ ଧନ୍ୟବାଦ ଅର୍ପଣ କରିଥିଲେ।

ପୁରୀରେ 'ମୋନ୍ଥା' ଭୟ

# ନାହାନ୍ତି ପର୍ଯ୍ୟଟକ; ବେଳାଭୂମି ଖାଁ ଖାଁ







ପୁରୀ,୨୮।୧୦(ସମିସ)

ଏକାଧିକ ବାତ୍ୟାର ବିଭୀଷିକା ଅଙ୍ଗେ ନିଭାଇଛନ୍ତି ପୁରୀବାସୀ। ୧୯୯୯ ମହାବାତ୍ୟା ହେଉ କି ୨୦୧୯ର ଫନୀ ପୁରୀ ଜିଲ୍ଲାରେ ପ୍ରଳୟ ରଚିଥିଲା। ଏତଦ୍‌ବ୍ୟତୀତ ଗତ ୨୬ ବର୍ଷ ମଧ୍ୟରେ ଆହୁରି ଏକାଧିକ ବାତ୍ୟା ପୁରୀ ଜିଲ୍ଲାକୁ ପ୍ରଭାବିତ କରିଛି। ତେଣୁ ବାତ୍ୟା ନାଁ ଶୁଣିଲେ ଜିଲ୍ଲାବାସୀ ଭୟଭୀତ ହେବା ସ୍ୱାଭାବିକ। ସମ୍ପ୍ରତି ବାତ୍ୟା 'ମୋନ୍ଥା' ପ୍ରଭାବରେ ଜିଲ୍ଲାରେ ବର୍ଷା ଆରମ୍ଭ ହୋଇଯିବାକୁ ଅଧିକ ଛନକା ପଶିଯାଇଛି। ତେଣୁ ମଙ୍ଗଳବାର ପୁରୀରେ ସେମିତି ଗହଳି ଦେଖିବାକୁ ମିଳି ନ ଥିଲା। ପର୍ଯ୍ୟଟକ ନ ଥିବାବେଳେ ବେଳାଭୂମି ଖାଁ ଖାଁ ଲାଗିଥିଲା। ଏମିତି ବି ଯେଉଁ କାଁ ଭାଁ ପର୍ଯ୍ୟଟକ ବେଳାଭୂମିକୁ ଯାଉଥିଲେ ସୁରକ୍ଷା ଦୃଷ୍ଟିକୋଣରୁ ସେମାନଙ୍କୁ ପୁଲିସ, ଲାଇଫ୍‌ଗାର୍ଡ ବାରଣ କରିଥିଲେ। ଅନ୍ୟପକ୍ଷରେ ବାତ୍ୟା ଭୟରେ ସ୍କୁଲ ବନ୍ଦ ରହିଥିବାବେଳେ ସହରରେ କିଛି ଦୋକାନ ବଜାର ବି ଖୋଲି ନ ଥିଲା।

ସୋମବାର ରାତି ଭଳି ମଙ୍ଗଳବାର ସନ୍ଧ୍ୟାରେ ଘଡ଼ଘଡ଼ି ସହ ଅସରାଏ ବର୍ଷା ହୋଇଥିଲା। ଜିଲ୍ଲା ପାଣିପାଗ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ସୋମବାର ରାତିରେ ପୁରୀରେ ମୋଟ ୩୪୬.୧ ମିଲିମିଟର ବର୍ଷା ହୋଇଥିଲା। ପୁରୀ ସହରରେ ସର୍ବାଧିକ ୪୫ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ କୃଷ୍ଣପ୍ରସାଦରେ ୪୩, ବ୍ରହ୍ମଗିରିରେ ୪୨, କଣାସରେ ୩୮, ଡେଲାଙ୍ଗରେ ୨୭, ଗୋପରେ ୨୭, ସତ୍ୟବାଦୀରେ ୨୬, କୋଣାର୍କ ଏନ୍‌ଏସିରେ ୨୬, ପିପିଲିରେ ୨୪.୧, ନିମାପଡ଼ାରେ ୧୮, କାକଟପୁର ୧୭, ଅସ୍ତରଙ୍ଗରେ ୧୩ ମିଲିମିଟର ବର୍ଷା ହୋଇଥିଲା। ବାତ୍ୟା ସତର୍କତା ଯୋଗୁଁ ମଙ୍ଗଳବାର ଶ୍ରୀମନ୍ଦିରରେ ବାହାର ଭକ୍ତଙ୍କ ସମାଗମ ବିଶେଷ ଦେଖିବାକୁ ମିଳି ନ ଥିଲା। ସ୍ଥାନୀୟ ବ୍ୟକ୍ତିବିଶେଷ ଏବଂ ହୋଟେଲରେ ପୂର୍ବରୁ ରହିଥିବା ଶ୍ରଦ୍ଧାଳୁ ଦର୍ଶନ ପାଇଁ ଆସିଥିଲେ। ବେଳାଭୂମିରେ ମଧ୍ୟ ସମାନ ସ୍ଥିତି ଥିଲା। ପୁଲିସ୍ ଓ ଲାଇଫ୍‌ଗାର୍ଡଙ୍କ ପକ୍ଷରୁ ବେଳାଭୂମିକୁ ପ୍ରବେଶ କରାଇ ଦିଆଯାଇ ନ ଥିଲା। ବାତ୍ୟା ପର୍ଯ୍ୟଟନ ଶିଳ୍ପକୁ ପ୍ରଭାବିତ କରିଛି। ବାତିଲ୍ ହୋଇଛି ହୋଟେଲ୍ ବୁକିଂ। ଅନ୍ୟପକ୍ଷରେ 'ମୋନ୍ଥା' ଯୋଗୁଁ ସରକାରଙ୍କ ପକ୍ଷରୁ ସତର୍କତା ଜାରି ହୋଇଥିବାରୁ ବସ୍‌ରେ ଯାତାୟାତ ହ୍ରାସ ପାଇଛି।

**ଜିଲ୍ଲାରେ ୩୪୬.୧ ମିଲିମିଟର ବର୍ଷା**

ଅଧା ରହିଗଲା ଜଗା ଦର୍ଶନ

# ଶ୍ରୀମନ୍ଦିରରେ ଟଳିପଡ଼ିଲେ ଭକ୍ତ

ପୁରୀ,୨୮।୧୦(ସମିସ)



**ପ୍ରଶାସନିକ ଅବ୍ୟବସ୍ଥାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ**

ଜଗା ଦର୍ଶନ କରିବା ପୂର୍ବରୁ ଚାଲିଗଲା ଜଣେ ଭକ୍ତଙ୍କ ଜୀବନ। ଜଗା ଦର୍ଶନ ପାଇଁ କାହିଁ କେତେ ଦୂର ଆସିଥା'ନ୍ତି ଭକ୍ତ। ପୁରୀ ଯିବେ ଜଗା ଦର୍ଶନ କରିବେ। ବେଳାଭୂମି ବୁଲିବେ, ଆଉ ଘରକୁ ଫେରିବେ। ହେଲେ ସବୁ ସ୍ୱପ୍ନ ପାଣି ଫୋଟକା ହୋଇ ଉଭେଇଗଲା। ମଙ୍ଗଳବାର ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଶ୍ରୀମନ୍ଦିରରେ। ନୂଆଦିଲ୍ଲୀର ୭୬ ବର୍ଷୀୟ ମୁଲଚାନ୍ଦ ଗୁପ୍ତା ନିଜ ପରିବାର ସହ ଆସିଥିଲେ ମହାପ୍ରଭୁଙ୍କ ଦର୍ଶନ କରିବାକୁ। ମହାପ୍ରଭୁଙ୍କ ଦର୍ଶନ ପାଇଁ ସାତପାହାଚ ଦେଇ ଯାଉଥିବା ସମୟରେ ପଡ଼ିଯାଇଲେ। ପରିବାର ଲୋକେ ସଙ୍ଗେ ସଙ୍ଗେ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ପ୍ରଶାସନିକ ଅବ୍ୟବସ୍ଥାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ମିଳିଥିବା ସୂଚନା ଅନୁଯାୟୀ, ମୂଳଚାନ୍ଦ ଗୁପ୍ତା ପରିବାର ସହ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ପୁରୀ ଆସିଥିଲେ। ଶ୍ରୀ ଗୁପ୍ତା ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ସନ୍ଧ୍ୟାରେ ଶ୍ରୀମନ୍ଦିରକୁ ବ୍ୟାରିକେଡ୍ ଦେଇ ଲାଇନ୍‌ରେ ଯାଇଥିଲେ। ତେବେ ଦୀର୍ଘ ସମୟ ଧରି ଲାଇନ୍‌ରେ ଦର୍ଶନ କରିବା ପାଇଁ ଶ୍ରୀ ଚାନ୍ଦ ଅପେକ୍ଷା କରି ରହିଥିଲେ। ତେବେ ସାତ ପାହାଚ ନିକଟରେ ତାଙ୍କ ଦେହ ଅସୁସ୍ଥ ହେବା ସହ ଅଣନିଃଶ୍ୱାସୀ ଅନୁଭବ କରିଥିଲେ। ମୁଣ୍ଡ ବୁଲାଇ ସେଠାରେ ପଡ଼ିଯାଇଥିଲେ। ତାଙ୍କୁ ସେଠାରୁ ଉଦ୍ଧାର କରି ସଦର ମୁଖ୍ୟ ଚିକିତ୍ସାରେ ଭର୍ତ୍ତି କରିଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ସହ ଶବ ବ୍ୟବଚ୍ଛେଦ ନିମନ୍ତେ ଶବ ବ୍ୟବଚ୍ଛେଦ ଗୃହକୁ ପଠାଯାଇଥିବା ସୂଚନା ମିଳିଛି। ବର୍ତ୍ତମାନ କାର୍ତ୍ତିକ ମାସ ଚାଲିଥିବାରୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତଙ୍କ ପ୍ରବଳ ସମାଗମ ହେଉଛି। ଯାହାଫଳରେ ଶ୍ରୀମନ୍ଦିରରେ ଭକ୍ତ ଗହଳି ପରିଲକ୍ଷିତ ହେଉଛି। ଅପରପକ୍ଷରେ ପ୍ରଶାସନ ଭକ୍ତମାନଙ୍କୁ ଥାକ ଥାକ କରି ଛାଡୁଛନ୍ତି। ଯାହାଫଳରେ ଗହଳି ହେବା ସହ ଭକ୍ତମାନେ ଅନେକ ସମୟ ଧରି ଲାଇନ୍‌ରେ ଠିଆ ହୋଇ ରହୁଛନ୍ତି। ଗହଳି କାରଣରୁ ଲୋକ ଅଣନିଃଶ୍ୱାସୀ ହୋଇପଡୁଛନ୍ତି। ବିଶେଷ କରି ବୃଦ୍ଧବୃଦ୍ଧା, ଛୋଟ ପିଲାମାନେ ସମସ୍ୟା ଭୋଗୁଛନ୍ତି। ତେଣୁ ବୟସ୍କ ଲୋକଙ୍କ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି କରାଯାଉଛି। ସେହିପରି ଥାକ ଥାକ କରି ଭକ୍ତଙ୍କୁ ଛାଡ଼ିବା ଅପେକ୍ଷା ଭକ୍ତମାନଙ୍କୁ ବ୍ୟାରିକେଡ୍‌ରେ ଶୃଙ୍ଖଳିତ ଭାବରେ ଛଡ଼ାଗଲେ ଗହଳି କିଛି ପରିମାଣରେ କମ୍ ହୁଅନ୍ତା ବୋଲି ମତପ୍ରକାଶ ପାଇଛି।

ଓଡ଼ିଶା ନିର୍ମାଣ ଶ୍ରମିକ ୟୁନିୟନର ରାଜ୍ୟ ସମ୍ମିଳନୀ

# ସାମ୍ପ୍ରଦାୟିକବାଦ ବିରୋଧରେ ସଂଗ୍ରାମ ପାଇଁ ଆହ୍ୱାନ

ପୁରୀ,୨୮।୧୦(ସମିସ): ବିଜେପି ସରକାର ୪ଟି ଶ୍ରମ କୋଡ୍ ଆଣି ପ୍ରଚଳିତ ୪୪ଟି ଶ୍ରମ ଆଇନକୁ ବଦଳାଇଲେ ଶ୍ରମିକ ତା'ର ଅଧିକାର ହରାଇବ। କର୍ପୋରେଟ୍ ହାତରେ ଶ୍ରମିକଙ୍କ ଭାଗ୍ୟ ନିରୂପଣ ହେବ। ନିର୍ମାଣ ଶ୍ରମିକମାନଙ୍କ ପାଇଁ ଥିବା ଆଇନକୁ ଶ୍ରମ କୋଡ୍‌ରେ ଅନ୍ତର୍ଭୁକ୍ତ କରିବେ। ସେହିପରି ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ କାମ କରୁନି। ଶ୍ରମ ଦପ୍ତର ଚୁପ୍। ଓଡ଼ିଶାରେ ୪୨ ଲକ୍ଷ ନିର୍ମାଣ ଶ୍ରମିକ ଶ୍ରମ ଦପ୍ତରରେ ପଞ୍ଜୀକରଣ କରିଥିବାବେଳେ ସାଇକଲ, ଯନ୍ତ୍ରପାତି, ଗୃହ ନିର୍ମାଣ ସହାୟତା ରାଶି ପାଉନାହାନ୍ତି। ଶିକ୍ଷା ବୃତ୍ତି ଓ ଝିଅ ବିବାହ ସହାୟତାରେ ପାତରଅନ୍ତର କରାଯାଉଛି। ଅଣ ଶ୍ରମିକମାନେ ଶ୍ରମିକ କାର୍ଡ ହାତେଇ ନେଉଛନ୍ତି। କୋଟି କୋଟି ଟଙ୍କା କଲ୍ୟାଣ ବୋର୍ଡରେ ଥିବାବେଳେ ଶ୍ରମ ଦପ୍ତର ସହାୟତା ଦେଉନାହିଁ। ଏହା ବିରୋଧରେ ଶ୍ରମଜୀବୀମାନେ ବ୍ଲକ୍‌ସ୍ତରରେ ଏକାଠି ହୋଇ ଶ୍ରମ ଦପ୍ତର ଘେରଉ କରିବାକୁ ଡକରା ଦେଇଛି ସିଆଇଟିୟୁ ଅନୁବନ୍ଧିତ ଓଡ଼ିଶା ନିର୍ମାଣ ଶ୍ରମିକ ୟୁନିୟନ। ମଙ୍ଗଳବାର ସ୍ଥାନୀୟ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ୭ମ ରାଜ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ସମ୍ମିଳନୀକୁ ସିଆଇଟିୟୁର ରାଜ୍ୟ ସଭାପତି ଜନାର୍ଦ୍ଦନ ପତି ଉଦ୍‌ଘାଟନ କରିଥିଲେ। ଏଥିରେ ୟୁନିୟନର ବିଷ୍ଣୁ ମହାନ୍ତି, ଲୋଭାକାନ୍ତ ସ୍ୱାଇଁ, ଜଗନ୍ନାଥ ଦେଓ, ପ୍ରଭାତ ପଣ୍ଡା ଉପସ୍ଥିତ ଥିଲେ। ରାଜ୍ୟ ସାଧାରଣ ସମ୍ପାଦକ ବିମାନ ମାଇତି ରିପୋର୍ଟ ଉପସ୍ଥାପନ କରିଥିଲେ। ଏହି ଅବସରରେ ଆସନ୍ତା ୩ ବର୍ଷ ପାଇଁ ବିଷ୍ଣୁ ମହାନ୍ତି ସଭାପତି, ବିମାନ ମାଇତି ସଧାରଣ ସମ୍ପାଦକ, ଲୋଭାକାନ୍ତ ସ୍ୱାଇଁ କାର୍ଯ୍ୟକାରୀ ସଭାପତି, ରମେଶ ଜେନା କୋଷାଧ୍ୟକ୍ଷ, ସୁରେଶ ରାଉତରାୟ ସଂଗଠନ ସମ୍ପାଦକ ଥାଇ ନୂତନ ରାଜ୍ୟ କମିଟି ନିର୍ବାଚିତ ହୋଇଛନ୍ତି। ନିର୍ମାଣ ଶ୍ରମିକ ୟୁନିୟନ ପୁରୀ ଜିଲ୍ଲା ସଭାପତି ଶରତ କୁମାର ରାୟଗୁରୁ, ସିଟୁ ଜିଲ୍ଲା ସଭାପତି ଶ୍ରୀକାନ୍ତ ପରିଜା, ସୁରେନ୍ଦ୍ର ଜେନା, ଭୀମସେନ ସ୍ୱାଇଁ, ଟୁନା ନାୟକ, ମନୋରଞ୍ଜନ ମହାରଣା, ବିଭୁତି ରାଉତରାୟ, ସୁନିଲ ମହାରଣା, ପୀତବାସ ବେହେରା ପ୍ରମୁଖ ସମ୍ମିଳନୀରେ ବାର୍ତ୍ତା ରଖିଥିଲେ। ଦରବୃଦ୍ଧି, ବେକାରୀ, ସାମ୍ପ୍ରଦାୟିକବାଦ ବିରୋଧରେ ସଂଗ୍ରାମ ପାଇଁ ଆହ୍ୱାନ ଦିଆଯାଇଥିଲା।



# ଅନ୍ନପୂର୍ଣ୍ଣା ପାଇଁ ଆଉ କେତେ ପ୍ରତିଶ୍ରୁତି ମିଳିବ?

ପୁରୀ,୨୮।୧୦(ସମିସ): ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପାଇଁ ଆଉ କେତେ ପ୍ରତିଶ୍ରୁତି ଦେବେ ସରକାର? ଓଡ଼ିଶା ମଞ୍ଚ ନାଟକର ଅନ୍ତୁଡ଼ିଶାଳ କୁହାଯାଉଥିବା ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ଆଜି ଶ୍ରୀହିନ ହୋଇପଡ଼ିଛି। ଜରାଜୀର୍ଣ୍ଣ ହୋଇପଡ଼ିଥିବା ଏହି ରଙ୍ଗମଞ୍ଚର ନବୀକରଣ ପାଇଁ ବିଭିନ୍ନ ସମୟରେ ସ୍ୱର ଉଠୁଛି। ସରକାର ମଧ୍ୟ ଏଥିପ୍ରତି ସକାରାତ୍ମକ ଆଭିମୁଖ୍ୟ ରଖୁଥିବା ବିଭିନ୍ନ ସମୟରେ ଶୁଣିବାକୁ ମିଳିଛି। କଳା ସଂସ୍କୃତିକୁ ଭଲ ପାଉଥିବା ମଣିଷ, ନାଟ୍ୟପ୍ରେମୀ ଅନେକ ସମୟରେ ଦାବି କରି ଆସୁଛନ୍ତି। ହେଲେ ଏପର୍ଯ୍ୟନ୍ତ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚର ଭାଗ୍ୟ ବଦଳି ପାରିନାହିଁ। ଏବେ ପୁଣିଥରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚର ନବନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଆଲୋଚନା ବେଳେ ପ୍ରତିଶ୍ରୁତି ଦେଇଥିବା ଜଣାଇଛନ୍ତି ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ବଦ୍ରି ମିଶ୍ର। ତାଙ୍କ ସୂଚନା ଅନୁଯାୟୀ, ପ୍ରାୟ ୪୦ବର୍ଷ ତଳୁ ଏହି ରଙ୍ଗମଞ୍ଚ ଜରାଜୀର୍ଣ୍ଣ ଅବସ୍ଥାରେ ଅଛି ଓ ଜିଲ୍ଲା ପ୍ରଶାସନ ୨୫ବର୍ଷ ପୂର୍ବରୁ ବଡ଼ଦାଣ୍ଡରେ ଥିବା ଏହି କୋଠାକୁ ଅସୁରକ୍ଷିତ ଘୋଷଣା କରିଛନ୍ତି। ନୂଆ ସରକାର ଆସିବା ପରେ ଏହାର ନବନିର୍ମାଣ ପାଇଁ ସରକାରଙ୍କ ସହ ୬ ଥର ଆଲୋଚନା ସରିଛି। ଏଥିପାଇଁ ଅର୍ଥ ପ୍ରତିବନ୍ଧକ ହେବ ନାହିଁ ବୋଲି ସରକାର ଘୋଷଣା କରିଛନ୍ତି। ତେବେ ଏହାର ଜମି ଅଧିଗ୍ରହଣ ଓ ନିର୍ମାଣ ପାଇଁ କାର୍ଯ୍ୟ ଏଯାଏ ଆରମ୍ଭ ହୋଇପାରିନାହିଁ। ପୁରୀ ଧର୍ମ ଓ ପର୍ଯ୍ୟଟନସ୍ଥଳୀ। ଅଥଚ ମନୋରଞ୍ଜନ ପାଇଁ ଏଠାରେ ସିନେମା ହଲ୍ କି ସୁଦୃଶ୍ୟ ରଙ୍ଗମଞ୍ଚ ନାହିଁ। ଅସୁରକ୍ଷିତ ଓ ତ୍ରୁଟିପୂର୍ଣ୍ଣ ମଞ୍ଚ ହେତୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ଶ୍ରୀଜଗନ୍ନାଥାୟନ ଓ ନାଟକ ଦେଖିବାକୁ ଦର୍ଶକ ମୁହଁ ଫେରାଇ ନେଉଛନ୍ତି। ତେବେ ମନ୍ତ୍ରୀଙ୍କ ସହ ଆଲୋଚନା ସଫଳ ହୋଇଛି ଓ ସରକାର ଏ ଦିଗରେ ପଦକ୍ଷେପ ନେବେ ବୋଲି ଶ୍ରୀ ମିଶ୍ର ଦୃଢ଼ ଆଶାବାଦୀ ରହିଛନ୍ତି।

# ଦୁର୍ନୀତି ନିବାରଣ ସଚେତନତା ଶପଥପାଠ

ପୁରୀ,୨୮।୧୦(ସମିସ): ଚଳିତ ବର୍ଷ ଅକ୍ଟୋବର ୨୭ରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ସମଗ୍ର ଦେଶରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି। ଏହି ଅବସରରେ ମଙ୍ଗଳବାର ଅପରାହ୍ଣରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭିଡିଓ କନ୍‌ଫେରେନ୍ସିଂ ମାଧ୍ୟମରେ ସମସ୍ତଙ୍କୁ ଦୁର୍ନୀତି ନିବାରଣ ସଚେତନତା ଶପଥପାଠ କରାଇଥିଲେ। ଦୁର୍ନୀତି ବିକାଶର ମୁଖ୍ୟ ବାଧକ। ସରକାର ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳତା ନେଇ କାର୍ଯ୍ୟ କରୁଛନ୍ତି। କୌଣସି ଦୁର୍ନୀତିଗ୍ରସ୍ତ ଛାଡ଼ିବନି ବା କ୍ଷମା ଦେବ ନାହିଁ। ତେଣୁ ସମ୍ମିଳିତ ଭାବେ ରାଜ୍ୟର ଉନ୍ନତି ପାଇଁ ଦୁର୍ନୀତିର ମୂଳୋତ୍ପାଟନ କରି ବିକାଶ ପ୍ରକ୍ରିୟାରେ ସାମିଲ୍ ହେବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଓସ୍ୱାନ କନ୍‌ଫେରେନ୍ସିଂ କକ୍ଷରେ ଅନୁଷ୍ଠିତ ଏହି ଶପଥପାଠରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସିଡିଏମ୍‌ଓ ଡା. ଅକ୍ଷୟ କୁମାର ଶତପଥୀ, ଡେପୁଟି କଲେକ୍ଟର ଅନୁସ୍ରବ ଗନ୍ତାୟତ, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀଙ୍କ ସମେତ ଅନ୍ୟାନ୍ୟ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଶପଥପାଠ କରିଥିଲେ।



# ଟ୍ରେନ୍ ଲାଇନ୍‌ରୁ ମୃତଦେହ ଉଦ୍ଧାର

ପୁରୀ,୨୮।୧୦(ସମିସ): ଜନକାଦେଇପୁର ରେଳ ଷ୍ଟେସନ ପାଖ ଟ୍ରେନ୍ ଲାଇନ୍‌ରୁ ଜିଆର୍‌ପି ପୁଲିସ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି। ହେଲେ ତାଙ୍କ ପରିଚୟ ଜଣାପଡ଼ି ନାହିଁ। ସୂଚନା ଅନୁଯାୟୀ, ସୋମବାର ରାତିରେ ଟ୍ରେନ୍ ଲାଇନ୍‌ରେ ମୃତଦେହ ପଡ଼ିଥିବା ପୁଲିସକୁ ଖବର ମିଳିଥିଲା। ଏ ନେଇ ବିଭାଗ ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ଜିଆର୍‌ପି ପୁଲିସ ଏକ ଅପମୃତ୍ୟୁ ମାମଲା (ନଂ.୪୨/୨୫) ରୁଜୁ କରିଛି। ଶବ ବ୍ୟବଚ୍ଛେଦ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଶବଗୃହରେ ଆସନ୍ତା ୯୬ ଘଣ୍ଟା ପର୍ଯ୍ୟନ୍ତ ଚିହ୍ନଟ ପାଇଁ ରଖାଯିବ ବୋଲି ପୁଲିସ କହିଛି। ତେବେ ଘଟଣାସ୍ଥଳରୁ ଯାହା ଜଣାପଡୁଛି କୌଣସି ଚଳନ୍ତା ଟ୍ରେନ୍‌ରୁ ସେ ଖସିପଡ଼ିଛନ୍ତି। ତାଙ୍କ ବୟସ ପ୍ରାୟ ୩୦ ବର୍ଷ ହେବ। ସେ ନେଳି ରଙ୍ଗର ଫୁଲ୍ ଜିନ୍ ପ୍ୟାଣ୍ଟ ଓ ନାଲି ରଙ୍ଗର ଫୁଲ୍ ଶାର୍ଟ ପିନ୍ଧିଛନ୍ତି।

# ଏଲ୍‌ପିଜି ଗ୍ୟାସ୍ ସିଲିଣ୍ଡର ଓଜନ ଧରପଗଡ଼

ପୁରୀ,୨୮।୧୦(ସମିସ): ବୈଧ ଓଜନ ମାପ ନିୟନ୍ତ୍ରକଙ୍କ ନିର୍ଦ୍ଦେଶ ଅନୁଯାୟୀ ମଙ୍ଗଳବାର ପୁରୀର ବିଭିନ୍ନ ଏଲ୍‌ପିଜି ଡିଲରଙ୍କ ବ୍ୟବସାୟ ପ୍ରତିଷ୍ଠାନ ଉପରେ ଚଢ଼ଉ କରାଯାଇଥିଲା। ଏହି ଚଢ଼ଉ ସମୟରେ ସିଲିଣ୍ଡର ଓଜନ ପାଇଁ ବ୍ୟବହାର ହେଉଥିବା ଓଜନ ମେସିନ୍‌ର ଯାଞ୍ଚ କରାଯାଇଥିଲା। ଏହା ସହିତ ଭର୍ତ୍ତି ହୋଇଥିବା ଏଲ୍‌ପିଜି ସିଲିଣ୍ଡରର ଓଜନ ଠିକ୍ ଅଛି କି ନାହିଁ ତାହା ମଧ୍ୟ ଯାଞ୍ଚ ହେଉଛି। ଏଲ୍‌ପିଜି ସିଲିଣ୍ଡରର ଓଜନ ଠିକ୍ ରହିଥିଲାବେଳେ ଅନ୍ୟ ନିୟମ ଉଲ୍ଲଂଘନ ପାଇଁ ୧୨ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଏଥିସହ ବିଭିନ୍ନ ପରିବା ଏବଂ ତେଜରାତି ଦୋକାନ ଉପରେ ମଧ୍ୟ ଚଢ଼ଉ କରାଯାଇଥିଲା।



# ଭକ୍ତି ସଙ୍ଗୀତରେ ଭାବବିହ୍ୱଳିତ ହବିଷ୍ୟାଳି

ପୁରୀ,୨୮।୧୦(ସମିସ): ହବିଷ୍ୟାଳି ଯୋଜନାରେ ଆସିଥିବା ହବିଷ୍ୟାଳି ମା'ମାନେ ଶ୍ରୀକ୍ଷେତ୍ରରେ ରହି କାର୍ତ୍ତିକ ବ୍ରତ ପାଳନ କରୁଛନ୍ତି। ସେମାନଙ୍କର ସମସ୍ତ ପ୍ରକାର ସୁବିଧା କରାଯାଇଛି। ରାଇଦାମୋଦର ବ୍ରତ ପାଳନ, ଜଗନ୍ନାଥ ଦର୍ଶନ ସହିତ ଭଜନ, କୀର୍ତ୍ତନ ପୁରାଣ ଶ୍ରବଣ କରୁଛନ୍ତି। ସୋମବାର ସନ୍ଧ୍ୟାରେ ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପରେ ଶ୍ରୀକ୍ଷେତ୍ରର ଅଗ୍ରଣୀ ସଙ୍ଗୀତ ଅନୁଷ୍ଠାନ 'ଦୟାନିଧି ସଙ୍ଗୀତ ସୁଧା'ର କଣ୍ଠଶିଳ୍ପୀମାନେ ଗୁରୁ ପ୍ରକାଶ କୁମାର ରଥଙ୍କ ସଂଯୋଜନାରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଭକ୍ତିସଙ୍ଗୀତ ପରିବେଷଣ କରିଥିଲେ। ଏହି ଭକ୍ତି ସଙ୍ଗୀତକୁ ଶ୍ରବଣ କରି ବେଶ୍ ଭାବବିହ୍ୱଳିତ ହୋଇପଡ଼ିଥିଲେ ହବିଷ୍ୟାଳି। ଏଥିରେ ଅଂଶଗ୍ରହଣ କରିଥିବା ଅନୁଷ୍ଠାନର କଣ୍ଠଶିଳ୍ପୀମାନେ ହେଲେ ଡ. ଈପ୍‌ସିତା ଦାଶ, ଶୁଭଶ୍ରୀ ପ୍ରଧାନ, ପ୍ରିତମ୍ ବରାଡ଼, କଲ୍ୟାଣମୟୀ ନାୟକ, ବନ୍ଦନା ଦାଶ, ଶ୍ରୀଜଲ୍ ମହାପାତ୍ର, ଆୟୁଷ ଅଂଶୁମାନ ନାୟକ, ଶ୍ୱେତା ସାଗରିକା ପାଇକ ଏବଂ ଦିବ୍ୟଜ୍ୟୋତି ଦାଶ। ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ ସୁଶିଲ କୁମାର ଦାଶ, ଶାରଦା ପ୍ରସନ୍ନ ମିଶ୍ର, ପ୍ରଶାନ୍ତ ରାଉତ, ବଳରାମ ମହାପାତ୍ର, ପ୍ରଭୁଦତ୍ତ ବିଶ୍ୱାଳ, ମନିଷ କୁମାର ଶତପଥୀ। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ସୁଯୋଗ ଦେଇଥିବାରୁ ଅନୁଷ୍ଠାନ ତରଫରୁ ଜିଲ୍ଲା ପ୍ରଶାସନ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରାଙ୍କୁ ଧନ୍ୟବାଦ ଦିଆଯାଇଛି।

ଅମାନିଆ ପର୍ଯ୍ୟଟକ

# ଲାଇଫ୍‌ଗାର୍ଡଙ୍କୁ ଚପଲରେ ପିଟିଲେ ମହିଳା

ପୁରୀ,୨୮।୧୦(ସମିସ)


କିଛିବର୍ଷ ହେବ ପୁରୀକୁ ପର୍ଯ୍ୟଟକଙ୍କ ଆଗମନ ବଢ଼ିଛି। ମୋଟାମୋଟି କହିବାକୁ ଗଲେ ପୁରୀ ପାଇଁ ପର୍ଯ୍ୟଟନ ଋତୁ ବୋଲି ସେମିତି କିଛି ନାହିଁ। ସବୁଦିନେ ଏବେ ପର୍ଯ୍ୟଟନ ଋତୁ। ତେଣୁ ପର୍ଯ୍ୟଟକଙ୍କୁ ଆବଶ୍ୟକ ସୁବିଧା ଏବଂ ସେମାନଙ୍କ ସୁରକ୍ଷାକୁ ପୁଲିସ ଏବଂ ପ୍ରଶାସନ ପ୍ରାଥମିକତା ଦେଉଛି। ପର୍ଯ୍ୟଟକମାନେ କିପରି ଭଲ ଅନୁଭୂତି ନେଇ ଫେରିବେ ତା' ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ହେଲେ ବିଭିନ୍ନ ସମୟରେ ପର୍ଯ୍ୟଟକଙ୍କୁ ନେଇ ଅପ୍ରୀତିକର ପରିସ୍ଥିତି ସାମ୍ନାକୁ ଆସୁଛି। ପୁରୀ ପର୍ଯ୍ୟଟନର ପ୍ରମୁଖ ଆକର୍ଷଣ ହେଉଛି ବେଳାଭୂମି ଏବଂ ସମୁଦ୍ର ସ୍ନାନ। କିନ୍ତୁ ସମୁଦ୍ର ସ୍ନାନ ବେଳେ ଅନେକ ସମୟରେ ପର୍ଯ୍ୟଟକ ଅମାନିଆ ହେଉଛନ୍ତି। ବିଶେଷକରି ସମୁଦ୍ର ସ୍ନାନ ପାଇଁ ଯେଉଁ କଟକଣା ରହିଛି ଏ ଦିଗରେ ଅନେକ ପର୍ଯ୍ୟଟକ ସଚେତନ ହେଉନାହାନ୍ତି। ଫଳରେ ସମୁଦ୍ର ସ୍ନାନଜନିତ ଦୁର୍ଘଟଣା ବଢୁଛି। ସାମୁଦ୍ରିକ ଝଡ଼ ପାଇଁ ହେଉ ଅବା ପବନର ଦିଗ ପରିବର୍ତ୍ତନ ଯୋଗୁଁ ବିଭିନ୍ନ ସମୟରେ ସମୁଦ୍ର ଅଶାନ୍ତ ରହେ। ଉଚ୍ଚ ଲହଡ଼ି ଆସି କୂଳରେ ମାଡ଼ ହୁଏ। ଏହି ସମୟରେ ସମୁଦ୍ରରେ ଗାଧୋଇବା ବିପଦପୂର୍ଣ୍ଣ ହୋଇଥାଏ। ତେଣୁ ପର୍ଯ୍ୟଟକଙ୍କୁ ସମୁଦ୍ରରେ ଗାଧୋଇବାକୁ ବାରଣ କରାଯାଏ। ମାତ୍ର ଅନେକ ସମୟରେ ଅମାନିଆ ପର୍ଯ୍ୟଟକ ଏହାକୁ ମାନି ନ ଥା'ନ୍ତି। ଲାଇଫ୍‌ଗାର୍ଡଙ୍କ ସହିତ ଯୁକ୍ତିତର୍କ ଏପରି କି ଆକ୍ରମଣ କରିବାର ନଜିର ରହିଛି। ମଙ୍ଗଳବାର ମଧ୍ୟ ଏଭଳି ଘଟଣାର ପୁନରାବୃତ୍ତି ଘଟିଛି। ସମୁଦ୍ର ଅଶାନ୍ତ ଥିବାରୁ ଗାଧୋଇବା ପାଇଁ ବାରଣ କରିବାରୁ ଲାଇଫ୍‌ଗାର୍ଡଙ୍କୁ ମାଡ଼ ମାରିଛନ୍ତି ପର୍ଯ୍ୟଟକ। ଜଣେ ମହିଳା ଗୋଡ଼ରୁ ଚପଲ କାଢ଼ି ବାଡ଼େଇଛନ୍ତି। ଏହାକୁ ନେଇ ଲାଇଫ୍‌ଗାର୍ଡମାନେ କ୍ଷୋଭ ପ୍ରକାଶ କରିଥିବାବେଳେ ପର୍ଯ୍ୟଟକଙ୍କ ଏତାଦୃଶ ବ୍ୟବହାରକୁ ସବୁ ମହଲରେ ନିନ୍ଦା କରାଯାଇଛି।

ପୁରୀ ଭାରତର ଏକ ପ୍ରମୁଖ ଆଧ୍ୟାତ୍ମିକ ଓ ପର୍ଯ୍ୟଟନ ସହର। ଏଠାକୁ ପ୍ରତ୍ୟହ ଦେଶ ବିଦେଶର ପର୍ଯ୍ୟଟକ ଆସିଥା'ନ୍ତି। ସ୍ୱର୍ଣ୍ଣାଭ ବେଳାଭୂମି ସାଙ୍ଗକୁ ସମୁଦ୍ରର ନୀଳ ଜଳରାଶି ସମସ୍ତଙ୍କୁ ଆକୃଷ୍ଟ କରିଥାଏ। ତେବେ ଏଠାକୁ ଆସୁଥିବା ପର୍ଯ୍ୟଟକମାନଙ୍କ ମଧ୍ୟରୁ ଅଧିକାଂଶ ସମୁଦ୍ର ସ୍ନାନ କରିବାକୁ ପସନ୍ଦ କରିଥା'ନ୍ତି। କିନ୍ତୁ ସଚେତନତାର ଅଭାବ, ଲାଇଫ୍‌ଗାର୍ଡଙ୍କ କଥା ନ ଶୁଣିବା ଏବଂ ଜୋର୍‌ରେ ଲହଡ଼ି ଆସି କୂଳରେ ମାଡ଼ ହେଉଥିବାରୁ ଦିନକୁ ଦିନ ବିପଦପୂର୍ଣ୍ଣ ହେଉଛି ସମୁଦ୍ର ସ୍ନାନ। ବିଭିନ୍ନ ସମୟରେ ପର୍ଯ୍ୟଟକ ମୃତାହତ ବି ହେଉଛନ୍ତି। ତେଣୁ ପ୍ରଶାସନ ପକ୍ଷରୁ ପର୍ଯ୍ୟଟକଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯାଇଛି। ତଥାପି କିଛି ପର୍ଯ୍ୟଟକ ଅମାନିଆ ହେଉଛନ୍ତି। ଏବେ ବାତ୍ୟା 'ମୋନ୍ଥା' ପାଇଁ ପର୍ଯ୍ୟଟକଙ୍କୁ ସମୁଦ୍ର ସ୍ନାନ ବାରଣ କରାଯାଇଛି। ସମୁଦ୍ର ଅଶାନ୍ତ ଥିବାରୁ ପୁଲିସ, ଅଗ୍ନିଶମ କର୍ମଚାରୀ ଏବଂ ଲାଇଫ୍‌ଗାର୍ଡ ବେଳାଭୂମି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ଜିରୋ ଡ୍ରାଉନିଙ୍ଗ୍‌କୁ ଦୃଷ୍ଟିରେ ରଖି ୨୭, ୨୮, ୨୯ ତାରିଖ ତିନିଦିନ ଧରି ସମୁଦ୍ର ସ୍ନାନ ଉପରେ କଟକଣା ଲଗାଯାଇଛି। କିନ୍ତୁ ମଙ୍ଗଳବାର ପୂର୍ବାହ୍ଣରେ ୪ ନମ୍ବର ସେକ୍ଟରରେ ଏକ ଅଭାବନୀୟ ଘଟଣା ଘଟିଥିଲା। ସମୁଦ୍ରରେ ଗୋଧାଇବାକୁ ମନା କରିବାରୁ ଲାଇଫ୍‌ଗାର୍ଡଙ୍କୁ ଚପଲରେ ପିଟିଥିଲେ ଜଣେ ମହିଳା ପର୍ଯ୍ୟଟକ। ଆକ୍ରମଣର ଶିକାର ହୋଇଥିବା ଲଇଫ୍‌ଗାର୍ଡ ଜମ୍ବେଶ୍ୱର ପ୍ରଧାନ କହିଛନ୍ତି, ୪ ନମ୍ବର ସେକ୍ଟରରେ ପର୍ଯ୍ୟଟକ ଦମ୍ପତି ପହଞ୍ଚି ଗାଧୋଇବାକୁ ଯାଉଥିଲେ। ଆମେ ବାରଣ କରିବାରୁ ସେ ଯୁକ୍ତିତର୍କ କରିଥିଲେ। ମହିଳା ଜଣକ କହିଥିଲେ, ମୋ ଇଚ୍ଛା ମୁଁ ସମୁଦ୍ର ଭିତରକୁ ଯିବୁ, ତୁମେ କିଏ? ମୁଁ ମନା କରିବାରୁ ସେ ମୋତେ ଧକ୍କା ମାରିଲେ। ମହିଳା ଜଣକ ଗୋଡ଼ରୁ ଚପଲ ଖୋଲି ବାଡ଼େଇଲେ ବୋଲି କହିଛନ୍ତି ଜମ୍ବେଶ୍ୱର।

ଏସମ୍ପର୍କରେ ପୁଲିସ ପକ୍ଷରୁ କୁହାଯାଇଛି ଯେ, ବାତ୍ୟା ପାଇଁ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ ଅନୁଯାୟୀ ପର୍ଯ୍ୟଟକଙ୍କ ସୁରକ୍ଷା ନିମିତ୍ତ କୌଣସି ବ୍ୟକ୍ତିଙ୍କୁ ସମୁଦ୍ର ମଧ୍ୟରେ ଗାଧୋଇବାକୁ ବାରଣ କରାଯାଉଥିଲା। ହେଲେ ସକାଳ ୯ଟା ସମୟରେ କିଛି ବଙ୍ଗୀୟ ପର୍ଯ୍ୟଟକ ଜବରଦସ୍ତ ସମୁଦ୍ର ମଧ୍ୟକୁ ପ୍ରବେଶ କରୁଥିଲେ। ଏହାକୁ ଉପସ୍ଥିତ ଲାଇଫ୍‌ଗାର୍ଡମାନେ ବାରଣ କରିଥିଲେ। କିନ୍ତୁ ସମ୍ପୃକ୍ତ ପର୍ଯ୍ୟଟକମାନେ ଲାଇଫ୍‌ଗାର୍ଡଙ୍କୁ ଦୁର୍ବ୍ୟବହାର ସହ ଆକ୍ରମଣ କରିଥିଲେ। ଏ ନେଇ ସମୁଦ୍ରକୂଳ ଅଗ୍ନିଶମ ଓ ବିପର୍ଯ୍ୟୟ ମୁକାବିଲା ପୋଷ୍ଟର ଭାରପ୍ରାପ୍ତ ଅଧିକାରୀ ସମୁଦ୍ରକୂଳ ଥାନାରେ ଅଭିଯୋଗ କରିବା ପରେ ଏକ ମାମଲା ରୁଜୁ କରାଯାଇଛି।

**ଅଶାନ୍ତ ସମୁଦ୍ରରେ ଗାଧୋଇବାକୁ ମନା କରିବାରୁ ଉତ୍ତ୍ୟକ୍ତ ହୋଇପଡ଼ିଲେ**

# ସମ୍ପାଦକୀୟ



ପ୍ରତ୍ୟେକ ଶିଶୁ ଏହି ସ୍ୱର୍ଗୀୟ ବାର୍ତ୍ତା ଆଣି ଆସିଥାଏ ଯେ ଈଶ୍ୱର ଏବେବି ମଣିଷ ଜାତି ଉପରୁ ଆସ୍ଥା ହରାଇ ନାହାନ୍ତି !

-ରବୀନ୍ଦ୍ରନାଥ ଠାକୁର

ସକାଳ THE SAKALA

## ଖାଉଟି ବିପର୍ଯ୍ୟୟ

ବାତ୍ୟା ଆସିନାହିଁ କି ଆସିବାର ନାହିଁ। ଅଥଚ ଦୁଇଦିନ ଆଗରୁ ପନିପରିବା ଓ ଆଳୁର ବଜାର ଦର ଅହେତୁକ ଭାବେ ବଢ଼ିଗଲା। ଏହା ହେଉଛି ରାଜ୍ୟ ରାଜଧାନୀ ଭୁବନେଶ୍ୱରର ସ୍ଥିତି, ଯେଉଁଠି ସରକାରଙ୍କ ପ୍ରତ୍ୟକ୍ଷ ଉପସ୍ଥିତି ଓ ଦୃଷ୍ଟି ରହିଛି। ଆଭ୍ୟନ୍ତରୀଣ ଓ ବାତ୍ୟା ପ୍ରଭାବିତ ଅଞ୍ଚଳର ସ୍ଥିତି କ'ଣ ହୋଇଥିବ ଏଥିରୁ ଅନୁମେୟ। ଅହେତୁକ ଦର ବୃଦ୍ଧିରେ ଖାଉଟି ଖର୍ଚ୍ଚାନ୍ତ ଓ ବେପାରୀ ମାଲେମାଲ୍ ହୋଇସାରିବା ପରେ ଏବେ ସରକାର ସ୍ୱଭାବସୁଲଭ ଢଙ୍ଗରେ କହୁଛନ୍ତି କଳାବଜାରୀକୁ ବରଦାସ୍ତ କରାଯିବ ନାହିଁ। ସରକାରଙ୍କ ପାଖରେ ବଜାର ଖବର ପହଞ୍ଚିବାରେ ବିଳମ୍ବ ହେଉଛି ନା ଜ୍ଞାତସାରରେ ଏଭଳି ବାବୁ-ବେପାରୀ ମଧୁଚନ୍ଦ୍ରିକାକୁ ଅଣଦେଖା କରାଯାଉଛି ତାହା ସାଧାରଣ ଲୋକ ଜାଣିବା କଷ୍ଟକର।

ନିୟମିତ ଧାରାରେ ସାମାନ୍ୟ ଓଲମବିଲମ ହେଲେ ତାହାର ତତ୍କାଳ ପ୍ରଭାବ ପଡୁଛି ଦ୍ୱୈତନଗରୀ କଟକ-ଭୁବନେଶ୍ୱରର ଆଳୁ ବଜାର ଉପରେ। ପଶ୍ଚିମବଙ୍ଗରେ କାଳୀପୂଜା ପାଇଁ ମଣ୍ଡି ବନ୍ଦ ଥିବାରୁ ତାହାର ପ୍ରଭାବ ଓଡ଼ିଶାର ଆଳୁ ବଜାର ଉପରେ ପଡ଼ିଥିବା କୁହାଯାଉଛି। ତା'ସହିତ ବାତ୍ୟା ଭୟ ଯୋଗୁଁ ଆଳୁ ଚାହିଦା ହଠାତ୍ ବଢ଼ିଯିବାରୁ ଆଳୁ ଦାମ ଉଚ୍ଚା ହୋଇଥିବା ବଜାର ବିଶେଷଜ୍ଞମାନେ ମତ ଦେଇଛନ୍ତି। କିନ୍ତୁ ଓଡ଼ିଶାର ଆଳୁ ପେଣ୍ଠ କୁବେରପୁରୀରେ ମହଜୁଦ ସ୍ତର ଏତେ ସଙ୍କଟଜନକ ନୁହେଁ ଯେ ଦୁଇ/ତିନିଦିନ ଯୋଗାଣ ବ୍ୟାହତ ହେଲେ ଖୁଚୁରା ବଜାରରେ ଆଳୁ କିଲୋ ପିଛା ୧୦ ଟଙ୍କାରୁ ୧୫ ଟଙ୍କା ପର୍ଯ୍ୟନ୍ତ ବଢ଼ିଯିବ। ତେଣୁ ମହଜୁଦକାରୀ, ପାଇକାରୀ ଓ ଖୁଚୁରା ଦୋକାନୀଙ୍କ ମଧ୍ୟରେ ଅସାଧୁ ମେଣ୍ଟ ହିଁ ଏହି ବର୍ଦ୍ଧିତ ମୂଲ୍ୟ ପାଇଁ ଦାୟୀ। ଏବେ ପ୍ରଶ୍ନ ଉଠୁଛି ଦୁଇଦିନ ଆଗରୁ ଭୁବନେଶ୍ୱର ବଜାରରେ ଆଳୁ ଦାମ ଆଶ୍ଚର୍ଯ୍ୟଜନକ ଭାବେ ବଢ଼ିଯାଇଥିବା ହୁରି ପଡ଼ିଥିଲେ ମଧ୍ୟ ସରକାରଙ୍କ କାନକୁ ଏ ଖବର ଯାଇନାହିଁ କେମିତି? ଏହା ପରିଚାଳନାଗତ ଅପରାଗତା ନା କଳାବଜାରୀକୁ ପରୋକ୍ଷ ପ୍ରୋତ୍ସାହନ ବୋଲି ଲୋକମୁଖରେ ପ୍ରଶ୍ନ ହେଉଛି।

ସାମଗ୍ରିକ ଘଟଣାକ୍ରମରେ ସରକାରଙ୍କ ଉଦାସୀନତାଠାରୁ ଅଧିକ ଦାୟୀ ଖାଉଟିମାନଙ୍କ ମାନସିକତା। ଯେଉଁ ହାତଗଣତି ଅତିସିଆଣିଆ ଖାଉଟି ମାତ୍ରାଧିକ ଚାଲାକିପଣିଆ ଓ ଦୂରଦର୍ଶିତା ଦେଖାଇ କିଲେ ଜାଗାରେ ଦଶକିଲୋ ବୋହି ନେଲେ ତାହାର ଦେଖାଶିକ୍ଷା ପ୍ରଭାବ ପୂରା ଖାଉଟି ବଜାର ଉପରେ ପଡ଼ିଲା। ଏଥିରେ ସାମଗ୍ରିକ ଭାବେ ଖାଉଟି ବର୍ଗ ପ୍ରଭାବିତ ହେଲା ଏବଂ ବିକ୍ରେତାମାନେ ମାସକର ଲାଭ ଗୋଟିଏ ଦିନରେ ଉଠେଇ ନେଲେ। ଗରାଖ ଓ ସ୍ଥିତି ଦେଖି ବେପାରୀଙ୍କ ପାଟିରୁ ଯାହା ବାହାରିଲା ତାହା ହିଁ ବଜାର ଦର ପାଲଟିଲା।

ଏବେ ସମୟ ଆସିଛି ବିପର୍ଯ୍ୟୟ ପ୍ରଶମନ ତାଲିକାରେ ଖାଉଟି ବଜାରକୁ ମଧ୍ୟ ସାମିଲ୍ କରିବାକୁ ପଡ଼ିବ। ପ୍ରାକୃତିକ ବିପର୍ଯ୍ୟୟର ସମ୍ଭାବ୍ୟ ପ୍ରଭାବିତ ଅଞ୍ଚଳରେ ଯେଭଳି ପ୍ରାକ୍‌ପ୍ରସ୍ତୁତି, ସ୍ଥାନାନ୍ତରଣ, ଉଦ୍ଧାର ପ୍ରସ୍ତୁତି ଆଦି କରାଯାଉଛି ସେଭଳି ଖାଉଟି ବଜାରକୁ ମଧ୍ୟ ଯଥେଷ୍ଟ ପୂର୍ବରୁ ସରକାର ନିୟନ୍ତ୍ରଣକୁ ନେବା କିମ୍ବା ସତର୍କ ଦୃଷ୍ଟି ରଖିବା ଆବଶ୍ୟକ। କାରଣ ପ୍ରାକୃତିକ ଦୁର୍ବିପାକ ଜନିତ କ୍ଷୟକ୍ଷତି ତୁଳନାରେ କଳାବଜାରୀର ପ୍ରଭାବ ଜନସାଧାରଣଙ୍କୁ ବଳି ଯାଉଛି। ତେଣୁ କଳାବଜାରୀକୁ ବିପର୍ଯ୍ୟୟ ପ୍ରଶମନ ଯୋଜନାରେ ସାମିଲ୍ କରିବା ପାଇଁ ସମୟର ନୂଆ ଆହ୍ୱାନକୁ ସରକାର ଗୁରୁତ୍ୱର ସହ ବିଚାର କରିବା ଉଚିତ ହେବ।

## ଶସ୍ୟ ବୋଝ

ଚଳିତ ବର୍ଷ ସ୍ୱାଭାବିକ ମୌସୁମୀ ଯୋଗୁଁ ଭଲ ଫସଲ ହୋଇଛି ଏବଂ ଚାଷୀ ମଧ୍ୟ ଖୁସି ଅଛନ୍ତି। ଅପରପକ୍ଷରେ ସେଥିପାଇଁ ଏବେ ସରକାରଙ୍କ ଚିନ୍ତା ବଢ଼ିଯାଇଛି। ବିଶେଷକରି ଧାନ ଓ ଗହମର ବିପଣନ, ବିତରଣ ଓ ଭଣ୍ଡାରଣ ଅଧିକ ସମସ୍ୟା ସୃଷ୍ଟି କରିଛି। ଧାନ ଓ ଗହମ କିଣା ଏକପ୍ରକାର ସରକାରୀ ବାଧ୍ୟବାଧକତା। ଚଳିତ ଖରିଫ୍ ଋତୁରେ ଧାନ ଓ ଗହମ ଚାଷ ପୂର୍ବ ସବୁବର୍ଷର ରେକର୍ଡ ଭାଙ୍ଗିଛି। ସାଧାରଣ ବଣ୍ଟନ ବ୍ୟବସ୍ଥାରେ ମାଗଣାରେ ବ୍ୟକ୍ତି ପିଛା ମାସିକ ୫ କିଲୋ ଲେଖାଏଁ ଚାଉଳ/ଗହମ ବଣ୍ଟନ ପରେ ମଧ୍ୟ ଆହୁରି ବଳକା ରହୁଛି। ଚଳିତ ବର୍ଷ ସରକାରୀ ଭଣ୍ଡାରଘରେ ଅକ୍ଟୋବର ଶେଷ ସୁଦ୍ଧା ଗହମର ମହଜୁଦ ପରିମାଣ ବଫର ଷ୍ଟକ୍(ଜରୁରିକାଳୀନ ଆବଶ୍ୟକତା ପୂରଣ ପାଇଁ ସର୍ବୋଚ୍ଚ ମହଜୁଦ ସ୍ତର)ର ଆବଶ୍ୟକତାଠାରୁ ପ୍ରାୟ ଦେଢ଼ଗୁଣ ଅଧିକ ହୋଇସାରି ଥିବା ବେଳେ ଚାଉଳ ମହଜୁଦ୍ ନିର୍ଦ୍ଧାରିତ ସ୍ତରଠାରୁ ସାଢ଼େ ଚାରିଗୁଣ ଅଧିକ ହୋଇଗଲାଣି। ଖରିଫ୍ ଅମଳ ଓ ସଂଗ୍ରହ ଆଉ କିଛିଦିନ ପରେ ଆରମ୍ଭ ହେବ। ତେଣୁ ସରକାର ସେସବୁ ଶସ୍ୟକୁ କିପରି ପରିଚାଳନା କରିବେ ତାହା ସମସ୍ୟା ସୃଷ୍ଟି କରିଛି।

ଏତଦ୍‌ବ୍ୟତୀତ ମକାର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ୍ ପିଛା ୨, ୪୦୦ ଟଙ୍କା ଥିବା ବେଳେ ଅଧିକ ଉତ୍ପାଦନ ଓ ଯୋଗାଣ ଯୋଗୁଁ ଘରୋଇ ବଜାର ଦର ହାରହାରି ୨୦୦୦ ଟଙ୍କାକୁ ଖସି ଆସିଲାଣି। ଆମେରିକା, ବ୍ରାଜିଲ୍, ଆର୍ଜେଣ୍ଟିନାର ଅଧିକ ଉତ୍ପାଦନ ଯୋଗୁଁ ଆନ୍ତର୍ଜାତିକ ବଜାରରେ ସୋୟାବିନ୍ ଦର କମିବାରେ ଲାଗିଛି। ତେଣୁ ଭାରତର ସୋୟାବିନ ରପ୍ତାନୀ ଦର ଗତ ବର୍ଷର ଟନ୍ ପିଛା ୪୯୦ ଡଲାର ତୁଳନାରେ ଚଳିତ ବର୍ଷ ୩୯୮ ଡଲାରକୁ ହ୍ରାସ ପାଇଛି। ଅପରପକ୍ଷରେ ସୋୟାବିନ୍‌ର ଘରୋଇ ଚାହିଦା ମଧ୍ୟ କମିବାରେ ଲାଗିଛି। ତେଣୁ ସରକାରଙ୍କୁ ବାଧ୍ୟ ହୋଇ ମକା ଓ ସୋୟାବିନ୍ ବୋଝ ମଧ୍ୟ ମୁଣ୍ଡାଇବାକୁ ପଡ଼ିବ।

ଜଳବହୁଳେ ସୃଷ୍ଟିନାଶ, ଜଳ ବିହୁନେ ସୃଷ୍ଟି ନାଶ ଭଳି ସ୍ଥିତିରେ ଏବେ କେନ୍ଦ୍ର ସରକାର ପଡ଼ିଛନ୍ତି। ସାମ୍ପ୍ରତିକ ସ୍ଥିତିରେ ଧାନ ଓ ଗହମ ସଂଗ୍ରହ ଧାର୍ଯ୍ୟ ଲକ୍ଷ୍ୟକୁ ସରକାର କାଣ୍ଟଛାଣ୍ଟ କରିପାରିବାର ପ୍ରଶ୍ନ ଉଠୁନାହିଁ। ଅପରପକ୍ଷରେ ଧାନ ଓ ଗହମ ଚାଷ ବଦଳରେ ମକା, ସୋୟାବିନ୍, କପା ଆଦି ଅର୍ଥକରୀ ଫସଲ ଅଧିକରୁ ଅଧିକ ଉତ୍ପାଦନ କରିବାକୁ ସରକାର ଏମ୍‌ଏସ୍‌ପି ଜରିଆରେ ଚାଷୀମାନଙ୍କୁ ଉତ୍ସାହିତ କରୁଛନ୍ତି। ଚାଷୀମାନେ ଏସବୁ ଉତ୍ପାଦନ ବଢ଼ାଇବା ପରେ ଏବେ ତାହା ସରକାରଙ୍କ ପାଇଁ ବୋଝ ପାଲଟିଛି। ଚାଷୀମାନଙ୍କୁ ସୁରକ୍ଷା ଦେବାକୁ ହେଲେ ଭାରତ ସରକାର ଆମଦାନୀ ଶୁଳ୍କରେ ବୃଦ୍ଧି କରିବା ଛଡ଼ା ଅନ୍ୟ ବାଟ ନାହିଁ। କିନ୍ତୁ ସାମ୍ପ୍ରତିକ ଶୁଳ୍କ ଯୁଦ୍ଧରେ ସେ ବାଟଟି ମଧ୍ୟ ଏତେ ସରଳ ଓ ସୁଗମ ନୁହେଁ। ମକା ଓ ସୋୟାବିନ୍‌ର ବଳକା ପରିମାଣକୁ ଇଥାନଲ୍ ଉତ୍ପାଦନ ମୁହାଁ କରିବାର ସୁଯୋଗ ମଧ୍ୟ ସଂକୁଚିତ। ଏ ସଙ୍କଟରୁ ସରକାର କେମିତି ନିଜେ ମୁକୁଳିବା ସହିତ ଚାଷୀମାନଙ୍କୁ ସନ୍ତୁଷ୍ଟ କରିପାରିବେ ତାହାର ପ୍ରଭାବ ଆଗାମୀ ରାଜ୍ୟ ବିଧାନସଭା ନିର୍ବାଚନଗୁଡ଼ିକରେ ପ୍ରତିଫଳିତ ହେବ।

# ବିହାର ରାଜନୀତିରେ ଜାତିବାଦ

**ସୌଭାଗ୍ୟ ସୁନ୍ଦରରାୟ**

ଦେଶର ଚତୁର୍ଥ ସର୍ବାଧିକ ବିଧାନସଭା ଆସନ ଥିବା ରାଜ୍ୟ ବିହାରରେ ଆଗାମୀ ମାସରେ ନୂଆ ସରକାର ଗଠନ ହେବ। ଦେଶର ପୂର୍ବାଞ୍ଚଳରେ ଅବସ୍ଥିତ ଏହି ରାଜ୍ୟର ବିଧାନସଭା ଆସନ ସଂଖ୍ୟା ୨୪୩। ଚଳିତ ନିର୍ବାଚନରେ କେଉଁ ମେଣ୍ଟ ଯାଦୁ ସଂଖ୍ୟା ୧୨୨ ଆସନ ହାସଲ କରିବାରେ ସମର୍ଥ ହେବ ତାହା ଉପରେ ଦେଶବାସୀଙ୍କ ନଜର ରହିଛି। କାରଣ ଆସନ୍ତାବର୍ଷ ପଶ୍ଚିମବଙ୍ଗ ଓ ତାମିଲନାଡୁରେ ବିଧାନସଭା ନିର୍ବାଚନ ହେବ। ବିହାରରେ କ୍ଷମତାସୀନ ଏନଡିଏ ଶାସନ ବଜାୟ ରଖିବ ନା ରାଜ୍ୟରେ ପରିବର୍ତ୍ତନ ଘଟିବ ସେଥିନେଇ ରାଜନୈତିକ ମହଲରେ ଉତ୍ସୁକତା ମଧ୍ୟ ରହିଛି।

୨୦୨୦ ମସିହା ବିହାର ବିଧାନସଭା ନିର୍ବାଚନରେ ରାଷ୍ଟ୍ରୀୟ ଜନତା ଦଳ(ଆରଜେଡି) ସର୍ବାଧିକ ୨୨.୧୪% ଭୋଟ ଏବଂ ସର୍ବାଧିକ ୭୫ଟି ଆସନ ପାଇଥିଲା। ଏହା ପରକୁ ବିଜେପି ୨୦.୫୨% ଭୋଟ ପାଇ ୭୪ଟି ଆସନରେ ଏବଂ ଜେଡି(ୟୁ) ୧୮.୫୨% ଭୋଟ ପାଇ ୪୩ ଆସନରେ ବିଜୟୀ ହୋଇଥିଲା। କଂଗ୍ରେସ ଦଳର ଫଳାଫଳ ନୈରାଶ୍ୟଜନକ ଥିଲା। ଦଳ ୭୦ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରି ମାତ୍ର ୧୯ଟି ଆସନରେ ବିଜୟୀ ହୋଇଥିଲା। ଦଳର ଭୋଟ ହାର ୯.୨୦% ରହିଲା। ଆସନ ସଂଖ୍ୟାରେ ତୃତୀୟରେ ଥାଇ ମଧ୍ୟ ଜେଡି(ୟୁ)ର ନେତା ନୀତୀଶ କୁମାର ବିଜେପି ସମର୍ଥନରେ ମୁଖ୍ୟମନ୍ତ୍ରୀ ହୋଇଥିଲେ। ଫଳରେ ରାଜ୍ୟରେ ଗଠନ ହୋଇଥିଲା ଏନଡିଏ ସରକାର। ଏହି ନିର୍ବାଚନରେ ଚିରାଗ ପାଶୱାନଙ୍କ 'ଲୋକ ଜନଶକ୍ତି ପାର୍ଟି' ଏକାକୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲା। ଏହି କାରଣରୁ ଜେଡି(ୟୁ) କ୍ଷତିଗ୍ରସ୍ତ ହୋଇଥିଲା।

ଚଳିତ ନିର୍ବାଚନରେ ଜେଡି(ୟୁ)-ବିଜେପି ମେଣ୍ଟ ପୂର୍ବପରି ରହିଥିବା ବେଳେ ଏଥିରେ ଉପେନ୍ଦ୍ର ଖୁସୱାଙ୍କ 'ରାଷ୍ଟ୍ରୀୟ ଲୋକମୋର୍ଚ୍ଚା (ଆରଏଲଏମ)', ଚିରାଗ ପାଶୱାନଙ୍କ 'ଏଲଜେପି', ଜୀତନ ରାମ ମାନ୍‌ଝୀଙ୍କ 'ହିନ୍ଦୁସ୍ଥାନ ଆୱମ ମୋର୍ଚ୍ଚା (ଏଚଏଏମ)' ସାମିଲ ହୋଇଛି। ତେଣେ ଆରଜେଡି ଓ କଂଗ୍ରେସକୁ ନେଇ ଗଠିତ ମହାଗଠବନ୍ଧନ ମେଣ୍ଟରେ 'ବିକାଶଶୀଳ ଇନ୍‌ସାନ ପାର୍ଟି', 'ସିପିଆଇ', 'ସିପିଆଇ(ଏମ)', 'ସିପିଆଇ(ଏମଏଲ)', ରାମବିଳାଶ ପାଶୱନଙ୍କ ଭାଇ ପଶୁପତି କୁମାର ପାରସଙ୍କ ନେତୃତ୍ୱାଧୀନ 'ଏଲଜେପି' ଓ 'ଜେଏମଏମ' ସାମିଲ ହୋଇଛନ୍ତି।

ବିହାରର ଦୀର୍ଘ ୭୬ ବର୍ଷର ନିର୍ବାଚନର ଇତିହାସକୁ ଅନୁଧ୍ୟାନ କଲେ ଦେଖାଯାଏ ଯେ ରାଜ୍ୟର ରାଜନୀତି ବହୁ ଭାବେ ଜାତିଆଣ ଆଧାରରେ ପ୍ରଭାବିତ ହୋଇଛି। ବିହାର ଜନସଂଖ୍ୟାର ୮୨% ହେଉଛନ୍ତି ହିନ୍ଦୁ। ମୁସଲିମ ଜନସଂଖ୍ୟା ୧୭.୭%। ସଂଖ୍ୟାଲଘୁ ସଂପ୍ରଦାୟର ଏହି ଜନସଂଖ୍ୟା ମଧ୍ୟରେ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ଓ ଅତ୍ୟଧିକ ପଛୁଆ ବର୍ଗ (ଇବିସି) ରହିଛନ୍ତି। ହିନ୍ଦୁ ବର୍ଗରେ ଯାଦବଙ୍କ ସଂଖ୍ୟା ସର୍ବାଧିକ ୧୪.୩%। ସେହିପରି କୁର୍ମି-ଖୁସୱାଙ୍କ ସଂଖ୍ୟା ୭.୧%। ଉଭୟ ଯାଦବ ଓ କୁର୍ମୀ-ଖୁସୱା ଓବିସି ଶ୍ରେଣୀଭୁକ୍ତ। ଯାଦବ ଓ ସଂଖ୍ୟାଲଘୁ ମୁସଲିମ ଭୋଟ ସାଧାରଣତଃ ଆରଜେଡି ନିକଟକୁ ଯାଇଥାଏ। କାରଣ ଆରଜେଡି ନେତା ଯାଦବ ସଂପ୍ରଦାୟର। ଜେଡି(ୟୁ) ନେତା ନୀତୀଶ କୁମାର କୁର୍ମୀ ସଂପ୍ରଦାୟର ହୋଇଥିବାରୁ ଏହି ଭୋଟ ଜେଡି(ୟୁ) ନିକଟକୁ ଯାଇଥାଏ। ତେବେ କୁର୍ମୀଙ୍କ ସଂଖ୍ୟା (୨.୮%) ଖୁସୱା (୪.୨)ଙ୍କ ଠାରୁ କମ୍। ଖୁସୱା ସଂପ୍ରଦାୟର ନେତା ଉପେନ୍ଦ୍ର ଖୁସୱାଙ୍କ ଦଳ ଆରଏଲଏମ ଚଳିତ ନିର୍ବାଚନରେ ୬ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବ। ଚଳିତ ବିଧାନସଭାରେ ଉପମୁଖ୍ୟମନ୍ତ୍ରୀ ଥିବା ବିଜେପି ନେତା ସମ୍ରାଟ ଚୌଧୁରୀ ମଧ୍ୟ ଖୁସୱା ସଂପ୍ରଦାୟର ହୋଇଥିବାରୁ ଏହି ଭୋଟ ଏନଡିଏ ସପକ୍ଷରେ ଯିବା ଆଶା କରାଯାଏ।

ମିଳିତ ଭାବେ ରାଜ୍ୟର ଓବିସି ଭୋଟ ହାର ୨୪.୮% ହୋଇଥିବା ବେଳେ ଉଚ୍ଚବର୍ଗର ଭୋଟ ହାର ୧୫.୫% ରହିଛି। ଏହି ବର୍ଗରେ ବ୍ରାହ୍ମଣ, କାୟସ୍ଥ, ରାଜପୁତ ଓ ଭୂମିହାର ଆସୁଛନ୍ତି। ଏହି ଉଚ୍ଚବର୍ଗ ସଂପ୍ରଦାୟ ବିହାର ରାଜନୀତିକୁ ଦୀର୍ଘଦିନ ଧରି ପ୍ରଭାବିତ କରି ରଖିଥିଲେ। ରାଜ୍ୟର ୭୬ ବର୍ଷର ନିର୍ବାଚନୀ ଇତିହାସରେ ଉଚ୍ଚବର୍ଗ ପ୍ରାୟ ୩୭ ବର୍ଷ ଶାସନ ବ୍ୟବସ୍ଥା ନିୟନ୍ତ୍ରଣ କରିଛନ୍ତି ଏବଂ ସଂପ୍ରଦାୟରୁ ୧୨ ଜଣ ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ଶ୍ରୀ କ୍ରିଷ୍ଣା ସିଂହ ପ୍ରାୟ ୧୭ ବର୍ଷ ମୁଖ୍ୟମନ୍ତ୍ରୀ ରହିଥିଲେ। ଏଥିସହ ଜଗନ୍ନାଥ ମିଶ୍ର, କ୍ରିଷ୍ଣା ବଲ୍ଲଭ ସହାୟ, ବିନ୍ଧେଶ୍ୱରୀ ଦୁବେ, ଚନ୍ଦ୍ର ଶେଖର ସିଂହ, ବିନୋଦାନନ୍ଦ ଝା, ଭଗବତ ଝା ଆଜାଦ, ମହାମାୟା ପ୍ରସାଦ ସିଂହ, କେଦାର ପାଣ୍ଡେ, ସତ୍ୟେନ୍ଦ୍ର ନାରାୟଣ ସିଂହ ପ୍ରମୁଖ ବିହାର ମୁଖ୍ୟମନ୍ତ୍ରୀ ହୋଇଥିଲେ।

୧୯୬୮ ମସିହାରେ ବିହାରରେ ରାଜନୀତିରେ ନୂତନ ଅଧ୍ୟାୟର ସୂତ୍ରପାତ ହେଲା। ପ୍ରଥମ ଥର ପାଇଁ ପଛୁଆ ବର୍ଗରୁ ସତୀଶ ପ୍ରସାଦ ସିଂହ ହେଲେ ମୁଖ୍ୟମନ୍ତ୍ରୀ ଏବଂ ଏହାଥିଲା ପ୍ରଥମ ଅଣ-କଂଗ୍ରେସ ସରକାର। 'ସଂଯୁକ୍ତ ସୋସାଲିଷ୍ଟ ଦଳ'ରୁ ସେ ନିର୍ବାଚିତ ହୋଇ 'ଶୋଷିତ ସମାଜ ଦଳ' ସହ ଏକ ମିଳିତ ସରକାରର ନେତୃତ୍ୱ ନେଇଥିଲେ। ତେବେ ମାତ୍ର ୫ ଦିନ ମୁଖ୍ୟମନ୍ତ୍ରୀ ରହିବା ପରେ ସତୀଶ ପ୍ରସାଦ ସିଂହ ଇସ୍ତଫା ଦେଇ ଅନ୍ୟ ଜଣେ ପଛୁଆ ବର୍ଗ ରାଜନୀତିଜ୍ଞ ବି.ପି.ମଣ୍ଡଳ ଶାସନ ଭାର ନେବା ପାଇଁ ପଥ ପରିଷ୍କାର କରିଥିଲେ। ଏହି ପରିପ୍ରେକ୍ଷୀରେ ଲାଲୁ ପ୍ରସାଦ ଯାଦବ, ରାବଡ଼ୀ ଦେବୀ, ନୀତୀଶ କୁମାର, ଜୀତନ ରାମ ମାନ୍‌ଝୀ ପଛୁଆ ବର୍ଗ ନେତାଙ୍କ ହାତରେ ବିହାରର ଶାସନ ଡୋରୀ ଦୀର୍ଘ ୩୫ ବର୍ଷ ହେଲା ରହିଲାଣି। ଜୀତନ ରାମ ମାନ୍‌ଝୀ ମୁସାହାର ସଂପ୍ରଦାୟର। ତାଙ୍କ ଦଳ ଚଳିତ ନିର୍ବାଚନରେ ୬ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବ। ଅନୁସୂଚିତ ଜାତି ବର୍ଗର ଏହି ସଂପ୍ରଦାୟ ଅତି ପଛୁଆ। ଏମାନଙ୍କ ସଂଖ୍ୟା ପ୍ରାୟ ୩.୧%। ରାଜ୍ୟରେ ଅନୁସୂଚିତ ଓ ସଂଖ୍ୟାଲଘୁ ବର୍ଗର ମୁଖ୍ୟମନ୍ତ୍ରୀ ହୋଇଛନ୍ତି, କିନ୍ତୁ ସେମାନଙ୍କ ସରକାର ବେଶୀ ସମୟ ତିଷ୍ଠି ପାରିନାହିଁ। ଅତ୍ୟଧିକ ପଛୁଆ ବର୍ଗରୁ କର୍ପୁରୀ ଠାକୁର ମଧ୍ୟ ସ୍ୱଳ୍ପ ସମୟ ପାଇଁ ମୁଖ୍ୟମନ୍ତ୍ରୀ ହୋଇଛନ୍ତି।

ବିହାର ରାଜନୀତିରେ ଉଚ୍ଚବର୍ଗ ଓ ପଛୁଆ ବର୍ଗର ପ୍ରାଧାନ୍ୟ ରହୁଥିବାରୁ ସମସ୍ତେ ନିଜ ବର୍ଗର ମୁଖ୍ୟମନ୍ତ୍ରୀ ପାଇଁ ସ୍ୱପ୍ନ ଦେଖିଥା'ନ୍ତି। ସେହି ଅନୁଯାୟୀ ବିହାର ରାଜନୈତିକ କ୍ଷମତା ପରିଚାଳିତ ହୋଇଥାଏ। ଅନ୍ୟାନ୍ୟ ବର୍ଗର ସଂଖ୍ୟା ସୀମିତ ଯୋଗୁଁ ସେହି ବର୍ଗର ମୁଖ୍ୟମନ୍ତ୍ରୀ ବେଶି ଦିନ କ୍ଷମତା ଉପଭୋଗ କରିପାରି ନାହାନ୍ତି। ବିହାର ରାଜନୀତିରେ ପଛୁଆ ବର୍ଗର ଉତ୍ଥାନ ସହ ଉଚ୍ଚ ବର୍ଗର ପ୍ରାଧାନ୍ୟ ହ୍ରାସ ପାଇଲା। ଉଚ୍ଚବର୍ଗ ସର୍ବଦା କଂଗ୍ରେସ ସପକ୍ଷରେ ରହିଆସିଥିଲେ। ଏହି ବର୍ଗଟି ଆରଜେଡି ପରି ପଛୁଆ ବର୍ଗ ବିରୋଧୀ। ଯେତେବେଳେ ରାଜ୍ୟରେ କଂଗ୍ରେସର ଅଧୋଗତି ଦେଖାଦେଲା ସେହି ସମୟରେ ଏହି ବର୍ଗର କିଛି ଭୋଟ ବିଜେପି ନିକଟକୁ ଗଲା। ତେବେ ସଂଖ୍ୟାଗରିଷ୍ଠ ଭୋଟ ଝୁଲା ଅବସ୍ଥାରେ ରହିଆସିଛି। ଚଳିତ ଥର ଏହି ବର୍ଗରୁ ପ୍ରଶାନ୍ତ କିଶୋରଙ୍କ 'ଜନ ସୁରାଜ ଦଳ' ପ୍ରଥମ ଥର ପାଇଁ ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତା କରୁଛି। ପ୍ରଶାନ୍ତ ନିର୍ବାଚନ ଗଣକ ଭାବେ ଦେଶରେ ପରିଚିତ। ନିର୍ବାଚନ କଳାକୌଶଳ ସଂପର୍କରେ ସେ ଅବଗତ। ସେ ବ୍ରାହ୍ମଣ ସଂପ୍ରଦାୟର। ଏଣୁ ଏଥର ଉଚ୍ଚବର୍ଗ ଭୋଟ 'ଜନ ସୁରାଜ ଦଳ' ସପକ୍ଷରେ କିଭଳି ଭାବେ ଯାଉଛି ତାହା ଦେଖିବାର କଥା।

ପଛୁଆ ବର୍ଗ, ଉଚ୍ଚବର୍ଗଙ୍କ ପରେ ବିହାରରେ ରାଜନୀତିରେ ଶକ୍ତିଶାଳୀ ଜନଜାତି ବର୍ଗଟି ହେଉଛି ପାଶୱାନ ସଂପ୍ରଦାୟ। ଏହି ସଂପ୍ରଦାୟ ରାମବିଳାଶ ପାଶୱାନ ଏବଂ ତାଙ୍କ ଦଳ 'ଲୋକ ଜନଶକ୍ତି ପାର୍ଟି'ର ଦୃଢ଼ ସମର୍ଥକ। ଏବେ ଏହି ଦଳର ନେତୃତ୍ୱ ନେଉଛନ୍ତି ରାମବିଳାଶଙ୍କ ପୁତ୍ର ଚିରାଗ ପାଶୱାନ। ବିହାରର ନିର୍ବାଚନ ଗଣିତ ଗୋଳମାଳ କରିବାରେ ଏହି ଦଳର ଯଥେଷ୍ଟ ଶକ୍ତି ରହିଛି। ଗତ ନିର୍ବାଚନରେ ରାଜ୍ୟରେ 'ଲୋକ ଜନଶକ୍ତି ପାର୍ଟି' ଏକାକୀ ନିର୍ବାଚନ ଲଢ଼ିବାରୁ ଜେଡି(ୟୁ) କ୍ଷତିଗ୍ରସ୍ତ ହୋଇଥିଲା। ପ୍ରାୟ ୭୫ଟି ଆସନରେ ଏଲଜେପି ପ୍ରତିଦ୍ୱନ୍ଦ୍ୱିତା କରିଥିଲେ ମଧ୍ୟ ଗୋଟିଏ ବି ଆସନ ପାଇପାରି ନ ଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଲୋକସଭା ନିର୍ବାଚନରେ ଏଲଜେପି ୫ଟି ଆସନରେ ଲଢ଼ି ସମସ୍ତ ଆସନରେ ବିଜୟୀ ହୋଇଥିଲା। ଏହି କାରଣରୁ ଚଳିତ ବିହାର ବିଧାନସଭା ନିର୍ବାଚନରେ ଏଲଜେପିକୁ ୨୯ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା ପାଇଁ ସୁଯୋଗ ମିଳିଛି। ତେବେ ଲୋକସଭାର ମତଦାନ ଧାରା ବିଧାନସଭା ନିର୍ବାଚନରେ ଯେ ପ୍ରତିଫଳିତ ହେବ ତାହା କୁହାଯାଇନପାରେ। ଲୋକସଭା ନିର୍ବାଚନରେ ଜାତୀୟ ପ୍ରସଙ୍ଗ ଉତ୍ଥାପିତ ହେଉଥିବା ବେଳେ ବିଧାନସଭା ନିର୍ବାଚନରେ ରାଜ୍ୟ ପ୍ରସଙ୍ଗ ଉଠିଥାଏ।


ବିହାର ନିର୍ବାଚନ ପାଇଁ ବିଭିନ୍ନ ରାଜନୈତିକ ଦଳ ଯେଉଁ ଆସନ ଭାଗବଣ୍ଟା କରିଛନ୍ତି ସେଥିରେ ଜାତି ପ୍ରମୁଖ୍ୟ ଆଧାର ହୋଇଥିବା ପରିଲକ୍ଷିତ ହେଉଛି। ବିଭିନ୍ନ ସଂପ୍ରଦାୟର ଭୋଟରଙ୍କୁ ମେଣ୍ଟ ସପକ୍ଷରେ ଆକୃଷ୍ଟ କରି କ୍ଷମତା ଦଖଲ କରିବା ନିମନ୍ତେ ରାଜନୈତିକ ଦଳ ଉଦ୍ୟମ କରିଛନ୍ତି। ତେବେ ସରକାର ଗଠନରେ କେଉଁ ସଂପ୍ରଦାୟ ନେତା ପ୍ରମୁଖ ଭୂମିକା ଗ୍ରହଣ କରିବ ତାହା ନିର୍ବାଚନ ଫଳାଫଳ ଘୋଷଣା ପରେ ହିଁ ଜଣାପଡ଼ିବ।

(ବରିଷ୍ଠ ସାମ୍ବାଦିକ)

କଟକ, ମୋ: ୯୪୩୭୨୨୯୨୩୩

# ସମ୍ପାଦକୀୟର ଗୁରୁତ୍ୱ

**ଅଧ୍ୟାପକ ରାଜେଶ୍ ରାୟ**



'ସମ୍ପାଦକୀୟ'ର ଗୁରୁତ୍ୱ କେତେ? ଖବରକାଗଜର ଜଣେ ନିୟମିତ ପାଠକ ଭାବେ ମତେ ଏହି ପ୍ରଶ୍ନ ବେଳେବେଳେ ଦ୍ୱନ୍ଦ୍ୱରେ ପକାଏ। ପ୍ରତିଦିନ ସକାଳୁ ଛୁଟି ଆସୁଥିବା ରଙ୍ଗବେରଙ୍ଗର ଖବରକାଗଜରେ ବିଭିନ୍ନ ଖବର ସହ ବିଜ୍ଞାପନ, ଜରୁରୀ ସୂଚନା ଓ ତଥ୍ୟ ସାଙ୍ଗ ହୋଇ ଆସନ୍ତି। କିନ୍ତୁ ସବୁଠୁ ସ୍ୱତନ୍ତ୍ର ପରିଚୟ ବହନ କରେ 'ସମ୍ପାଦକୀୟ'।

ପ୍ରାୟତଃ ଅଧିକାଂଶ ଖବରକାଗଜର ମଝି ଭାଗରେ 'ସମ୍ପାଦକୀୟ' ଶୋଭାପାଏ। ଏହାକୁ ଖବରକାଗଜର ମେରୁଦଣ୍ଡ ବା ମୁଖ୍ୟ ଅଙ୍ଗ ବୋଲି ବିଚାର କଲେ କିଛି ଭୁଲ ହେବନି। ଆଉ କିଛି ବୁଦ୍ଧିଜୀବୀ 'ସମ୍ପାଦକୀୟ'କୁ ଖବରକାଗଜର ଦର୍ପଣ ଭାବେ ତୁଳନା କରିଥା'ନ୍ତି। କାରଣ କୌଣସି ନିର୍ଦ୍ଦିଷ୍ଟ ପ୍ରସଙ୍ଗ, ସାମଗ୍ରିକ ଘଟଣାବଳୀ, ଦେଶର ଚିତ୍ର ଓ ଚରିତ୍ର ସମ୍ପର୍କରେ ଖବରକାଗଜ ପ୍ରକାଶନ କରୁଥିବା ସଂସ୍ଥାର ମତ ଓ ଦୃଷ୍ଟିକୋଣ 'ସମ୍ପାଦକୀୟ'ରେ ପ୍ରତିଫଳିତ ହୋଇଥାଏ। ବସ୍ତୁତଃ 'ସମ୍ପାଦକୀୟ' ଜରିଆରେ ଖବରକାଗଜ, ପତ୍ରପତ୍ରିକାର ସମ୍ପାଦକ ତାଙ୍କର ସନ୍ଦେଶ, ମତ ଓ ବିଚାର ଜନସାଧାରଣଙ୍କୁ ଦେଇଥା'ନ୍ତି। ତେଣୁ ଅନେକ ସମୟରେ 'ସମ୍ପାଦକୀୟ' ଗତାନୁଗତିକ ଧାରା ପରିବର୍ତ୍ତନ କରିପାରେ।

ଏହାଛଡ଼ା 'ସମ୍ପାଦକୀୟ' ପୃଷ୍ଠାର କୋଳରେ ପ୍ରତିଦିନ ବିଭିନ୍ନ ପ୍ରସଙ୍ଗକୁ ନେଇ ଗଢ଼ି ଉଠିଥିବା ପ୍ରବନ୍ଧମାନ ପ୍ରକାଶ ପାଏ, ଯେଉଁଥିରେ ଆଞ୍ଚଳିକ ପ୍ରସଙ୍ଗରୁ ଆରମ୍ଭ କରି ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଘଟୁଥିବା ସାଂପ୍ରତିକ ଘଟଣାବଳୀ, ବିଶେଷ ଦିବସ, ଧାରା ଓ ସୂଚନାଧର୍ମୀ ବିଷୟ କୋଳମଣ୍ଡନ କରେ। ମୋ ମତରେ 'ସମ୍ପାଦକୀୟ' ହେଉଛି ଜ୍ଞାନର ଏକ ଅସରନ୍ତି ଭଣ୍ଡାର। ଯେଉଁ ଲେଖକମାନେ 'ସମ୍ପାଦକୀୟ' ପୃଷ୍ଠାରେ ଲେଖା ଦିଅନ୍ତି ସେମାନେ ବିଭିନ୍ନ ଗବେଷଣା, ପରୀକ୍ଷା ନିରୀକ୍ଷା ଏବଂ ନିଷ୍ଠାର ସହ ସାଧନା କରି ନିଜର ମତକୁ ଉପସ୍ଥାପନ କରନ୍ତି। କୁହାଯାଏ ଗୋଟିଏ ସପ୍ତାହର ଖବରର ସାରାଂଶ 'ସମ୍ପାଦକୀୟ' ପୃଷ୍ଠା ପଢ଼ିଲେ ଜାଣି ହୁଏ।

ବର୍ତ୍ତମାନ ପରିସ୍ଥିତିରେ ଯଦି ପ୍ରଶ୍ନ କରାଯାଏ 'ସମ୍ପାଦକୀୟର ଗୁରୁତ୍ୱ କେତେ?', ଯେଉଁ ଉଦ୍ଦେଶ୍ୟରେ ଏହା ଜନ୍ମ ନେଇଛି ତାହା କେତେଦୂର ପୂରଣ ହେଉଛି?' ଇତ୍ୟାଦି, ତେବେ ଏହାର ଉତ୍ତର ଏକ ନିର୍ଦ୍ଦିଷ୍ଟ ସୀମା ଭିତରେ ବନ୍ଦୀ ହୋଇଯିବ। ଆଜିକାଲି କେତେଜଣ ପାଠକ ନିୟମିତ ମନଧ୍ୟାନ ଦେଇ ଖବରକାଗଜର 'ସମ୍ପାଦକୀୟ'କୁ ପଢ଼ୁଛନ୍ତି? ଦେଶର କର୍ଣ୍ଣଧାର କୁହାଯାଉଥିବା ଯୁବପିଢ଼ି ଏଥିପ୍ରତି କେତେ ଆକୃଷ୍ଟ? ଏହି ପ୍ରଶ୍ନ କେବେ ଆପଣ ଭାବିଛନ୍ତି କି? ବାସ୍ତବତା ହେଉଛି ବର୍ତ୍ତମାନ ଖବରକାଗଜର ଛାପା ସଂଖ୍ୟା ପୂର୍ବ ଅପେକ୍ଷା ଢେର୍ କମି ଯାଇଛି। କାରଣ ଏହି ଡିଜିଟାଲ ଯୁଗରେ ଆମେ ମୋବାଇଲ୍ ଫୋନରେ ଅତି ସହଜରେ ଖବରକାଗଜଗୁଡ଼ିକ ପାଇପାରୁଛୁ। ପଢ଼ିବାକୁ ମଧ୍ୟ ଆମ ପାଖେ ସେତିକି ଧୈର୍ଯ୍ୟ ନାହିଁ। ଖାଲି ମୁଖ୍ୟଖବରର ଶୀର୍ଷକ ଉପରେ ନଜର ପକାଇଦେଲେ ହେଇଗଲା।

ଏହି ପରିପ୍ରେକ୍ଷୀରେ 'ସମ୍ପାଦକୀୟ'ର କଥା ବିଚାରକୁ ନେଲେ ଆମେ ଦେଖିପାରିବା ଯେ କିଛି ହାତଗଣତି ପାଠକଙ୍କ ଗହଣରେ ଏହା ନିଜର ପରିଚୟକୁ ତଥାପି ଅକ୍ଷୁର୍ଣ୍ଣ ରଖିପାରିଛି। ଆନ୍ତରିକ ଧନ୍ୟବାଦ ଦେବି ସେହି ଲେଖକମାନଙ୍କୁ, ଯେଉଁମାନେ ନିରବଚ୍ଛିନ୍ନ ଭାବେ ନିଜର ଦାୟିତ୍ୱକୁ ନିର୍ବାହ କରି ଚାଲିଛନ୍ତି। 'ସମ୍ପାଦକୀୟ' ପୃଷ୍ଠାକୁ ସଜାଉଥିବା ଖବରକାଗଜର ସମ୍ପାଦନା ମଣ୍ଡଳୀଙ୍କ ଉଦ୍ୟମ ବଳରେ ଆଜି ତାହା ବଞ୍ଚି ରହିଛି। କିନ୍ତୁ ବର୍ତ୍ତମାନର ଯୁବପିଢ଼ିଙ୍କୁ ଏହାର ଗୁରୁତ୍ୱକୁ ବୁଝାଇବା ଅବଶ୍ୟ ଜରୁରୀ। ବିଦ୍ୟାର୍ଥୀମାନେ ଯଦି ଏଥିପ୍ରତି ମନ ବଳାନ୍ତେ ତେବେ ସମାଜରେ ଏକ ବିଶାଳ ପରିବର୍ତ୍ତନ ଅବଶ୍ୟ ହୋଇପାରନ୍ତା। ଜାତୀୟସ୍ତରୀୟ ପରୀକ୍ଷା ଯଥା ଭାରତୀୟ ପ୍ରଶାସନିକ ସେବା ନିମନ୍ତେ ପ୍ରସ୍ତୁତି କରୁଥିବା ପିଲାମାନେ 'ସମ୍ପାଦକୀୟ'ରୁ ଅନେକାଂଶରେ ଲାଭାନ୍ୱିତ ହେଉଛନ୍ତି।

କିଛିଦିନ ପୂର୍ବେ ମୁଁ ଶ୍ରେଣୀରେ ପାଠ ପଢ଼ାଉଥିବା ପିଲାମାନଙ୍କୁ ଖବରକାଗଜ ଓ 'ସମ୍ପାଦକୀୟ' ପଢ଼ିବା ବିଷୟରେ ପଚାରିଲି। କିନ୍ତୁ ଅନେକ ପିଲା ମତେ ପଚାରିଲେ ଯେ 'ସମ୍ପାଦକୀୟ' କ'ଣ? ସେଥିରେ କ'ଣ ବାହାରେ? ଏଥିରୁ ଆପଣ ବୁଝି ପାରୁଥିବେ ଯେ ବର୍ତ୍ତମାନର ପିଲା ଏ ବିଷୟରେ କେତେ ସଚେତନ! ତେଣୁ ସମୟ ଆସିଛି ଖବରକାଗଜରେ 'ସମ୍ପାଦକୀୟ'ର ସ୍ଥାନକୁ ଆହୁରି ମଜବୁତ୍ କରିବା ପାଇଁ ଏବଂ ଖବରକାଗଜର ପାଠକଙ୍କ ସଂଖ୍ୟାକୁ ବୃଦ୍ଧି କରି ଏକ ନୂଆ ବିପ୍ଳବ ଆଣିବାର ପଥକୁ ଉନ୍ମୁକ୍ତ କରିବା ପାଇଁ। ଖବରକାଗଜର ନିର୍ମାତାମାନଙ୍କୁ ବିଶେଷ ଅନୁରୋଧ ସେମାନେ ଏହି ପ୍ରସଙ୍ଗଟି ଉପରେ ଧ୍ୟାନ ଦିଅନ୍ତୁ ଏବଂ 'ସମ୍ପାଦକୀୟ'ର ଲୋକପ୍ରିୟତାକୁ ବିସ୍ତାର କରନ୍ତୁ।

(ବିଦ୍ୱାନ୍ ମହାବିଦ୍ୟାଳୟ)

ଜୟପୁର, ମୋ: ୬୩୭୧୫୫୫୯୪୦

# ହରିଦାସ ସମାଧି ମଠ

**ଲୋକକଥାରେ ଲୋକଦେବତା**

**ସ୍ୱପ୍ନେଶ୍ୱର**

ପ୍ରେମାବତାର ଶ୍ରୀଚୈତନ୍ୟ ଦେବ ନଦିଆ ନବଦ୍ୱୀପରୁ ଆସି ଶ୍ରୀକ୍ଷେତ୍ରରେ ଅବସ୍ଥାନ କରିବା ସମୟରେ ତାଙ୍କ ସାଙ୍ଗରେ ଆସିଥିବା ଶିଷ୍ୟଶ୍ରେଷ୍ଠ ହରିଦାସଙ୍କୁ ରଖିବା ପାଇଁ ପୁରୀର କୌଣସି ଘର ମାଲିକ ରାଜି ନ ହେବାରୁ ସେ କିଭଳି ଖରା ବର୍ଷା ଶୀତ କାକରରେ ଦିନରାତି ଖୋଲା ଆକାଶ ତଳେ ନୀଳଚକ୍ରକୁ ଚାହିଁ ଚାହିଁ ଦୈନିକ ତିନି ଲକ୍ଷ ଜଗନ୍ନାଥ ନାମ କୀର୍ତ୍ତନ କରି ଜୀବନ ଅତିବାହିତ କରିବାକୁ ଲାଗିଲେ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର ମହିମାରୁ କିଭଳି ଚୈତନ୍ୟ ମହାପ୍ରଭୁ ସେଦିନ ରୋପଣ କରିଥିବା ମହାପ୍ରଭୁଙ୍କର ଦନ୍ତମଞ୍ଜନରେ ବ୍ୟବହୃତ ବଉଳ ଦାନ୍ତକାଠିଟି ତତ୍‌କ୍ଷଣାତ ମହାଦ୍ରୁମରେ ପରିଣତ ହୋଇ ହରିଦାସଙ୍କୁ ଆଶ୍ରୟ ଦେଲା ଏବଂ କାଳକ୍ରମେ ସେଠାରେ କିଭଳି ସେହି ମହାଦ୍ରୁମ ନାମରେ ସିଦ୍ଧବକୁଳ ମଠ ଗଢ଼ି ଉଠିଲା ତାହା ଆମେ ପୂର୍ବରୁ ଏହି ସ୍ତମ୍ଭରେ ଆଲୋଚନା କରିଛେ।

ଦିନେ ହରିଦାସ ତାଙ୍କର ଅନ୍ତର୍ମନରେ ଜାଣିବାକୁ ପାଇଲେ ଯେ ଗୁରୁ ଶ୍ରୀଚୈତନ୍ୟ ଦେବ ଇହଲୀଳା ସମ୍ବରଣ କରିବା ପାଇଁ ନିଷ୍ପତ୍ତି ନେଇସାରିଛନ୍ତି। ଗୁରୁଙ୍କ ଅବର୍ତ୍ତମାନରେ ବଞ୍ଚିବା ତାଙ୍କ ପକ୍ଷେ ସମ୍ଭବ ନ ଥିଲା। ତେଣୁ ଗୁରୁଙ୍କ ପୂର୍ବରୁ ଦେହ ତ୍ୟାଗ କରିବା ପାଇଁ ସେ ସଙ୍କଳ୍ପ ନେଲେ। ସେଦିନ ହରିଦାସ ସ୍ୱାଭାବିକ ଭାବେ ଶିଷ୍ୟମାନଙ୍କ ସହ ନାମ କୀର୍ତ୍ତନ କରୁଥିଲେ। ହଠାତ୍ ହରିଦାସଙ୍କ କଣ୍ଠ ଧୀର ହୋଇ ନୀରବୀ ଗଲା। ତାଙ୍କ ଶରୀରରୁ ଏକ ଆଲୋକବର୍ତ୍ତିକା ନିର୍ଗତ ହୋଇ ମହାଶୂନ୍ୟରେ ମିଶିଗଲା। ତା'ପରେ ତାଙ୍କର ପ୍ରାଣହୀନ ଶରୀର ଢଳି ପଡ଼ିଲା। ଶ୍ରୀଚୈତନ୍ୟ ହରିଦାସଙ୍କ ମର ଶରୀରକୁ କାନ୍ଧରେ ଧରି ଉଦ୍ଦଣ୍ଡ କୀର୍ତ୍ତନ କରିବାକୁ ଲାଗିଲେ। ଶିଷ୍ୟମାନେ ମଧ୍ୟ ଉଦ୍ଦଣ୍ଡ କୀର୍ତ୍ତନ କଲେ। ସମସ୍ତେ ନାଚି ନାଚି ଯାଇ ସମୁଦ୍ର କୂଳରେ ପହଞ୍ଚିଲେ। ଚୈତନ୍ୟ ହରିଦାସଙ୍କ ମରଶରୀରକୁ ସମୁଦ୍ରରେ ସ୍ନାନ କରାଇ ସମାଧି ଯାଗାକୁ କୀର୍ତ୍ତନ କରି କରି ପହଞ୍ଚିଲେ। ସେଠାରେ ନିଜେ ହରିଦାସଙ୍କୁ ସମାଧି ଦେଲେ। ଏ ସମସ୍ତ କାମ ଚାଲି ଥିବାବେଳେ ଶିଷ୍ୟମାନେ ଉଦ୍ଦଣ୍ଡ କୀର୍ତ୍ତନ କରି ଚାଲିଥିଲେ।

କେତେକ ଶିଷ୍ୟ ହରିଦାସଙ୍କୁ ଏତେ ଭକ୍ତି କରୁଥିଲେ ଯେ ସେମାନଙ୍କ ଭିତରୁ କେତେକ ସମାଧି ପୀଠରେ ରହିବାକୁ ଲାଗିଲେ। କ୍ରମଶଃ ସେଠାରେ ଏକ ମଠ ଗଢ଼ି ଉଠିଲା ଏବଂ ସେ ମଠର ନାମ 'ହରିଦାସ ସମାଧି ମଠ' ରଖାଗଲା। କିଛିବର୍ଷ ପରେ ସେ ମଠର ମହନ୍ତ ଦିନେ ସମୁଦ୍ରରେ ସ୍ନାନ କରୁଥିବା ବେଳେ କଳାମୁଗୁନି ପଥରରେ ନିର୍ମିତ ଏକ ଦିବ୍ୟ ଗରୁଡ଼ ବିଗ୍ରହ ପାଇଲେ। ସେ ବିଗ୍ରହକୁ ଆଣି ମଠରେ ସ୍ଥାପନା କରି ପୂଜାର୍ଚ୍ଚନା ଆରମ୍ଭ କଲେ। ପନ୍ଦର ଦିନ ପରେ ମହନ୍ତ ଓ ଶିଷ୍ୟମାନେ ସମୁଦ୍ରରେ ସ୍ନାନ କରୁଥିବା ବେଳେ ପାଟକନାରେ ବନ୍ଧା ହୋଇଥିବା ଏକ ପୁଟୁଳି ତାଙ୍କ ଆଡ଼କୁ ଭାସି ଆସିଲା। ସେ ପୁଟୁଳି ଭିତରେ ଥିଲେ ତିନୋଟି ସୁନ୍ଦର ଦାରୁ ବିଗ୍ରହ- ଜଗନ୍ନାଥ, ବଳଭଦ୍ର ଓ ସୁଦର୍ଶନ। ମହନ୍ତ ମହାରାଜ ମୂର୍ତ୍ତିମାନଙ୍କୁ ମଠରେ ସ୍ଥାପନା କରି ଆରାଧନା କରିବା ପାଇଁ ନିଷ୍ପତ୍ତି ନେଲେ। କିନ୍ତୁ ମାଆ ସୁଭଦ୍ରା ନ ଥିବାରୁ ଚତୁର୍ଦ୍ଧା ବିଗ୍ରହ ଅସଂପୂର୍ଣ୍ଣ ଥିଲେ। ତେଣୁ ମହନ୍ତ ମହାରାଜ ମାଆ ସୁଭଦ୍ରାଙ୍କୁ ମଠରେ ବିଜେ କରିବା ପାଇଁ ପ୍ରାର୍ଥନା କଲେ। ତା' ପର ଦିନ ସେ ସମୁଦ୍ରରେ ସ୍ନାନ ପରେ ଅର୍ଘ୍ୟ ଦେବା ପାଇଁ ଆଞ୍ଜୁଳାଏ ପାଣି ଉଠେଇ ଆଣିବା ବେଳକୁ ତାଙ୍କ ହାତରେ ମାଆ ସୁଭଦ୍ରାଙ୍କର ଏକ ଦିବ୍ୟ ସୁନ୍ଦର ବିଗ୍ରହ ଆବିର୍ଭାବ ହେଲେ। ସେ ମହାଆନନ୍ଦରେ ତାଙ୍କୁ ମଠକୁ ନେଇ ମହା ସମାରୋହରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପ୍ରତିଷ୍ଠା କରି ପୂଜାର୍ଚ୍ଚନା ଆରମ୍ଭ କଲେ।

କଥାଟା ଶ୍ରୀଜଗନ୍ନାଥଙ୍କ ଭକ୍ତ ମହଲରେ ପ୍ରଚାରିତ ହେଲା ଯେ ମହାପ୍ରଭୁମାନେ ସ୍ୱଇଚ୍ଛା କରି ହରିଦାସ ସମାଧି ମଠରେ ବିରାଜମାନ କରିଛନ୍ତି। ତା' ପରେ ସେ ମଠର ପ୍ରତିଷ୍ଠା ଅନେକ ଗୁଣରେ ବଢ଼ିଗଲା। ତେଣୁ ଶ୍ରୀକ୍ଷେତ୍ରକୁ ଆସୁଥିବା ଭକ୍ତମାନେ, ନିର୍ଦ୍ଦିଷ୍ଟ ଭାବରେ ବଙ୍ଗପ୍ରଦେଶର ଭକ୍ତମାନେ, ଏହି ମଠ ପରିଦର୍ଶନ କରି ମହାନ ସନ୍ଥ ହରିଦାସଙ୍କ ସମାଧିରେ ଭକ୍ତି ନିବେଦନ କରୁଛନ୍ତି। ଷୋଡ଼ଶ ଶତାବ୍ଦୀରୁ ଆଜି ପର୍ଯ୍ୟନ୍ତ ଏହି ମଠରେ ଅଖଣ୍ଡ ନାମ କୀର୍ତ୍ତନ ଏବଂ ଦିନରେ ଦୁଇଥର ହରିଦାସଙ୍କ ସମାଧି ନିକଟରେ ଶିଷ୍ୟମାନେ ଉଦ୍ଦଣ୍ଡ କୀର୍ତ୍ତନ କରିବାର ପରମ୍ପରା ଜାରି ରହିଛି। ଦିନକୁ ଦୁଇଥର ଦରିଦ୍ର ନାରାୟଣଙ୍କୁ ଅନ୍ନ ଦାନ ଦିଆଯାଉଛି। ସାରା ଭାରତରେ ହରିଦାସ ସମାଧି ମଠ ଏକ ମାତ୍ର ଅନୁଷ୍ଠାନ, ଯେଉଁଠାରେ ଏକ ଯବନର ସମାଧିକୁ ବୈଷ୍ଣବମାନେ ହିନ୍ଦୁ ପରମ୍ପରାରେ ପୂଜାର୍ଚ୍ଚନା କରୁଛନ୍ତି।

ମୋ: ୯୯୦୦୦୮୩୪୩୩

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଓଡ଼ିଶାରେ 'ମୋନ୍ଥା'...

ପାଣିପାଗ ବିଭାଗ ପକ୍ଷରୁ ଆସନ୍ତାକାଲି ପର୍ଯ୍ୟନ୍ତ ରେଡ୍ ଆଲର୍ଟ ଜାରି ହୋଇଛି । ତେଲେଙ୍ଗାନାରେ ମୋନ୍ଥାର ପ୍ରଭାବ ଅଧିକ ରହିଛି ଏବଂ ବିଶେଷକରି ପୂର୍ବ ଏବଂ ଉତ୍ତର ତେଲେଙ୍ଗାନା ଜିଲ୍ଲାଗୁଡ଼ିକରେ ବୁଧବାର ମୂଷଳଧାରାରେ ବର୍ଷା ହେବାର ସମ୍ଭାବନା ଅଛି । ମଙ୍ଗଳବାର ଭୂପାଲପାଲି, ମୁଲୁଗୁ, କୋଠାଗୁଡେମ ଏବଂ ମହାବୁବାବାଦ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଛି । ଆସନ୍ତାକାଲି କୋମୁରାମ୍ଭୀମ, ମଞ୍ଚିରିଆଲ, ପେଡ୍ଡାପାଲି, ଖମ୍ମମ ଏବଂ ୱାରାଙ୍ଗଲ ଜିଲ୍ଲାରେ ବର୍ଷା ପାଇଁ ଚେତାବନୀ ଜାରି ହୋଇଛି । କାକିନାଡା ଜିଲ୍ଲାରେ ଘୂର୍ଣ୍ଣିବାତ୍ୟା ମୋନ୍ଥାର ପ୍ରଭାବ ଅଧିକ ରହିଛି ଏବଂ ଏଥିପାଇଁ ସ୍କୁଲକୁ ୫ ଦିନ ପାଇଁ ଛୁଟି ଘୋଷଣା କରାଯାଇଛି । ଅନୁରୂପ ଭାବରେ କୃଷ୍ଣା, ବାପତଲା, ପୂର୍ବ ଗୋଦାବରୀ, ଏଲୁରୁ, ପାଲନାଡୁ, ଅନ୍ନମାୟା ଏବଂ କଡପା ଜିଲ୍ଲା ଭଳି ଅନ୍ୟ ଜିଲ୍ଲାଗୁଡ଼ିକରେ ମଧ୍ୟ ଗୋଟିଏରୁ ତିନି ଦିନ ପାଇଁ ସ୍କୁଲକୁ ଛୁଟି ଘୋଷଣା କରାଯାଇଛି । ମତ୍ସ୍ୟଜୀବୀଙ୍କୁ ମାଛ ଧରିବାକୁ ନଯିବାକୁ ସତର୍କ କରାଯାଇଛି । ଆଗାମୀ ୨୪ ଘଣ୍ଟା ମଧ୍ୟରେ ଆନ୍ତଃ ପ୍ରଦେଶରେ ବନ୍ୟା ହେବାର ସମ୍ଭାବନା ଅଛି । ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି । ଉତ୍ତର ଆନ୍ଧ୍ରର ବିଜୟନଗରମ୍, ବିଶାଖାପାଟନମ୍ ଏବଂ ଅନକାପାଲି ଜିଲ୍ଲା ସହିତ ପ୍ରକାଶମ୍, ନେଲୋର ଏବଂ ରାୟଲସୀମା ଜିଲ୍ଲା ଯେପରିକି ତିରୁପତି, ଚିତ୍ତୁର, ରାୟଚୋଟି, କଡପା, କୁର୍ଣ୍ଣୁଲ୍, ନନ୍ଦୟାଲ୍ ଏବଂ ଅନନ୍ତପୁର ପାଇଁ ମଧ୍ୟ ବନ୍ୟା ସତର୍କତା ଜାରି କରାଯାଇଛି ।

ଅନ୍ୟପଟେ ବାତ୍ୟା ପ୍ରଭାବରେ ସୋମବାର ଅପରାହ୍ନରୁ ଦକ୍ଷିଣ ଓଡ଼ିଶାରେ ବର୍ଷା ହୋଇଛି । ମଙ୍ଗଳବାର ଦିନ ତମାମ ରାଜ୍ୟର ଅଧିକାଂଶ ସ୍ଥାନରେ ମେଘୁଆ ପାଗ ସହ ବର୍ଷା ଅନୁଭୂତ ହୋଇଛି । ସନ୍ଧ୍ୟା ସାଢ଼େ ୫ଟା ସୁଦ୍ଧା ଚାନ୍ଦବାଲିରେ ୫୧.୭ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ଦାରିଙ୍ଗବାଡ଼ିରେ ୫୧ ମିମି, ଯାଜପୁରରେ ୪୨, ଭଦ୍ରକ ୩୭, କୋରାପୁଟ ୩୬, ପରାଳାଖେମୁଣ୍ଡି ୩୪.୪, ନୟାଗଡ଼ ୨୧, ସମ୍ବଲପୁର ୨୦, ପାରାଦୀପ ୨୦, ଭୁବନେଶ୍ୱର ୧୭, ବାରିପଦା ୧୬, ଖୋର୍ଦ୍ଧା ୧୫, କଟକ ୧୩ ଓ କେନ୍ଦୁଝରରେ ୧୧ ମିମି ବର୍ଷା ରେକର୍ଡ କରାଯାଇଛି ।

ଆସନ୍ତାକାଲି ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ଓ ସ୍ଥାନେ ସ୍ଥାନେ ଅତ୍ୟନ୍ତ ପ୍ରବଳ ବର୍ଷା ଆଶଙ୍କାରେ ପାଣିପାଗ କେନ୍ଦ୍ର ରେଡ୍ ଆଲର୍ଟ ଜାରି କରିଛି । ଏହି ଜିଲ୍ଲାଗୁଡ଼ିକରେ ପ୍ରବଳ ବର୍ଷା ଆଶଙ୍କା ରହିଛି । ସେହିପରି ନୂଆପଡା, ବଲାଙ୍ଗିର, କନ୍ଧମାଳ, ଗଜପତି ଜିଲ୍ଲାର ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇପାରେ । ଅନ୍ୟପକ୍ଷରେ ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, ନୟାଗଡ଼, ଗଞ୍ଜାମ, କଟକ, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱ, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ବୌଦ୍ଧ, ସମ୍ବଲପୁର, ସୋନପୁର ଓ ବରଗଡ଼ ଜିଲ୍ଲାରେ ପ୍ରବଳ ବର୍ଷା ନେଇ ୟେଲୋ ଆଲର୍ଟ ଜାରି ହୋଇଛି ।

ସୋଆ ଜଳବାୟୁ କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ ବାତ୍ୟା 'ମୋନ୍ଥା' ଓଡ଼ିଶାର ମାଲକାନଗିରି, କୋରାପୁଟ ଏବଂ ନବରଙ୍ଗପୁର ଜିଲ୍ଲା ଦେଇ ଆଗକୁ ଯିବ । ଏହି ସମୟରେ ପବନର ବେଗ ଘଣ୍ଟା ପ୍ରତି ୪୦-୫୦ କିମି ରହିବ । ଏହାର ପ୍ରଭାବରେ ମଙ୍ଗଳବାର ରାତି ଏବଂ ବୁଧବାର ସକାଳେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ଗଜପତି, କଳାହାଣ୍ଡି ଏବଂ କନ୍ଧମାଳ ଆଦି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ । ଅନୁରୂପ ଭାବରେ ଉପକୂଳବର୍ତ୍ତୀ ଜିଲ୍ଲାଗୁଡିକରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହେବା ନେଇ କେନ୍ଦ୍ର କହିଛି । ଅନ୍ୟପଟେ ବାତ୍ୟା ଯୋଗୁଁ ବର୍ତ୍ତମାନ ସମୁଦ୍ର ଅଶାନ୍ତ ରହିଛି । ତେଣୁ ମତ୍ସ୍ୟଜୀବୀମାନଙ୍କ ୩୦ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଉପକୂଳ ଏବଂ ୨୯ ତାରିଖ ପର୍ଯ୍ୟନ୍ତ ଦକ୍ଷିଣ-ପଶ୍ଚିମ, କେନ୍ଦ୍ରୀୟ ବଙ୍ଗୋପସାଗର ସଂଲଗ୍ନ ଅଞ୍ଚଳକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି । ସେହିପରି ବାତ୍ୟା ଦୃଷ୍ଟିରୁ ଗୋପାଳପୁର ବନ୍ଦର ପାଇଁ ୩ ନଂ ବିପଦ ସଙ୍କେତ ଜାରି କରାଯାଇଥିବା ବେଳେ ପାରାଦୀପ, ଧାମରା, ପୁରୀ, ଛତ୍ରପୁର ଏବଂ ଚାନ୍ଦବାଲି ବନ୍ଦର ପାଇଁ ୨ ନଂ ବିପଦ ସଙ୍କେତ ଜାରି କରାଯାଇଛି । ବୁଧବାର ବାତ୍ୟା ଦୁର୍ବଳ ହୋଇ ଅପବାତ ଓ ବିଳମ୍ବିତ ରାତି ସୁଦ୍ଧା ଏକ ସଦୃଶ ଲଘୁଚାପରେ ପରିଣତ ହେବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି ।

### ଶୂନ୍ୟ ଜୀବନହାନି...

ବାତ୍ୟା ପ୍ରଭାବିତ ଅଞ୍ଚଳରୁ ଲୋକଙ୍କ ସ୍ଥାନାନ୍ତରଣ ହେଉଛି ଆମର ଏକ ପ୍ରମୁଖ ରଣନୀତି । ତେଣୁ ଏହି ଦିଗ ଉପରେ ସର୍ବାଧିକ ଗୁରୁତ୍ୱ ଆରୋପ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

ବାତ୍ୟାପରେ ଯେପରି ବିଭିନ୍ନ ଜରୁରୀ ବ୍ୟବସ୍ଥା ତୁରନ୍ତ ପୁନଃକ୍ଷମ କରାଯାଇ ପାରିବ ସେଥିପାଇଁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ରହିବାକୁ ମୁଖ୍ୟମନ୍ତ୍ରୀ ଇଞ୍ଜିନିୟରିଂ ବିଭାଗ ଗୁଡିକରୁ ନିର୍ଦ୍ଦେଶ ଦେଇଛନ୍ତି । ଭାଙ୍ଗିଯାଇଥିବା ଗଛ ଗୁଡିକ ଯୋଗୁ ରାସ୍ତା ଅବରୋଧ ନହୁଏ, ସେଥିପ୍ରତି ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ପଡ଼ିବ । ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ବର୍ତ୍ତମାନ ଫସଲ ଅମଳର ସମୟ । ତେଣୁ, ବାତ୍ୟା ପରେ ପରେ ତୁରନ୍ତ କ୍ଷୟକ୍ଷତିର ଆକଳନ କରି ଚାଷୀ ଭାଇମାନଙ୍କୁ ଆବଶ୍ୟକ ସହାୟତା ପ୍ରଦାନ କରିଯିବା ଉଚିତ । ଆଲୋଚନାରୁ ଜଣାଯାଇଛି ଯେ ଗଞ୍ଜାମ, ଗଜପତି, ରାୟଗଡା, କୋରାପୁଟ, ମାଲକାନଗିରି, କନ୍ଧମାଳ, କଳାହାଣ୍ଡି ଓ ନବରଙ୍ଗପୁର ଆଦି ୮ଟି ଜିଲ୍ଲାରେ ବାତ୍ୟାର ସର୍ବାଧିକ ପ୍ରଭାବ ରହିବ । ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ପାଇଁ ୨୦୪୮ଟି ବାତ୍ୟା-ବନ୍ୟା ଆଶ୍ରୟସ୍ଥଳକୁ ପ୍ରସ୍ତୁତ କରି ରଖାଯାଇଛି । ବର୍ତ୍ତମାନ ସୁଦ୍ଧା ୮ଟି ଜିଲ୍ଲାରେ ୧୧,୩୯୬ ଜଣ ଲୋକଙ୍କୁ ସ୍ଥାନାନ୍ତରିତ କରାଯାଇଛି । ଆବଶ୍ୟକ ହେଲେ ଆହୁରି ୩୦,୫୫୪ ଜଣଙ୍କୁ ସ୍ଥାନାନ୍ତରିତ କରାଯିବ । ୧୮୭୧ ଜଣ ଗର୍ଭବତୀ ମହିଳାଙ୍କୁ ମଧ୍ୟ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଛି ଏବଂ ଆହୁରି ୮୨୨ ଜଣଙ୍କୁ ସ୍ଥାନାନ୍ତରିତ କରାଯିବ । ସମୁଦାୟ ୨୬୯୩ ଜଣ ଗର୍ଭବତୀ ମହିଳାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରିତ କରାଯିବ । ବାତ୍ୟାର ମୁକାବିଲା ପାଇଁ ୩୦ଟି ଓଡ୍ରାଫ, ୫ଟି ଏନ୍‌ଡିଆର୍‌ଏଫ ଏବଂ ୧୨୩ଟି ଅଗ୍ନିଶମ ଦଳକୁ ମୁତୟନ କରାଯାଇଛି । ଆହୁରି ଅଧିକ ଟିମ୍ ଆଲର୍ଟରେ ଅଛନ୍ତି । ଆବଶ୍ୟକ ପଡିଲେ ଏମାନଙ୍କୁ ନିୟୋଜିତ କରାଯିବ । ପ୍ରଭାବିତ ହେବାକୁ ଥିବା ୮ଟି ଜିଲ୍ଲାରେ ସ୍କୁଲ ଓ ଅଙ୍ଗନବାଡି କେନ୍ଦ୍ର ଗୁଡିକୁ ୩୦ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି । ଆବଶ୍ୟକ ହେଲେ ଛୁଟିର ସମୟସୀମା ବଢାଯିବ ।

ନିରବଛିନ୍ନ ବିଦ୍ୟୁତ ସରବରାହ ଓ ପାନୀୟ ଜଳ ଯୋଗାଣ ପାଇଁ ଇଞ୍ଜିନିୟରିଂ ବିଭାଗ ଗୁଡିକ ପ୍ରସ୍ତୁତ ହୋଇଅଛନ୍ତି । ବିକଳ୍ପ ଭାବେ ସମସ୍ତ ଜରୁରୀ ସେବା ସଂସ୍ଥା ଗୁଡିକରେ ଡିଜି ସେଟ୍ ମହଜୁଦ ରଖାଯାଇଛି । ସମସ୍ତ ପ୍ରଭାବିତ ଅଞ୍ଚଳର ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ପର୍ଯ୍ୟାପ୍ତ ପରିମାଣର ସାପକାମୁଡା ଇଞ୍ଜେକ୍‌ସନ୍, ଔଷଧ ଓ ଚିକିତ୍ସା କିଟ୍ ମହଜୁଦ୍ ରଖାଯାଇଛି । ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ସମୁଦ୍ର ଓ ପାହାଡିଆ ଅଞ୍ଚଳରେ ଭ୍ରମଣ ପାଇଁ ପର୍ଯ୍ୟଟକ ମାନଙ୍କୁ ନିଷେଧ କରାଯାଇଛି । ମତ୍ସ୍ୟଜୀବୀ ମାନଙ୍କୁ ମଧ୍ୟ ସମୁଦ୍ର ଭିତରକୁ ନଯିବା ପାଇଁ ସତର୍କ କରାଯାଇଛି ।

ଏହି ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିସନର ଅନୁ ଗର୍ଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂହ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୁଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ ଏବଂ ବିଭିନ୍ନ ବିଭାଗର ପ୍ରମୁଖ ସଚିବ, ସଚିବ ଓ ବରିଷ୍ଠ ଅଧିକାରୀ ମାନେ ଯୋଗଦେଇଥିଲେ । ଜିଲ୍ଲାପାଳ ମାନେ ମଧ୍ୟ ଆଭାସୀ ମାଧ୍ୟମରେ ଉପସ୍ଥିତ ଥିଲେ ।

### ଭୟ କରନ୍ତୁ ନାହିଁ...

ବିଜେଡିର କର୍ମୀ ଓ କର୍ମକର୍ତ୍ତାମାନଙ୍କୁ ନବୀନ ଅନୁରୋଧ କରିଛନ୍ତି ।

ସୂଚନାଯୋଗ୍ୟ ଯେ ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ଏକାଧିକ ବାତ୍ୟାର ସଫଳ ମୁକାବିଲା କରିଥିଲା ଓଡ଼ିଶା । କେବଳ ସଫଳ ମୁକାବିଲା କରିନଥିଲା, ବରଂ ବିପର୍ଯ୍ୟୟ ପରିଚାଳନାରେ ସମଗ୍ର ଦେଶପାଇଁ ଓଡ଼ିଶା ରୋଲ ମଡେଲ ସାଜିଥିଲା । ଏପରିକି ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଉତ୍କର୍ଷ ପାଇଁ ଜାତିସଂଘଠାରୁ ଆରମ୍ଭ କରି ବିଭିନ୍ନ ଅନ୍ତର୍ଜାତୀୟ ସଂସ୍ଥା ଓଡ଼ିଶାକୁ ପ୍ରଶଂସା କରିବା ସହ ସମ୍ମାନ ଦେଇଥିଲେ । ଯାହା ଫଳରେ ୧୯୯୯ ମହାବାତ୍ୟାରେ ସର୍ବାଧିକ କ୍ଷତିଗ୍ରସ୍ତ ଓଡ଼ିଶା ୨୦୨୪ ମସିହା ବେଳକୁ ବିପର୍ଯ୍ୟୟ ମୁକାବିଲାରେ ପ୍ରବୀଣ ହୋଇପାରିଛି । ଓଡ଼ିଶାର ବିପର୍ଯ୍ୟୟ ମୁକାବିଲା ପଦ୍ଧତି ଦେଶର ଅନ୍ୟ ରାଜ୍ୟପାଇଁ ଅନୁକରଣୀୟ ହୋଇଛି ।

### ୬୧ ଟ୍ରେନ୍...

ଏଠାରେ ସୂଚନାଯୋଗ୍ୟ ଯେ, ମୋନ୍ଥା ପାଇଁ ଯାତ୍ରୀ ସୁରକ୍ଷା ପଦକ୍ଷେପ ସ୍ୱରୂପ ସୋମବାର ୩୨ଟି ଟ୍ରେନ୍‌ର ଚଳାଚଳ ବାତିଲ୍ କରାଯାଇଥିଲା ।

ବାତ୍ୟାକୁ ଦୃଷ୍ଟିରେ ରଖି କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱନୀ ବୈଷ୍ଣବ ଆଜି ପୂର୍ବତଟ ରେଳପଥର ବରିଷ୍ଠ ଅଧିକାରୀମାନଙ୍କ ସହିତ ବାତ୍ୟା ମୁକାବିଲା ସ୍ଥିତି ସମୀକ୍ଷା କରିଛନ୍ତି । ବିଶେଷ କରି ଆନ୍ଧ୍ରପ୍ରଦେଶ, ଓଡ଼ିଶା ଏବଂ ତେଲଙ୍ଗାନାରେ ପ୍ରଭାବିତ ହେବାକୁ ଥିବା ରେଳ ଭିତ୍ତିଭୂମିର ସୁରକ୍ଷା ଏବଂ ଯାତ୍ରୀଙ୍କ ନିରାପତ୍ତା ସୁନିଶ୍ଚିତ କରିବା ଉପରେ ରେଳ ମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି । ବାତ୍ୟା ପୂର୍ବରୁ ସମସ୍ତ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବା ଲାଗି ଶ୍ରୀ ବୈଷ୍ଣବ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । କେନ୍ଦ୍ର ମନ୍ତ୍ରୀ ଡିଭିଜନ ସ୍ତରୀୟ ଜରୁରିକାଳୀନ କକ୍ଷକୁ କାର୍ଯ୍ୟକ୍ଷମ କରିବା ସହ ସ୍ଥିତି ଉପରେ ୨୪ ଘଣ୍ଟିଆ ନିରୀକ୍ଷଣ ଲାଗି କହିଛନ୍ତି । ଆନ୍ଧ୍ରପ୍ରଦେଶର ବିଜୟୱାଡ଼ା, ବିଶାଖାପାଟଣା ଏବଂ ଗୁଣ୍ଟୁର ଡିଭିଜନରେ ଜରୁରୀ ଉପକରଣ, ଯନ୍ତ୍ରାଂଶ ଏବଂ ଯଥେଷ୍ଟ ସଂଖ୍ୟାରେ ରେଳ କର୍ମଚାରୀଙ୍କୁ ପୁନରୁଦ୍ଧାର ଲାଗି ପ୍ରସ୍ତୁତ ରଖିବା ପାଇଁ ରେଳମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଯାତ୍ରୀଙ୍କ ଅସୁବିଧାକୁ ହ୍ରାସ କରିବା ଲାଗି ରେଳ ଚଳାଚଳ ଉପରେ ନଜର ରଖିବା ଏବଂ ଏହାକୁ ସୁବ୍ୟବସ୍ଥିତ କରିବା ଲାଗି ସେ ପରାମର୍ଶ ଦେଇଛନ୍ତି । ଜରୁରୀକାଳୀନ ପରିସ୍ଥିତି ଏବଂ ଆବଶ୍ୟକ ସତର୍କତାମୂଳକ ପଦକ୍ଷେପ ନେବା ଲାଗି ପୂର୍ବତଟ, ଦକ୍ଷିଣ ତଟ ଏବଂ ଦକ୍ଷିଣ କେନ୍ଦ୍ରୀୟ ରେଳ ଜୋନ ଅଧିକାରୀମାନଙ୍କୁ ଆବଶ୍ୟକ ସମ୍ବଳ ଯୋଗାଡ଼ ପାଇଁ ରେଳ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଇତିମଧ୍ୟରେ ଯେକୌଣସି ପ୍ରକାର ସହାୟତା ଲାଗି ପୂର୍ବତଟ ରେଳପଥ ପକ୍ଷରୁ ହେଲ୍ପଲାଇନ ନମ୍ବର ଜାରି କରାଯାଇଛି ।

### ରଞ୍ଜନା ଦେଶାଇ...

କରାଯାଇଥିଲା । ଏହାର ରିପୋର୍ଟ ୨୦୧୫ ନଭେମ୍ବରରେ ଦାଖଲ ହୋଇଥିବାବେଳେ ସରକାର ଏହାକୁ ୨୦୧୬ ଜୁନ୍‌ରେ ଅନୁମୋଦନ ଦେଇଥିଲେ । ଆୟୋଗଙ୍କ ସୁପାରିସଗୁଡ଼ିକ ୨୦୧୬ ଜାନୁଆରୀ ପହିଲାରେ କାର୍ଯ୍ୟକାରୀ ହୋଇଥିଲା ।

ପୂର୍ବତନ ସୁପ୍ରିମକୋର୍ଟ ବିଚାରପତି ରଞ୍ଜନା ପ୍ରକାଶ ଦେଶାଇଙ୍କୁ ଅଷ୍ଟମ ବେତନ ଆୟୋଗର ଅଧକ୍ଷା ଭାବରେ ନିଯୁକ୍ତ କରାଯାଇଛି । ଆଇଆଇଏମ ବେଙ୍ଗାଲୁରୁର ପ୍ରଫେସର ପୁଲକ ଘୋଷ ଓ ପେଟ୍ରୋଲିୟମ୍ ଗ୍ୟାସ୍ ସଚିବ ପଙ୍କଜ ଜୈନ ସଦସ୍ୟ ରହିବେ । କେନ୍ଦ୍ର ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ୮ମ ବେତନଙ୍କ ସୁପାରିଶ ପ୍ରତିରକ୍ଷା ସେବା କର୍ମଚାରୀଙ୍କ ସମେତ ପ୍ରାୟ ୫୦ ଲକ୍ଷ କେନ୍ଦ୍ର ସରକାରୀ କର୍ମଚାରୀ ଏବଂ ପ୍ରାୟ ୬.୯ ଲକ୍ଷ ପେନସନଭୋଗୀଙ୍କୁ ସାମିଲ କରିବ । 'ଟିଓଆର୍' ମୂଳତଃ ଏକ ବେତନ ଆୟୋଗର କାର୍ଯ୍ୟକାରିତାକୁ ରୂପରେଖା ଦିଏ । ଏହା ମୂଳ ଦରମା ଗଠନ, ଭତ୍ତା ଏବଂ ପେନସନ ସଂଶୋଧନଠାରୁ ଆରମ୍ଭ କରି ଅବସର ଲାଭ ଏବଂ ସେବା ସର୍ତ୍ତାବଳୀ ପର୍ଯ୍ୟନ୍ତ ଆୟୋଗଙ୍କ ସୁପାରିଶ କରିବା ଆଶା କରାଯାଉଥିବା ପରିସର ଏବଂ ନିର୍ଦ୍ଦିଷ୍ଟ କ୍ଷେତ୍ରଗୁଡ଼ିକୁ ବର୍ଣ୍ଣନା କରେ । ଏକ ଟିଓଆର ବିନା ଆୟୋଗ କାର୍ଯ୍ୟ କରିବା ପାଇଁ କୌଣସି ଆନୁଷ୍ଠାନିକ ନିର୍ଦ୍ଦେଶ କିମ୍ବା ଆଇନଗତ ଆଦେଶ ନାହିଁ । 'ଟିଓଆର୍' ଯେକୌଣସି ବେତନ କମିଶନର ମୂଳଦୁଆ ଦଲିଲ୍ ଭାବରେ କାର୍ଯ୍ୟ କରେ । ଏହା କେବଳ କାର୍ଯ୍ୟସୂଚୀ ସ୍ଥିର କରେ ନାହିଁ ବରଂ ସମୟସୀମା ଏବଂ ଆଶା ମଧ୍ୟ ସ୍ଥାପନ କରେ । ଟିଓଆର ଅନୁପସ୍ଥିତିରେ ଆୟୋଗ ତଥ୍ୟ ସଂଗ୍ରହ କରିପାରିବନାହିଁ, ଅଂଶୀଦାରମାନଙ୍କ ସହିତ ଜଡିତ ହୋଇପାରିବ ନାହିଁ କିମ୍ବା ଆର୍ଥିକ ମାନଦଣ୍ଡର ବିଶ୍ଳେଷଣ କରିପାରିବନାହିଁ । ଏହି ବିଳମ୍ବ କେବଳ ଆଭ୍ୟନ୍ତରୀଣ ପ୍ରଶାସନିକ ଯୋଜନାକୁ ବାଧା ଦେଉନାହିଁ ବରଂ ସଂଶୋଧିତ ଦରମା ଢାଞ୍ଚାର ସମୟୋଚିତ କାର୍ଯ୍ୟକାରିତା ପାଇଁ ଅପେକ୍ଷା କରିଥିବା କର୍ମଚାରୀଙ୍କ ଆଶାକୁ ମଧ୍ୟ ଧୂଳିସାତ୍ କରୁଛି ।

### ଭାରତୀୟ ଜିତିଲେ...

ଲଟେରି ଜିତିଥିବା ଖବର ଶୁଣିବା ପରେ ଅନିଲ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ । ସେ ସୋଫାରେ ସେମିତି ବସି ରହିଥିଲେ । ଜିତେଇଥିବାରୁ ମାଆଙ୍କୁ ଧନ୍ୟବାଦ ଦେଇଥିଲେ । ସେ ଏହି ଲଟେରି ଅର୍ଥକୁ ଦାୟିତ୍ୱର ସହ ଖର୍ଚ୍ଚ କରିବେ ବୋଲି କହିଛନ୍ତି । ନିଜ ସ୍ୱପ୍ନ ପୂରଣ କରିବା ପାଇଁ ଏଥିରୁ ଏକ ସୁପରକାର୍, ରେସ୍ତୋରାଁ ଏବଂ ସପ୍ତ ତାରକା ହୋଟେଲ କିଣିବେ । ବାକି ଅର୍ଥକୁ ସଠିକ ମାର୍ଗରେ ନିବେଶ କରିବେ । ପରିବାରକୁ ୟୁଏଇକୁ ନେଇଯିବେ । ତାଙ୍କ ସହ ସାରା ଜୀବନ ବିତାଇବେ । ଏହି ଅର୍ଥରୁ ଆଉ କିଛି ଭାଗକୁ ସେ ଦାନ କରିବେ ବୋଲି କହିଛନ୍ତି ।

### ପୀଡ଼ିତାଙ୍କ ପୁରୁଷ ବନ୍ଧୁ...

କାଣ୍ଡ ବେଳେ ପୁରୁଷ ବନ୍ଧୁ ସେଠାରୁ ଫେରାର ହୋଇଯାଇଥିଲା । ଖବର ପାଇ ପୁଲିସ ପୀଡ଼ିତାଙ୍କୁ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରାଇଥିଲେ । ଏହାକୁ ନେଇ ଓଡ଼ିଶା ଓ ପଶ୍ଚିମ ବଙ୍ଗରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଦୁର୍ଗାପୁର ମାମଲାରେ ଜାତୀୟ ମହିଳା କମିସନ ଏବଂ ଓଡ଼ିଶା ମହିଳା କମିସନ ମଧ୍ୟ ଉଦବେଗ ପ୍ରକାଶ କରିବା ସହିତ ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି ।

## ଯାତ୍ରା ମଞ୍ଚସ୍ଥ ନ ହେବାରୁ ୨ କଳାକାରଙ୍କୁ ଅପହରଣ

ବାରିପଦା, ୨୮।୧୦ (ସମିସ): ଯାତ୍ରା ମଞ୍ଚସ୍ଥ ନହେବାରୁ ଯାତ୍ରାପାର୍ଟିର ୨ କଳାକାରଙ୍କୁ ଅପହରଣ କରିନେଲେ କମିଟି ସଦସ୍ୟ । ଅପହୃତ ଦୁଇ କଳାକାର ହେଲେ, ବାରିପଦାର ସାଉନା ହେମ୍ବ୍ରମ ଓ ଲକ୍ଷ୍ମଣ ମାଝୀ । ଏନେଇ ତକତପୁର ଅଞ୍ଚଳର ଫାଗୁନ କଏଲ ଅପେରା ମାଲିକ ରାକ୍ଷୀମଣି ମାର୍ଣ୍ଡି ଭଞ୍ଜପୁର ଥାନାରେ ଅଭିଯୋଗ କରିଛନ୍ତି । ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ସୂଚନାନୁଯାୟୀ, ଝାଡ଼ଖଣ୍ଡ ରାଜ୍ୟର ପଶ୍ଚିମ ସିଂହଭୂମ ଅଞ୍ଚଳର ଧବାଡିରେ ଯାତ୍ରା କରିବା ପାଇଁ ସେଠାକାର କମିଟି ସଦସ୍ୟ ବାରିପଦାର ଯାତ୍ରାପାଟି ଫାଗୁନ୍ କଏଲ ଅପେରାକୁ ବୁକିଂ କରିଥିଲେ । ଏଥିପାଇଁ କମିଟି ପକ୍ଷରୁ ଅଗ୍ରିମ ଟଙ୍କା ମଧ୍ୟ ଦିଆଯାଇଥିଲା । କିନ୍ତୁ କୌଣସି ସମସ୍ୟା ପାଇଁ ଯାତ୍ରାପାର୍ଟି ଯାତ୍ରା କରିବାକୁ ଯାଇପାରି ନଥିଲେ । ଏହାକୁ ନେଇ କମିଟି ସଦସ୍ୟମାନେ କ୍ଷୁବ୍ଧ ହୋଇଯାଇଥିଲେ । ଏପରିକି, କମିଟିର କିଛି ବାରିପଦାକୁ ଆସି ଯାତ୍ରା କଳାକାର ସାଉନା ଓ ଲକ୍ଷ୍ମଣଙ୍କୁ ଅପହରଣ କରିନେଇଥିଲେ । ତାଙ୍କ ଅଞ୍ଚଳରେ ଯାତ୍ରା ପରିବେଷଣ ନ ହେଲେ ସେମାନେ ଦୁଇଜଣଙ୍କୁ ଛାଡ଼ିବେ ନାହିଁ ବୋଲି ଚେତାବଦୀ ଦେଇଛନ୍ତି ।

Office of the Principal
**KALANDI CHARAN SANSKRIT COLLEGE**
At/Po- Padhuan, Dist.- Bhadrak - 756046

**ଅତିଥି ଅଧାପକ ଓ କିରାଣି ଆବଶ୍ୟକ**

ଏତଦ୍ୱାରା ଉଚ୍ଚ ଶିକ୍ଷା ବିଭାଗ ଓଡ଼ିଶା ସରକାରଙ୍କ ପତ୍ର ସଖ୍ୟା - ୫୭୧୯୮, ତା.୨୩.୧୦.୨୦୨୫ରିଖ ନିର୍ଦ୍ଦେଶ ଅନୁସାରେ କାଳନ୍ଦି ଚରଣ ସଂସ୍କୃତ ମହାବିଦ୍ୟାଳୟ, ପଢୁଆଁ, ବାସୁଦେବପୁର ଭଦ୍ରକ ରେ ଖାଲିଥିବା ନିମ୍ନ ବିଷୟମାନଙ୍କରେ ଅତିଥି ଅଧାପକ ଓ କିରାଣି ନିଯୁକ୍ତି କରାଯିବ ।

୧) ରାଜନୀତି ବିଜ୍ଞାନ - ୧, ଓଡ଼ିଆ - ୧, କିରାଣି - ୧
୨) ଯୋଗ୍ୟତା : ଅବସର ପ୍ରାପ୍ତ ଅଧାପକ ଓ କିରାଣୀ (୪୮୮, ୬୬୨) ଏବଂ ସଂସ୍କୃତ ବର୍ଗର
୩) ବୟସ ସୀମା : ୬୧ ରୁ ୬୯ ବୟସ ମଧ୍ୟରେ
୪) ଆବେଦନ : ଉପଯୁକ୍ତ ପ୍ରାର୍ଥୀ କେବଳ HIMS ପୋର୍ଟାଲ ମାଧ୍ୟମରେ ବିଜ୍ଞାପନର ୭ ଦିନ ମଧ୍ୟରେ ଆବେଦନ କରିପାରିବେ ।

**Sd/- Principal-cum-Secretary**
Kalandi Charan Sanskrit College
Padhuan, Bhadrak

OFFICE OF THE PRINCIPAL-CUM-SECRETARY
**GHANTESWAR DEGREE COLLEGE**
DIST-BHADRAK, PIN-756129, ODISHA
Accredited by NAAC Grade 'B', www.ghanteswarcollege.org.in,
Email: ghanteswardegree2016@gmail.com

**WANTED**

Guest Non-teaching member PET is wanted for immediate appointment. The retired Non-teaching members apply through HIMS Portal on or before 31/10/2025. Norms, conditions and salary will be as per the notification of DHE, Odisha vide letter No-57203, Dt.-23/10/2025.

**Sd/- Principal-cum-Secretary**
Ghanteswar Degree College, Ghanteswar

**DHAMNAGAR COLLEGE**
Dhamnagar, Bhadrak, Odisha-756117
Website: dhamnagarcollege.org.in
Estd: 1977

**WANTED**

Guest Lecturers in Chemistry, Logic & Philosophy, and Urdu including Three Demonstrators in Physics, Chemistry, Biology and PET are wanted for immediate appointment.The retired faculties and Non-Teaching Members below the age of 69 years with requisite Qualification may apply through provided links in HIMS portal.The Salary for the above cited posts will be as per the Notification of DHE, Odisha vide letter No. 57198 and 57203 on 23.10.2025.

**Sd/- Principal-cum-Secretary**
Dhamnagar College, Dhamnagar

**ନୋଟିସ୍**

(ଦେ.କା. ଆଇନ୍‌ର ଅର୍ଡର ୫ ରୁଲ୍ ୧୦ ସହିତ ଅର୍ଡର ୫ ରୁଲ ୨୦ (୧) ଏବଂ ୧ (କ) ଅନୁସାରେ ନୋଟିସ୍)

**ଜଜ୍ ଫ୍ୟାମିଲି କୋର୍ଟ, ଅନୁଗୋଳ**
**ସିଭିଲ୍ ପ୍ରୋସିଡ଼ିଙ୍ଗ (Execution), କେଶ ନଂ. 9/909୧**

କଳ୍ପନା ମହାପାତ୍ର, ବୟସ ୪୧ ବର୍ଷ, ସ୍ୱାମୀ- ପ୍ରଦୀପ ଦାସ, ସା-ହନୁମାନ ବଜାର, ପୋ.ଅ- ଅନୁଗୋଳ, ଥାନା/ସ.ଡ଼ି.-ଅନୁଗୋଳ, ଜିଲ୍ଲା-ଅନୁଗୋଳ (ଓଡ଼ିଶା)
... ଦରଖାସ୍ତକାରୀଣି

ବନାମ

ପ୍ରଦୀପ ଦାସ, ବୟସ ୪୫ ବର୍ଷ ପିତା- ସ୍ୱର୍ଗତ ସଦାଶିବ ଦାସ, ଫ୍ଲାଟ୍ ନଂ.-୨୬୪. ମିଲନ ପାରାଡାଇସ୍, ଆର୍ଯ୍ୟ ବିହାର କଲୋନୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ପିନ୍-୭୫୧୦୨୧ ।
ଅଫିସ ଠିକଣା- ପ୍ରଦୀପ ଦାସ, ବୟସ ୪୫ ବର୍ଷ ପିତା- ସ୍ୱର୍ଗତ ସଦାଶିବ ଦାସ, ଫ୍ଲାଟ୍ ନଂ.- ୪୨୮, ୪ର୍ଥ ଫ୍ଲୋର ଡ଼ି.ଏଲ୍. ଏଫ୍. ସାଇବର ସିଟି, ପଟିଆ, ଚନ୍ଦକା ଇଣ୍ଡଷ୍ଟ୍ରିଆଲ୍ ଇ-ଷ୍ଟେଟ୍, ଭୁବନେଶ୍ୱର-୭୫୧୦୨୪, ମୋ.ନଂ-୯୨୦୬୭୫୩୩୯୮, ୮୨୪୯୮୧୪୯୨୩
...ଅପରପକ୍ଷ

ଯେହେତୁ ଦରଖାସ୍ତକାରୀ U/S 18 Family Courts Act ପରିବାର ଅଦାଲତ ଅନୁଗୋଳ ଅନୁସାରେ ଆପଣଙ୍କ ବିରୁଦ୍ଧରେ ମୋକଦ୍ଦମା ଦାଖଲ କରିଛନ୍ତି । ଆପଣଙ୍କ ବିରୁଦ୍ଧରେ ନୋଟିସ୍ ବାରମ୍ବାର ଆପଣଙ୍କ ଠିକଣାରେ ଜାରି ନିମନ୍ତେ ପଠାଗଲେ ମଧ୍ୟ ଆପଣ ଜାଣିଶୁଣି ଅନୁପସ୍ଥିତ ରହୁଥିବାରୁ ଓ ଆପଣଙ୍କ ଠିକଣା ପାଇପାରୁନଥିବାରୁ ନୋଟିସ୍ ଉତ୍ତମ ରୂପେ ଜାରି ହୋଇପାରୁନାହିଁ ।

ଏଣୁ ଅତ୍ର ବିଜ୍ଞାପନ ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଇଅଛି କି ଆପଣ ଧାର୍ଯ୍ୟ ତା.୧୪.୧୧.୨୦୨୫ରିଖ ପୂର୍ବାହ୍ନ ୧୦:୩୦ ମିନିଟ୍ ସମୟରେ ଅତ୍ର କୋର୍ଟରେ ହାଜର ହୋଇ ଜବାବ ଦାଖଲ କରିବେ । ହାଜର ନ ହେଲେ ଆପଣଙ୍କ ବିରୁଦ୍ଧରେ ଏକ ତରଫା ସୁତ୍ରେ ବିଚାର କରାଯିବ ।

ଅଦ୍ୟ ତା.୨୬.୦୯.୨୦୨୫ରିଖ ରେ ଆମ୍ଭର ସ୍ୱାକ୍ଷର ଅଦାଲତରେ ମୋର ଯୁକ୍ତେ ଦିଆଗଲା ।

ସ୍ୱା/- ବିଚାରପତି

Office of the Principal
**Shyamsundar Sanskrit College**
**Bhograi, Balasore**
No.64 / E-mail - sscollegebhograi@gmail.com, Date - 27.10.2025

**WANTED**

Guest faculties in Dharmashastra (1) & Sahitya (1) including 2 nos. of Jr. Clerks are required on contractual basis. Only retired academicians and Jr. Clerks below the age of 69 years may apply through HIMS Portal on or before 31.10.2025. Remuneration will be paid as per the notification of DHE, Odisha vide letter no. 57198 and 57203 on dt. 23.10.2025.

**Sd/- Principal-cum-Secretary**
Shyamsundar Sanskrit College,
Bhograi, Balasore-756038

ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

**ବ୍ୟାଙ୍କ ଅଫ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ: ଭୁବନେଶ୍ୱର ଅଞ୍ଚଳ, ୧/୧ଡ଼ି, ଷ୍ଟାର ହାଉସ୍, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫, ଫୋନ୍-୦୬୭୪-୨୩୬୨୨୪୯

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍ଦ୍ୱାରା ନିମ୍ନଲିଖିତ ସୁନା ଋଣଗ୍ରହୀତା, ସେମାନଙ୍କର ଆଇନଗତ ଉତ୍ତରାଧିକାରୀ ଓ ସୁନା ଅଳଙ୍କାର ବ୍ୟବସାୟରେ ଜଡିତ ଥିବା ବ୍ୟକ୍ତି ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛିକି, ବ୍ୟାଙ୍କ ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ ନିମ୍ନଲିଖିତ ଋଣଗ୍ରହୀତାମାନେ ସେମାନଙ୍କର ବକେୟା ଦେୟ ପଇଠ କରୁନାହାଁନ୍ତି । ଏହି ନୋଟିସ୍ ପ୍ରକାଶନ ମାଧ୍ୟମରେ ଜଣାଇ ଦିଆଯାଉଅଛିକି, ଯଦି ସେମାନେ ସେମାନଙ୍କର ସମ୍ପୃକ୍ତ ସୁନା ଋଣ ଆକାଉଣ୍ଟ ବାବଦ ବକେୟା ଦେୟ (ଅଦ୍ୟାବଧି ସମସ୍ତ ସୁଧ ଏବଂ ଦେୟ/ଆଇନଗତ ଖର୍ଚ୍ଚ ଅନ୍ତର୍ଭୁକ୍ତ କରି) ତା.୧୯.୧୧.୨୦୨୫ରିଖ ସୁଦ୍ଧା ପଇଠ କରିବାରେ ବିଫଳ ହୁଅନ୍ତି ତେବେ ବ୍ୟାଙ୍କରେ ବନ୍ଧକ ଥିବା ସେମାନଙ୍କର ସୁନା ଅଳଙ୍କାରଗୁଡିକୁ ତା.୨୦.୧୧.୨୦୨୫ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ବ୍ୟାଙ୍କରେ ବନ୍ଧକ ଥିବା ସେମାନଙ୍କର ସୁନା ଅଳଙ୍କାରଗୁଡ଼ିକୁ ନିମ୍ନରେ ଦର୍ଶାଯାଇଥିବା ସହିଦ ନଗର ଶାଖା ପରିସରରେ ସର୍ବସାଧାରଣରେ ନିଲାମ କରାଯିବ । ବ୍ୟାଙ୍କ ସମ୍ପୃକ୍ତ ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା କିମ୍ବା କ୍ଷତି ନିମନ୍ତେ ଦାୟୀ ହେବ ନାହିଁ ଏବଂ କୌଣସି ଋଣଗ୍ରହୀତାଙ୍କ ପକ୍ଷରୁ ଏ ବାବଦ କୌଣସି ଅଭିଯୋଗ କିମ୍ବା ପ୍ରତିନିଧିତ୍ୱକୁ ପ୍ରଶ୍ରୟ ଦେବ ନାହିଁ । ଯଦି ନିଲାମ ରାଶି ଅପର୍ଯ୍ୟାପ୍ତ କିମ୍ବା କମ୍ ହୋଇଥାଏ ତେବେ କୌଣସି କାରଣ ନଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିବାର ଅଧିକାର ସଂରକ୍ଷିତ ରଖିଅଛି । ପୁନଶ୍ଚ ଆବଶ୍ୟକସ୍ଥଳେ ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ଉପରୋକ୍ତ ସ୍ଥିରିକୃତ ନିଲାମର ତାରିଖ, ସମୟ ଏବଂ ସ୍ଥାନକୁ ପରିବର୍ତ୍ତନ କିମ୍ବା ନିଲାମକୁ ରଦ୍ଦ କରିବାର ଅଧିକାର ସଂରକ୍ଷିତ ରଖିଅଛି । ସୁନା ଅଳଙ୍କାର/ କଏନ୍ ଗୁଡିକର ଶୁଦ୍ଧତା ଓ ନେଟ୍ ଓଜନ ଏବଂ ସଂରକ୍ଷିତ ମୂଲ୍ୟ ଇତ୍ୟାଦି ଇଚ୍ଛୁକ ନିଲାମଧାରୀମାନଙ୍କ ନିମନ୍ତେ ନିଲାମ ତାରିଖ ଦିନ ଏବଂ ନିଲାମର ସାଇଟ୍ / ନିଲାମ ପୋର୍ଟାଲରେ ଉପଲବ୍ଧ ହେବ ।

| କ୍ର. ନଂ. | ଆକାଉଣ୍ଟ ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ମୋଟ ଓଜନ (ଗ୍ରାମରେ) | ନେଟ୍ ଓଜନ (ଗ୍ରାମରେ) | ୨୩.୦୯.୨୦୨୫ ସୁଦ୍ଧା ମୋଟ ବକେୟା ଦେୟ (ଲାଗୁ ହୋଇନଥିବା ସୁଧ, ଖର୍ଚ୍ଚ ଓ ଦେୟ ଇତ୍ୟାଦି ବ୍ୟତିତ) |
|---|---|---|---|---|---|
| ବ୍ୟାଙ୍କ ଅଫ୍ ଇଣ୍ଡିଆ, ସହିଦ ନଗର ଶାଖା, ଏ/ ୧୨୩, ସହିଦ ନଗର, ପୋ: ସହିଦ ନଗର, ଭୁବନେଶ୍ୱର, ପିନ୍-୭୫୧୦୦୭, ମୋ.: ୮୯୮୧୦୮୧୩୭୩ | | | | | |
| ୧. | ୫୫୫୧୭୭୬୧୦୦୦୦୯୫୯ | ପ୍ରକାଶ ଭୋଳ, ପିତା: ଭାଗ୍ୟଧର ଭୋଳ, ଏ ବ୍ଲକ୍ ମାର୍କେଟ, ସେକ୍ଟର-୮, ରାଉରକେଲା, ଓଡ଼ିଶା, ପିନ୍-୭୬୯୦୦୯ | ୪୬.୦୭୦ | ୪୧.୫୦୦ | ଟ.୨,୨୮,୮୨୯.୬୪ |

ସ୍ଥାନ: ଭୁବନେଶ୍ୱର, ତାରିଖ: ୨୮.୧୦.୨୦୨୫ — ଆଞ୍ଚଳିକ ପ୍ରବନ୍ଧକ, ବ୍ୟାଙ୍କ ଅଫ୍ ଇଣ୍ଡିଆ

**AFFIDAVIT**

By virtue of an Affidavit Sworn before the Executive Magistrate, Angul, I, **Bashumati Maharana,** W/o: Late Saroj Maharana, Permanent resident of At: Madhupur, P.O.: Nandapur, P.S.: Bantala, Dist.: Angul (Odisha)-759132 have changed my minor daughter name from Sohaeni Maharana to Sohini Maharana. Sohaeni Maharana & Sohini Maharana is one & same person. Henceforth she shall be known as **Sohini Maharana** for all future purposes.


**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**


**AFFIDAVIT**

I, Kumari Pradhan W/o Biswanath Pradhan, Resident of At- Mayfair Nagar, Jaydev Vihar, Salia Sahi, PO-RRL, PS-Maitri Vihar, Bhubaneswar, Dist-Khordha PIN-751013, Odisha declared by this affidavit No.1669/94 dtd 27.10.2025 that now onwards I shall be known as **JYSIMA PRADHAN** for all future purposes.

**AFFIDAVIT**

I, **Dharmananda Sahu,** S/o: Late Duryodhana Sahoo, resident of Bhitaradigapatana, Nayak Sahi, Bhuban NAC, Ward No-8, Bhuban, Po/Ps: Bhuban, Dist.: Dhenkanal, PIN-759017, Odisha declare by this affidavit No-11179. dtd-23.10.25 that now onwards I shall be known as **Dharmananda Sahoo.** For all future purposes.

**AFFIDAVIT**

I Bhagyalata Patra wife of Sri Satya Narayan Mohapatra resident of ward No. 35, Plot No. C/ 2, Labour Colony, Unit-3, Po-Gpo, Ps- Kharvel Nagar, Bhubaneswar, Dist- Khordha, Odisha, PIN- 751001 declare by this affidavit No. 77 dated 27.10.2025 that now onwards I shall be known as **BHAGYALATA PATRO** for all future purposes.

**AFFIDAVIT**

I, Md Shahud Parbej S/o Md Mehboob, Resident of Latumia Lane, Panposh Town, Panposh, Rourkela, PS-Raghunathpali, Dist-Sundargarh PIN-769004, Odisha declared by this affidavit No.A/02 dtd 28.10.2025 that now onwards I shall be known as **MD SHAHUD PERVEZ** for all future purposes.

**AFFIDAVIT**

I, **Sri Sajan Kumar Agarwal,** aged 51 years, S/o: Late Ramavatar Agarwalla, At: Radhakrishna Mandir, PO: Motiganj, PS: Town, Dist: Balasore, vide Affidavit No: 3427, Dt. 08.05.2025 declare that, my name be called as **Sajan Kumar Agarwalla** from hereon for all future purposes.

**AFFIDAVIT**

I, **Miss. Shruti Agarwal,** aged 23 years, D/O: Sajan Kumar Agarwalla, At: Radhakrishna Mandir, PO: Motiganj, PS: Town, Dist: Balasore, vide Affidavit No: 9245, Dt. 25.10.2025 declare that, my name be called as **Shruti Agarwalla** from here on for all future purposes.

**NAME CHANGE**

By virtue of an affidavit sworn before the Executive Magistrate, Tangi, Khordha CF.NO. 2672, dated 22/10/2025, I, **JAMUNARANI MANDAL,** W/o Ranjit Mandal resident of At: Gobardhanpur Colony Po: Bhusandpur, Ps - Tangi, Dist-Khordha, State- Odisha, Pin-752021 declare that I have changed my name from **JAMUNA MANDAL** (Old Name) to **JAMUNARANI MANDAL** (New Name). Henceforth, I shall be known as **JAMUNARANI MANDAL** for all future purposes.
(Sd- JAMUNARANI MANDAL)

**AFFIDAVIT**

I, **Smt. Madhavi Agarwal,** aged 49 years, W/o: Sajan Kumar Agarwalla, At: Radhakrishna Mandir, PO: Motiganj, PS: Town, Dist: Balasore, vide Affidavit No: 3426, Dt. 08.05.2025 declare that, my name be called as **Madhavi Agarwalla** from hereon for all future purposes.

**AFFIDAVIT**

I, Sunreeta Subhadarshini Nayak, aged about 41 years, W/o- Bhakta Ranjan Biswal, resident of At- Plot No- 315, Jayadev Vihar, Ps- Maitri Vihar, Bhubaneswar, Dist- Khurda, Pin- 751013, Odisha declare by this affidavit No. 2211, dtd. 27/10/2025, that now onwards I shall be known as **SUNRITA SUBHADARSHINI NAYAK** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Angul, Affidavit No- 5629 on dated 24-10-2025 I, **S P DURA BASULU SWAMY,** permanent resident of Vill. At./Po- Boxipalli, PS-Gopalpur, Dist- Ganjam, State- Odisha, Pin- 761002, declare that I have changed my name from **Spdura Basulu Swamy** (Old name) to **S P DURA BASULU SWAMY** (New name), Henceforth, I shall be known as **S P DURA BASULU SWAMY** for all future purposes.
Sd-(**S P DURA BASULU SWAMY**)

**AFFIDAVIT**

I, **Sri Shivam Agarwal,** aged 20 years, S/o.: Sajan Kumar Agarwalla, At: Radhakrishna Mandir, PO: Motiganj, PS: Town, Dist: Balasore, vide Affidavit No: 3428, Dt. 08.05.2025 declare that, my name be called as **Shivam Agarwalla** from hereon for all future purposes.

**AFFIDAVIT**

By virtue of an affidavit sworn before Notary Public Bhubaneswar, dated 20th September 2025, I Tirumal Kotnii, residing at 41/A, Ashok Nagar, Janpath, Near Rajmahal Square, Sri Durga Retail Private Limited, Bhubaneswar, Khurdha, Odisha-751009, declare that I have change my name from Tirumal Kumar to Tirumal Kotnii. Henceforth, I shall be known as **Tirumal Kotnii** for all purposes.
Tirumal Kotnii

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.: ST-OT-HIRING-VEHICLE-509, ତା.21.10.2025ରିଖ

**କାର୍ଯ୍ୟର ନାମ :** 30 ମାସ ଅବଧି ନିମନ୍ତେ ସିଗ୍‌ନାଲିଙ୍ଗ୍ ପରିସଂପତ୍ତି(Assets)ର ରକ୍ଷଣାବେକ୍ଷଣ, ବ୍ରେକ୍‌ଡାଉନ୍ ସ୍ଥଳରେ ଉପସ୍ଥିତ(Attending Breakdown) ହେବା ଏବଂ ଯାତ୍ରା ସମୟରେ ଅଟକ(En-route Detention)କୁ ଦୂର କରିବା ନିମନ୍ତେ ସିନିୟର ସେକ୍ସନ ଇଂଜିନିୟର/ ସିଗ୍‌ନାଲ/ତାଳଚେର (TLHR) ଏବଂ ସିନିୟର ସେକ୍ସନ ଇଂଜିନିୟର/ସିଗ୍‌ନାଲ/ଢେଙ୍କାନାଳ (DNKL) ଅଧୀନରେ ସିଗ୍‌ନାଲିଙ୍ଗ୍ କର୍ମଚାରୀ ଏବଂ ସାମଗ୍ରୀଗୁଡ଼ିକର ପରିବହନ ନିମନ୍ତେ ଅହୋରାତ୍ର (Round the clock) ଚାଳକ ସହିତ TATA 207-DI କିମ୍ବା ଅନୁରୂପ ଭଳି ଦୁଇ ଗୋଟି ବହୁ-ଉପଯୋଗିତା ଗାଡ଼ି ଭଡ଼ା ସୂତ୍ରରେ ନେବା ।

**ଟେଣ୍ଡର ମୂଲ୍ୟ(₹) :** 35,40,000.00, EMD (₹) : 70,800.00, ଟେଣ୍ଡର ନଥିପତ୍ରର ମୂଲ୍ୟ (₹) : 3,540.00 ।

ବିଡ୍ ଆରମ୍ଭ ହେବା ତାରିଖ : ତା.29.10.2025ରିଖ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.12.11.2025 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ(Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ୍
PR-728/Q/25-26

### ବାତ୍ୟା ପ୍ରଭାବରେ ନୟାଗଡ଼ରେ ଅବିଶ୍ରାନ୍ତ ବର୍ଷା

# ନଷ୍ଟ ହେଲା ପାଚିଲା ଧାନ ଫସଲ

**ପର୍ଯ୍ୟଟନସ୍ଥଳୀକୁ ନଯିବାକୁ ପରାମର୍ଶ**

ନୟାଗଡ଼,୨୮।୧୦(ସମିସ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ମନ୍ଥା ପ୍ରଭାବରେ ନୟାଗଡ଼ ଜିଲ୍ଲାର ସମସ୍ତ ବ୍ଲକ ଅଞ୍ଚଳରେ ସୋମବାର ସନ୍ଧ୍ୟାରୁ ଅବିଶ୍ରାନ୍ତ ବର୍ଷା ଲାଗି ରହିଛି। ଏହି ବାତ୍ୟା ପ୍ରଭାବରେ ବ୍ୟାପକ ପରିମାଣର ଧାନ ଫସଲ ନଷ୍ଟ ହେବାର ସମ୍ଭାବନା ଦେଖାଯାଇଛି। ନୟାଗଡ଼ ଜିଲ୍ଲାରେ ସୋମବାର ସକାଳରୁ ମଙ୍ଗଳବାର ସକାଳ ମଧ୍ୟରେ ହାରାହାରି ୨୧.୬୬ ମିଲିମିଟର ବର୍ଷା ରେକର୍ଡ ହୋଇଛି। ଭାପୁର ବ୍ଲକରେ ୬.୩, ଦଶପଲ୍ଲା ୨୫.୮, ଗଣିଆ ୩୨, ଖଣ୍ଡପଡ଼ା ୧୧.୨, ନୟାଗଡ଼ ୨୧.୬, ନୂଆଗାଁ ୧୮.୨, ଓଡ଼ଗାଁ ୨୭.୮ ଓ ରଣପୁର ବ୍ଲକରେ ୩୦.୪ ମିମି ବର୍ଷା ରେକର୍ଡ ହୋଇଥିବା ସୂଚନା ମିଳିଛି। ଏହା ବାଦ ମଙ୍ଗଳବାର ଦିନ ସାରା ବର୍ଷା ଲାଗି ରହିଛି। ବର୍ଷା କାରଣରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଥିବା ବେଳେ ବ୍ୟାପକ ଫସଲ ହାନୀ ହେବା ପରିସ୍ଥିତି ସୃଷ୍ଟି ହୋଇଛି। ଛୋଟ ଧାନ ଗୁଡ଼ିକ ଅମଳକ୍ଷମ ହୋଇ ସାରିଥିବା ବେଳେ ଏହି ବର୍ଷା ପ୍ରଭାବରେ ବ୍ୟାପକ କ୍ଷତି ହେବାର ସମ୍ଭାବନା ଦେଖାଯାଇଛି। ସେହିଭଳି ଭାବେ ଜିଲ୍ଲାରେ ବିଭିନ୍ନ ସ୍ଥାନରେ କରାଯାଉଥିବା ସବୁଜ ପନିପରିବା ଚାଷ ମଧ କ୍ଷତିଗ୍ରସ୍ତ ହେବ ବୋଲି ଅନୁମାନ କରାଯାଉଛି। ନୟାଗଡ଼ ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ଯଥା ରଣପୁର ମଣିନାଗ ମନ୍ଦିର, ଫତେଗଡ଼ ରାମମନ୍ଦିର, ଦଶପଲ୍ଲା କୁଆଁରିଆ ଡ୍ୟାମ, ବରକନ୍ୟା ଓ ଶିମିଳି ଝରଣା ଅଞ୍ଚଳକୁ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ନଯିବା ପାଇଁ ପରାମର୍ଶ ଜାରି କରାଯାଇଛି। ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ବାତ୍ୟା ତଦାରଖ କରୁଥିବା ବେଳେ ଜିଲ୍ଲାର ସମସ୍ତ ଅଧିକାରୀଙ୍କୁ ଆଲର୍ଟ ରହିବାକୁ ପରାମର୍ଶ ଦିଆଯାଇଛି।

# ବନ୍ଧକ ଗୃହକୁ ନିଜ ଅଧୀନକୁ ଆଣିଲା ବ୍ୟାଙ୍କ




ଓଡ଼ଗାଁ,୨୮।୧୦(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଲକ୍ଷ୍ମୀବଜାରରେ ଥିବା ନୟନ କୁମାର ପାତ୍ରଙ୍କ ବନ୍ଧକ ଗୃହକୁ ନିଜ ଅଧୀନକୁ ଆଣିଲେ ଷ୍ଟେଟ୍ ବ୍ୟାଙ୍କ କର୍ତ୍ତୃପକ୍ଷ। ଗୃହ କର୍ତ୍ତା ନୟନ କୁମାର ପାତ୍ର ରହିବା ଘରକୁ ବନ୍ଧକ କରି ଶ୍ରୀଗଣେଶ ଷ୍ଟୋର ନାମରେ ଓଡ଼ଗାଁ ଷ୍ଟେଟବ୍ୟାଙ୍କ ଶାଖାରୁ ୧୩ ଲକ୍ଷ୍ୟ ୩୫ ହଜାର ଟଙ୍କା ଋଣ ଆଣି ଥିଲେ। ବ୍ୟାଙ୍କର କିସ୍ତି ଅନୁପାତରେ ଋଣ ପରିଶୋଧ ନ କରିବାରୁ ତାହା ସୁଧ ମୂଳ ହୋଇ ପ୍ରାୟ ୧୬ ଲକ୍ଷ ଛୁଇଁଥିଲା। ଏନେଇ ବ୍ୟାଙ୍କ କର୍ତ୍ତୃପକ୍ଷ ନୟନ କୁମାର ପାତ୍ରଙ୍କୁ ବାରମ୍ବାର ନୋଟିସ ପ୍ରଦାନ କରିଥିଲେ। ଋଣ ପରିଶୋଧ ନିମନ୍ତେ ନୟନ କୁମାର ପାତ୍ର କୌଣସି ଉଦ୍ୟମ ନ କରିବାରୁ ସରଫେସୀ ଆଇନ୍ ମାଧ୍ୟମରେ ବନ୍ଧକ ଘରକୁ ବ୍ୟାଙ୍କ ନିଜ ଅଧୀନକୁ ନେବାକୁ ଆବଶ୍ୟକ ପ୍ରକ୍ରିୟା ଆରମ୍ଭ କରଥିଲେ। ମଙ୍ଗଳବାର ସକାଳେ ପୁଲିସ ଅଧିକାରୀଙ୍କ ସହିତ ୨ ପ୍ଲାଟୁନ ଫୋର୍ସ ଏବଂ ମାଜିଷ୍ଟ୍ରେଟ ଭାବରେ ଅତିରିକ୍ତ ତହସିଲଦାର ଜି.ଶ୍ରୀନୁ, ଷ୍ଟେଟ ବ୍ୟାଙ୍କ ଆଞ୍ଚଳିକ ବ୍ୟବସାୟିକ କାର୍ଯ୍ୟାଳୟ ମୁଖ୍ୟ ପ୍ରବନ୍ଧକ ଅଗ୍ରୀମ ଓ ଓଡ଼ଗାଁ ଶାଖା ପରିଚାଳକ ଲକ୍ଷ୍ମୀଧର ସୁବୁଦ୍ଧି ଶ୍ରୀଗଣେଶ ଷ୍ଟୋର ଠାରେ ପହଞ୍ଚି କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲେ। ଗୃହ ମଧ୍ୟରେ ଥିବା ମୂଲ୍ୟବାନ ଜିନିଷ ଗୁଡ଼ିକର ତାଲିକା ପ୍ରସ୍ତୁତ କରି ପଞ୍ଚନାମା କରି ଗୃହକୁ ବ୍ୟାଙ୍କ ନିଜ ଅକ୍ତିଆରକୁ ଆଣିଥିଲେ। ପରବର୍ତ୍ତୀ ସମୟରେ ବ୍ୟାଙ୍କ ଉକ୍ତ ଗୃହକୁ ଇ-ଅକ୍ସନ ମାଧ୍ୟମରେ ନିଲାମ କରିବା ନିଷ୍ପତ୍ତି ରହିଛି। ନିଲାମ ଧାରୀଙ୍କଠାରୁ ପ୍ରାପ୍ତ ମୂଲ୍ୟରେ ବ୍ୟାଙ୍କ ୧୬ ଲକ୍ଷ ଟଙ୍କା ଋଣ ପଇଠ ଗ୍ରହଣ କରିବା ପରେ ଅବଶିଷ୍ଟ ବଳକା ଅର୍ଥକୁ ଗୃହ ମାଲିକଙ୍କୁ ପ୍ରଦାନ କରାଯିବ। ଗୃହ ମାଲିକ ଚାହିଁଲେ ବ୍ୟାଙ୍କକୁ ୧୬ ଲକ୍ଷ ଟଙ୍କା ପଇଠ କରି ଘରକୁ ନିଜ ଅଧୀନକୁ ଆଣିପାରିବେ ବୋଲି ଜଣାପଡିଛି।

### ଟାକରା ହାଇସ୍କୁଲ ଆଲୁମ୍ନି କମିଟି ଗଠିତ

# ରିଜୋଲୁସନ ଖାତାରେ କାଗଜ ଲେପମାରିଲେ ପ୍ରଧାନଶିକ୍ଷକ

ଦଶପଲ୍ଲା,୨୮।୧୦(ସମିସ): ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକ ଅଧୀନସ୍ଥ ଟାକରା ଆଦିବାସୀ ଓ ହରିଜନ କଲ୍ୟାଣ ବିଭାଗର ସରକାରୀ ଉଚ୍ଚ ବିଦ୍ୟାଳୟ (ଟାକରା)ର ନୂତନ ଆଲୁମିନି କମିଟି ଚୟନ ଆଜି ବିଦ୍ୟାଳୟ ପରିସରରେ ହୋଇସାରିଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମୁକେଶ ଦୁଗାଳ ଗତ ୧୮ ତାରିଖରେ ନୂତନ ଆଲୁମିନି କମିଟି ଗଠନ ପାଇଁ ବିଜ୍ଞାପନ କରିଥିଲେ। ଏହି ପରିପ୍ରେକ୍ଷୀରେ ଆଜି ପ୍ରଧାନ ଶିକ୍ଷକଙ୍କ ତତ୍ତ୍ୱାବଧାନରେ ଟାକରା ହାଇସ୍କୁଲ ପରିସରରେ ପୁରାତନ ଛାତ୍ରଛାତ୍ରୀଙ୍କୁ ନେଇ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସର୍ବସମ୍ମତି କ୍ରମେ ନୂତନ କମିଟିର ଅଧ୍ୟକ୍ଷ ଭାବେ ପ୍ରଦୀପ କୁମାର ସାହୁ, ଉପାଧ୍ୟକ୍ଷ ରୂପେ ଜଗବନ୍ଧୁ ଆଚାର୍ଯ୍ୟଙ୍କୁ ମନୋନୀତ କରାଯାଇଥିବା ବେଳେ ସଭ୍ୟ ଭାବେ ସନ୍ତୋଷ କୁମାର ସାହୁ, ସୁଲୋଚନା ମଲିକ, ନୋଡାଲ ଶିକ୍ଷକ ନୀଳମଣି ସାହୁ ଏବଂ ୨ଜଣ ଛାତ୍ରଛାତ୍ରୀଙ୍କୁ ମନୋନୀତ କରାଯାଇଥିଲା। ଶେଷରେ ଦେଖିବାକୁ ମିଳିଥିଲା ଆଲୁମ୍ନି କମିଟିର ୫ ନମ୍ବର ଅଧିବେଶନ ଅର୍ଥାତ ଜୁଲାଇ ୧୫ ତାରିଖରେ ହୋଇଥିବା ବୈଠକରେ ରିଜୋଲେସନ ଖାତା ଉପରେ ସଭ୍ୟଙ୍କ ଦସ୍ତଖତ ରହିଥିବା ବେଳେ ଗୋଟିଏ ସାଧାକାଗଜରେ ରିଜୋଲେସନ କରି ତାକୁ ଅଠା ସାହାଯ୍ୟରେ ଉକ୍ତ ଖାତାରେ ଛପାଯାଇଛି। ଏ ସମ୍ପର୍କରେ ପ୍ରଧାନଶିକ୍ଷକ ଦୁଗାଳଙ୍କୁ ପଚାରିବାରୁ ସେ ଏଥି ନିମନ୍ତେ ଭୁଲ ସ୍ୱୀକାର କରିଥିବା ଜଣାପଡ଼ିଛି। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି।

### ଗଣିଆ ପଞ୍ଚାୟତରେ ସାଂଘାତିକ ଦୁର୍ନୀତି

# ଡ୍ରେନ୍ କାର୍ଯ୍ୟ ନ ହୋଇ ୮୦ ହଜାର ହଡ଼ପ

ନୟାଗଡ଼/ଗଣିଆ,୨୮।୧୦(ସମିସ)

**ଅନଶନ ଧମକ ଦେଲେ ସମିତିସଭ୍ୟ**

ଗଣିଆ ବ୍ଲକଠାରୁ ମାତ୍ର ୫ ଶହ ମିଟର ଦୂରରେ ହୋଇଛି ବଡ ଦୁର୍ନୀତି। କାର୍ଯ୍ୟନିର୍ବାହୀ ଅଧିକାରୀଙ୍କଠାରୁ ଆରମ୍ଭ କରି ସହକାରୀ ଯନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତେ ଏହି ଦୁର୍ନୀତିରେ ସଂପୃକ୍ତ ଥିବା ଅଭିଯୋଗ ହୋଇଛି। ଏନେଇ ସମିତିସଭ୍ୟ ଫକୀର ମୋହନ ଡାକୁଆ ଜିଲ୍ଲାପାଳ, ଉପଜିଲ୍ଲାପାଳ ତଥା ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବାକୁ ସେ ନିବେଦନ କରିଛନ୍ତି। ଏପରିକି ଯଦି ୭ ଦିନ ଭିତରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯାଏ ତେବେ ସେ ବ୍ଲକ ସମ୍ମୁଖରେ ଅନଶନ କରିବେ ବୋଲି ଜଣାଇଛନ୍ତି।

ଘଟଣାରୁ ଜଣାପଡିଛି ଗଣିଆ ପଞ୍ଚାୟତ ଅନ୍ତର୍ଗତ ତେଲିସାହି ୫ନଂୱାର୍ଡର ପଛପାଖ ଡ୍ରେନ୍ ନିର୍ମାଣ ନିମନ୍ତେ ୨୦୨୪-୨୫ ଆର୍ଥିକ ବର୍ଷରେ ସିଏଫ୍‌ସି ପାଣ୍ଠିରୁ ୮୦ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ମାତ୍ର ଆଶ୍ଚର୍ଯ୍ୟର ବିଷୟ ୫ନଂ ୱାର୍ଡରେ କାର୍ଯ୍ୟ ନ ହୋଇ କିଛି ଦିନ ପୂର୍ବରୁ ୪ନଂ ୱାର୍ଡରେ ନିର୍ମାଣ କରାଯାଇଥିବା କାର୍ଯ୍ୟର ଫଟୋକୁ ଦର୍ଶାଇ ବିଲ୍ ପଇଠ କରାଯାଇଥିବା ସମିତିସଭ୍ୟ ଫକୀର ମୋହନ ଡାକୁଆ ଅଭିଯୋଗ କରିଛନ୍ତି। ଅଭିଯୋଗ ପତ୍ରରେ ସେ ୫ନଂ ୱାର୍ଡର ଡ୍ରେନ କାର୍ଯ୍ୟର କାର୍ଯ୍ୟାଦେଶ ସହିତ ବିଲ୍ ଫର୍ମର ନକଲ, ବିଲରେ ବ୍ୟବହାର କରାଯାଇଥିବା ୪ନଂ ୱାର୍ଡର ଫଟୋ ଆଦି ସଂଯୋଗ କରିଛନ୍ତି। ଏପରିକି ଉକ୍ତ ବିଲ୍ ଫର୍ମରେ ୭୪ ହଜାର ୨୩୬ ଟଙ୍କା ବିଲ୍ ପଇଠ କରାଯାଇଥିବା ଜଣାପଡ଼ିଛି। ଉକ୍ତ ବିଲ୍ ଫର୍ମରେ ସରପଞ୍ଚଙ୍କ ଠାରୁ ଆରମ୍ଭ କରି କନିଷ୍ଠ ଯନ୍ତ୍ରୀ ଏବଂ ସହକାରୀ ଯନ୍ତ୍ରୀଙ୍କ ଦସ୍ତଖତ ମଧ ରହିଛି। ସବୁଠାରୁ ଆଶ୍ଚର୍ଯ୍ୟର ଘଟଣା ବ୍ଲକ ଠାରୁ ମାତ୍ର ୫ ଶହ ମିଟର ଦୂରରେ ଏଭଳି ଦୁର୍ନୀତିକୁ କିଭଳି ପ୍ରଶ୍ରୟ ଦେଇ ଆଖିବୁଜା ଦସ୍ତଖତ କରିଛନ୍ତି ଉପରିସ୍ଥ ଅଧିକାରୀ। ଉକ୍ତ କାର୍ଯ୍ୟାଦେଶଟି ଗଣିଆ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମେନକା ମଲ୍ଲିକଙ୍କ ନାମରେ ଥିବା ଜଣାପଡିଛି। ଯଦି ଗଣିଆରେ ଏଭଳି ହେଉଛି ତେବେ ଆଦିବାସୀ ଅଧ୍ୟୁଷିତ ବଡ଼ସିଲିଙ୍ଗା ପଞ୍ଚାୟତର ଅବସ୍ଥା କ'ଣ ତାହା ଅନୁମାନ କରିହେବ ଏଥିରେ ସନ୍ଦେହନାହିଁ। ଏ ସମ୍ପର୍କରେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ ମଧ ସେ ଫୋନ୍ ଉଠାଇନଥିଲେ। ଗଣିଆ ସରପଞ୍ଚ ଗିରିଧାରୀ ସେଠୀଙ୍କୁ ପଚାରିବାରୁ ଭୁଲରେ ବିଲ୍ ଫର୍ମ ସରିଛି; କିନ୍ତୁ ଅନ୍‌ଲାଇନ୍ ଅର୍ଥ ପଇଠ କରାଯାଇନାହିଁ ବୋଲି ସେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଗଣିଆ ବ୍ଲକ ଅଧ୍ୟକ୍ଷା ଝୁନା ଜେନାଙ୍କୁ ପଚାରିବାରୁ ତଦନ୍ତ ପରେ ଘଟଣାର ସତ୍ୟତା ମିଳିଲେ ଅଭିଯୁକ୍ତଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟନୁଷ୍ଠାନ ନିଆଯାଉ ବୋଲି ସେ ପ୍ରକାଶ କରିଛନ୍ତି। ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଲଗ୍ନଜିତ ରାଉତ ଘଟଣାକୁ ଗୁରୁତର ସହିତ ନେଇ ତୁରନ୍ତ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତୁରନ୍ତ ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।




## ଫଲ୍ସ ବିଲ୍‌ର ଗନ୍ତାଘର ଗଣିଆ

ନୟାଗଡ଼: ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ ଏକ ଅନୁନ୍ନତ ତଥା ଉପାନ୍ତ ଅଞ୍ଚଳ ଅଟେ। ଏହି ବ୍ଲକରେ ମାତ୍ର ୮ଟି ପଞ୍ଚାୟତ ରହିଥିବା ବେଳେ ତାହା ମଧ୍ୟରୁ ଛାମୁଣ୍ଡିଆ ଓ ବଡ଼ଶିଲିଙ୍ଗା ପଞ୍ଚାୟତର ଅନେକ ଗ୍ରାମକୁ ଆଜି ପର୍ଯ୍ୟନ୍ତ ସ୍ଥାୟୀ ରାସ୍ତା ନିର୍ମାଣ ହୋଇନାହିଁ। ଯାହାର ସୁଯୋଗ ନେଇ ଗଣିଆ ବ୍ଲକରେ ସରକାରଙ୍କ ବିଭିନ୍ନ ଯୋଜନାରେ ଶତାଧିକ ଅନୁମୋଦିତ ପ୍ରକଳ୍ପର ଫଲ୍ସ ବିଲ୍ କରାଯାଇଛି। ଗଣିଆ ବ୍ଲକର ପ୍ରତ୍ୟେକ ଉନ୍ନୟନ ମୂଳକ କାର୍ଯ୍ୟକୁ ତଦାରଖ କଲେ ଏହି କେଲେଙ୍କାରୀ ସାମ୍ନାକୁ ଆସିବ ବୋଲି ଆଲୋଚନା ହେଉଛି। ସିଏଫ୍‌ସି, ଏସ୍‌ଏଫ୍‌ସି ଫଣ୍ଡଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ସମୟରେ ଯୋଗାଇ ଦିଆଯାଇଥିବା ଅନୁଦାନକୁ ହଡ଼ପ କରାଯାଇଥିବା ଅଭିଯୋଗ ହୋଇଛି। ଏପରିକି ବିଧାୟକ ଓ ସାଂସଦ ପାଣ୍ଠି ମଧ ବ୍ୟାପକ ପରିମାଣର କେଲେଙ୍କାରୀ ହୋଇଥିବା ଅଭିଯୋଗ ହୋଇଛି। ଭାପୁର ବ୍ଲକ ଭଳି ଗଣିଆ ବ୍ଲକର କେଲେଙ୍କାରୀ ରାଶି ୧୦ କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି। ଜିଲ୍ଲା ପ୍ରଶାସନ ବିଗତ ୩ ବର୍ଷର ବିଭିନ୍ନ କାର୍ଯ୍ୟର ତଦନ୍ତ କରିବା ପାଇଁ ଦାବି ହେଉଛି।

### ● ମାନସ ନାମରେ ବଢୁଛି ମାମଲା

## ରହିଥିଲା ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ଆଶୀର୍ବାଦ

ନୟାଗଡ଼,୨୮।୧୦(ସମିସ): ନୟାଗଡ଼ ଟାଉନଥାନା ପୁଲିସ ଦ୍ୱାରା ଗିରଫ ହୋଇ ଜେଲରେ ରହିଥିବା ମାନସ ନାମରେ ମାମଲା ଦିନକୁ ଦିନ ବୃଦ୍ଧି ପାଉଛି। ମାନସ ନାମରେ ୬ରୁ ଊର୍ଦ୍ଧ୍ୱ ମାମଲା ରୁଜୁ ହୋଇଥିବା ବେଳେ ତା' ଚେର କେତେ ଗଭୀର ଜାଣି ପୁଲିସ ମଧ ତାଜୁବ ହୋଇଯାଇଛି। ନୟାଗଡ଼ ଜିଲ୍ଲା ଇଟାମାଟି ଥାନା ଅନ୍ତର୍ଗତ ମେଳାମ୍ବ ଗ୍ରାମର ମାନସ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଆଉଟ୍‌ସୋର୍ସିଂ ଜରିଆରେ ଡାଟା ଏଣ୍ଟ୍ରି ଅପରେଟର୍ ଭାବେ ଚାକିରି କରିବା ଏବଂ ଏହାର ସୁଯୋଗ ନେଇ ବହୁ ଲୋକଙ୍କୁ ଚୂନ ଲଗାଇଥିବା ଜଣାପଡ଼ିଛି। ମାନସର ଏଭଳି କାଣ୍ଡ ପଛରେ ଅନେକ ପ୍ରଶାସନିକ ଅଧିକାରୀଙ୍କ ସହଯୋଗ ଓ ସମର୍ଥନ ରହିଥିବା ବେଳେ ନୟାଗଡ଼ ଜିଲ୍ଲାର ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ଆଶୀର୍ବାଦ ରହିଥିବା ଜଣାପଡ଼ିଛି। ଯେଉଁଥି ପାଇଁ ଉକ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ମାନସକୁ ଆର୍ଥିକ ସାହାଯ୍ୟ କରୁଥିବା ଏବଂ ମାନସ ଜେଲ୍‌ରେ ଥିବା ଜାଣି ମଧ ତାଙ୍କ ପରିବାରକୁ ସାହାଯ୍ୟ କରୁଥିବା ଜଣାପଡ଼ିଛି। ଜିଲ୍ଲା ପ୍ରଶାସନରେ ଦବଦବା ରଖିଥିବା ଏହି ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ଏଭଳି କାମ ପଛରେ କ'ଣ କାରଣ ରହିଛି, ତାହା ପୁଲିସ ବିଭାଗ ଖୋଳତାଡ଼ କରିନାହିଁ। ସବୁ ଜାଣି ପୁଲିସ ଚୁପ୍ ହୋଇଯାଇଛି। ଏହି ଘଟଣା ଏବେ ନୟାଗଡ଼ରେ ଚର୍ଚ୍ଚାର ବିଷୟ ପାଲଟିଛି। ଉକ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ କୁଆଡେ ମାନସ ପରିବାର ସ୍ୱାସ୍ଥ୍ୟ ସମସ୍ୟା ପାଇଁ ସବୁ ପ୍ରକାର ସହଯୋଗ କରିଛନ୍ତି।

# ବିଜେପି ମଣ୍ଡଳ ସଭାପତିଙ୍କ ନାଁରେ ଜମି ଠକେଇ ଅଭିଯୋଗ

ହଂସପାଳ,୨୮।୧୦(ସମିସ): ବିଜେପି ମଣ୍ଡଳ ସଭାପତିଙ୍କ ନାମରେ ପାହାଳ ଥାନାରେ ଜମି ଠକେଇ ଅଭିଯୋଗ ହୋଇଛି। ସୂଚନା ଅନୁସାରେ, ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ କଣ୍ଟିଲୋ ଜୋନ୍ ବିଜେପି ମଣ୍ଡଳ ସଭାପତି ଟିଟନ୍ ସାହୁ ଯାଜପୁର ବରୀର ଜିତେନ୍ଦ୍ର କୁମାର ପରିଡ଼ାଙ୍କୁ ଏକ ଜମି ଦେବା ପାଇଁ ୧୭ ଲକ୍ଷ ଟଙ୍କା ଅଗ୍ରୀମ ନେଇଥିଲେ। ଚୁକ୍ତି ମୁତାବକ ଜିତେନ୍ଦ୍ରଙ୍କୁ ଟିଟନ୍ ଜମି ଯୋଗାଇ ଦେଇପାରୁ ନ ଥିଲେ। ଏ ନେଇ ଜିତେନ୍ଦ୍ର ବାରମ୍ବାର ଟିଟନ୍‌ଙ୍କୁ ଜମି ସମ୍ପର୍କରେ ପଚାରିବାରୁ ସେ ତାଙ୍କୁ ଦିନ ପରେ ଦିନ ଗଡ଼ାଇ ଚାଲିଥିଲେ। ଏହି ଘଟଣାକୁ ନେଇ ଜିତେନ୍ଦ୍ରଙ୍କ ପରିବାରରେ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା। ଜିତେନ୍ଦ୍ରଙ୍କ ବାପା ଗୁରୁତର ରୋଗରେ ପୀଡ଼ିତ ହୋଇ ଶଯ୍ୟାଶାୟୀ ଥିବାରୁ ସେ ତାଙ୍କୁ ଏହି ଘଟଣା ବିଷୟରେ ଜଣାଇପାରୁ ନ ଥିଲେ। ଜିତେନ୍ଦ୍ର ଓ ତାଙ୍କ ପତ୍ନୀ ବାରମ୍ବାର ଟଙ୍କା ଫେରସ୍ତ ନେଇ ଟିଟନ୍‌ଙ୍କୁ ଭେଟିଥିଲେ। ଟିଟନ୍ ମଧ ଜିତେନ୍ଦ୍ରଙ୍କୁ ଚେକ୍ ମାଧ୍ୟମରେ ସମସ୍ତ ଟଙ୍କା ଫେରସ୍ତ କରିଥିଲେ। କିନ୍ତୁ ପରେ ସେ ସବୁ ଚେକ୍ ବାଉନ୍ସ ହୋଇଯାଇଥିଲା। ଏ ନେଇ ଜିତେନ୍ଦ୍ର ଠକାମୀର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଟଙ୍କା ଫେରସ୍ତ ପାଇବା ଆଶା ନ ମିଳିବାରୁ ସେ ପାହାଳ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ। ପାହାଳ ଥାନା ଅଧିକାରୀ ଅଶ୍ୱିନୀ ଜେନା ଘଟଣାର ତଦନ୍ତ ଜାରି ରଖିଛନ୍ତି।

# ୩ଟି ଉଚ୍ଚ ବିଦ୍ୟାଳୟରେ ନାହାନ୍ତି ଖେଳଶିକ୍ଷକ

ଗଣିଆ,୨୮।୧୦(ସମିସ): ଗଣିଆ ବ୍ଲକର ୩ଟି ଉଚ୍ଚ ବିଦ୍ୟାଳୟରେ ନାହାନ୍ତି କ୍ରୀଡ଼ାଶିକ୍ଷକ। ନିକଟରେ ଗଣିଆ କିଶୋର ଚନ୍ଦ୍ର ନୋଡାଲ ବିଦ୍ୟାପୀଠ ପରିସରରେ ବ୍ଲକସ୍ତରୀୟ କବାଡି, ଖୋଖୋ, ଭଲିବଲ୍, ଫୁଟବଲ୍, ବ୍ୟାଡମିଣ୍ଟନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ତେବେ ଗଣିଆରେ ଥିବା ୯ଟି ଉଚ୍ଚ ବିଦ୍ୟାଳୟ ମଧ୍ୟରୁ ୩ଟି ଉଚ୍ଚ ବିଦ୍ୟାଳୟରେ ଖେଳଶିକ୍ଷକ ନାହାନ୍ତି। ବ୍ଲକର ରାମଚନ୍ଦ୍ର ପ୍ରାଣବନ୍ଧୁ ଉଚ୍ଚ ବିଦ୍ୟାଳୟ, ବଡସିଲିଙ୍ଗା ଆଶ୍ରମ ବିଦ୍ୟାଳୟ ଏବଂ ନାରାୟଣ ପ୍ରସାଦ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଦୀର୍ଘ ଦିନ ହେବ ଖେଳ ଶିକ୍ଷକ ନାହାନ୍ତି। ଯାହା ଫଳରେ ଛାତ୍ର ଛାତ୍ରୀ ମାନେ କ୍ରିଡା ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ବିଦ୍ୟାଳୟରେ ଶିକ୍ଷା ସହିତ କ୍ରିଡା ଅଙ୍ଗାଙ୍ଗୀ ଭାବେ ଜଡ଼ିତ ହୋଇଥିବା ବେଳେ ଖେଳ ଶିକ୍ଷକ ନଥିବାରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ଠିକ୍ ଭାବେ ପ୍ରଶିକ୍ଷଣ ମିଳୁନଥିବାରୁ ସେମାନେ ଅନେକ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାରୁ ବଞ୍ଚିତ ହେଉଛନ୍ତି। କ୍ରୀଡ଼ାରେ ରଚି ରଖୁଥିବା କ୍ରୀଡ଼ାବିତମାନେ କ୍ଷୋଭ ପ୍ରକାଶ କରିଥିବା ଜଣାପଡିଛି। ଗଣଶିକ୍ଷା ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଛାତ୍ରଛାତ୍ରୀ ତଥା ଅଭିଭାବକ ମହଲରେ ଦାବି ହେଉଛି।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଗଣିଆ,୨୮।୧୦(ସମିସ): ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ କିଶୋର ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଆନୁକୁଲ୍ୟରେ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଅସ୍ଥିଶଲ୍ୟ, ଚକ୍ଷୁ, କର୍ଣ୍ଣ, ମସ୍ତିଷ୍କ ବିକୃତ ବିଭାଗର ଏକ ଡାକ୍ତରୀ ଟିମ୍ ପହଞ୍ଚି ଭିନ୍ନକ୍ଷମଙ୍କୁ ଚିହ୍ନଟ ସହିତ ପରୀକ୍ଷା କରିଥିଲେ। ଶିବିରରେ ମୋଟ ୫ଟି ବିଭାଗର ଷ୍ଟଲ ଖୋଲାଯାଇ ନାମ ପଞ୍ଜୀକରଣ କରାଯାଇଥିଲା। ଏହି ଶିବିରକୁ ବ୍ଲକ ଅଧ୍ୟକ୍ଷା ଝୁନା ଜେନା ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ନରେଶ କୁମାର ବେହେରା, କନ୍ଧମାଳ ସାଂସଦଙ୍କ ପ୍ରତିନିଧି ଶରତ କର, ବିଡିଓ ପ୍ରିତିବାଳା ରଣା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଣୟ କୁମାର ନାୟକ, ଡାକ୍ତର ସିଦ୍ଧାର୍ଥ ଦାଶ, ଡାକ୍ତର ସବିତା ବରାଡ, ଶିତାଶ୍ରୀ ସେଠୀ, ଡାକ୍ତର ବିଏସ୍ ରାଓ, ସମସ୍ତ ଲୋକପ୍ରତିନିଧି, ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ। ଶିବିରରେ ପ୍ରାୟ ୧୫୯ ଜଣ ପଞ୍ଜିକୃତ କରିଥିଲେ। ସେଥିମଧ୍ୟରୁ ଶାରୀରିକ ଭିନ୍ନକ୍ଷମ ୮୦ ଜଣ, ଶ୍ରବଣ ବାଧିତ ୨୭ ଜଣ, ଦୃଷ୍ଟି ବାଧିତ ୧୮ ଜଣ, ମାନସିକ ଅନଗ୍ରସର ୩୪ ଜଣ।

# କୃଷକ ସଭାର ରାଜ୍ୟ ସମ୍ମିଳନୀ ଉଦ୍‌ଯାପିତ




ରଣପୁର, ୨୮।୧୦ (ସମିସ): ଐତିହାସିକ ରଣପୁର ମାଟିର ମଣିନାଗ ପୀଠରେ ଚାଲିଥିବା କୃଷକ ସଭାର ୨୫ତମ ରାଜ୍ୟ ସମ୍ମିଳନୀର ପ୍ରତିନିଧି ଅଧିବେଶନ ଆଜି ଶେଷ ହୋଇଯାଇଛି। ରାଜ୍ୟ ସଭାପତି ଜମ୍ମେଶ୍ୱର ସାମନ୍ତରାୟ ପତାକା ଉତ୍ତୋଳନ କରିଥିଲେ। ଏହି ସମ୍ମିଳନୀ ହରେକୃଷ୍ଣ ରେଡ଼ି, ଚନ୍ଦ୍ରଶେଖର ନାୟକ, ମୀନା ରାଣୀ ପ୍ରଧାନ, ସାଲ ମାରାଣ୍ଡି, ବୁଧନୀ ମୁଣ୍ଡାରୀ ଓ ଗଣେଶ୍ୱର ନାୟକଙ୍କ ସଭାପତି ମଣ୍ଡଳୀର ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ସାଂସଦ ହାନନ୍ ମୋଲ୍ଲା ସମ୍ମିଳନୀକୁ ଉଦ୍‌ଘାଟତ କରିଥିଲେ। ସମ୍ମିଳନୀରେ ଏକ ୫୧ ଜଣିଆ ରାଜ୍ୟ କମିଟି ଓ ୧୭ ଜଣିଆ କର୍ମକର୍ତ୍ତା କମିଟି ନିର୍ବାଚିତ ହୋଇଥିଲା। ବେଳେ ରାଜ୍ୟ ସଭାପତି ଭାବେ ସୀତାଂସୁ ସେନାପତି, ସାଧାରଣ ସଂପାଦକ ଭାବେ ଜମ୍ମେଶ୍ୱର ସାମନ୍ତରାୟ ଓ କୋଷାଧ୍ୟକ୍ଷ ଭାବେ ଅଭିରାମ ବେହେରା ନିର୍ବାଚିତ ହୋଇଛନ୍ତି।

### ଦାଦାବଟି ପାଇଁ ସୁପରଭାଇଜରଙ୍କୁ ମାଡ଼


# ଅଧାରେ ଅଟକିଲା ଭାପୁର ବିଜିପୁର ରାସ୍ତା ନିର୍ମାଣ

ଭାପୁର,୨୮।୧୦(ସମିସ)



ନୟାଗଡ଼ ଜିଲ୍ଲା ଭାପୁର ବ୍ଲକର ବହୁ ଚର୍ଚ୍ଚିତ ରାସ୍ତାର ନବୀକରଣ ଓ ସଂପ୍ରସାରଣ କାର୍ଯ୍ୟ ବିଳମ୍ବରେ ଆରମ୍ଭ ହୋଇଥିଲା ବେଳେ କାର୍ଯ୍ୟ ଆରମ୍ଭରୁ ଝୁଣ୍ଟିଲାଣି। ମରଣଯନ୍ତା ପାଲଟିଥିବା ଏହି ରାସ୍ତା ନିର୍ମାଣ କାର୍ଯ୍ୟ କରୁଥିବା ଠିକାଦାରଙ୍କ ସୁପରଭାଇଜରଙ୍କୁ ଦାଦା ବଟି ନ ଦେବା ଅଭିଯୋଗରେ ମାଡ ମରାଯିବାରୁ ସୁପରଭାଇଜର କାମ ବନ୍ଦ କରି ପଳାଇଛି। ତେଣୁ ନିର୍ମାଣ କାର୍ଯ୍ୟ ବର୍ତ୍ତମାନ ବନ୍ଦ ରହିଛି। ଭାପୁର ବଜାରଠାରୁ ବିଜିପୁର ଛକ ପର୍ଯ୍ୟନ୍ତ ୩ କିଲୋମିଟର ୫ ଶହ ମିଟର ପ୍ରଧାନମନ୍ତ୍ରୀ ସଡ଼କଟି ଜିଲ୍ଲାର ସବୁଠାରୁ ଦୁର୍ଗମ୍ୟ ରାସ୍ତା ପାଲଟିଥିଲା। ଆଣ୍ଠୁଏ ଆଣ୍ଠୁଏ ଖାଲଖମା ହୋଇଥିବାରୁ ଲୋକମାନେ ଫତେଗଡ଼ ଦେଇ ଭାପୁରକୁ ଆସୁଥିଲେ। ଏନେଇ ବାରମ୍ବାର ବିଭିନ୍ନ ଖବରକାଗଜରେ ଖବର ପ୍ରକାଶିତ ହେବା ପରେ ସରକାର ଏହି ରାସ୍ତାର ନବୀକରଣ ଓ ସଂପ୍ରସାରଣ ପାଇଁ ୩ କୋଟି ୧୯ ଲକ୍ଷ ୯୬ ହଜାର ଟଙ୍କା ମଞ୍ଜୁର କରିଛନ୍ତି। କଟକର ଠିକାଦାର ଶିବୁ କାନୁନଗୋ ଟେଣ୍ଡର ପାଇଛନ୍ତି। ଗତ ଅଗଷ୍ଟ ୨୯ ତାରିଖରେ ଏହାର ଶିଳାନ୍ୟାସ ବିଧାୟକ କରିଥିଲେ। ବର୍ଷା କମିବା ପରେ ଗତ ସପ୍ତାହରେ ରାସ୍ତାର ଦୁଇ କଡ଼ ଖୋଳାଯାଇ କ୍ରସର ଡଷ୍ଟ ପକାଯାଉଥିଲା। ମାତ୍ର ଶାସକ ଦଳର କିଛି ସ୍ଥାନୀୟ ଯୁବକ ସୁପରଭାଇଜରଙ୍କୁ ଦାଦାବଟି ମାଗିଥିଲେ। ସେ ଦେବାକୁ ଅମଙ୍ଗ ହେବା ପରେ ସୁପରଭାଇଜରଙ୍କୁ ରାତିରେ ମାଡ଼ ମାରିଥିବା ଅଭିଯୋଗ ହୋଇଛି ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗର ବିଭାଗୀୟ ଅଧିକାରୀ କହିଛନ୍ତି। ଏହା ପରଦିନ ଠାରୁ କାମ ବନ୍ଦ ରହିଛି। ଉପରୁ ତଳ ଯାଏ ନେତାଙ୍କୁ ବଟି ଦେବା ପରେ ସ୍ଥାନୀୟ ଯୁବକଙ୍କ ବଟି ଦେବାକୁ ରାଜି ହେଉନାହିଁ ଠିକା ନେଇଥିବା ସଂସ୍ଥା। ବିଭାଗୀୟ ଯନ୍ତ୍ରୀଙ୍କୁ ଏ ନେଇ ପଚରାଯିବାରେ ସେ କହିଥିଲେ ନୂତନ ସୁପରଭାଇଜର ଆଣି ଠିକାଦାର ଖୁବଶୀଘ୍ର କାର୍ଯ୍ୟ ଆରମ୍ଭ କରିବେ ବୋଲି ଜଣାପଡିଛି।

# ସାଇବର ସୁରକ୍ଷା ସଚେତନତା




ଦଶପଲ୍ଲା,୨୮।୧୦(ସମିସ): ଓଡ଼ିଶା ପୁଲିସର ସାଇବର ସଚେତନତା ଅଭିଯାନ ନୟାଗଡ଼ ଜିଲ୍ଲା ଦଶପଲ୍ଲା ଥାନାରେ ଶୁଭାରମ୍ଭ ହୋଇଯାଇଛି। ସ୍ଥାନୀୟ କ୍ରିଷ୍ଣା କଲ୍ୟାଣ ମଣ୍ଡପରେ ଆୟୋଜିତ କର୍ମଶାଳାରେ ଉପଖଣ୍ଡ ଅଧିକାରୀ ସୁକାନ୍ତ ପାତ୍ର ଯୋଗଦେଇ ଏହି ଅଭିଯାନ ଆଜିଠାରୁ ଆରମ୍ଭ ହୋଇ ଆସନ୍ତା ମାସ ୧୭ ପର୍ଯ୍ୟନ୍ତ ଜାରି ରହିବ ବୋଲି ସୂଚନା ଦେଇଥିଲେ। ଅନ୍ୟତମ ମଞ୍ଚାସିନ ଅତିଥି ଭାବରେ ଏନ୍‌ଏସି ଅଧ୍ୟକ୍ଷା ପୁନମ୍ ପ୍ରିୟଦର୍ଶିନୀ ସାଇବର ସୁରକ୍ଷା ଅଭିଯାନ ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ କହିବ ସହିତ ଅନଲାଇନ୍ ବ୍ୟାଙ୍କିଙ୍ଗ, ସପିଙ୍ଗ, ବେଳେ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁବାସ ଚନ୍ଦ୍ର ପଣ୍ଡା, ଏସ୍‌ଡିପିଓ ଜ୍ୟୋତିରଞ୍ଜନ ସାମନ୍ତରାୟ, ଥାନା ଅଧିକାରୀ ବିଜୟ ରଞ୍ଜନ ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶପଥ ପାଠ କରାଇଥିଲେ।

## ପାଠ ପଢ଼ିଯିବା ବାହାନାରେ ୩ ନାବାଳିକା ଛାତ୍ରୀ ଫେରାର୍
# ଫୋନ୍ ଟ୍ରାକିଂ କରି ଭୁବନେଶ୍ୱରରୁ ୨ ଉଦ୍ଧାର

ଟାଙ୍ଗୀ,୨୮।୧୦(ସମିସ): ଚାନ୍ଦପୁର ଥାନା ଅଧୀନସ୍ଥ ଚାନ୍ଦପୁର ଅଞ୍ଚଳର ଏକ ହାଇସ୍କୁଲର ୩ ଜଣ ଦଶମ ଶ୍ରେଣୀର ଛାତ୍ରୀ ବିଦ୍ୟାଳୟକୁ ପାଠ ପଢ଼ିବାକୁ ଯିବା ବାହାନାରେ ବାଟରୁ ଫେରାର୍ ହୋଇଯାଇଥିଲେ। ଏହି ଘଟଣାକୁ କେନ୍ଦ୍ରକରି ସୋମବାର ବିଳମ୍ବିତ ରାତିରେ ଚାନ୍ଦପୁର ଥାନାକୁ ଉତ୍ୟକ୍ତ ଲୋକେ ଘେରଉ କରିବା ପରେ ଚାନ୍ଦପୁର ଆଇଆଇସି ଦିଲ୍ଲୀପ କୁମାର ସ୍ୱାଇଁ ପୃଥକ୍ ପୃଥକ୍ ୩ଟି ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲେ। ମଙ୍ଗଳବାର ମୋବାଇଲ୍ ଟ୍ରାକିଂରେ ଦୁଇଜଣ ନାବାଳିକାଙ୍କୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍ ଛକରୁ ଉଦ୍ଧାର କରିବା ସହ ଘଟଣାର ପର୍ଦ୍ଦାଫାସ୍ କରିଥିବାବେଳେ ଜଣେ ନାବାଳିକା ଓ ତା'ର ପ୍ରେମିକକୁ ପୁଲିସ ଠାବ କରିପାରି ନ ଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ସୋମବାର ଚାନ୍ଦପୁର ଅଞ୍ଚଳରେ ଥିବା ଏକ ଉଚ୍ଚ ବିଦ୍ୟାଳୟର ୩ଜଣ ଛାତ୍ରୀ ବିଦ୍ୟାଳୟକୁ ଆସିବା ବାଟରେ ଏହି ଥାନା ଅଧୀନସ୍ଥ କନ୍ଧନୟାଗଡ଼ର ବିଭୂତିଭୂଷଣ ସେଠୀଙ୍କ ସହ ଗୋଟିଏ ବାଇକ୍‌ରେ ୪ ଜଣ ପୁରୀ ପଳାଇଥିଲେ। ପୁରୀରେ ବୁଲାବୁଲି ପରେ ମୋବାଇଲ୍‌ରେ ଯୋଗାଯୋଗ କରି ଅନ୍ୟ ଜଣେ ଯୁବକଙ୍କ ସହ ଦୁଇଜଣ ନାବାଳିକା ପୁରୀରୁ ଚାନ୍ଦପୁର ଫେରିବା ବାଟରେ ଚାନ୍ଦପୁର ଥାନାରେ ଏ ଘଟଣା ପହଞ୍ଚି ସାରିଥିବା ଖବର ପାଇ ସମ୍ପୃକ୍ତ ଯୁବକ ଏହି ଦୁଇ ନାବାଳିକାଙ୍କୁ ଟାଙ୍ଗୀରେ ଛାଡ଼ି ପଳାଇଥିଲା। ଏହି ଦୁଇ ନାବାଳିକା ଘରକୁ ଯିବା ଭୟରେ କାଲୁପଡ଼ାଘାଟ ଷ୍ଟେସନରୁ ପୁଣି ରାତିରେ ଭୁବନେଶ୍ୱର ପଳାଇଥିଲେ। ତେବେ ନାବାଳିକାଙ୍କ ମୋବାଇଲ୍ ଟ୍ରାକିଂ କରି ମଙ୍ଗଳବାର ଚାନ୍ଦପୁର ଆଇଆଇସି ଦିଲ୍ଲୀପ କୁମାର ସ୍ୱାଇଁ ଉଭୟଙ୍କୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରୁ ଉଦ୍ଧାର କରି ପରିବାରକୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି। ତେବେ ଅନ୍ୟ ଜଣେ ନାବାଳିକା ଓ ତାଙ୍କ ପ୍ରେମିକ ବିଭୂତିକୁ ପୁଲିସ ଧରିବା ପାଇଁ ଉଦ୍ୟମ ଜାରି ରଖିଛି। ସେମାନଙ୍କ ମୋବାଇଲ୍ ବନ୍ଦ ଥିବାରୁ ଧରିବା ସମ୍ଭବ ହୋଇ ନ ଥିବା ଆଇଆଇସି ଶ୍ରୀ ସ୍ୱାଇଁ ସୂଚନା ଦେଇଛନ୍ତି। ଥାନାରେ ପୃଥକ୍ ପୃଥକ୍ ୩ଟି ମାମଲା ରୁଜୁ ହୋଇଥିବା ମଧ୍ୟ ସୂଚନା ମିଳିଛି। ପଚରାଉଚରା ଜାରି ରହିଛି।

# ଲୁଟ୍ ବାଇକ୍ ଓ ମୋବାଇଲ୍ ଉଦ୍ଧାର; ଲୁଟେରା ଗିରଫ

ନିରାକାରପୁର,୨୮।୧୦(ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅନ୍ତର୍ଗତ ରାମେଶ୍ୱର ନିକଟରୁ ଲୁଟ୍ ହୋଇଥିବା ଏକ ବାଇକ୍ ଓ ମୋବାଇଲ୍‌କୁ ପୁଲିସ ଭୁବନେଶ୍ୱରରୁ ଉଦ୍ଧାର କରିଥିବାବେଳେ ଜଣେ ଲୁଟେରାକୁ ଗିରଫ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ କି, ନିରାକାରପୁର ଥାନା କେସ୍ ନଂ ୨୬୪/୨୫ ଅନୁଯାୟୀ ଗତ ୧୦ ତାରିଖରେ ଜଂକିଆ ଥାନା ଅନ୍ତର୍ଗତ ଗଡ଼ିଆପଡ଼ା ଗ୍ରାମର ଆଶିଷ ବଳିଆରସିଂହ ରାମେଶ୍ୱର ଛକ ନିକଟରେ ଛିଡ଼ା ହୋଇଥିବାବେଳେ ତାଙ୍କ ସହିତ ଖୋର୍ଦ୍ଧା ଟାଉନ ଥାନା ଅନ୍ତର୍ଗତ ଗୁରୁଜଙ୍ଗ ତଳସାହିର ସୁଧାକର ବଳିଆରସିଂହଙ୍କ ଦେଖା ହୋଇଥିଲା। ପରେ ସେମାନେ ରାମେଶ୍ୱର ଛକରୁ ରାମେଶ୍ୱର ଗାଁ ଆଡ଼କୁ ଆସୁଥିବାବେଳେ ଆଶିଷ ପରିସ୍ରା କରିବାକୁ ଯିବାର ସୁଯୋଗ ଉଣ୍ଠି ସୁଧାକର ମୋବାଇଲ୍ ଓ ବାଇକ୍ ନେଇ ଚମ୍ପଟ୍ ମାରିଥିଲା। ଏ ନେଇ ଥାନାରେ ଅଭିଯୋଗ ହେବାରୁ ମଙ୍ଗଳବାର ପୁଲିସ ଭୁବନେଶ୍ୱରରୁ ସୁଧାକରକୁ ଗିରଫ କରିବା ସହିତ ବାଇକ୍ ଓ ମୋବାଇଲ୍ ଉଦ୍ଧାର କରାଯାଇଥିବା ଏସ୍‌ଆଇ ଦିପାଳିଶା ନାୟକ କହିଛନ୍ତି।

## ବ୍ରାଉନ୍‌ସୁଗର ଡିଲ୍‌ବେଳେ ମାଡ଼ିବସିଲା ପୁଲିସ

# ୩୧ ଲକ୍ଷର ବ୍ରାଉନ୍‌ସୁଗର ଜବତ, ୭ ଗିରଫ





ଖୋର୍ଦ୍ଧା,୨୮।୧୦(ସମିସ): ଏକ ବଡ଼ ଧରଣର ବ୍ରାଉନ୍‌ସୁଗର ବେପାର ପୂର୍ବରୁ ବୋଲଗଡ଼ ପୁଲିସ ଓ ସ୍ୱତନ୍ତ୍ର ସ୍କ୍ୱାଡ୍ ଚଢ଼ଉ କରି ସମସ୍ତଙ୍କୁ ଧରିବାରେ ସଫଳ ହୋଇଛି। ଏହି ଘଟଣାରେ ପୁଲିସ ମୁଖ୍ୟ ଅଭିଯୁକ୍ତ ଦମ୍ପତିଙ୍କ ସମେତ ୭ଜଣଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତିମାନେ ହେଲେ ବୋଲଗଡ଼ ଥାନା ମାଣିକଗୋଡ଼ା ଦଳେଇସାହିର ମିର୍ ଅତୁଲ୍ଲା ଓରଫ ବବୁଲ୍ (୨୬) ଓ ତାଙ୍କ ପତ୍ନୀ ମଇନା ବେଗମ୍ (୨୭), ମିର୍ ଅବଦୁଲ୍ଲା ଓରଫ ବୁନିଆ (୨୩), ମୀର୍ ମୁସ୍ତାଫ୍ ଅଲ୍ଲି ଓରଫ ରିଙ୍କୁ (୨୬) ଏବଂ ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ ସାମନ୍ତରାପୁର ସ୍ୱପ୍ନେଶ୍ୱର ସାହିର ମହେଶ୍ୱର ସ୍ୱାଇଁ ଓରଫ ଧରମା (୩୦), ଗଞ୍ଜାମ ଜିଲ୍ଲା ବଡ଼ବଜାର ଥାନା ଅଧୀନ ଦେଶୀ ବେହେରାସାହିର ପ୍ରଣୟ ରଥ (୩୬) ଓ ଆସ୍କାରୋଡ୍ ଗୁରୁମୂର୍ତ୍ତିପେଣ୍ଠର ସତ୍ୟଲୋଚନ ସାହୁ (୪୩)। ସେମାନଙ୍କ ଠାରୁ ପୁଲିସ୍ ୩୧୪.୯୭୦ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ କରିଛି। ଯାହାର ମୂଲ୍ୟ ୩୧ ଲକ୍ଷ ୫୦ହଜାର ଟଙ୍କା ହେବ ବୋଲି ଏସ୍‌ପି ବିବେକାନନ୍ଦ ଶର୍ମା ମଙ୍ଗଳବାର ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ବ୍ରାଉନ୍‌ସୁଗର ସମେତ ଅଭିଯୁକ୍ତମାନଙ୍କଠାରୁ ନଗଦ ୪ଲକ୍ଷ ଟଙ୍କା, ଏକ ଦେଶୀ ନିର୍ମିତ ଏକକ ବ୍ୟାରେଲ ବନ୍ଧୁକ, ୨ଟି କାର୍, ୩ଟି ବାଇକ୍‌କୁ ଜବତ କରାଯାଇଛି। ଏନେଇ ବୋଲଗଡ଼ ପୁଲିସ ୨୫୬/୨୫ରେ ଏକ ମାମଲା ରୁଜୁ କରି ଗିରଫ ୭ ଜଣଙ୍କୁ କୋର୍ଟଚାଲାଣ କରିଛି।

ଏସ୍‌ପି ଶ୍ରୀ ଶର୍ମାଙ୍କ ସୂଚନା ଅନୁସାରେ, ମାଣିକାଗୋଡ଼ା ଦଳେଇସାହିର ବବୁଲ ଓ ତାଙ୍କ ପତ୍ନୀ ମଇନା ବ୍ରାଉନ୍‌ସୁଗର ବେପାର କରୁଥିବା ପୁଲିସ ଖବର ପାଇଥିଲା। ସେଠାରେ ସୋମବାର ଅପରାହ୍ଣରେ ଏକ ବଡ଼ ଡିଲ୍ ହେଉଥିବା ପୁଲିସ ଜାଣିବାକୁ

## ନଗଦ ୪ଲକ୍ଷ ଟଙ୍କା, ୨କାର୍, ୩ ବାଇକ୍, ବନ୍ଧୁକ ଜବତ

## ଖୋର୍ଦ୍ଧାରୁ ଗଞ୍ଜାମକୁ ଲମ୍ବିଛି ନେଟ୍‌ୱର୍କ

## ବ୍ରାଉନ୍‌ସୁଗର ବେପାରରେ ଲାଗୁଛି କାଉନ୍ସିଲରଙ୍କ କାର୍

ପାଇଥିଲା। ଗଞ୍ଜାମରୁ କିଛି ଯୁବକ ଆସି ମାଲ୍ ନେବାର ଖବର ଥିଲା। ସେମାନଙ୍କୁ ଧରିବା ପାଇଁ ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଥାନା ଅଧିକାରୀ ସ୍ନିଗ୍ଧାମୟୀ ବରାଳଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ପୁଲିସ ସ୍ୱତନ୍ତ୍ର ସ୍କ୍ୱାଡ୍ ସହ ମିଶି ଡିଲ୍ ଚାଲିଥିବାବେଳେ ଚଢ଼ଉ କରିଥିଲା। ପୁଲିସ ଗାଡ଼ି ଦେଖି ଦୁଇଜଣ ସେମାନଙ୍କର ଗାଡ଼ି ଛାଡ଼ି ଘଟଣାସ୍ଥଳରୁ ଦୌଡ଼ି ପଳାଇଥିବାବେଳେ କାର୍‌ରେ ପଶି ପଳାଇବାକୁ ଉଦ୍ୟମ କରୁଥିବା ଅନ୍ୟ ଦୁଇଜଣଙ୍କୁ ପୁଲିସ କାବୁ କରିଥିଲା। ସେହିପରି ବବୁଲ୍ ଘର ଭିତରେ ବବୁଲ ଓ ମଇନା ସମେତ ୫ଜଣଙ୍କୁ ପୁଲିସ ଗିରଫ କରିଥିଲା। ସେମାନଙ୍କଠାରୁ ୩୧୪.୯୭୦ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ କରିଛି। ଏଥିସହିତ ରିଙ୍କୁଠାରୁ ନଗଦ ୧ ଲକ୍ଷ ୭୫ ହଜାର ଟଙ୍କା ଏବଂ ମଇନାଠାରୁ ନଗଦ ୨ ଲକ୍ଷ ୨୫ ହଜାର ଟଙ୍କା ଜବତ କରିବା ସହ ବୁନିଆଠାରୁ ଗୋଟିଏ ଦେଶୀ ଏକକ ବ୍ୟାରେଲ୍ ବନ୍ଧୁକ ଜବତ କରିଥିଲେ। ବବୁଲ ଓ ମଇନା ପାଖକୁ ଗଞ୍ଜାମରୁ ପ୍ରଣୟ ଓ ସତ୍ୟଲୋଚନ ମାଲ୍ ନେବାକୁ ଆସିଥିଲେ। ମାତ୍ର ମାଲ୍ କିଛି କମିବାରୁ ଖୋର୍ଦ୍ଧାରୁ ଧରମା ଉକ୍ତ ମାଲ୍ ଧରି ଏକ କାର୍‌ରେ ସେଠାକୁ ଯାଇଥିବା ପୁଲିସ ଆଗରେ ମାନିଥିବା ଏସ୍‌ପି କହିଛନ୍ତି। ଏଥିସହିତ ଗିରଫ ଅଭିଯୁକ୍ତମାନଙ୍କ ଆର୍ôଥକ କାରବାର ଓ ଜବତ ଗାଡ଼ିଗୁଡ଼ିକ ମାଲିକମାନଙ୍କ ସମ୍ପର୍କରେ ତଦନ୍ତ ଜାରି ରହିଥିବା କହିଛନ୍ତି ଏସ୍‌ପି। ଜିଲ୍ଲାରେ ବ୍ରାଉନ୍‌ସୁଗରର ମୂଳପୋଛ କରିବା ଲାଗି ପୁଲିସ ପଦକ୍ଷେପ ଜାରି ରଖିଛି।

ଅନ୍ୟପକ୍ଷରେ ବ୍ରାଉନ୍‌ସୁଗର ବେପାରରେ ବ୍ୟବହୃତ କାର୍ ଖୋର୍ଦ୍ଧା ପୌର ପରିଷଦର ଜଣେ କାଉନ୍ସିଲରଙ୍କ ନାଁରେ ରହିଥିବାବେଳେ ଏଥିରେ ତାଙ୍କର କି ପ୍ରକାର ଭୂମିକା ରହିଛି ତାକୁ ନେଇ ଉଠିଛି ପ୍ରଶ୍ନ। ଉକ୍ତ କାଉନ୍ସିଲରଙ୍କ ଗାଡ଼ିକୁ ପୁଲିସ ଜବତ କରିଥିବାବେଳେ ତାଙ୍କ ନିକଟରେ କେବେ ପହଞ୍ଚିବ ତାକୁ ନେଇ ଚର୍ଚ୍ଚା ଜୋର୍ ହେଲାଣି। ଏହି ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ଶ୍ରୀ ଶର୍ମାଙ୍କ ସହ ଖୋର୍ଦ୍ଧା ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ, ବୋଲଗଡ଼ ଆଇଆଇସି ସ୍ନିଗ୍ଧାମୟୀ ବରାଳ, ଏଚ୍.ବି. ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ୧୦୫ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ, ମହିଳା ଗିରଫ



ଖୋର୍ଦ୍ଧା,୨୮।୧୦(ସମିସ): ସ୍ଥାନୀୟ ଭାଲିଆବାଡ଼ି ହାତିଆଶୁଣି ସାହି ରାସ୍ତାରୁ ଅବକାରୀ ମୋବାଇଲ୍ ସ୍କ୍ୱାଡ୍ ଜଣେ ମହିଳା ବ୍ରାଉନ୍‌ସୁଗର ବେପାରୀକୁ ଗିରଫ କରିଛି। ଗିରଫ ମହିଳା ହେଲେ ଉକ୍ତ ସାହିର ସରସ୍ୱତୀ ପଲେଇ (୩୬)। ତା'ଠାରୁ ମୋବାଇଲ୍ ସ୍କ୍ୱାଡ୍ ୧୦୫ ଗ୍ରାମ୍ ବ୍ରାଉନ୍‌ସୁଗର ସମେତ ଏକ ମୋବାଇଲ୍ ଓ ନଗଦ ୧୫୦୦ ଟଙ୍କାକୁ ଜବତ କରିଛି। ଏନେଇ ୨୯୨/୨୫ରେ ଏକ ମାମଲା ରୁଜୁ କରି ତାକୁ କୋର୍ଟଚାଲାଣ କରାଯାଇଛି।

# ସମାଜସେବୀଙ୍କ ସ୍ମୃତିଚାରଣ ସଭା ଓ ସମ୍ବର୍ଦ୍ଧନା ଉତ୍ସବ



ଚିଲିକା,୨୮।୧୦(ସମିସ): ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ୍ ଅନ୍ତର୍ଗତ ଇଚ୍ଛାପୁର ଗ୍ରାମରେ ଥିବା ବିଶ୍ୱନାଥ ସ୍ୱାଇଁ ସ୍ମୃତି ସଂସଦ ପକ୍ଷରୁ ସମ୍ପାଦକ ପ୍ରମୋଦ କୁମାର ସ୍ୱାଇଁଙ୍କ ପୃଷ୍ଠପୋଷକତାରେ ବିଶ୍ୱନାଥ ସ୍ୱାଇଁଙ୍କ ୧୦ମ ବାର୍ଷିକ ସ୍ମୃତିଚାରଣ ସଭା ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଶିଶୁ ନାଟ୍ୟକାର ଭିକାରୀ ଚରଣ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ବୋଲଗଡ଼ ବ୍ଲକ୍ ପ୍ରାକ୍ତନ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ପଦ୍ମଚରଣ ବେହେରା ମୁଖ୍ୟ ଅତିଥି, ହରିପୁର ମଧ୍ୟ ଇଂରାଜୀ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ପଠାଣି ବଳବନ୍ତରାୟ ମୁଖ୍ୟବକ୍ତା, ଗଞ୍ଜାମ ଜିଲ୍ଲା ପୂର୍ଣ୍ଣଚନ୍ଦ୍ର ମର୍ଦ୍ଦରାଜ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ କୁମାର ପଣ୍ଡା, ବେଗୁନିଆ "ମନୁଆ ସାହିତ୍ୟ ସଂସଦ'ର ସଭାପତି ରାମଚନ୍ଦ୍ର ସାହୁ, ବେଗୁନିଆ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ- ପଞ୍ଚସଖା ଶିକ୍ଷା ସେତୁର ଅଧ୍ୟକ୍ଷ ମାୟାଧର ମାର୍ଥା ଏବଂ ଉପାଧ୍ୟକ୍ଷ ଭବାନୀଶଙ୍କର ଜୟସିଂହ, ବେଗୁନିଆ ଗ୍ରାମ୍ୟ କମିଟିର ଉପସଭାପତି ଅନ୍ତର୍ଯ୍ୟାମୀ ସାହୁ, ଚିଲିକା ବ୍ଲକ୍‌ର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶିବପ୍ରସାଦ ତ୍ରିପାଠୀ, ବୋଲଗଡ଼ ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ଅପର୍ତ୍ତି ଅଟ୍ଟ, ସହ ସମ୍ପାଦକ ସୁକାନ୍ତ କୁମାର ଜେନା, ମିଡିଆ ସଂଯୋଜକ ଭିକାରୀ ପୃଷ୍ଟି, ଉପଦେଷ୍ଟା ବିଜୟ ସାହୁ, ନାଚୁଣୀସ୍ଥିତ ଟୁଇଟ୍ ବାର୍ଡ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଅଧ୍ୟକ୍ଷ ସୁରେଶ କୁମାର ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ସମ୍ପାଦକ ଶ୍ରୀ ସ୍ୱାଇଁ ନେତୃତ୍ୱରେ ୨୨ଜଣ ବରିଷ୍ଠ ନାଗରିକଙ୍କୁ ଶୀତବସ୍ତ୍ର ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସାମ୍ବାଦିକ ପ୍ରଦୋଷ ଦାସ, ମନୋଜ ମୋହନ ବରାଳ, ଅଖିଳ ପଲାଇ, ସୁଧୀର ବେହେରା, ପ୍ରଦ୍ୟୁମ୍ନ ସୁଆର, ସଂଗ୍ରାମ ରଣା, ଦିଲ୍ଲୀପ ସ୍ୱାଇଁ, ଦିଲ୍ଲୀପ କୁମାର ସ୍ୱାଇଁ ଓ ଦିଲ୍ଲୀପ ଶତପଥୀ ପ୍ରମୁଖ ଗଣମାଧ୍ୟମ ପ୍ରତିନିଧି, ସମାଜସେବୀ ଶରତ ସ୍ୱାଇଁ, ବାଙ୍କନିଧିଦେବ ନାଟ୍ୟ ସଂସଦର ପରିଚାଳକ ଚନ୍ଦ୍ରଶେଖର ପ୍ରଧାନ, ସଫଳ ଚାଷୀ ରବୀନ୍ଦ୍ର ପ୍ରଧାନ, ରାଜମିସ୍ତ୍ରି ବ୍ରଜ କିଶୋର ମହାରଣା, ଡଙ୍ଗା ନିର୍ମାତା ସଞ୍ଜୟ ମହାରଣା, ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା।

ଉକ୍ତ କାର୍ଯ୍ୟକ୍ରମକୁ ପ୍ରମୋଦ କୁମାର ସ୍ୱାଇଁ ସଂଯୋଜନା କରିଥିଲେ। ଅର୍ଜୁନ ସ୍ୱାଇଁ, ଝୁଲିଆ ସ୍ୱାଇଁ, ସହଦେବ ଜେନା, ଜଗନ୍ନାଥ ଖୁଣ୍ଟିଆ, ସୁକାନ୍ତି ଦେବୀ, ବାସନ୍ତୀ ଖୁଣ୍ଟିଆ ଓ ଦେବେନ୍ଦ୍ର ସାମନ୍ତସିଂହାର ସହଯୋଗ କରିଥିଲେ। ବିଜୟ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ଅରୁନ୍ଧତୀ ଦେବୀଙ୍କୁ 'ସ୍ୱାମୀ ହରିହର ରାମ ସେବାରତ୍ନ' ସମ୍ମାନ



ବାଣପୁର,୨୮।୧୦(ସମିସ): ବିଶିଷ୍ଟ ସମାଜସେବୀ ତଥା ନେହେରୁ ସେବା ସଂଘର ପ୍ରତିଷ୍ଠାତା ସନ୍ଥ ହରିହର ରାମଙ୍କ ୨୩ତମ ଶ୍ରଦ୍ଧାଞ୍ଜଳି ଦିବସ ବାଣପୁର ଆଶ୍ରମସ୍ଥିତ କନକ ଭବନ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଖ୍ୟାତ ସମାଜସେବୀ ଡ. ଅରୁନ୍ଧତୀ ଦେବୀଙ୍କୁ 'ସ୍ୱାମୀ ହରିହର ରାମ ସେବାରତ୍ନ' ସମ୍ମାନରେ ସମ୍ମାନିତ କରାଯାଇଛି। ଅନୁଷ୍ଠାନର ଉପସଭାପତି ଅବସରପ୍ରାପ୍ତ ଅଧ୍ୟକ୍ଷ ବିଜୟ କୁମାର ନନ୍ଦିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଆଶୁତୋଷ ଦେବତା, ମୁଖ୍ୟବକ୍ତା ଭାବେ 'ସମାଜ'ର ଅବସରପ୍ରାପ୍ତ କାର୍ଯ୍ୟନିର୍ବାହୀ ସମ୍ପାଦକ ଡ. ସତ୍ୟ ରାୟ, ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଡ. ଦେବେନ୍ଦ୍ରନାଥ ମାନସିଂହ ଯୋଗଦେଇ ହରିହର ରାମ୍‌ଙ୍କ ତ୍ୟାଗ, ସେବା ଓ ଉତ୍ସର୍ଗୀକୃତ ଜୀବନ ପାଇଁ ସେ ସଦାସର୍ବଦା ଜନମାନସରେ ରହିବେ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଚାନ୍ଦ କିଶୋର ତ୍ରିପାଠୀ, ବାଳମୁକୁନ୍ଦ ଦାଶ ଓ ଶିବ ମିଶ୍ର ପ୍ରମୁଖ ଯୋଗଦେଇ ସନ୍ଥ ହରିହର ରାମଙ୍କ ସେବା ଓ ତ୍ୟାଗର ପଟ୍ଟାନ୍ତର ନାହିଁ ବୋଲି କହିଥିଲେ। ସେବା ସଂଘର ସମ୍ପାଦିକା ସରୋଜିନୀ ଦାଶ ସ୍ୱାଗତ ଭାଷଣ ଦେଇଥିବାବେଳେ କୋଷାଧ୍ୟକ୍ଷ ଓମ୍ ପ୍ରକାଶ ଅଗ୍ରୱାଲା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଦିବଂଗତ ଚିନ୍ମୟୀ ଶତପଥିଙ୍କ ସ୍ମୃତିରେ ଅନୁଷ୍ଠାନର ବଧିର ବିଦ୍ୟାର୍ଥୀ ଦୀନବନ୍ଧୁ ସ୍ୱାଇଁଙ୍କୁ 'ଚିନ୍ମୟୀ ଶତପଥୀ ମେମୋରିଆଲ୍ ଆୱାର୍ଡ' ପ୍ରଦାନ କରାଯାଇଥିଲା। ଏଥିସହ ଚଳିତ ବର୍ଷ ମାଧ୍ୟମିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ସ୍ଥାନୀୟ ଅଞ୍ଚଳର ଛାତ୍ର ଚନ୍ଦନ ସ୍ୱାଇଁଙ୍କୁ 'ସନ୍ଥ ହରିହର ରାମ ମେମୋରିଆଲ' ଆୱାର୍ଡ ପ୍ରଦାନ କରାଯାଇଥିଲା। ବିରେନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଭରତଙ୍କ ଚିତ୍ରକୂଟ ଗମନ

ନିରାକାରପୁର,୨୮।୧୦(ସମିସ): ଖୋର୍ଦ୍ଧା ଜିଲ୍ଲାର ପ୍ରାଚୀନ ଧର୍ମାନୁଷ୍ଠାନ ନିରାକାରପୁରସ୍ଥିତ ଶ୍ରୀରାମଦୟା ପରିଷଦର ୪୩ତମ ବାର୍ଷିକ ଅଧିବେଶନର ପଞ୍ଚମ ଦିବସରେ 'ଭରତଙ୍କ ଚିତ୍ରକୂଟ ଗମନ' ପ୍ରସଙ୍ଗ ଡ. ଗଣେଶ୍ୱର ସ୍ୱାଇଁ ପ୍ରଥମ ବକ୍ତା ଓ ଇଂ. ମୃତ୍ୟୁଞ୍ଜୟ ଚୌଧୁରୀ ଦ୍ୱିତୀୟ ବକ୍ତା ଭାବେ ରାମକଥା ଅତି ସୁନ୍ଦର ଭାବେ ପ୍ରବଚନ ଦେଇଥିଲେ। ପ୍ରତିକୂଳ ପାଗ ଯୋଗୁଁ ଭକ୍ତଗଣଙ୍କୁ ବସିବା ପାଇଁ ପରିଷଦ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା। ଏହି ରାମକଥା ଶ୍ରବଣ ସହ ପ୍ରଭୁକୃପା ଲାଭ କରିବା ପାଇଁ ଅଞ୍ଚଳବାସୀଙ୍କୁ ପରିଷଦର ଉପଦେଷ୍ଟା ଇଂ ଅପର୍ତ୍ତୀ ପ୍ରଧାନ ଅନୁରୋଧ କରିଛନ୍ତି। ବୁଧବାର 'ଶ୍ରୀରାମଙ୍କ ଭରତ ମିଳନରୁ ସୀତା ହରଣ' ପ୍ରବଚନ ପ୍ରସଙ୍ଗ ରହିଛି ବୋଲି ପରିଷଦର ସମ୍ପାଦକ ଗଙ୍ଗାଧର ତ୍ରିପାଠୀ ସୂଚନା ଦେଇଛନ୍ତି।

## ଭାରୀଯାନ ଯାତାୟାତକୁ ବିରୋଧ ଯୋଗୁଁ ସଂଘବଦ୍ଧ ଆକ୍ରମଣ

ନିରାକାରପୁର,୨୮।୧୦(ସମିସ): ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ କମାଗୁରୁ ଗ୍ରାମରେ ସୋମବାର ରାତି ସାଢ଼େ ୮ଟା ସମୟରେ ଗ୍ରାମର ଗଙ୍ଗାଧର ଚମ୍ପତିଙ୍କୁ ୭/୮ ଜଣ ଯୁବକ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିବାରୁ ସେ ଗୁରୁତର ହୋଇ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ଅଭିଯୋଗରୁ ଜଣାପଡ଼ିଛି କି, କମାଗୁରୁ ଗ୍ରାମ ଦେଇ ଯାଉଥିବା ବିଭିନ୍ନ ଭାରୀଯାନକୁ ଗ୍ରାମର ଗଙ୍ଗାଧର ଚମ୍ପତି ଓ କିଛି ବ୍ୟକ୍ତି ବାରଣ କରିଥିଲେ। ସେମାନଙ୍କ କହିବା ଅନୁଯାୟୀ, ଦୈନନ୍ଦିନ ଉକ୍ତ ରାସ୍ତା ଦେଇ ଖଣିଜ ପଦାର୍ଥ ବୋଝେଇ ଭାରୀଯାନ ଯାତାୟାତ କରୁଥିବାରୁ ରାସ୍ତା ଶୀଘ୍ର ନଷ୍ଟ ହେବା ସହିତ ଧନଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ଏହି ଘଟଣାକୁ କେନ୍ଦ୍ରକରି ଗତ ସୋମବାର ଗଙ୍ଗାଧର କମାଗୁରୁ ଛକରେ ଏକ ଦୋକାନ ନିକଟରେ ଛିଡ଼ା ହୋଇଥିବାବେଳେ ରାତି ପ୍ରାୟ ସାଢ଼େ ୮ଟା ସମୟରେ କିଛି ଯୁବକ ବିଭିନ୍ନ ମାରଣାସ୍ତ୍ର ଧରି ଆସି ତାଙ୍କୁ ଆକ୍ରମଣ କରିଥିଲେ। ଏଥିରେ ଗଙ୍ଗାଧରଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହେବା ସହିତ ହାତ, ଗୋଡ଼ ଭାଙ୍ଗି ଯାଇଥିବା ତାଙ୍କ ବାପା ଦୁର୍ଯ୍ୟୋଧନ ଚମ୍ପତି ଜଂକିଆ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଚାନ୍ଦପୁର ପରେ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ନିଆଯାଇଛି। ଜଂକିଆ ପୁଲିସ କେସ୍ ନଂ ୪୧୭/୨୫ରେ ଏକାଧିକ ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଆଇଆଇସି ସୁଶାନ୍ତ କୁମାର ବେହେରାଠାରୁ ଜଣାପଡ଼ିଛି।

ଟାଙ୍ଗୀ,୨୮।୧୦(ସମିସ): ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ଏକ ପ୍ରମୁଖ ସ୍ଥାନ। ପଞ୍ଚାୟତ ସମିତି କାର୍ଯ୍ୟାଳୟ ଥିବାବେଳେ ଏବେ ପୁଣି ବିଜ୍ଞପିତ ଅଞ୍ଚଳ ପରିଷଦ ଘୋଷଣା ସରିଛି। ହେଲେ ଆକସ୍ମିକ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇବା ପାଇଁ ବାତ୍ୟା ଆଶ୍ରୟସ୍ଥଳଟିଏ ନାହିଁ। ତେଣୁ ଆସୁଥିବା ବାତ୍ୟା 'ମୋନ୍ଥା' ଦାଉରୁ ଆକସ୍ମିକ ସୁରକ୍ଷା ଯୋଗାଇଦେବା ପାଇଁ ଟାଙ୍ଗୀ ବଳରାମଦେବ ବିଦ୍ୟାପୀଠ ପରିସରରେ ଥିବା ପୁରୁଣା ଆଜ୍‌ବେଷ୍ଟସ ଛାତ ଘରକୁ ବ୍ୟବହାର ପାଇଁ ସରକାରୀ ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି। ଟାଙ୍ଗୀ ଚିଲିକା କୂଳଠାରୁ ମାତ୍ର ୭ କିଲୋମିଟର ବ୍ୟବଧାନରେ ଅବସ୍ଥିତ।

## ଭୂତକୋଠି ପାଲଟିଛି ବାତ୍ୟା ଆଶ୍ରୟସ୍ଥଳୀ



୧୯୯୯ ମହାବାତ୍ୟା ପରେ ଛତୁ ଫୁଟିବା ଭଳି ପ୍ରତି ପଞ୍ଚାୟତରେ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ କରାଗଲା। ସେହି ସମୟରେ ଟାଙ୍ଗୀ ବଳରାମଦେବ ବିଦ୍ୟାପୀଠ ପରିସରରେ ମଧ୍ୟ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ କରାଯାଇଥିଲା। କିନ୍ତୁ ରକ୍ଷଣାବେକ୍ଷଣ ଅଭାବରୁ ଏହା ଏବେ କେବଳ ଭୂତକୋଠି ନୁହେଁ ବ୍ରାଉନ୍‌ସୁଗର ସେବନ କରୁଥିବା ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଯାଇଛି। ଏପରିକି ଟାଙ୍ଗୀ ଥାନାକୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗରୁ ଜଣାପଡ଼ିଛି। ଘଟଣାରୁ ପ୍ରକାଶ, ୧୯୯୯ ମହାବାତ୍ୟା ପରେ ଟାଙ୍ଗୀ ବଳରାମଦେବ ବିଦ୍ୟାପୀଠ ପରିସରରେ ଏକ ବିରାଟ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ କରାଯାଇଥିଲା। କିଛିଦିନ ପର୍ଯ୍ୟନ୍ତ ଏଠାରେ ଶ୍ରେଣୀଗୃହ ଅଭାବରୁ ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ପାଠ ପଢ଼ିବା ପାଇଁ ସୁଯୋଗ ଦିଆଯାଇଥିଲା। ହେଲେ ଦୁର୍ଭାଗ୍ୟର ବିଷୟ ରକ୍ଷଣାବେକ୍ଷଣ ଅଭାବରୁ ଏବେ କବାଟ ଝରକାଗୁଡ଼ିକ ଦୁର୍ବୃତ୍ତଙ୍କ ଦ୍ୱାରା ଲୁଟି ନିଆଯାଇଛି। ଚଟାଣ କଥା ଛାଡ଼ ଛାତ, କାନ୍ଥ ଭୁଶୁଡ଼ି ପଡ଼ିବା ଅବସ୍ଥାରେ ପହଞ୍ଚିଛି। ବିଦ୍ୟାଳୟ ତରଫରୁ ତତ୍କାଳୀନ ବିଡିଓଙ୍କୁ ଲିଖିତ ଭାବେ ଜଣାଇ ଦିଆଯିବା ପରେ କୁଆଡ଼େ ଏହି ବାତ୍ୟା ଆଶ୍ରୟସ୍ଥଳକୁ ବିପଜ୍ଜନକ ଘୋଷଣା କରାଯାଇଥିବା ଶୁଣିବାକୁ ମିଳୁଛି। ହେଲେ ଏହି ଭୂତକୋଠି ପାଲଟିଥିବା ବାତ୍ୟା ଆଶ୍ରୟସ୍ଥଳକୁ ଭାଙ୍ଗି ନୂତନ ନିର୍ମାଣ ପାଇଁ କୌଣସି ବ୍ୟବସ୍ଥା କରାଯାଉ ନ ଥିବାରୁ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି।

## ଜାରି ରହିଛି ତୁହାକୁ ତୁହା ବର୍ଷା

# ୫୫୦ ଲୋକଙ୍କୁ ସ୍ଥାନାନ୍ତର କଲା ପ୍ରଶାସନ

ଖୋର୍ଦ୍ଧା,୨୮।୧୦(ସମିସ)

ବାତ୍ୟା 'ମୋନ୍ଥା' ପ୍ରଭାବରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ସୋମବାର ବିଳମ୍ବିତ ରାତିରୁ ବର୍ଷା ଲାଗିରହିଛି। ମଙ୍ଗଳବାର ମଧ୍ୟାହ୍ନରେ ଯଦିଓ ଟିକେ କମିଥିଲା ତଥାପି ଅପରାହ୍ଣରୁ ବର୍ଷା ପୁଣି ଲାଗିରହିଛି। ଏହା ସାଙ୍ଗକୁ ଘଡ଼ିଏ ଅଧରେ ତୁହାକୁ ତୁହା ପବନ ବହିଚାଲିଛି। ଦିନତମାମ କୋହଲା ପାଗକୁ ଝିପିଝିପି ବର୍ଷା ଓ ମଝିରେ ମଝିରେ ବଜ୍ରପାତ ଲୋକଙ୍କୁ ଭୟଭୀତ କରାଉଛି। ଜିଲ୍ଲା ଜରୁରୀକାଳୀନ ବିଭାଗ ତଥ୍ୟ ଅନୁସାରେ, ବାତ୍ୟା ମୁକାବିଲା ଲାଗି ଜିଲ୍ଲା ପ୍ରଶାସନ ପକ୍ଷରୁ ପୂର୍ବରୁ ପ୍ରସ୍ତୁତି କରାଯାଇଥିବା ବେଳେ ପ୍ରଶାସନିକ ଅଧିକାରୀମାନେ ସମୁଦ୍ରକୂଳ ଅଞ୍ଚଳରେ ରହି ସ୍ଥିତି ପରଖୁଛନ୍ତି।

ଖୋର୍ଦ୍ଧା ଜିଲ୍ଲାରେ ୫୧ଟି ବାତ୍ୟା ଆଶ୍ରୟସ୍ଥଳୀ ରହିଥିବାବେଳେ ୩୭୯ଟି ଅତିରିକ୍ତ ବାତ୍ୟା ଆଶ୍ରୟସ୍ଥଳୀକୁ ମିଶାଇ ୪୩୦ଟି ଆଶ୍ରୟସ୍ଥଳୀ ପ୍ରସ୍ତୁତ କରାଯାଇଛି। ପ୍ରଶାସନ ତରଫରୁ କେତେକ ଗ୍ରାମର ଲୋକଙ୍କ ସଚେତନତା ମାଧ୍ୟମରେ ଆଶ୍ରୟସ୍ଥଳୀ ଆସିବା ନେଇ କୁହାଯାଇଛି। ବିଶେଷତଃ ବାଲିପାଟଣା, ବାଣପୁର, ଚିଲିକା ବ୍ଲକ୍ ସମେତ ବାଲୁଗାଁ ଏନ୍‌ଏସି ଓ ଖୋର୍ଦ୍ଧା ପୌର ପରିଷଦ ଅଞ୍ଚଳରେ କଚ୍ଚା ଓ ଝାଟିମାଟି ଘରେ ରହିଥିବା ପ୍ରାୟ ୫୫୦ ଜଣଙ୍କୁ ଆଶ୍ରୟସ୍ଥଳୀକୁ ସୁରକ୍ଷିତଭାବେ ସ୍ଥାନାନ୍ତର କରାଯାଇଥିବା ଅପାଦ୍‌କାଳୀନ ଅଧିକାରୀ ଶ୍ରୀତପା ମିଶ୍ର ସୂଚନା ଦେଇଛନ୍ତି। ବାଲୁଗାଁ ଚିଲିକା ତଟ ଶାନ୍ତିନଗର ଓ ସନ୍ୟାସୀ ନଗର ବଙ୍ଗୀୟବସ୍ତିର ୪୪୫ଜଣଙ୍କୁ ପ୍ରଶାସନ ସୁରକ୍ଷିତ ସ୍ଥାନକୁ ନେଇଛି। ଉକ୍ତ ସ୍ଥାନରେ ମଙ୍ଗଳବାର ରାତିରେ ଲୋକଙ୍କୁ ରନ୍ଧାଖାଦ୍ୟ ପ୍ରଦାନ କରାଯାଇଥିବା କହିଛନ୍ତି। ସେଠାରେ ମେଡିକାଲ ଟିମ୍ ଓ ଭେଟେରିନାରୀ ଟିମ୍ ନିୟୋଜିତ ରହିଥିବା କହିଛନ୍ତି। ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ୧୭୭ଜଣ (ଆସନ୍ନ ପ୍ରସବା) ଗର୍ଭବତୀ ମହିଳାଙ୍କୁ ସ୍ଥାନୀୟ ଚିକିତ୍ସାଳୟ ଏବଂ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଛି ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ସେହିପରି ଗାଈଗୋରୁ ଏବଂ ଗୃହପାଳିତ ପଶୁଙ୍କ ପାଇଁ ଆବଶ୍ୟକ ଚିକିତ୍ସା ବ୍ୟବସ୍ଥା ପ୍ରାଣୀ ଚିକିତ୍ସାଳୟ ବିଭାଗରୁ କରାଯାଇଛି। ବିଭିନ୍ନ ଅଞ୍ଚଳରେ ୨୨ଟି ମେଡିକାଲ ଟିମ୍ ନିୟୋଜିତ ରହିଛନ୍ତି। ଜିଲ୍ଲାସ୍ତରରେ ଏକ କଣ୍ଟ୍ରୋଲ ରୁମ୍ ଖୋଲିଥିବା ବେଳେ ଯୋଗାଯୋଗ ନିମନ୍ତେ ୦୬୭୫୫-୨୨୦୦୦୨ ନମ୍ବର ଜାରି କରାଯାଇଛି ବୋଲି ପ୍ରଶାସନ ସୂତ୍ରରୁ ଜଣାଯାଇଛି।

## ୧୭୭ ଆସନ୍ନ ପ୍ରସବାଙ୍କୁ ମେଡିକାଲକୁ ସ୍ଥାନାନ୍ତର

## ବାଲୁଗାଁ ଅଞ୍ଚଳରେ ରାସ୍ତାଘାଟ ଶୂନ୍‌ଶାନ୍

ବାଲୁଗାଁ,୨୮।୧୦(ସମିସ): ବାତ୍ୟା 'ମୋନ୍ଥା' ପ୍ରଭାବରେ ବାଲୁଗାଁ ବାଣପୁର ତଥା ଚିଲିକା ଅଞ୍ଚଳର ଜନସାଧାରଣ ଭୟଭୀତ ହୋଇ ପଡ଼ିଛନ୍ତି। 'ମୋନ୍ଥା' ପ୍ରଭାବରେ ସୋମବାର ସନ୍ଧ୍ୟା ସମୟରୁ ସମଗ୍ର ବାଲୁଗାଁ ବାଣପୁର ତଥା ଚିଲିକା ଅଞ୍ଚଳରେ ତୁହାକୁ ତୁହା ବର୍ଷା ଲାଗି ରହିଥିବାବେଳେ ମଙ୍ଗଳବାର ଦିନ ତମାମ ସାମାନ୍ୟ କୋହଲା ପାଗ ସହ ମଝିରେ ମଝିରେ ଝିପ ଝିପ୍ ବର୍ଷ ହୋଇ ସନ୍ଧ୍ୟାଠାରୁ ତୁହାକୁ ତୁହା ଲଗାଣ ବର୍ଷା ଲାଗି ରହିଥିବା ଯୋଗୁଁ ଚିଲିକା ଅଞ୍ଚଳବାସୀ ଘରୁ ବାହାରି ନ ପାରି ହଇରାଣ ହରକତ ହୋଇଛନ୍ତି। ସରକାରଙ୍କ ନିର୍ଦ୍ଦେଶ କ୍ରମେ ବାଲୁଗାଁ ଏନ୍‌ଏସି, ଚିଲିକା ବ୍ଲକ୍, ଅଗ୍ନିଶମ ବିଭାଗ ଓ ପୁଲିସ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ସଜାଗ ରହି ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଥିବାବେଳେ ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ଦ୍ୱାରା ଚିଲିକା ତଟବର୍ତ୍ତୀ ଅଞ୍ଚଳରେ ଚିଲିକା ଭିତରକୁ କୌଣସି ଯାତ୍ରୀବାହୀ ଡଙ୍ଗା କିମ୍ବା ମାଛଧରା ଡଙ୍ଗା ଧରି ଯିବାକୁ ବାରଣ କରାଯାଇଥିବା ସହ ଯାତ୍ରୀବାହୀ ଓ ମତ୍ସ୍ୟଜୀବୀ ଡଙ୍ଗାଗୁଡ଼ିକୁ ସୁରକ୍ଷିତ ସ୍ଥାନରେ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ଚିଲିକା ଅଞ୍ଚଳରେ ବାତ୍ୟା 'ମୋନ୍ଥା'ର ସେତେଟା ପ୍ରଭାବ ଦେଖାଦେଇ ନ ଥିବାବେଳେ ବର୍ଷା ଲାଗି ରହିଥିବା ଯୋଗୁଁ ଚିଲିକା ସାମାନ୍ୟ ଅଶାନ୍ତ ରହିଛି। ଦିନ ତମାମ ବର୍ଷା ଲଗି ରହିଥିବା ଯୋଗୁଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ନାହିଁ ନ ଥିବା ହଇରାଣ ହେଉଥିବା ଦେଖିବାକୁ ମିଳୁଛି। ନିକଟରେ ଗର୍ଭଣା ସଂକ୍ରାନ୍ତି ଯାଇଥିବାରୁ ଚାଷ ଜମିରେ ବର୍ତ୍ତମାନ ଧାନ ଫସଲ କେଣ୍ଡା ଧରିଆସୁଥିବା ସମୟରେ ବାତ୍ୟା ପ୍ରଭାବରେ ବର୍ଷା ଲାଗି ରହିଥିବାରୁ ଧାନ ଫସଲ ନଷ୍ଟ ହୋଇଯିବା ଆଶଙ୍କାରେ ଚାଷୀକୂଳ ମୁଣ୍ଡରେ ଚଡ଼କ ପଡ଼ିଛି। ଚଳିତ ବର୍ଷ ଭଲ ଧାନ ଅମଳ କରିବା ପାଇଁ ଚାଷୀ ବହୁ ଆଶା ବାନ୍ଧିଥିବାବେଳେ ମୋନ୍ଥା ଯୋଗୁଁ ଚାଷୀଙ୍କ ସମସ୍ତ ଆଶା ଆଶାରେ ରହିଯିବାକୁ ନେଇ ଚାଷୀ ଚିନ୍ତାରେ ପଡ଼ିଛନ୍ତି।



# ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ପୁଲିସ ଏଏସ୍ଆଇ

କୋରାପୁଟ, ୨୮ ।୧୦(ସମିସ): କୋରାପୁଟ ଜିଲ୍ଲା ବି.ସିଙ୍ଗପୁର ଥାନା ଏଏସ୍ଆଇ ନରସିଂହ ଦୋରା ଲାଞ୍ଚ ନେଇ ଆଜି ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି । ଏକ ଘରୋଇ ଗଣ୍ଡଗୋଳ ମାମଲାକୁ କୋହଳ କରିବା ପାଇଁ ସେ ୪୦ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିଛନ୍ତି । ତାଙ୍କ ନିକଟରୁ ଉକ୍ତ ଲାଞ୍ଚ ଟଙ୍କା ଜବତ କରିବା ସହ ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ତାଙ୍କର ଦୁଇଟି ସ୍ଥାନରେ ଚଢ଼ଉ କରିଛି । ଅପରପକ୍ଷେ, ଏହି ଘଟଣାରେ ମଧ୍ୟସ୍ଥି ଭୂମିକା ନେଇ ଅନ୍ୟ ଜଣେ ଗ୍ରାମବାସୀ ମଧ୍ୟ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି । ସେ ହେଲେ, ସ୍ଥାନୀୟ ଗ୍ରାମବାସୀ ତଥା ଚା' ଦୋକାନୀ ସୁନାଧର ଅମନାତ୍ୟ । ସୂଚନାନୁଯାୟୀ, କୁମୁଲି ଗ୍ରାମର ଏକ ଘରୋଇ ଗଣ୍ଡଗୋଳକୁ ନେଇ ବି.ସିଙ୍ଗପୁର ଥାନାରେ ମାମଲା ରୁଜୁ ହୋଇଥିଲା । ଏହି ମାମଲାର ତଦନ୍ତ ଅଧିକାରୀ ଥିଲେ ଏଏସ୍ଆଇ ନରସିଂହ ଦୋରା । ୪୦ ହଜାର ଟଙ୍କା ଲାଞ୍ଚ ନ ଦେଲେ ଏହି ମାମଲାରେ ସେ ଅଭିଯୁକ୍ତଙ୍କ ସହ ତାଙ୍କ ପରିବାର ସଦସ୍ୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଚେତାବନୀ ଦେଇଥିଲେ । ଲାଞ୍ଚ ଟଙ୍କା ଦେଲେ ମାମଲାକୁ କୋହଳ କରିବେ ବୋଲି କହିଥିଲେ । ଏଥିରେ ସୁନାଧର ମଧ୍ୟସ୍ଥି ସାଜିଥିଲେ । ତାଙ୍କ ଜରିଆରେ ଉକ୍ତ ଟଙ୍କା କାରବାର ହୋଇଥା'ନ୍ତା । ତେବେ ଏ ସଂପର୍କରେ ଭିଜିଲାନ୍ସରେ ଅଭିଯୋଗ ହେବା ପରେ ଏଏସ୍ଆଇ ଶ୍ରୀ ଦୋରାଙ୍କୁ ଧରିବା ପାଇଁ ଜାଲ ବିଛାଯାଇଥିଲା ।

**ମଧ୍ୟସ୍ଥି ବି ଧରାପଡ଼ିଲା**

# ବଜ୍ରପାତରେ ଜଳିଗଲା ଦୁଇ ବଖରା ଘର

ଗରଦପୁର,୨୮ ।୧୦(ସମିସ): ବଜ୍ରପାତରେ ଜଳିଗଲା ଦୁଇ ବଖରା ଘର । କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ୍ ତେଣ୍ତାକୁଡ଼ା ପଞ୍ଚାୟତ ଅନ୍ତର୍ଗତ ମିଶର ନରସିଂହପୁର ଗ୍ରାମରେ ଆଜି ଏହି ଅଘଟଣ ଘଟିଛି । କୁନିଲତା ସାହୁ ଓ ବାପିନା ସାହୁଙ୍କଙ୍କ ଘର ବଜ୍ରପାତରେ ପୋଡ଼ି ପାଉଁଶ ହୋଇଯାଇଛି । ଏହାସହ ଉକ୍ତ ଘରେ ଥିବା ସମସ୍ତ ଆସବାବପତ୍ର ପୋଡ଼ିଯାଇଛି । ଘରଲୋକଙ୍କ କହିବା ଅନୁସାରେ, ଅଚାନକ ଘରେ ଅଗ୍ନିକାଣ୍ଡ ହୋଇଥିଲା । ଅଗ୍ନିକାଣ୍ଡର ମାତ୍ରା ଏତେ ଅଧିକ ଥିଲା ଯେ ଘର ଭିତରୁ କୌଣସି ସାମଗ୍ରୀ ବାହାରକୁ ଆଣିପାରିନଥିଲୁ । ସୌଭାଗ୍ୟବଶତଃ ପରିବାରର କୌଣସି ସଦସ୍ୟଙ୍କ କିଛି କ୍ଷତି ହୋଇନାହିଁ । ଗ୍ରାମବାସୀ ବହୁ ଚେଷ୍ଟା କରି ନିଆଁ ଲିଭାଇବାରେ କିଛି ମାତ୍ରାରେ ସଫଳ ହୋଇଥିଲେ । ପରେ ଅଗ୍ନିଶମବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା । କିନ୍ତୁ ସେତେବେଳକୁ ବହୁ ଦରକାରୀ କାଗଜପତ୍ର ଓ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଥିଲା । ତହସିଲଦାରଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଆର୍ଆଇ ଘଟଣାସ୍ଥଳରେ ପହଞ୍ଚି ଏହାର ତଦନ୍ତ କରିଛନ୍ତି ।

■ ପୁଅର ମୃତ୍ୟୁ ଖବର ଶୁଣି ଆଖିବୁଜିଲା ମା'

# ଏକାଠି ଜଳିଲା ମା'-ପୁଅଙ୍କ ଜୁଇ

ଦୋବଲ, ୨୮ ।୧୦(ସମିସ): ପୁଅର ମୃତ୍ୟୁ ଖବର ଶୁଣି ଜୀବନ ହାରିଲା ମା' । ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ୍ ଖଡ଼ିପଦା ପଞ୍ଚାୟତ କୋରକଦା ଗ୍ରାମରେ ଏଭଳି ଏକ ଅଘଟଣ ଘଟିଛି । ମୃତ ମା'-ପୁଅ ହେଲେ, ଗ୍ରାମର ଶ୍ରୀଧର ତ୍ରିପାଠୀଙ୍କ ପତ୍ନୀରା ତ୍ରିପାଠୀ ଓ ତାଙ୍କ ପୁଅ ସତ୍ୟରଞ୍ଜନ ତ୍ରିପାଠୀ (୩୫) । ସୂଚନାନୁଯାୟୀ, ସତ୍ୟରଞ୍ଜନ ଦୀର୍ଘ ଦିନ ହେଲା କିଡ୍ନୀ ରୋଗରେ ପୀଡ଼ିତ ଥିଲେ । ଦୁଇଟିଯାକ କିଡ୍ନୀ ତାଙ୍କର ଫେଲ୍ ହୋଇଯାଇଥିଲା । ତେଣୁ, ମୀରା ନିଜର ଗୋଟିଏ କିଡ୍ନୀ ଦେଇ ପୁଅର ଜୀବନ ବଞ୍ଚାଇଥିଲେ । ଏହା ସତ୍ତ୍ୱେ ସତ୍ୟରଞ୍ଜନଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ରହୁନଥିଲା । ମଙ୍ଗଳବାର ସକାଳେ ସତ୍ୟରଞ୍ଜନଙ୍କ ଅବସ୍ଥା ହଠାତ୍ ବିଗିଡ଼ି ଯାଇଥିଲା । ପ୍ରଶ୍ୱାସ ନେବାରେ ଅସୁବିଧା ହେବାରୁ ପରିବାରଲୋକ ଚିକିତ୍ସା ଲାଗି ତାଙ୍କୁ କଟକ ନେଉଥିଲେ । କିନ୍ତୁ ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଏପଟେ, ପୁଅର ଅବେଳାରେ ମୃତ୍ୟୁ ଖବର ମୀରାଙ୍କୁ ଏତେ ଆଘାତ ଦେଇଥିଲା ଯେ ତାଙ୍କର ବି ହୃଦ୍ଘାତରେ ମୃତ୍ୟୁ ହୋଇଯାଇଥିଲା । ଯାଜପୁର ଜିଲ୍ଲା ବୈତରଣୀ ନଦୀର ଦଶାଶ୍ୱମେଧ ଘାଟରେ ଉଭୟଙ୍କ ଶେଷକୃତ୍ୟ କରାଯାଇଛି । ପାଖାପାଖି ଦୁହିଁଙ୍କ ଜିଇ ଜଳିଥିଲା । ସତ୍ୟରଞ୍ଜନ ଜଣେ ମେଳାପୀ, ଶାନ୍ତଶିଷ୍ଟ, ଭଦ୍ର, ନମ୍ର ଓ ଆଖଣ୍ଡଳମଣିଙ୍କ ସେବାୟତ ଭାବେ ବେଶ୍ ପରିଚିତ ଥିଲେ । ଏହି ଖବର ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି ।

■ ପୁଲିସ ଏସଆଇ ପରୀକ୍ଷା କେଲେଙ୍କାରୀ ମାମଲା

# ସିଡି ଦାଖଲ କଲା କ୍ରାଇମବ୍ରାଞ୍ଚ

ବ୍ରହ୍ମପୁର, ୨୮ ।୧୦ (ସମିସ): ପୁଲିସ ଏସ୍ଆଇ ପରୀକ୍ଷା କେଲେଙ୍କାରୀ ମାମଲାର କେସ ଡାଏରି(ସିଡି)କୁ କ୍ରାଇମବ୍ରାଞ୍ଚ ଆଜି ଭିଜିଲାନ୍ସ କୋର୍ଟରେ ଦାଖଲ କରିଛି । ଗିରଫ ୧୨୩ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ୧୧୫ ଜଣଙ୍କ ପାଇଁ ୪୦ରୁ ଊର୍ଦ୍ଧ୍ୱ ଆଇନଜୀବୀ ପୃଥକ୍ ପୃଥକ୍ ଭାବେ ଜାମିନ ଆବେଦନ କରିଥିଲେ । ମଙ୍ଗଳବାର ଅଭିଯୁକ୍ତଙ୍କ ଜାମିନ ଶୁଣାଣି ସମ୍ପନ୍ନ ହୋଇଥିଲା । ପୁଲିସ ଏସ୍ଆଇ ପରୀକ୍ଷା କେଲେଙ୍କାରୀ ମାମଲାରେ ମୋଟ ୧୨୩ଜଣ ଗିରଫ ହୋଇ ବର୍ତ୍ତମାନ ବ୍ରହ୍ମପୁର ଜେଲରେ ବିଚାରଧୀନ କଏଦୀ ଭାବେ ରହିଛନ୍ତି । ସେମାନଙ୍କ ମଧ୍ୟରୁ ନିଯୁକ୍ତି ଆଶାୟୀମାନଙ୍କୁ କୋର୍ଟ ଜାମିନ ପ୍ରଦାନ କରିଛନ୍ତି ।

**ଜାମିନ ପାଇଲେ ନିଯୁକ୍ତି ଆଶାୟୀ**

■ ଜଗନ୍ନାଥ କୋଇଲା ଖଣି ଦୁର୍ନୀତି ଘଟଣା

# ଅଭିଯୋଗ ସାଂଘାତିକ: ଆର୍ଡିସି

ତାଳଚେର, ୨୮।୧୦ (ସମିସ): ତାଳଚେରସ୍ଥିତ ଜଗନ୍ନାଥ ଖଣିରେ କୋଇଲା ଦୁର୍ନୀତିକୁ ନେଇ ତାଳଚେରର ବିଧାୟକ ବ୍ରଜକିଶୋର ପ୍ରଧାନ ଆଣିଥିବା ଅଭିଯୋଗକୁ ଗୁରୁତ୍ୱର ସହ ନେଇଛନ୍ତି ଉତ୍ତରାଞ୍ଚଳ ରାଜସ୍ୱ କମିସନର୍ ସଚିନ ରାମଚନ୍ଦ୍ର ଯାଦବ । ଅଭିଯୋଗକୁ ହାଲ୍କା ଭାବେ ନେଇହେବନି ବୋଲି ସେ ପ୍ରତିକ୍ରିୟାରେ କହିଛନ୍ତି । ସେ କହିଛନ୍ତି, ତାଳଚେର ବିଧାୟକ ଯେଉଁ ଅଭିଯୋଗ ଆଣିଛନ୍ତି ତାହା ସାଂଘାତିକ ଏବଂ ଅଭିଯୋଗର ତଦନ୍ତଭାର ଅନୁଗୋଳ ଜିଲ୍ଲାପାଳଙ୍କୁ ଦିଆଯାଇଛି । ଏହାସହ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ତାଳଚେର ଖଣି ଉପନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଶ୍ରୀ ଯାଦବ କହିଛନ୍ତି । ସୂଚନାନୁଯାୟୀ, ଜଗନ୍ନାଥ କୋଇଲା ଖଣିର ୪ନମ୍ବର ଷ୍ଟକ୍ରେ ୧୭ ତାରିଖ ସନ୍ଧ୍ୟାରେ ଏସ୍ଏସ୍ବିଏ ନାମକ ଠିକାସଂସ୍ଥା କୌଣସି ଅନୁମତି ନଥାଇ କୋଟିକୋଟି ଟଙ୍କାର କୋଇଲାକୁ ଅଦରକାରୀ ଦର୍ଶାଇ ମାଟି, ପଥର କହି ତାକୁ ଡ୍ରୋଜର୍ ଚଳାଇ ଗୁଣ୍ଡ କରୁଥିଲା । ଖବର ପାଇ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚିଥିଲେ । ଯାଞ୍ଚ ବେଳେ ଏଥିରେ ଅନିୟମିତତା ହେଉଥିବା ଜାଣିବାକୁ ପାଇଥିଲେ । କୋଇଲା ଖଣିରେ ଏଭଳି ଘୋଟାଲାକୁ ନେଇ ସେ ଜିଲ୍ଲାପାଳଙ୍କ ସମେତ ଆର୍ଡିସି ଏବଂ ଗୋପାଳପ୍ରସାଦ ଥାନାରେ ଲିଖିତ ଅଭିଯୋଗ କରିଥିଲେ ।

# ପଟ୍ଟାମୁଣ୍ଡାଇରୁ ଅପହୃତ ଦୁଇ ନାବାଳିକା ମାର୍ଶାଘାଇରୁ ଉଦ୍ଧାର

ପଟ୍ଟାମୁଣ୍ଡାଇ, ୨୭।୧୦(ସମିସ): ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଞ୍ଚଳରୁ ଅପହୃତ ଦୁଇ ନାବାଳିକାଙ୍କୁ ମାର୍ଶାଘାଇରୁ ଉଦ୍ଧାର କରାଯାଇଛି । ଦୁଇ ନାବାଳିକା ଅପହରଣ ସମ୍ପର୍କରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ ହୋଇଥିଲା । ଗ୍ରାମାଞ୍ଚଳ ଥାନା ଅଧିକାରୀ ଶ୍ରୀକାନ୍ତ ବାରିକ ଅଭିଯୋଗ ପାଇ ୪୩୫/୨୫ରେ ଏକ ଅପହରଣ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ । ଏହି ଅପହୃତ ନାବାଳିକା ମାର୍ଶାଘାଇ ଅଞ୍ଚଳରେ ଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଆଇଆଇସି ଶ୍ରୀକାନ୍ତ ବାରିକ ପୁଲିସ ଟିମ୍ ସହ ମାର୍ଶାଘାଇରେ ପହଞ୍ଚି ମାର୍ଶାଘାଇ ଥାନା ପୁଲିସ ସହାୟତାରେ ଅପହୃତ ଦୁଇ ନାବାଳିକାଙ୍କୁ ଉଦ୍ଧାର କରି ଗ୍ରାମାଞ୍ଚଳ ଥାନାକୁ ଆଣି ଏହି ମାମଲାର ଛାନଭିନ୍ ଚଳାଇଛନ୍ତି ।

## ପୁଣି ବିଜେପି ବିରୋଧରେ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ

# ସିଇଓଙ୍କୁ ଭେଟିଲା ବିଜେଡି ପ୍ରତିନିଧିଦଳ

ଭୁବନେଶ୍ୱର,୨୮ ।୧୦(ସମିସ): ନୂଆପଡ଼ା ଉପନିର୍ବାଚନରେ ଶାସକ ବିଜେପି ବାରମ୍ବାର ନିର୍ବାଚନ ଆଚରଣ ସଂହିତା ଉଲଂଲଘଂନ କରୁଛି । ଏପରିକି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସିଆରପି ଓ ମିଶନ ଶକ୍ତି କର୍ମୀ(ଜୀବିକା ମିଶନ)ଙ୍କୁ ଦଳୀୟ ପ୍ରାର୍ଥୀ ଜୟ ଢୋଲକିଆଙ୍କ ସପକ୍ଷରେ ପ୍ରଚାର କାର୍ଯ୍ୟରେ ଲଗାଉଥିବା ଅଭିଯୋଗ ଆଣିଛି ବିଜେଡି । ଦଳର ଏକ ପ୍ରତିନିଧିମଣ୍ଡଳୀ ମଙ୍ଗଳବାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଏନେଇ ଅଭିଯୋଗ କରିଛି ।

ପ୍ରତିନିଧି ମଣ୍ଡଳୀର ଅଭିଯୋଗ ଅନୁଯାୟୀ ଗତ ୨୫ ତାରିଖରେ ଏକ ସଭାରେ ଉପ ମୁଖ୍ୟମନ୍ତ୍ରୀଙ୍କ ସହ ଏକ ରାଜନୈତିକ ସଭାମଞ୍ଚରେ ପଡ଼ୋଶୀ ବଲାଙ୍ଗୀର ସଦର ବ୍ଲକର ଲକି ହୋତା ନାମକ ଜଣେ ସିଆରପିଙ୍କୁ ଦେଖିବାକୁ ମିଳିଥିଲା । କେବଳ ଏତିକି ନୁହେଁ ଏକ ଅଡିଓ କ୍ଲିପରେ ଶ୍ରୀମତି ହୋତା ଅନ୍ୟ ସିଆରପିମାନଙ୍କୁ ବିଜେପି ନିର୍ବାଚନ ପ୍ରଚାରରେ ସହଯୋଗ କରିବାକୁ କହୁଥିବା ସ୍ପଷ୍ଟ ଶୁଣାଯାଉଛି । ସିଆରପି ଏବଂ ମିଶନ ଶକ୍ତି କର୍ମୀମାନେ ସରକାରୀ କଲ୍ୟାଣକାରୀ କାର୍ଯ୍ୟକ୍ରମ ଅଧିନରେ କାର୍ଯ୍ୟ କରିଥାନ୍ତି । ତେଣୁ ସେମାନେ କୌଣସି ରାଜନୈତିକ କାର୍ଯ୍ୟକଳାପ କିମ୍ବା ନିର୍ବାଚନୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିପାରିବେ ନାହିଁ । ମାତ୍ର ଶ୍ରୀମତି ହୋତାଙ୍କ ଏପରି କାର୍ଯ୍ୟକଳାପ ନିର୍ବାଚନ ଆଚରଣ ବିଧିର ଖୋଲା ଉଲ୍ଲଂଘନ ବୋଲି ବିଜେଡି ଅଭିଯୋଗ କରିଛି । ବିଶେଷକରି ସରକାରୀ କଳର ଦୁରୁପଯୋଗ ସହ ରାଜନୈତିକ କାର୍ଯ୍ୟକଳାପରେ ସରକାରୀ ଯୋଜନାରେ କାର୍ଯ୍ୟରତ କର୍ମୀଙ୍କ ଯୋଗଦାନ ମୁକ୍ତ ଓ ଅବାଧ ନିର୍ବାଚନକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତେଣୁ ଏହି ଘଟଣାକୁ ଗୁରୁତର ଭାବେ ଗ୍ରହଣ କରି ତୁରନ୍ତ ନିରପେକ୍ଷ ଯାଞ୍ଚ କରାଯାଉ । ପୂରା ଘଟଣାରେ ସିଆରପି, ମିଶନ ଶକ୍ତି କର୍ମୀ ଏବଂ ହିତାଧିକାରୀଙ୍କର ରାଜନୈତିକ ପ୍ରଚାରରେ ସମ୍ପୃକ୍ତି ନେଇ ତଦନ୍ତ କରାଯିବା ସହ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସିଆରପି ଲକି ହୋତା ଏବଂ ଅନ୍ୟମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିନିଧି ମଣ୍ଡଳୀ ଦାବି କରିଛି । ଏହାସହ କୌଣସି ନିର୍ବାଚନୀ କାର୍ଯ୍ୟରେ ଯେପରି ସରକାରୀ ଅନୁବନ୍ଧିତ କର୍ମଚାରୀ କିମ୍ବା ହିତାଧିକାରୀ ଭାଗ ନେଇନପାରନ୍ତି, ତାହା ସୁନିଶ୍ଚିତ କରାଯାଉ । ଜିଲ୍ଲା ନିର୍ବାଚନ ଅଧିକାରୀ ମିଶନ ଶକ୍ତି କର୍ମୀଙ୍କ ଉପରେ ତୀକ୍ଷ୍ଣ ନଜର ରଖିବା ପାଁ ମୁଖ୍ୟ ନିର୍ବାଚନ ଅଧିକାରୀ ନିର୍ଦ୍ଦେଶ ଦିଅନ୍ତୁ ବୋଲି ପ୍ରତିନିଧି ମଣ୍ଡଳୀ ଦାବି କରିଛି । ଏହି ଅବସରରେ ଅଂଶୁ ତ୍ରିପାଠୀ, ଜ୍ୟୋତ୍ସ୍ନାମୟୀ ପରିଡ଼ା, ରୀତାଞ୍ଜଳି ପ୍ରଧାନ, ଇଲା ସ୍ୱାଇଁ, ତ୍ରମ୍ବନାଥ ପଣ୍ଡା ଓ ମିହିର ରାୟପ୍ରମୁଖ ଉପସ୍ଥିତ ଥିଲେ ।



- ଦଳୀୟ ପ୍ରଚାରରେ ସିଆରପି, ମିଶନ ଶକ୍ତି କର୍ମୀଙ୍କୁ ନିୟୋଜିତ କରାଯାଉଛି
- ତଦନ୍ତ ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି
- ମିଶନ ଶକ୍ତି କର୍ମୀଙ୍କ ଉପରେ ନଜର ରଖନ୍ତୁ ଜିଲ୍ଲା ନିର୍ବାଚନ ଅଧିକାରୀ

# ବିଜେପିଙ୍କୁ ଭରସା ଛତିଶଗଡ଼ ନେତା: କଂଗ୍ରେସ

ଭୁବନେଶ୍ୱର,୨୮ ।୧୦(ସମିସ): ବିଜେଡିରେ ଥିବା ସ୍ୱର୍ଗତ ରାଜୁ ଢୋଲକିଆଙ୍କ ପୁଅଙ୍କୁ ବିଜେପି ପ୍ରାର୍ଥୀ କରିଥିବାରୁ ବିଜେପି ଦଳରେ ଘୋର ଅସନ୍ତୋଷ ସୃଷ୍ଟି ହୋଇଛି ଏବଂ କର୍ମୀ ସହଯୋଗ କରୁନାହାନ୍ତି । ସେଥିପାଇଁ ନୂଆପଡ଼ାରେ ଜନସମାଗମ ନ ହେବାରୁ ମୁଖ୍ୟମନ୍ତ୍ରୀଙ୍କ ସଭା ଭଣ୍ଡୁର ହୋଇଥିଲା । ସ୍ଥାନୀୟ କର୍ମୀଙ୍କ ନିରୁତ୍ସାହ ବିଜେପି ପାଇଁ ଛତିଶଗଡ ନେତାଙ୍କୁ ଆସି ପ୍ରଚାର କରିବାକୁ ପଡୁଛି ବୋଲି କଂଗ୍ରେସ କହିଛି । କଂଗ୍ରେସ ଭବନଠାରେ ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ କଂଗ୍ରେସର ପ୍ରଚାରରେ ପିସିସି ସଭାପତି ଭକ୍ତ ଚରଣ ଦାସ ନୂଆପଡାରେ ରହି ପ୍ରଚାର ଦାୟିତ୍ୱ ନେଇଛନ୍ତି । ସେ ସେଠାକାର ସ୍ଥାନୀୟ ନେତା ଏବଂ ତାଙ୍କ ଅମଳରେ ନୂଆପଡା ବିକାଶର ସ୍ୱାଦ ଚାଖିଥିଲା । କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ ଜଣେ ଆଦିବାସୀ ଏବଂ ସର୍ବମାନ୍ୟ ନେତା । ଗତ ନିର୍ବାଚନରେ ସେ ସ୍ୱାଧୀନ ଭାବରେ ଲଢ଼ି ୫୧ ହଜାର ଭୋଟସହ ଦ୍ୱିତୀୟ ସ୍ଥାନରେ ଥିଲେ । ଜିଲ୍ଲାରେ ମୋଟ ୪୦ ପ୍ରତିଶତ ଆଦିବାସୀ ଥିବାବେଳେ କେବଳ କଂଗ୍ରେସ ଦଳ ରାହୁଲ ଗାନ୍ଧୀଙ୍କ ସାମାଜିକ ନ୍ୟାୟ ପ୍ରତିଷ୍ଠା ପାଇଁ ବଦ୍ଧପରିକର ଓ ଏଥିପାଇଁ ଜଣେ ଆଦିବାସୀ ପ୍ରାର୍ଥୀ ଘାସିରାମ ମାଝୀଙ୍କୁ ଟିକେଟ ଦେଇଛି ।

୩୦୦ ୟୁନିଟ ବିଜୁଳି ଛାଡ଼, ବାର୍ଦ୍ଧକ୍ୟ ଭତ୍ତା, ସୁଭଦ୍ରା ଯୋଜନା ନାମରେ ବିଜେପି ପ୍ରତାରଣା କରିଛି । ତେଣୁ ଭୋଟରଙ୍କ ପାଖକୁ କଣ ପ୍ରସଙ୍ଗ ନେଇ ଯିବେ ବୋଲି କଂଗ୍ରେସ ପ୍ରଶ୍ନ କରିଛି । ଅବିଭକ୍ତ କଳାହାଣ୍ଡି ଜିଲ୍ଲା ୧୯୬୬ ମସିହା ବେଳକୁ ଏକ ଦୁର୍ଭିକ୍ଷ ପ୍ରପୀଡ଼ିତ ଅଞ୍ଚଳ ଥିଲା । ସେଠାକୁ ଇନ୍ଦିରା ଗାନ୍ଧୀଙ୍କ ସମେତ ସମସ୍ତ ଦଳର ନେତା, ସମାଜସେବୀ, ବିଦେଶୀ ସାମ୍ବାଦିକ ପରିଦର୍ଶନ କରୁଥିଲେ । କଳାହାଣ୍ଡି, ବଲାଙ୍ଗିର କୋରାପୁଟକୁ କେବିକେ ଯୋଜନା ଅନ୍ତର୍ଗତ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜର ଆରମ୍ଭ, ଇନ୍ଦ୍ରାବତୀ ଓ ପତୋରା ଭଳି ବୃହତ ଜଳସେଚନ ଭିତ୍ତିକ ଡ୍ୟାମ କରାଯାଇଥିଲା । ଫଳରେ ଆଜି ମରୁଡି ଅଞ୍ଚଳ ଶସ୍ୟ ଶ୍ୟାମଳା ହୋଇଛି । ୟୁପିଏ ସରକାର ସମୟରେ ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ, ବିଜୁଳୀ ଓ ରାସ୍ତାଘାଟକୁ ପ୍ରାଧାନ୍ୟ ଦିଆଯାଇ ଅନେକ ବିକାଶମୂଳକ କାମ କରାଯାଇଛି । ତେଣୁ ଏଠାରେ କଂଗ୍ରେସର ବିଜୟ ହେବ । କୌଣସି ଚୋରୀ କିମ୍ବା ଅପପ୍ରଚାର କାମ ଦେବନାହିଁ ବୋଲି ଶ୍ରୀ ପଟ୍ଟନାୟକ ଦୃଢୋକ୍ତି ପ୍ରକାଶ କରିଛନ୍ତି ।

## ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା

# ସୁଟର୍ଙ୍କୁ ଘରେ ଆଶ୍ରୟ ଦେଇଥିବା ଶୂନ୍ୟଚନ୍ଦ୍ର ଗିରଫ

ବ୍ରହ୍ମପୁର, ୨୮ ।୧୦ (ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ସଂଖ୍ୟା ୧୪କୁ ବୃଦ୍ଧି ପାଇଛି । ୪ ଭଡ଼ାଟିଆ ସାର୍ପସୁଟର୍ଙ୍କୁ ନିଜ ଘରେ ଆଶ୍ରୟ ଦେବା ଅଭିଯୋଗରେ ଅଳକାପୁରୀ ଅଞ୍ଚଳର ଶୂନ୍ୟଚନ୍ଦ୍ର ଦାସ ନାମକ ଜଣେ ବ୍ୟକ୍ତିଙ୍କୁ ପୁଲିସ ଗିରଫ କରିଛି ବୋଲି ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ୍ କହିଛନ୍ତି । ସେହିଭଳି ଘଟଣାରେ ଆଉ ଜଣଙ୍କୁ ଅଟକ ରଖି ପୁଲିସ ଜେରା କରୁଥିବା ଜଣାପଡ଼ିଛି ।

ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ କୁହାଯାଉଥିବା ଉମା ବିଶୋୟୀଙ୍କ କହିବା ପ୍ରକାରେ, ଯୋଗେନ୍ଦ୍ର ରାଉତ ୪ ସୁଟର୍ଙ୍କ ସହ ଯୋଗାଯୋଗ କରିଥିଲା । ସେମାନଙ୍କ ମଧ୍ୟରେ ଶିଶୁପାଳ କୁମାର ପାଶୱାନ ଓ କୁନ୍ଦନ କୁମାର ବିହାରର ହୋଇଥିବା ବେଳେ ବିପିନ ସ୍ୱାଇଁ ଓ ସୀମାଞ୍ଚଳ ନାୟକ ସ୍ଥାନୀୟ ଥିଲେ । ସମସ୍ତ ୪ଜଣଙ୍କୁ ଏକାଠି କରିବା ପରେ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଅଳକାପୁରୀ ସ୍ଥିତ ଶୂନ୍ୟଚନ୍ଦ୍ର ଦାସଙ୍କ ଘରେ ଆଶ୍ରୟ ଦିଆଯାଇଥିଲା । ଗିରଫ କର୍ପୋରେଟର ମଳୟ ବିଶୋୟୀଙ୍କ ଅନୁରୋଧ ରକ୍ଷା କରି ଶୂନ୍ୟ ଦାସ ୪ଜଣ ଅପରିଚିତ ବ୍ୟକ୍ତିଙ୍କୁ ଅଜାଣତରେ ନିଜ ଘରେ ଆଶ୍ରୟ ଦେଇଥିବା ନେଇ ଏସପି ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ।



ସେପଟେ ଗିରଫ ପୂର୍ବତନ ମେୟର ପିଣ୍ଟୁ ଦାଶଙ୍କ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ତାଙ୍କୁ ୨୯ ତାରିଖ ବୁଧବାର ବ୍ରହ୍ମପୁରରୁ ଫୁଲବାଣୀ ଜେଲକୁ ସ୍ଥାନାନ୍ତର କରାଯିବ । ତେବେ ଫୁଲବାଣୀ ସ୍ଥାନାନ୍ତର ବେଳେ ଖୋଦ୍ ସୁରକ୍ଷା କର୍ମୀଙ୍କଠାରୁ ପିଣ୍ଟୁଙ୍କ ଜୀବନ ପ୍ରତି ବିପଦ ଥିବା ଆଶଙ୍କା କରିଛନ୍ତି ପିଣ୍ଟୁଙ୍କ ପତ୍ନୀ ଆଶାଲତା ଦାଶ । ଯାହାର ଶୁଣାଣି କରି କୋର୍ଟ ପିଣ୍ଟୁଙ୍କୁ କଡା ସୁରକ୍ଷାବଳୟ ମଧ୍ୟରେ ସୁରକ୍ଷିତ ଫୁଲବାଣୀ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି । ଅନୁରୂପ ଭାବେ ଗିରଫ ହୋଇଥିବା ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ପକ୍ଷରୁ ତାଙ୍କ ଓକିଲ ତଥା ବରିଷ୍ଠ ଆଇନଜୀବୀ ଦୀପକ କୁମାର ପଟ୍ଟନାୟକ ଏସ୍ଡିଜେଏମଙ୍କ କୋର୍ଟରେ ଏକ ପିଟିସନ ଦାଖଲ କରିଛନ୍ତି । ସେ ତାଙ୍କ ପିଟିସନ ଜରିଆରେ ନିଜ ମହକିଲ ବିକ୍ରମଙ୍କ ସହ ଜେଲରେ ବ୍ୟକ୍ତିଗତ ଭାବେ ସ୍ୱତନ୍ତ୍ର ପ୍ରକୋଷ୍ଠରେ ସାକ୍ଷାତ ଆଲୋଚନା କରିବାକୁ ନିବେଦନ କରିଛନ୍ତି ।

- ପିଣ୍ଟୁଙ୍କୁ ସୁରକ୍ଷିତ ଫୁଲବାଣୀ ସ୍ଥାନାନ୍ତର କରିବାକୁ କୋର୍ଟଙ୍କ ନିର୍ଦ୍ଦେଶ
- ଜେଲରେ ବିକ୍ରମଙ୍କୁ ଏକାକୀ ଭେଟିବାକୁ ଓକିଲଙ୍କ ପିଟିସନ ଦାଖଲ



ମଞ୍ଚେଶ୍ୱରସ୍ଥିତ ନୂଆ ବାଲିଯାତ୍ରା ପଡ଼ିଆରେ ଆୟୋଜିତ ଛଟ୍ ପୂଜା କାର୍ଯ୍ୟକ୍ରମରେ ମୋହନ ଚରଣ ମାଝୀ

# ପଡ଼ିଲା ଗଛ, ୨୨ଟି ସ୍ଥାନରେ ରାସ୍ତା ଅବରୋଧ

ଭୁବନେଶ୍ୱର,୨୮ ।୧୦(ସମିସ): ବାତ୍ୟା 'ମୋନ୍ଥା' ପ୍ରଭାବରେ ଗଛ ପଡ଼ି ୨୨ଟି ସ୍ଥାନରେ ରାସ୍ତା ଅବରୋଧ ହୋଇଛି । ଗଜପତି ଜିଲ୍ଲାରେ ଗଛ ପଡିବା ସହ ମାଟି ଅତଡା ଖସିଛି । ଗଜପତି ଜିଲ୍ଲାର ଆର ଉଦୟଗିରି, ଗୁମ୍ମା, ମୋହନା ଅଞ୍ଚଳରେ ଗଛ ଉପୁଡ଼ିଛି ଗଞ୍ଜାମ ଜିଲ୍ଲାର ଚିକିଟି, ରମ୍ଭା, କାଶୀନଗରରେ ମାଟି ଅତଡା ଖସିଛି । ଅନ୍ୟପକ୍ଷରେ ଉପକୂଳ ଅଂଚଳରେ ପୁରୀର କିଛି ଅଞ୍ଚଳରେ ପାଣି ଜମିଛି । ଭୁବନେଶ୍ୱରର ୮ ଟି ସ୍ଥାନରେ ପାଣି ନିଷ୍କାସନ ପାଇଁ ବଡ଼ ପମ୍ପସେଟ ଲଗାଇ ଅଗ୍ନିଶନ ବିଭାଗ ପ୍ରସ୍ତୁତ ରହିଛି ବୋଲି ରାଜ୍ୟ ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି । ସେ କହିଛନ୍ତି ଯେ ୨୮ ଟି ସ୍ଥାନରୁ ସହଯୋଗ ପାଇଁ କଲ୍ ଆସିଛି । ସବୁଠି କାମ ସରିଛି । ଜିଲ୍ଲା ପ୍ରଶାସନର ଅଧିକାରୀମାନେ ଅଗ୍ନିଶମ ବିଭାଗକୁ ସହଯୋଗ ମାଗିଲେ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ କାର୍ଯ୍ୟ କରୁଛନ୍ତି । ପୁରୀ ବେଳାଭୂମିରେ ୧୦୦ ଜଣ ହୋମଗାର୍ଡ ଲାଇଫ ଗାର୍ଡ ଭାବରେ ନିୟୋଜିତ ରହିଛନ୍ତି । ପର୍ଯ୍ୟଟକମାନଙ୍କୁ ସମୁଦ୍ର ଆଡ଼କୁ ନ ଯିବାକୁ ଅଗ୍ନିଶମ ଡିଜି ନିବେଦନ କରିଛନ୍ତି । ସବୁ ଫାୟାର ଷ୍ଟେସନରେ ଯାହା ସରଞ୍ଜାମ ଆବଶ୍ୟକ ସବୁ ରହିଛି । ଉପକୂଳ ଅଞ୍ଚଳରେ ବାତ୍ୟା ଭିନ୍ନ ଓ ପାହାଡିଆ ଅଞ୍ଚଳରେ ଭିନ୍ନ ଥାଏ । ପାହାଡ଼ ଉପରେ ଜନବସତି ଥାଏ । ଭୁସ୍ଖଳନ ଦୃଷ୍ଟିରୁ ଲୋକଙ୍କ ସୁରକ୍ଷିତ ଆଣିବା ଫୋକସ ରହିଛି । ରାସ୍ତା ପ୍ରଭାବିତ ହୋଇଛି । ବଡବଡ ପଥର ପଡ଼ିଛି । ବର୍ତ୍ତମାନ ସୁଦ୍ଧା କ୍ଷୟକ୍ଷତି ସୂଚନା ନାହିଁ ବୋଲି ସେ କହିଛନ୍ତି ।

- ଚିକିଟି, ରମ୍ଭା, କାଶୀନଗରରେ ଧସିଲା ଅତଡ଼ା
- ପୁରୀ ବେଳାଭୂମିରେ ୧୦୦ ହୋମଗାଡର୍ ମୁତୟନ

## ବ୍ରହ୍ମପୁର ବିଧାନସଭା ନିର୍ବାଚନ ଅନିୟମିତତା ମାମଲା

# ସାକ୍ଷୀଙ୍କୁ ସୁରକ୍ଷା ଯୋଗାଇବାକୁ ଏସପିଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୨୮ ।୧୦(ସମିସ): ମିଥ୍ୟା ସତ୍ୟପାଠ ଦାଖଲ ଅଭିଯୋଗରେ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ବିଧାନସଭା ଆସନରେ ବିଜୟୀ ବିଜେପି ବିଧାୟକ କେ.ଅନୀଲ କୁମାରଙ୍କ ନିର୍ବାଚନକୁ ଚାଲେଞ୍ଜ କରି ଦାୟର ନିର୍ବାଚନୀ ମକଦ୍ଦମାର ଶୁଣାଣି କରିଛନ୍ତି ହାଇକୋର୍ଟ । ଏହି ମାମଲାରେ ସାକ୍ଷୀଙ୍କ ଜୀବନ ପ୍ରତି ବିପଦ ରହିଛି । ଏପରିକି, ନିକଟରେ କିଛି ବ୍ୟକ୍ତି ତାଙ୍କୁ ଉଠାଇନେଇ ଅଟକ ରଖିବା ସହ ନିର୍ଯାତନା ଦେଇଥିବା ନେଇ ଆବେଦନକାରୀଙ୍କ ଓକିଲ ଗୋପାଳ ଅଗ୍ରୱାଲ ଓ ଏସ୍. ଶ୍ରୀବାସ୍ତବ ହାଇକୋର୍ଟଙ୍କୁ ଅବଗତ କରିବା ସହ ସୁରକ୍ଷା ପାଇଁ ନିବେଦନ କରିଥିଲେ । ସାକ୍ଷୀଙ୍କୁ ଆବଶ୍ୟକ ସୁରକ୍ଷା ଯୋଗାଇଦେବା ପାଇଁ ବ୍ରହ୍ମପୁର ଏସ୍ପିଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ହାଇକୋର୍ଟ । ମନୋଜ କୁମାର ପଣ୍ଡାଙ୍କ ପକ୍ଷରୁ ଦାୟର ମାମଲାର ଶୁଣାଣି କରି ଜଷ୍ଟିସ୍ ଶଶିକାନ୍ତ ମିଶ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଅନ୍ୟପଟରେ ନିର୍ବାଚନ ମାମଲାରେ ପ୍ରତିପକ୍ଷ ବିଧାୟକଙ୍କ ପକ୍ଷରୁ ଅନ୍ତରୀଣ ଆବେଦନ ଦାୟର କରାଯାଇଛି । ଜେରା ପ୍ରକ୍ରିୟାକୁ ବୈଦନାଥପୁର ଥାନାରୁ ମଗାଯାଇଥିବା ଦସ୍ତାବିଜ ଉପଲବ୍ଧ ହେବା ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ଏହି ଆବେଦନରେ ପ୍ରାର୍ଥନା କରାଯାଇଛି । ଗତ ୨୦୨୪ ବିଧାନସଭା ନିର୍ବାଚନ ନାମାଙ୍କନ ସମୟରେ ବିଧାୟକ ଦାଖଲ କରିଥିବା ସତ୍ୟପାଠ ତ୍ରୁଟିପୂର୍ଣ୍ଣ ତଥା ଏଥିରେ ମିଥ୍ୟା ତଥ୍ୟ ଦିଆଯାଇଥିବା ନେଇ ଆବେଦନକାରୀ ଦର୍ଶାଇଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଅକ୍ଟୋବର ୩୧କୁ ଧାର୍ଯ୍ୟ କରିଛନ୍ତି ।

## ଓଡ଼ିଶା ସ୍ୱାସ୍ଥ୍ୟ ମିଶନ କର୍ମଚାରୀ ସଂଘର ପରିଚାଳନା ପରିଷଦ ବୈଠକ

# ୪ମାସ ହେଲା ଠିକ୍ ସମୟରେ ମିଳୁନି ଦରମା

ଭୁବନେଶ୍ୱର,୨୮ ।୧୦(ସମିସ): ଭାରତୀୟ ବିଦ୍ୟା ଭବନରେ ଓଡ଼ିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘର ପରିଚାଳନା ପରିଷଦ ବୈଠକ ସ୍ଥାୟୀ ସଭାପତି ଅନିରୁଦ୍ଧ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୩୦ ଜିଲ୍ଲାରୁ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଯୋଗଦେଇଥିଲେ । ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ କାର୍ଯ୍ୟରତ ପରିଚାଳନା କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ବିଷୟରେ ବୈଠକରେ ଆଲୋଚନା ହେବା ସହ ଆଗାମୀ ଏକ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଥିଲା ।

ବୈଠକରେ ପରିଷଦର ସଦସ୍ୟମାନେ ଆପତ୍ତି ଉଠାଇଥିଲେ ଯେ ଡବଲ ଇଂଜିନ ସରକାରକୁ ୧୬ ମାସ ଅତିକ୍ରାନ୍ତ କରିଯାଇଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ସମସ୍ୟାର ସମାଧାନ ହୋଇପାରିଲା ନାହିଁ । ବିଭିନ୍ନ ସମସ୍ୟାକୁ ନେଇ ଗତ ନଭେମ୍ବର ୨୦୨୪ ରୁ ବାରମ୍ବାର ମିଶନ ନିର୍ଦ୍ଦେଶିକା, ସ୍ୱାସ୍ଥ୍ୟ ସଚିବା, ବିଭାଗୀୟ ମନ୍ତ୍ରୀ, ମାନନୀୟ ମୁଖ୍ୟମନ୍ତ୍ରୀ ଓ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ବିଭିନ୍ନ ସମସ୍ୟାକୁ ନେଇ ଗତ ମାର୍ଚ୍ଚ ମାସରେ ଦୀର୍ଘ ୨୫ ଦିନ ରାଜଧାନୀର ଗାନ୍ଧୀ ମାର୍ଗରେ ଆନ୍ଦୋଳନ ହୋଇଥିଲା । ଖୁବଶୀଘ୍ର ସଂଘର ଦାବି ପୂରଣ କରାଯିବ ବୋଲି ସରକାର ସଂଘକୁ ପ୍ରତିଶ୍ରୁତି ଦେଇଥିଲେ । ଦାବି ପୂରଣ ତ ଦୂରର କଥା; ବର୍ତ୍ତମାନ ଠିକ୍ ସମୟରେ ଦରମା ନ ମିଳିବା, ମୃତ୍ୟୁକାଳୀନ ଓ ଦୁର୍ଘଟଣାଜନିତ ସହାୟତା ରାଶି ବର୍ଷ ବର୍ଷ ଧରି ମିଳିନାହିଁ । ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟ କରି କୌଣସି ସ୍ୱାସ୍ଥ୍ୟ ବୀମା ନ ଥିବା, ଦରମା ଅସଂଗତି ଇତ୍ୟାଦି ବିଭିନ୍ନ ସମସ୍ୟା ଘେରରେ ଏନ୍ଏଚ୍ଏମ୍ କର୍ମଚାରୀମାନେ ଛନ୍ଦି ହୋଇପଡିଛନ୍ତି ।

କେନ୍ଦ୍ର ସରକାରଙ୍କ ୨୦୧୭ ଜାତୀୟ ସ୍ୱାସ୍ଥ୍ୟ ନୀତି ଅନୁଯାୟୀ ଅଣଚିକିତ୍ସା ଜନସ୍ୱାସ୍ଥ୍ୟ ପଦବୀ ସୃଷ୍ଟି କରି ସମସ୍ତଙ୍କୁ ସ୍ଥାୟୀ କରିବା ରାଜ୍ୟ ସରକାରଙ୍କ ସଂପୂର୍ଣ୍ଣ ନିଜସ୍ୱ ବ୍ୟାପାର । ପୂର୍ବ ସରକାରଙ୍କ ସମୟରେ ଏହାକୁ ଆଗକୁ ନେବାକୁ ଯାଇ କମିଟି ଗଠନ କରାଯାଇଥିଲା । ଯାହାର ଏଯାଏ କୌଣସି କାର୍ଯ୍ୟାନ୍ୱୟନ ହୋଇପାରିଲା ନାହିଁ । ଅଗଷ୍ଟରୁ ଅକ୍ଟୋବର ମଧ୍ୟରେ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସଭାପତିଙ୍କୁ ବାରମ୍ବାର ଭେଟିବା ପରେ ଖୁବ୍ଶୀଘ୍ର ସ୍ଥାୟୀ କରିବାର ପ୍ରତିଶୃତି ମିଳିଥିଲେ ମଧ୍ୟ କିଛି କାର୍ଯ୍ୟରେ ପରିଣତ ହୋଇନାହିଁ । ଯଥାଶୀଘ୍ର ଦାବି ପୂରଣ କରି ସରକାର ୯୦୦୦ ଏନ୍ଏଚ୍ଏମ୍ କର୍ମଚାରୀ ଓ ତାଙ୍କ ଉପରେ ନିର୍ଭରଶୀଳ ୧ ଲକ୍ଷ ଲୋକଙ୍କ ମୁହଁରେ ହସ ଫୁଟାଇବାକୁ ସଂଘ ପକ୍ଷରୁ ନିବେଦନ କରାଯାଇଛି ।

ପରିଶେଷରେ ସର୍ବସମ୍ମତି କ୍ରମେ ପୁନର୍ବାର ଅନିରୁଦ୍ଧ ପଣ୍ଡାଙ୍କୁ ସଭାପତି, ଗୋପବନ୍ଧୁ କରଙ୍କୁ ସମ୍ପାଦକ, ଆଶୁତୋଷ ମିଶ୍ରଙ୍କୁ କୋଷାଧକ୍ଷ ଓ ଅନ୍ୟ ପଦାଧିକାରୀଙ୍କୁ ଏକ ବର୍ଷ ପାଇଁ ମନୋନୀତ କରାଯାଇଥିଲା । ଆବାହକ ସଞ୍ଜୟ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ ।

**ଅନିରୁଦ୍ଧ ସଭାପତି, ଗୋପବନ୍ଧୁ ସମ୍ପାଦକ ଓ ଆଶୁତୋଷ କୋଷାଧକ୍ଷ ଭାବେ ପୁନଃ ମନୋନୀତ**

**ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି ପରେ ବି କାର୍ଯ୍ୟାନ୍ୱୟନ ନାହିଁ**

# ଆଜି ବନ୍ଦ ରହିବ ନନ୍ଦନକାନନ, ଶିମିଳିପାଳ, ଭିତରକନିକା

ବାରଙ୍ଗ/ନନ୍ଦନକାନନ/ବାରିପଦା, ୨୮ ।୧୦ (ସମିସ): ବାତ୍ୟା 'ମୋନ୍ଥା' ପାଇଁ ନନ୍ଦନକାନନ ପ୍ରାଣୀଉଦ୍ୟାନ, ଉଦ୍ଭିଦ ଉଦ୍ୟାନ (ବଟାନିକାଲ ଗାର୍ଡେନ୍), ଶିମିଳିପାଳ ଓ ଭିତରକନିକା ଜାତୀୟ ଉଦ୍ୟାନ ଆସନ୍ତାକାଲି ବନ୍ଦ ରହିବ । ଜୀବଜନ୍ତୁ ଓ ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିରୁ ଏହି ନିଷ୍ପତ୍ତି ନିଆଯାଇଛି ।

ମଙ୍ଗଳବାର ରାତିରେ ବାତ୍ୟା ମୋନ୍ଥା ସ୍ଥଳଭାଗ ଛୁଇଁବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ବର୍ଷା-ପବନଜନିତ କ୍ଷୟକ୍ଷତିରୁ ପ୍ରାଣୀଉଦ୍ୟାନ ବନ୍ୟଜନ୍ତୁଙ୍କୁ ସୁରକ୍ଷା ଦେବାକୁ କର୍ତ୍ତୃପକ୍ଷ ବ୍ୟାପକ ବ୍ୟବସ୍ଥା ହାତକୁ ନେଇଛନ୍ତି । ଜୀବଜନ୍ତୁଙ୍କୁ ତାଙ୍କର ଖୁଆଡ଼ର ଫିଡିଂ ଚାମ୍ବରରେ ରଖାଯାଇଛି । ବାତ୍ୟା ସମୟରେ ଗଛ ଭାଙ୍ଗିଲେ, କଟର୍ ମେସିନ ସାହାଯ୍ୟରେ ଗଛ କଟାଯାଇ ସଫା କରାଯିବ । ସେହିପରି ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ କରି ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରାଯାଇଛି । ଜଳହସ୍ତୀ, ହରିଣ, କୁଟୁରା, ନୀଳଗାଇ, କୃଷ୍ଣସାର ମୃଗ ଭଳି ଜନ୍ତୁଙ୍କ ଉପରେ ନଜର ରଖିବା ପାଇଁ ଏକ ଟିମ୍ ଗଠନ କରାଯାଇଛି । ବାକି ଅନ୍ୟଜନ୍ତୁଙ୍କୁ ପକ୍କାଘର ଫିଡିଂ ଚାମ୍ବରରେ ରଖାଯାଇଛି । ଯେଉଁଠାରେ ଘର ଓ ତାରଜାଲି ରହିଛି, ସେହି ଜନ୍ତୁ ଓ ପକ୍ଷୀଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । କିଛି ଖୁଆଡ଼ର ଜାଲିରେ ଜରିପାଲ ମଧ୍ୟ ଦିଆଯାଇଛି । ଜନ୍ତୁଙ୍କ ପାଇଁ ଶୁଖିଲା, କଞ୍ଚା ଖାଦ୍ୟ ଓ ସ୍ୱଚ୍ଛପାଣି ଗଚ୍ଛିତ ରଖାଯାଇଛି । ଜୀବଜନ୍ତୁ ବାହାରକୁ ନଯିବା ପାଇଁ ନନ୍ଦନକାନନରେ ୨୪ଘଣ୍ଟିଆ ପାଟ୍ରୋଲିଂ ବ୍ୟବସ୍ଥା କରାଯାଇଛି । ସମସ୍ତ ଖୁଆଡ଼ରେ କର୍ମଚାରୀ ସଜାଗ ରହିଛନ୍ତି । ସେହିପରି ବାତ୍ୟା ପରେ ସେମାନଙ୍କର ସ୍ୱାସ୍ଥ୍ୟ ଯେପରି ଖରାପ ନହେବ, ସେଥିପାଇଁ ପ୍ରାଣୀ ଚିକିତ୍ସକ ସଜାଗ ରହିଛନ୍ତି । ସେମାନଙ୍କ ପାଇଁ ଔଷଧ ମହଜୁଦ ରଖାଯାଇଛି ।

# ମହାବାତ୍ୟାରେ ଚାଲିଚାଲି କଟକରୁ ବାଲେଶ୍ୱର

**ବାଲେଶ୍ୱର, ୨୮।୧୦ (ପ୍ରତ୍ୟାଶା ପ୍ରିୟମ୍ବଦା ମହାନ୍ତି):** "ହଁ... ହଁ... ସେତେବେଳକୁ ମୋତେ ୨୧ବର୍ଷ। କ'ଣ ଗୋଟାଏ ବାତ୍ୟା ହବ ବୋଲି ରେଡିଓ ବାରମ୍ବାର କହୁଥିଲା। କିନ୍ତୁ ବାଲେଶ୍ୱରରେ ପହଞ୍ଚିବା ମୋ' ପାଇଁ ଜରୁରୀ ଥିଲା। ଗୋଟାଏ ସାହସରେ ମାଡ଼ି ଆସିଲି ଗଞ୍ଜାମରୁ...। କିନ୍ତୁ ବାଟରେ ଏମିତି ଦଶା ଭୋଗିବି ବୋଲି ସ୍ୱପ୍ନରେ ବି ଭାବି ନଥିଲି। କୁରୁକ୍ଷେତ୍ରରେ ମହାଭାରତ ଯୁଦ୍ଧକୁ ଯେମିତି ପ୍ରତ୍ୟକ୍ଷ ଭାବେ 'ବେଲାଳସେନ' ଦେଖିଥିଲା, ମୋର ବି ମହାବାତ୍ୟାକୁ ଦେଖିବା ଅନୁଭୂତି ସେଇ ପାଖାପାଖି...। ବାତ୍ୟା ଚାଲିଥାଏ, ମୁଁ ବି ଚାଲୁଥାଏ। ଫରକ୍ ଏତିକି; ତାକୁ କାହାର ଭୟ ନଥାଏ, ଆଉ ମୁଁ ପ୍ରତି ମୂହୁର୍ତ୍ତରେ ଭୟରେ ମରୁଥାଏ।" ୧୯୯୯ ମସିହା ଅକ୍ଟୋବର ୨୯ ତାରିଖ ମହାବାତ୍ୟାକୁ ଅଙ୍ଗେ ନିଭାଇଥିବା ଏମିତି ଜଣେ ବ୍ୟକ୍ତି ହେଉଛନ୍ତି, ବାଲେଶ୍ୱର ସହର ଟୁଲଙ୍ଗସାହିରେ ରହୁଥିବା ସୁବୋଧ ଚନ୍ଦ୍ର ପଣ୍ଡା (୪୯)। ବାତ୍ୟାକୁ ୨୬ବର୍ଷ ପୂରିବା ଅବସରରେ 'ସକାଳ'କୁ ସେ ସେହି ଅଭିଶପ୍ତ ଦିନର ଅଭୁଲା ଓ ଅଲୋଡ଼ା ସ୍ମୃତି କହିବା ବେଳେ ତାଙ୍କ ଲୋମ ବାରମ୍ବାର ଟାଙ୍କୁରି ଉଠୁଥିଲା। ମହାବାତ୍ୟା ଦିନ ସୁବୋଧ ବାଲେଶ୍ୱର ଆସିବା ପାଇଁ ଗଞ୍ଜାମରୁ ବାହାରିଥିଲେ। କିନ୍ତୁ ବାଲେଶ୍ୱରରେ ପହଞ୍ଚିବା ବେଳକୁ ତାଙ୍କୁ ୩ ଦିନ ଲାଗିଗଲା। ବାଟସାରା ବାତ୍ୟାର କରାଳ ରୂପ, ତାଣ୍ଡବ ଦେଖି ତାଙ୍କ ଦେହରୁ ଅଧାରକ୍ତ ଶୁଖିଗଲା ଭଳି ତାଙ୍କୁ ଅନୁଭୂତ ହୋଇଥିଲା।


ବାଟ ସାରା ତାଣ୍ଡବର ସାକ୍ଷୀ ସାଜିଥିଲେ ସୁବୋଧ

ସୁବୋଧ କହନ୍ତି, ଗଞ୍ଜାମରେ ମୋ ମାମୁଁଘର, ଗୋସେଇଁ ବାପାଙ୍କ ଘର। ସେଠାରେ ବଡ଼ବାପା ରହନ୍ତି। ମୁଁ ସେତେବେଳେ ଗଞ୍ଜାମ ଯାଇଥିଲି। ଗଞ୍ଜାମରୁ ଜେଜେବାପାଙ୍କୁ ନେଇ ବାହାରିଥିବା ବେଳେ ବର୍ଷା ଆରମ୍ଭ ହୋଇଯାଇଥିଲା। ବଡ଼ବାପା ରାଜି ନହେବାରୁ ଏକୁଟିଆ ବାହାରି ଆସିଲି। ଗଞ୍ଜାମରୁ ବସ୍‌ରେ ଭୁବନେଶ୍ୱର ଯାଏଁ ଆସିଲି। ବସ୍ ଖୋର୍ଦ୍ଧା ଛୁଇଁବା ବେଳକୁ ପବନର ବେଗ ଉଗ୍ର ହୋଇସାରିଥିଲା। ତେଣୁ, ଭୁବନେଶ୍ୱରରେ ପହଞ୍ଚିବା ପାଇଁ ୨୪ ଘଣ୍ଟା ଲାଗିଗଲା। ସେତେବେଳକୁ ଭୁବନେଶ୍ୱର ପାଣିରେ ବୁଡ଼ିଲା ଭଳି। ସେଠୁ କଟକ କଷ୍ଟେମଷ୍ଟେ ବି ପଳାଇ ଆସିଲି। ବାଲେଶ୍ୱର ଯିବା ପାଇଁ ଗୋଟିଏ ବସ୍ ଧରିଲି। କିନ୍ତୁ ବର୍ଷା, ପବନ ଦେଖି ବସ୍ ମଙ୍ଗୁଳିଠାରୁ ଆଉ ଆଗକୁ କଲାନି। ବାଧ ହୋଇ କିଛି ଲୋକ ଏକାଠି ହୋଇ ସେଇଠୁ ଚାଲିଚାଲି ଆଗକୁ ବଢ଼ିବା ଆରମ୍ଭ କଲୁ। ପବନର ବେଗ ଏତେ ଅଧିକ ଥିଲା ଯେ ଆମକୁ ବାରମ୍ବାର ରାସ୍ତାକଡ଼କୁ ଠେଲି ନେଉଥିଲା। ପାଖରେ ଟଙ୍କା ଥିଲା, ହେଲେ ଖାଦ୍ୟ କି ପାଣି ମିଳୁନଥିଲା। ବର୍ଷା ପାଣି ପିଇ ପିଇ ଆଗକୁ ଚାଲିଲୁ। ଛତିଆ ପାଖରେ ଜାତୀୟ ରାଜପଥରେ ଗଛ ପଡ଼ି ରାସ୍ତା ବନ୍ଦ ହୋଇଯାଇଥିଲା। ସେତେବେଳକୁ ରାତି ହୋଇଗଲାଣି। ତେଣୁ ଆଉ କିଛି ଉପାୟ ନ ପାଇ ରାସ୍ତାକଡ଼ରେ ଥୁଆ ହୋଇଥିବା ଏକ ବସ୍‌ରେ ରାତି କଟେଇଲି। ଧୀରେଧୀରେ ବର୍ଷା ଥମିଯାଇଥିଲା। ସକାଳୁ ପୁଣି ବାହାରିଲି। ରାସ୍ତାରେ ବିସ୍କୁଟ, ସେଓ ଆଦି ଗାଡ଼ିରୁ ସବୁ ଯାହା ପାଇଲୁ ଖାଇଲୁ। ଏମିତି ଚାଲିଚାଲି ମୁଁ ଜାମୁଝାଡ଼ି ପହଞ୍ଚିଗଲି। ସେଠାରେ ଆମକୁ ଚାଉଳ ମିଳିଥିଲା। ଆମେ ବହୁତ କଷ୍ଟରେ ହାଣ୍ଡି, କଡ଼େଇ ଯୋଗାଡ଼ କରି ଭାତ ତିଆରି କରି ଖାଇଥିଲୁ। ଅନ୍ୟ କିଛି ଲୋକଙ୍କୁ ଖାଇବାକୁ ବି ଦେଇଥିଲୁ। ଜାମୁଝାଡିରୁ ବାଲେଶ୍ୱରକୁ ଯିବା ପାଇଁ ରାସ୍ତା ବନ୍ଦ ଥିଲା। ସେତେବେଳେ ସାବିରା ରେଲୱେ ଟ୍ରାକ୍ ଦେଇ ଚାଲିଚାଲି ସୋରରୁ ସିଧା ଏକ ବସ୍‌ରେ ବସି ମୁଁ ଆଇଟିଆଇ ଛକରେ ଓହ୍ଲାଇଲି। ମୋତେ ଦେଖି ମୋର ସାଙ୍ଗସାଥୀ ଚମକି ପଡ଼ିଲେ। ଏତେ ଦିନ ପରେ ଚାଲିଚାଲି ଆସିଛି। ମୁଁ ସିଧା ଘରକୁ ଗଲି। ମା' ମୋତେ ଦେଖି କାନ୍ଦି ପକାଇଲା। ବାଲେଶ୍ୱର ସହର ଏତେ କିଛି ପ୍ରଭାବିତ ହୋଇନଥିଲା। ମୁଁ ବାଲେଶ୍ୱର ପହଞ୍ଚିଲା ବେଳକୁ ଅକ୍ଟୋବର ମାସ ସରି ଯାଇଥାଏ। ସେତେବେଳେ ଯୋଗାଯୋଗ ପାଇଁ ଫୋନ୍ ବି ନଥିଲା। ଏହା ମୋ ପାଇଁ ସବୁବେଳେ ଏକ ଅବର୍ଣ୍ଣନୀୟ ଅନୁଭୂତି ହୋଇ ରହିବ।

## ମହାବାତ୍ୟାକୁ ପୂରିଲା ୨୬ ବର୍ଷ

# କ୍ଷତ ଶୁଖିଛି; ଚିହ୍ନ ଯାଇନି





**ଜଗତସିଂହପୁର, ୨୮।୧୦ (ଶଶାଙ୍କ ଶେଖର ପଣ୍ଡା):** ପ୍ରକୃତିର ତାଣ୍ଡବ ଆଗରେ ମଣିଷ ଯେ କେତେ ଅସହାୟ, ତାହା ୧୯୯୯ ମସିହାର ମହାବାତ୍ୟା ଓଡ଼ିଶାବାସୀଙ୍କୁ ଦେଖାଇ ଦେଇଥିଲା। ପ୍ରକୃତିର ସେହି କରାଳ ରୂପକୁ ଆସନ୍ତାକାଲି (ବୁଧବାର) ୨୬ବର୍ଷ ପୂରୁଛି। ଓଡ଼ିଶାବାସୀ ବିଶେଷକରି, ସର୍ବାଧିକ ପ୍ରଭାବିତ ହୋଇଥିବା ଜଗତସିଂହପୁର ଜିଲ୍ଲାବାସୀଙ୍କ ମନରୁ ଏ କ୍ଷତ ଶୁଖିଯାଇଛି ସତ, କିନ୍ତୁ ଏବେ ବି ତା'ର ଚିହ୍ନ ସତେଜ ଅଛି। ମା' କୋଳରୁ ପିଲା, ସ୍ୱାମୀ ଆଖି ଆଗରେ ସ୍ତ୍ରୀ ତ କାହାର ପୂରା ପରିବାରକୁ ନିଶ୍ଚିହ୍ନ କରିଦେଇଥିଲା ମହାବାତ୍ୟା।

ଏହି ପ୍ରଳୟଙ୍କରୀ ମହାବାତ୍ୟାରେ ସର୍ବାଧିକ ପ୍ରଭାବିତ ହୋଇଥିଲା ଜଗତସିଂହପୁର ଜିଲ୍ଲାର ଏରସମା ବ୍ଲକ୍ ଅଞ୍ଚଳ। ପୋକମାଛି ପରି ହଜାର ହଜାର ମଣିଷ ଓ ଗୃହପାଳିତ ପଶୁ ଜୀବନ ହରାଇଥିଲେ ଏହି ବିପର୍ଯ୍ୟୟରେ। ଯୁଆଡ଼େ ଦେଖିବ, ଖାଲି କୁଢ଼କୁଢ଼ ଶବ। ଏରସମା ଅଞ୍ଚଳ ଏକପ୍ରକାର ଧ୍ୱଂସସ୍ତୂପରେ ପରିଣତ ହୋଇଥିଲା। ବ୍ଲକ୍‌ର ଜପା ପଞ୍ଚାୟତର ଦହିବର ଗାଁ ଲୋକ ଏବେ ବି ସେହି ଅଭିଶପ୍ତ ମସିହା (୧୯୯୯)ର ନାଁ ଶୁଣିଲେ, ସେମାନଙ୍କ ଲୋମ ଟାଙ୍କୁରି ଉଠେ। ମହାବାତ୍ୟାରେ ଏହି ଗାଁର ସର୍ବାଧିକ ୫୮୭ ଜଣ ଲୋକ ପ୍ରାଣ ହରାଇଥିଲେ। ଏପରିକି, କେତେକ ପରିବାରରୁ ୧୦ରୁ ୧୨ଜଣ ମୃତ୍ୟୁବରଣ କରିଥିବା ବେଳେ ଆଉ କିଛି ପରିବାର ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହୋଇଯାଇଥିଲା। କେବଳ ଦହିବର ନୁହେଁ, ଏରସମା ବ୍ଲକ୍‌ର ପ୍ରାୟ ସମସ୍ତ ପଞ୍ଚାୟତରେ ତାଣ୍ଡବ ରଚିଥିଲା ଏହି ପ୍ରଳୟଙ୍କରୀ ମହାବାତ୍ୟା। ସରକାରୀ ହିସାବରେ ୧୦ ହଜାର ଲୋକଙ୍କ ମୃତ୍ୟୁ ହୋଇଥିବା କୁହାଯାଇଥିବା ବେଳେ ପ୍ରକୃତରେ କିନ୍ତୁ ମୃତ୍ୟୁସଂଖ୍ୟା ଏହାଠାରୁ ଢେର୍ ଅଧିକ ଥିଲା ବୋଲି କୁହନ୍ତି ସ୍ଥାନୀୟ ଲୋକେ।

ମହାବାତ୍ୟାର ୨୬ବର୍ଷ ପରେ ଦହିବର ଗାଁ ସହିତ ସମଗ୍ର ଏରସମା ଅଞ୍ଚଳରେ ଅନେକ ବିକାଶ ଘଟିଛି ସତ, ହେଲେ ଆଜି ମଧ୍ୟ ଏଭଳି କେତେକ ପରିବାର ରହିଛନ୍ତି, ଯେଉଁମାନଙ୍କ ପାଖରେ ମୁଣ୍ଡ ଗୁଞ୍ଜିବା ପାଇଁ ଛାତ ଘରଟିଏ ନାହିଁ। ମାଳମାଳ ଯୋଜନା ସତ୍ତ୍ୱେ ୧୦ରୁ ଊର୍ଦ୍ଧ୍ୱ ପଞ୍ଚାୟତରେ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ହୋଇପାରି ନଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା। ଆଜି ମଧ୍ୟ ଏହି ଅଞ୍ଚଳରେ ବର୍ଷା ଦିନେ ଛାତ୍ରଛାତ୍ରୀମାନେ ଡଙ୍ଗାରେ ବସି ବିଦ୍ୟାଳୟକୁ ଯାଉଛନ୍ତି। ଜିଲ୍ଲା ପ୍ରଶାସନ ଓ ବ୍ଲକ୍ ପ୍ରଶାସନ କେବଳ ମହାବାତ୍ୟାର ସ୍ମୃତିଚାରଣ କରି ନିଜର ପରାକାଷ୍ଠା ଦେଖାଉଥିବା ବେଳେ ଏବେ ମଧ୍ୟ ଅନେକ ପରିବାର ସଠିକ ଭାବେ ସେମାନଙ୍କର ମୌଳିକ ସୁବିଧା ପାଇବାରୁ ବଞ୍ଚିତ ରହିଛନ୍ତି।

## ଭିଟାମାଟିରୁ ବେଦଖଲ କରିଦେଲା

# ହଜିଗଲା ଉଦୟକଣୀ, ଛେନୁଅର ଠିକଣା



୧୯୯୯ ମସିହା ଅକ୍ଟୋବର ୨୯। ଏହି ଦିନ ଓଡ଼ିଶା ଇତିହାସରେ ସବୁଠାରୁ ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟ ଆସିଥିଲା। ଓଡ଼ିଶା ମାଟିରେ ପ୍ରଳୟ ରଚିଥିଲା ମହାବାତ୍ୟା। ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଥିଲା ଉପକୂଳ ଓଡ଼ିଶା। ଯଦିଓ ଜଗତସିଂହପୁର ଜିଲ୍ଲାରେ ସର୍ବାଧିକ କ୍ଷତି ଘଟିଥିଲା, ପୁରୀ ଜିଲ୍ଲାରେ ମହାବାତ୍ୟାର ତାଣ୍ଡବ କିଛି କମ୍ ନ ଥିଲା। ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିଲା ଅସ୍ତରଙ୍ଗ ବ୍ଲକର ସମୁଦ୍ର ତଟବର୍ତ୍ତୀ ଶିଶୁଅ ପଞ୍ଚାୟତ। ମହାବାତ୍ୟାରେ ଧନଜୀବନ ହାନୀର ତାଲିକା ତ ବେଶ୍ ଲମ୍ବା। ହେଲେ ଏହି ବିଭୀଷିକାର ଆଁ ଭିତରେ ହଜିଯାଇଥିଲା ଦୁଇଟି ଗାଁ ଉଦୟକଣୀ ଆଉ ଛେନୁଅର ଠିକଣା। ବଦଳି ଯାଇଥିଲା ସମୁଦ୍ର ତଟବର୍ତ୍ତୀ ଏହି ଦୁଇ ଗାଁର ନକ୍ସା। ଆଉ ପୁରୁଷ ପୁରୁଷ ଧରି ରହୁଥିବା ଭିଟାମାଟିରୁ ବେଦଖଲ କରିଦେଇଥିଲା 'ମହାବାତ୍ୟା'।

**ପୁରୀ, ୨୮।୧୦(ହେମନ୍ତ ନାୟକ):** ୧୯୯୯ ମସିହା ଅକ୍ଟୋବର ୨୯ ତାରିଖ। ଠିକ୍ ଆଜିର ଦିନରେ ଓଡ଼ିଶା ଉପକୂଳରେ ପ୍ରକୃତି ଉଜାଡ଼ିଥିଲା ଅନେକ କିଛି। ସେଦିନ ବଙ୍ଗୋପସାଗରରୁ ହୁ' ହୁ' ହୋଇ ମାଡ଼ି ଆସିଥିଲା ପ୍ରଳୟ। ଘର ଉଡ଼ାଇଲା, ଗାଁ ବୁଡ଼ାଇଲା, ଲିଭିଗଲା ଚିହ୍ନ ବର୍ଣ୍ଣ। କିଏ ନିଜ ପୁଅଝିଅକୁ ହରାଇଲେ ତ ଆଉ କିଏ ସମ୍ପୂର୍ଣ୍ଣ ପରିବାରକୁ ହରାଇ କୋଳଶୂନ୍ୟ ହୋଇଗଲେ। ଅନେକ ବାପା-ମା' ଛେଉଣ୍ଡ ହୋଇଗଲେ, ପୁଣି କାହା ମଥାରୁ ସିନ୍ଦୂର ପୋଛିଦେଲା ମହାବାତ୍ୟା। ଏହି ସାମୁଦ୍ରିକ ଝଡ଼ କେବଳ ପ୍ରାଣ ନେଇ ନଥିଲା ଘରଦ୍ୱାର, ରାସ୍ତାଘାଟ ସବୁ କିଛି ଛାରଖାର୍ କରିଦେଇଥିଲା। ଓଡ଼ିଶାର ଭୂଗୋଳ ବଦଳାଇ ଦେଇଥିଲା। ଇତିମଧ୍ୟରେ ମହାବାତ୍ୟାକୁ ୨୬ ବର୍ଷ ବିତିଯାଇଛି। କିନ୍ତୁ ପଛରେ ଛାଡ଼ି ଦେଇଯାଇଛି ଅନେକ ଦୁଃଖର ଦାଗ ଆଉ ଅଲୋଡ଼ା ସ୍ମୃତିର ଚିହ୍ନ। ଆଜି ବି ସେ ଦିନର କଥାକୁ ମନେ ପକାଇଲେ ଅନେକଙ୍କ ଲୋମ ଟାଙ୍କୁରି ଉଠୁଛି। କୋହରେ ଛାତି ଭରିଯାଉଛି। ୧୯୯୯ ମହାବାତ୍ୟା ପୁରୀ ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ଘଟାଇଥିଲା। ୨୦୪ଟି ପଞ୍ଚାୟତର ୧,୭୧୪ଟି ଗାଁର ୧୫ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଥିଲେ। ୧,୭୨,୦୦୦ ହେକ୍ଟର ଚାଷ ଜମି କ୍ଷତିଗ୍ରସ୍ତ ହୋଇଥିଲା ବେଳେ ୧,୩୪,୮୪୧ଟି ଘର ଭାଙ୍ଗିରୁଜି ନଷ୍ଟ ହୋଇଯାଇଥିଲା। ୩୦୧ଜଣଙ୍କ ଜୀବନ ନେଇଯାଇଥିଲା ମହାବାତ୍ୟା।

ତେବେ ସମୁଦ୍ର କୂଳବର୍ତ୍ତୀ ଅସ୍ତରଙ୍ଗ ଓ କାକଟପୁର ବ୍ଲକ ବିଶେଷ ଭାବେ ପ୍ରଭାବିତ ହୋଇଥିଲା। ଏହି ଦୁଇ ବ୍ଲକ୍‌ରୁ ୨୧୬ ଜଣଙ୍କ ଜୀବନ ଚାଲି ଯାଇଥିଲା। ଇତିମଧ୍ୟରେ ମହାବାତ୍ୟାକୁ ୨୬ବର୍ଷ ପୂରିଛି। ଏବେ ବି ଅସ୍ତରଙ୍ଗ ବ୍ଲକ୍‌ର ଏମିତି କିଛି ଗାଁ ଅଛି ଯେଉଁଠି ମହାବାତ୍ୟାର ଚିହ୍ନ ତାଜା ହୋଇ ରହିଛି। ଅସ୍ତରଙ୍ଗ ବ୍ଲକ୍ ଶିଶୁଅ ପଞ୍ଚାୟତର ଉଦୟକଣୀ ଓ ଛେନୁଅ ଗାଁ। ଏବେ ବି ବାତ୍ୟା କଥା ଶୁଣିଲେ ଏହି ଦୁଇ ଗାଁ ଲୋକଙ୍କ ମନରେ ଛନକା ପଶେ। ୧୯୯୯ ମହାବାତ୍ୟାର କରାଳ ରୂପକୁ ଏମାନେ ଅତି ପାଖରୁ ଦେଖିଥିଲେ। ସୁଁ ସୁଁ ଗର୍ଜନ କରି ମାଡ଼ି ଆସିଥିଲା ସମୁଦ୍ର। କ'ଣ କରିବେ, କୁଆଡ଼େ ଯିବେ, ଜାଣିପାରିନ ଥିଲେ ସମୁଦ୍ର ତଟବର୍ତ୍ତୀ ଏହି ଦୁଇ ଗାଁର ଲୋକେ। ଜୀବନ ବଞ୍ଚାଇବାକୁ ଯାଇ ଘରଦ୍ୱାର ସବୁ ଛାଡ଼ି ପିଲାଛୁଆଙ୍କୁ ଧରି ଚାଲିଯାଇଥିଲେ। ହେଲେ ଆଉ ସେଠାକୁ ଫେରିବାକୁ ସାହସ କରି ନ ଥିଲେ। କାରଣ ଯେଉଁଠି ସେମାନଙ୍କର ଘର ଥିଲା, ମନ୍ଦିର ଥିଲା, ଜୀବନଜୀବିକା ନେଇ ବଞ୍ଚୁଥିଲେ, ତାହାକୁ ଉଜାଡ଼ି ଦେଇଥିଲା ମହାବାତ୍ୟା। ଭସାଇ ନେଇଥିଲା ସେମାନଙ୍କ ତେଲଲୁଣର ସଂସାର। ସମୁଦ୍ର ଢେଉରେ ଉଦୟକଣୀ ଓ ଛେନୁଅ ଗାଁ ସମ୍ପୂର୍ଣ୍ଣ ମାଟିରେ ମିଶିଯାଇଥିଲା। ଛେନୁଅ ଗାଁର ଚିହ୍ନବର୍ଣ୍ଣ ନ ଥିବା ବେଳେ କେବଳ କେଉଁ ଏକ ଘର ମୂଳଦୁଆର ମାଟିକାନ୍ଥ ଏବେ ବି ବାତ୍ୟାର କଥା ମନେ ପକାଇଦେଉଛି।


ଛେନୁଅ ଗାଁର ସ୍ମୃତି...
କେବଳ କେଉଁ ଏକ ଘର ମୂଳଦୁଆର ମାଟିକାନ୍ଥ ରହିଛି


ଉଦୟକଣୀର ମା' ବାଟୁଲେଇଙ୍କ ମନ୍ଦିର

ମହାବାତ୍ୟା ପରେ ଛେନୁଅ ଗାଁ ଯେଉଁଠିକୁ ସ୍ଥାନାନ୍ତର ହୋଇଥିଲା, ତାହା ବି ସେମାନଙ୍କ ସ୍ଥାୟୀ ଠିକଣା ହୋଇ ରହିପାରିଲା ନାହିଁ। ସମୁଦ୍ର ଜୁଆର ଭୟ ଦେଖାଇବାରୁ ଚିତ୍ରେଶ୍ୱରୀ ପିଆର୍‌ଏଫ୍ ନଡ଼ିଆ ମଠ ବିଟ୍ ପାଖ ଜଙ୍ଗଲ ଜମିକୁ ଉଠିଯାଇଛନ୍ତି ଏହି ଗାଁ ଲୋକେ। ସେହିପରି ଉଦୟକଣୀ ବି ସ୍ଥାନାନ୍ତର ହୋଇଛି। ଗାଁ ଥିବା ପୂର୍ବ ସ୍ଥାନରେ ଏବେ କେବଳ ମା' ବାଟୁଲେଇଙ୍କ ମନ୍ଦିର ପରିତ୍ୟକ୍ତ ଅବସ୍ଥାରେ ରହିଛି। ଏହି ମନ୍ଦିର ଦେଖିଲେ ମହାବାତ୍ୟାର କରାଳ ରୂପ ମନେ ପଡ଼ିଯାଏ। ନିଜ ଭିଟାମାଟିକୁ ଦେଖିଲେ ଉଦୟକଣୀ ଆଉ ଛେନୁଅ ଗାଁ ଲୋକଙ୍କ ଆଖିରେ ଏବେ ବି ଲୁହ ଜକେଇ ଆସୁଛି।

ମହାବାତ୍ୟା ପରେ ବିପର୍ଯ୍ୟୟ ପ୍ରଶମନ ପାଇଁ ଅସ୍ତରଙ୍ଗ ବ୍ଲକ୍‌ରେ ସର୍ବାଧିକ ୩୭, କାକଟପୁର ୨୩, ଗୋପରେ ୩୪, କୋଣାର୍କରେ ୨, ପୁରୀ ସଦରରେ ୧୭, ନିମାପଡ଼ାରେ ୯, ପେଣ୍ଠକଟାରେ ୬, କଣାସରେ ଗୋଟିଏ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇଛି। ରକ୍ଷଣାବେକ୍ଷଣ ଓ ସଚେତନତା ଅଭାବରୁ ଅନେକ ବାତ୍ୟା ଆଶ୍ରୟସ୍ଥଳୀର ଅବସ୍ଥା ଧୀରେଧୀରେ ଜରାଜୀର୍ଣ୍ଣ ଅବସ୍ଥାକୁ ଆସିଲାଣି। ଏଗୁଡ଼ିକର ମରାମତି ହେବା ଆବଶ୍ୟକ ହୋଇପଡ଼ିଛି। ମହାବାତ୍ୟାର ୨୬ବର୍ଷ ପରେ ପୁରୀ ଜିଲ୍ଲା ଉପକୂଳ ଅଞ୍ଚଳର ରଙ୍ଗ ବଦଳି ଯାଇଛି ସତ, କିନ୍ତୁ ଏବେ ବି ଅନେକ ଗାଁରେ ସତେଜ ରହିଛି ମହାବାତ୍ୟାର ତାଣ୍ଡବର ଚିହ୍ନ।

# ଏବେ ବି ଗୁମୁରି କାନ୍ଦୁଛି ଅସ୍ତରଙ୍ଗ

**ଅସ୍ତରଙ୍ଗ, ୨୮।୧୦(ସମୀର କର):** ୧୯୯୯ ମସିହା ପ୍ରଳୟଙ୍କାରୀ ମହାବାତ୍ୟାର ୨୬ ବର୍ଷ ପରେ ପୁରୀ ଜିଲ୍ଲା ଉପକୂଳର ସର୍ବାଧିକ କ୍ଷତିଗ୍ରସ୍ତ ଅସ୍ତରଙ୍ଗ ଅଞ୍ଚଳର ଚିତ୍ର ଅନେକ ବଦଳିଛି। ହେଲେ ସେହି ପ୍ରଳୟଙ୍କରୀ ମହାବାତ୍ୟାର ବିଭୀଷିକା କଥା ମନେ ପଡ଼ିଲେ ଆଜି ବି ସ୍ଥାନୀୟ ଅଞ୍ଚଳର ବିପନ୍ନମାନଙ୍କ ଆଖିରେ ଲୁହ ଆସିଯାଉଛି।


ନିଜ ଝିଅ, ବାପାଙ୍କୁ ହରେଇଥିବା ସୁଦିକେଶ୍ୱର ଗ୍ରାମର ବିଶ୍ୱାଳ ଦମ୍ପତି

ପୁରୀ ଜିଲ୍ଲାରେ ସମୁଦାୟ ୩୦୦ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ କେବଳ ଅସ୍ତରଙ୍ଗ ଓ କାକଟପୁର ଅଞ୍ଚଳରେ ୨୧୬ଜଣଙ୍କର ମୃତ୍ୟୁ ହୋଇଥିଲା। ଆଖି ଆଗରେ ସ୍ୱାମୀ, ପୁଅ, ଝିଅ, ଶଶୁର, ଯାଆଙ୍କୁ ହରେଇ ୨୬ବର୍ଷ ହେଲାଣି ଲୁହ ଝରେଇ ଏକାକୀ ବଞ୍ଚିବା ପାଇଁ ସଂଘର୍ଷ କରୁଛନ୍ତି ମଧୁପୁର ଗ୍ରାମର କଳ୍ପନା ବେହେରା।

କଳ୍ପନା ଓ ତାଙ୍କ ପରିବାର ସମୁଦ୍ରକୂଳ ତାଣ୍ଡାରେ ଗାଈଗୋରୁ ରଖି ମାଛମାରି ପରିବାର ପ୍ରତିପୋଷଣ କରୁଥିଲେ। ମହାବାତ୍ୟାରେ ସମୁଦ୍ର ପାଣି ହଠାତ୍ ମାଡ଼ି ଆସିଲା। ପରିବାରର ୭ ଜଣ ଲୋକ ଜୀବନ ବଞ୍ଚାଇବାକୁ ଗାଁକୁ ଆସିବା ସମୟରେ ନଦୀରେ ସୁ ସୁ ଗର୍ଜନ କରୁଥିବା ଭୟଙ୍କର ଜୁଆର ପାଣିରେ ସ୍ୱାମୀ ବୁଦ୍ଧେଶ୍ୱର, ୨ ବର୍ଷର ପୁଅ ଟାଇଗର, ୮ ମାସର ଝିଅ ପୁଷ୍ପା, ଶଶୁର ଲୋକନାଥ ଓ ତାଙ୍କ ଯାଆ ଝମ୍ପ ବେହେରା ଭାସିଯାଇ ପ୍ରାଣ ହରାଇଥିଲେ। ସ୍ୱାମୀଙ୍କ ବୁଦ୍ଧେଶ୍ୱରଙ୍କ ଆଉ ପତ୍ତା ମିଳିନଥିଲା। ଜୀବନ ସହ ସଂଗ୍ରାମ କରି କଳ୍ପନା ଆଜି ନିଃସଙ୍ଗ ଜୀବନ ଜିଉଁଛନ୍ତି। ସେହିପରି ନିକଟସ୍ଥ ସୁଧିକେଶ୍ୱର ଗ୍ରାମର ପଦ୍ମନାଭ ବିଶ୍ୱାଳ ଓ ନିର୍ମଳା ବିଶ୍ୱାଳଙ୍କ ୯ ବର୍ଷର ଝିଅ ଓ ଶଶୁରଙ୍କ ଉପରେ କାନ୍ଥ ପଡ଼ିଯିବା ଯୋଗୁଁ ଦୁହେଁ ପ୍ରାଣ ହରାଇଥିଲେ। ୨୬ ବର୍ଷ ପରେ ବି ନିଜ ପରିଜନଙ୍କୁ ହରାଇ କଳ୍ପନା ହୁଅନ୍ତୁ ବା ନିର୍ମଳା ବା ଅନେକ ପରିବାର ଆଜି ବି ଗୁମୁରିଗୁମୁରି କାନ୍ଦୁଛନ୍ତି।

ମହାବାତ୍ୟା ପରେ ହୁଡ୍‌ହୁଡ୍, ଫାଇଲିନି, ତିତିଲି, ଫନୀ, ଅମ୍ପାନ ଏବଂ ବର୍ତ୍ତମାନ 'ମୋନ୍ଥା' ଭଳି ସାମୁଦ୍ରିକ ବାତ୍ୟାକୁ ଏ ଅଞ୍ଚଳର ଲୋକେ ବାରମ୍ବାର ସମ୍ମୁଖୀନ ହେଉଛନ୍ତି। ମହାବାତ୍ୟା ପରେ ଏହି ଉପକୂଳବାସୀଙ୍କ ସୁରକ୍ଷା ପାଇଁ ବେସରକାରୀ ଉଦ୍ୟମରେ ସମୁଦ୍ର ଉପକୂଳରେ ଅବସ୍ଥିତ ଦାଲୁଅକଣି, ଛେନୁ, କୋରଣା, ସୁଧିକେଶ୍ୱର, ନାନପଡ଼ା, ନୂଆଗଡ଼, ଡମଶୁଣ୍ଡ, ନଗର ଭଳି ସମ୍ବେଦନଶୀଳ ଗ୍ରାମଗୁଡ଼ିକରେ ନିର୍ମିତ ଅଧିକାଂଶ ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକର ରକ୍ଷଣାବେକ୍ଷଣ ଅଭାବରୁ ଏହି ବାତ୍ୟା ଆଶ୍ରୟସ୍ଥଳୀ ଏବେ ସମ୍ପୂର୍ଣ୍ଣ ଜରାଜୀର୍ଣ୍ଣ ଓ ଭୂତକୋଠିରେ ପରିଣତ ହୋଇଯାଇଛି। ତେବେ ଜରାଜୀର୍ଣ୍ଣ ବାତ୍ୟା ଆଶ୍ରୟସ୍ଥଳୀରେ ପୁନରୁଦ୍ଧାର ପାଇଁ ସ୍ଥାନୀୟ ଲୋକେ ବାରମ୍ବାର ଦାବି କରିଥିବାବେଳେ ଏଥିପ୍ରତି କେହି ଦୃଷ୍ଟି ଦେଇନାହାନ୍ତି।







## ମହିଳା ଦିନିକିଆ ବିଶ୍ୱକପ୍

# ପ୍ରଥମ ଫାଇନାଲ ଖେଳିବା ଲକ୍ଷ୍ୟରେ ଦକ୍ଷିଣ ଆଫ୍ରିକା

ଗୌହାଟୀ, ୨୮ ।୧୦ (ଏଜେନ୍ସି): ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ର ସେମିଫାଇନାଲ ପର୍ଯ୍ୟାୟ ବୁଧବାରଠାରୁ ଆରମ୍ଭ ହେବାକୁଯାଉଛି । ଗତ ସଂସ୍କରଣର ରନର୍ସଅପ୍ ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ସେମିଫାଇନାଲ ସ୍ଥାନୀୟ ବର୍ଷାପରା କ୍ରିକେଟ୍ ଷ୍ଟାଡିୟମରେ ଖେଳାଯିବ । ଚଳିତ ବିଶ୍ୱକପ୍‌ରେ ଉଭୟ ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ସମାନ ୫ଟି ଲେଖାଏ ମ୍ୟାଚ୍ ଜିତି ସେମିଫାଇନାଲରେ ପହଞ୍ଚିଛନ୍ତି । ତେଣୁ ଏହି ମ୍ୟାଚ୍ ନିଶ୍ଚିତ ରୋମାଞ୍ଚକ ହେବ ବୋଲି ଆକଳନ କରାଯାଉଛି । ଚାରିଥରର ବିଜେତା ଇଂଲଣ୍ଡ ଏହି ମ୍ୟାଚରେ ବିଜୟୀ ହେଲେ ୯ମଥର ଲାଗି ଫାଇନାଲ ଖେଳିବ । ଅପରପକ୍ଷରେ ଦକ୍ଷିଣ ଆଫ୍ରିକା ନିକଟରେ ପ୍ରଥମଥର ଲାଗି ବିଶ୍ୱକପ୍ ଫାଇନାଲ ଖେଳିବାର ସୁବର୍ଣ୍ଣ ସୁଯୋଗ ରହିଛି ।

### ଇଂଲଣ୍ଡ-୩୬; ଦ.ଆଫ୍ରିକା- ୧୦

ରେକର୍ଡ ଉପରେ ନଜର ପକାଇଲେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଇଂଲଣ୍ଡ ୪୭ଟି ମ୍ୟାଚରୁ ୩୬ଟି ଜିତିଛି । ଦକ୍ଷିଣ ଆଫ୍ରିକା ମାତ୍ର ୧୦ଟି ମ୍ୟାଚ୍ ବିଜୟୀ ହୋଇଛି । ଗୁରୁବାର ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ଓ ଭାରତ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ ।

**ପ୍ରଥମ ସେମିଫାଇନାଲ**
**ଇଂଲଣ୍ଡ-ଦକ୍ଷିଣ ଆଫ୍ରିକା** | **ଆରମ୍ଭ: ଅପରାହ୍ଣ ୩ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ**

■ **ଆଇସିସି ମହିଳା ଦିନିକିଆ ର୍‍ୟାଙ୍କିଂ**

# ଶ୍ରେଷ୍ଠ ରେଟିଂ ପଏଣ୍ଟ ସହ ଶୀର୍ଷରେ ମନ୍ଧାନା



ଦୁବାଇ, ୨୮ ।୧୦ (ଏଜେନ୍ସି): ଆଇସିସି ପକ୍ଷରୁ ସଦ୍ୟ ପ୍ରକାଶିତ ମହିଳା ଦିନିକିଆ ର୍‍ୟାଙ୍କିଙ୍ଗ୍‌ର ବ୍ୟାଟିଂ ତାଲିକାରେ ଭାରତୀୟ ଓପନର୍ ସ୍ମୃତି ମନ୍ଧାନା ଶୀର୍ଷ ସ୍ଥାନରେ ଅପରିବର୍ତ୍ତିତ ରହିଛନ୍ତି । ମନ୍ଧାନାଙ୍କ ରେଟିଂ ପଏଣ୍ଟ ବର୍ତ୍ତମାନ ୮୨୮ ରହିଛି । ଯାହାକି ତାଙ୍କ କ୍ୟାରିୟରର ଶ୍ରେଷ୍ଠ ରେଟିଂ ପଏଣ୍ଟ । ୨୯ ବର୍ଷୀୟା ମନ୍ଧାନା ଦମ୍‌ଦାର ପ୍ରଦର୍ଶନ କରି ଚଳିତ ବିଶ୍ୱକପ୍‌ରେ ୩୬୫ ରନ ସଂଗ୍ରହ କରିବା ସହ ଟପ୍ ସ୍କୋରର୍ ରହିଛନ୍ତି । ସେ ଗତ ଦୁଇଟି ମ୍ୟାଚରେ ଯଥାକ୍ରମେ ନ୍ୟୁଜିଲାଣ୍ଡ ବିପକ୍ଷରେ ୧୦୯ ଓ ବାଂଲାଦେଶ ବିପକ୍ଷରେ ୩୪ ରନର ଅପରାଜିତ ପାଳି ଖେଳିଥିଲେ । ଯେଉଁଥିପାଇଁ ତାଙ୍କ ରେଟିଂ ପଏଣ୍ଟ କ୍ୟାରିୟରର ଶ୍ରେଷ୍ଠ ୮୨୮ରେ ପହଞ୍ଚିଛି । ମନ୍ଧାନାଙ୍କ ଓପନିଂ ପାର୍ଟନର ପ୍ରତୀକା ରାୱଲ ମଧ୍ୟ ର୍‍ୟାଙ୍କିଙ୍ଗ୍‌ରେ ବଡ଼ ଉନ୍ନତି ସହ ୧୨ଟି ସ୍ଥାନ ଉପରକୁ ଉଠି ୨୭ରେ ପହଞ୍ଚିଛନ୍ତି । ସେହିଭଳି ଏହି ର୍‍ୟାଙ୍କିଙ୍ଗ୍‌ରେ ଅଷ୍ଟ୍ରେଲିଆର ଆସଲେ ଗାର୍ଡନର ଏକାଥରକେ ୬ଟି ପାହାଚ ଲମ୍ଫ ପ୍ରଦାନ କରି ଦ୍ୱିତୀୟ ସ୍ଥାନକୁ ଉଠିଛନ୍ତି । ଅପରପକ୍ଷରେ ଦିନିକିଆ ବୋଲିଂ ତାଲିକାରେ ଟପ୍-୧୦ରେ ଏକମାତ୍ର ଭାରତୀୟ ଭାବେ ଦୀପ୍ତି ଶର୍ମା ୫ମରେ ରହିଛନ୍ତି ।

# ଖେଳାଳିଙ୍କୁ ଦଣ୍ଡରୁ ବଞ୍ଚାଇବା ଲାଗି ବିସିସିଆଇ ଚାପ ପକାଏ: ବ୍ରଡ୍

ନୂଆଦିଲ୍ଲୀ, ୨୮ ।୧୦ (ଏଜେନ୍ସି): ପୂର୍ବତନ ଆଇସିସି ମ୍ୟାଚ୍ ରେଫରି ଇଂଲଣ୍ଡର କ୍ରିସ୍ ବ୍ରଡ୍ ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ବିସିସିଆଇ ବିରୋଧରେ ଗୁରୁତର ଅଭିଯୋଗ ଆଣିଛନ୍ତି । ବ୍ରଡ୍ ଦାବି କରିଛନ୍ତି ଯେ ବିସିସିଆଇ ଭାରତୀୟ ଖେଳାଳିଙ୍କୁ ଦଣ୍ଡରୁ ରକ୍ଷା କରିବା ଲାଗି ଚାପ ପକାଏ । ଏକ ସାକ୍ଷାତକାର ସମୟରେ ୬୮ ବର୍ଷୀୟ ବ୍ରଡ୍ କହିଛନ୍ତି, ‘ଟିମ୍ ଇଣ୍ଡିଆ ଗୋଟିଏ ମ୍ୟାଚରେ ଧାର୍ଯ୍ୟ ସମୟସୀମାଠାରୁ ୩-୪ ଓଭର କମ୍ ବୋଲିଂ କରିଥିଲା । ଯାହା ଫଳରେ ଭାରତୀୟ ଖେଳାଳିଙ୍କ ଉପରେ ସ୍ୱୟଂଚାଳିତ ଭାବେ ଜରିମାନା ହୋଇଥାନ୍ତା । କିନ୍ତୁ ଏକ ଫୋନ କଲ୍ ମୋ ନିକଟକୁ ଆସିଥିଲା । ଯେଉଁଥିରେ ମୋତେ କୁହାଯାଇଥିଲା ଏହା ଭାରତୀୟ ଦଳ ତେଣୁ ତୁମେ ନରମ ହୁଅ । ସ୍ଲୋ ଓଭର ରେଟ୍‌ର ଜରିମାନାରୁ ଭାରତକୁ ବଞ୍ଚାଇବା ଲାଗି ମୁଁ ସମୟ ନିମୟରେ ହେରାଫେରି କରିଥିଲି ।’ ବ୍ରଡ୍ ଆହୁରି ମଧ୍ୟ ଅଭିଯୋଗ କରିଛନ୍ତି ଯେ, ‘ଏହି ସ୍ଲୋ ଓଭର ରେଟ୍ ଘଟଣାର ଠିକ୍ ପରବର୍ତ୍ତୀ ମ୍ୟାଚରେ ମଧ୍ୟ ଭାରତୀୟ ଦଳ ସମାନ ଭୁଲ୍‌ର ପୁନରାବୃତ୍ତି କରିଥିଲା । ସୌରଭ ଗାଙ୍ଗୁଲିଙ୍କୁ ମୁଁ ପୂର୍ବରୁ ସତର୍କ କରାଇ ଦେଇଥିଲି । କିନ୍ତୁ ସେ ମୋର କୌଣସି କଥାକୁ ଧ୍ୟାନ ଦେଇ ନ ଥିଲେ । ଶେଷରେ ଜରିମାନା ଲଗାଇବା ବ୍ୟତୀତ ମୋ ପାଖରେ ଆଉ କୌଣସି ବିକଳ୍ପ ନ ଥିଲା । ବିସିସିଆଇ ନିକଟରେ ପ୍ରଚୁର ଅର୍ଥ ରହିଛି । ଯେଉଁଥିପାଇଁ ସେମାନେ ଅନେକ କ୍ଷେତ୍ରରେ ଆଇସିସିକୁ ପଛରେ ପକାଇ ଦେଉଛନ୍ତି ବୋଲି ବ୍ରଡ୍ କହିଛନ୍ତି ।

## ବିଶ୍ୱକପ୍ ପୂର୍ବରୁ ହେବ ପରୀକ୍ଷାନିରୀକ୍ଷା

# ଭାରତ-ଅଷ୍ଟ୍ରେଲିଆ ଟି-୨୦ ସିରିଜ୍ ଆଜିଠାରୁ




କାନବେରା,୨୮ ।୧୦(ଏଜେନ୍ସି)

ବିଶ୍ୱର ନଂ-୧ ତଥା ବିଶ୍ୱ ଚାମ୍ପିଅନ ଟିମ୍ ଭାରତ ଓ ନଂ-୨ ଟିମ୍ ତଥା ଆୟୋଜକ ଅଷ୍ଟ୍ରେଲିଆ ମଧ୍ୟରେ ଆସନ୍ତାକାଲି ବା ବୁଧବାରଠାରୁ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳାଯିବ । ଏହା ପୂର୍ବରୁ ଦୁଇ ଦେଶ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଖେଳାଯାଇଥିଲା । ଏଥିରେ ଅଷ୍ଟ୍ରେଲିଆ ୨-୧ରେ ବିଜୟୀ ହୋଇଥିଲା । କିନ୍ତୁ ଟି-୨୦ ଫର୍ମାଟରେ ଭାରତର ଶକ୍ତି ଅଧିକ । ଏପରିକି ୨୦୦୮ ପରଠାରୁ ଅଷ୍ଟ୍ରେଲିଆରେ ଭାରତ ସିରିଜ୍ ହାରିନାହିଁ । ରେକର୍ଡ ଯାହା ହେଉ ପଛେ ଦଳର ତାରକା ବୋଲର ଯଶପ୍ରୀତ୍ ବୁମ୍‌ରା ଏହି ସିରିଜ୍ ଖେଳିବାକୁ ମନୋନୀତ ହୋଇଛନ୍ତି । ଏଣୁ ଭାରତର ଶକ୍ତି ବୃଦ୍ଧି ଘଟିଛି ଓ ଦଳର ସନ୍ତୁଳନକୁ ନେଇ ମ୍ୟାନେଜମେଣ୍ଟର ଚିନ୍ତା ମଧ୍ୟ ବଢ଼ିଛି । ଆସନ୍ତାବର୍ଷ ଭାରତ ଓ ଶ୍ରୀଲଙ୍କାରେ ଖେଳାଯିବ ଟି-୨୦ ବିଶ୍ୱକପ୍ । ଏହି ଟୁର୍ଣ୍ଣାମେଣ୍ଟ ପୂର୍ବରୁ ନିଜକୁ ପ୍ରସ୍ତୁତ କରିନେବାକୁ ଉଭୟ ଦଳ ଯୋଜନାବଦ୍ଧ ଭାବେ ଉଦ୍ୟମ କରିବେ । ଏପରିକି ଦଳର ଦକ୍ଷତା, ସନ୍ତୁଳନ, ଦୁର୍ବଳତାକୁ ମଧ୍ୟ ସଜାଡ଼ିନେବାକୁ ଉଭୟ ଦଳ ଚେଷ୍ଟା କରିବେ । ଟି-୨୦ ଫର୍ମାଟରେ ଦୁଇ ପ୍ରତିଦ୍ୱନ୍ଦ୍ୱୀ ବିଶ୍ୱର ଟପ୍-୨ ଦଳ ହୋଇଥିବାରୁ ଏହି ସିରିଜ୍‌ର ପ୍ରତ୍ୟେକ ମ୍ୟାଚ୍ ବେଶ ରୋମାଞ୍ଚକର ହେବ ବୋଲି ଆଶା କରାଯାଉଛି ।

ଭାରତରେ ଖେଳାଯିବାକୁ ଥିବା ବିଶ୍ୱକପ୍‌ର ପିଚ୍ କିମ୍ବା ଭେନ୍ୟୁ ସହ ଅଷ୍ଟ୍ରେଲିଆର ପିଚ୍‌ର ବ୍ୟବହାର ସମ୍ପୂର୍ଣ୍ଣ ଭିନ୍ନ । କିନ୍ତୁ ଏବେ ସବୁ ଦଳର ନଜର ରହିଛି ବିଶ୍ୱକପ୍ ପୂର୍ବରୁ ନିଜର ଶ୍ରେଷ୍ଠ ଟିମ୍ ଚୟନ କରିବା । ଏହି ସିରିଜ୍ ଭାରତ ଓ ଅଷ୍ଟ୍ରେଲିଆକୁ ଶ୍ରେଷ୍ଠ ଦଳ ଚୟନ ଓ ଦଳର ସନ୍ତୁଳନ ସଜାଡିବାକୁ ବଡ଼ ସୁଯୋଗ ଦେଇଛି । ଉଭୟଙ୍କ ମଧ୍ୟରେ ଲଢ଼େଇରୁ ଯେଉଁ ଫଳ ମିଳିବ ତାହା ନିଶ୍ଚିତପକ୍ଷେ ଲାଭଦାୟକ ହେବ । ଏହା ପୂର୍ବରୁ ଭାରତ ଟି-୨୦ ଫର୍ମାଟରେ ଏସିଆ କପ୍ ଖେଳି ଚାମ୍ପିଅନ ହୋଇଥିଲା । ଏଥିରେ ଦଳ ଅପରାଜେୟ ଥିଲାବେଳେ ଶ୍ରୀଲଙ୍କା ବିପକ୍ଷ ସୁପର-୪’ର ଏକ ମ୍ୟାଚ୍‌କୁ ବାଦ୍ ଦେଲେ ଅନ୍ୟ ସବୁଥିରେ ସହଜ ବିଜୟ ହାସଲ କରିଥିଲା । ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଏକାଧିକ ପ୍ରତିଭାବାନ ଖେଳାଳି ଆଇପିଏଲ୍‌ରେ ଶ୍ରେଷ୍ଠ ପ୍ରଦର୍ଶନ କରି ଅନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠିତ ହୋଇଛନ୍ତି । ଭାରତ ନିକଟରେ ଏତେ ପ୍ରତିଭା ରହିଛି ଯେ ୧୫ ଜଣିଆ ହେଉ କିମ୍ବା ୧୧ ଜଣିଆ ଦଳ ଚୟନ କରିବା କଷ୍ଟକର । ଟି-୨୦ ସିରିଜ୍ ଲାଗି ଯଶପ୍ରୀତ୍ ବୁମ୍‌ରାଙ୍କ ପ୍ରତ୍ୟାବର୍ତ୍ତନ ଦଳକୁ ଅଧିକ ମଜଭୁତ କରିଛି । ଅର୍ଶଦୀପ ସିଂହଙ୍କୁ ପାର୍ଟନର କରି ସେ ନିଶ୍ଚିତଭାବେ ଅଷ୍ଟ୍ରେଲୀୟ ବ୍ୟାଟରଙ୍କୁ ଅସୁବିଧାରେ ପକାଇବେ । ନିକଟରେ ସିଡନୀ ଦିନିକିଆରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ହର୍ଷିତ ରାଣା କିମ୍ବା ଶିବମ ଦୁବେ ପେସ୍ ବୋଲିଂ ଯୋଡି ବୁମ୍‌ରା-ଅର୍ଶଦୀପ୍‌ଙ୍କୁ ସାହାଯ୍ୟ କରିବେ । ଏସିଆ କପ୍‌ରେ ଭାରତ ସ୍ପିନରଙ୍କୁ ନେଇ ଚାମ୍ପିଅନ ହୋଇଥିଲା । ଅଷ୍ଟ୍ରେଲିଆ ବିପକ୍ଷରେ ସ୍ପିନରଙ୍କ ଭୂମିକା ଅଧିକ ନ ରହିଲେ ମଧ୍ୟ ଏମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବେ । ଦଳରେ ୪ଜଣ ସ୍ପିନରଙ୍କୁ ନିଆଯାଇଛି । ଅକ୍ଷର ପଟେଲ, କୁଲଦୀପ ଯାଦବ, ୱାଶିଂଟନ ସୁନ୍ଦର ଓ ବରୁଣ ଚକ୍ରବର୍ତ୍ତୀଙ୍କ ମଧ୍ୟରୁ ୨ଜଣ ଖେଳିବା ନିଶ୍ଚିତ । ଦିନିକିଆରେ ଏମାନେ ଅଷ୍ଟ୍ରେଲିଆ ପିଚ୍‌ରେ ସଂଘର୍ଷ କରିଥିଲେ । ଟି-୨୦ରେ କିପରି ପ୍ରଦର୍ଶନ କରିବେ ତାହା ଉପରେ ଦଳର ସଫଳତା ନିର୍ଭର କରୁଛି । ଭାରତ ୨୦୨୪ରେ ବିଶ୍ୱକପ୍ ଜିତିବା ପରେ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଖେଳି ମାତ୍ର ୩ଟି ମ୍ୟାଚ୍‌ରେ ପରାଜିତ ହୋଇଛି । ଏହି ରେକର୍ଡ ବଜାୟ ରଖିବ ବୋଲି ଭାରତୀୟ ସମର୍ଥକ ଓ କର୍ମକର୍ତ୍ତା ଆଶା ରଖିବା ସ୍ୱାଭାବିକ୍ ।

ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ଗତ ଦୁଇଟି ବିଶ୍ୱକପ୍‌ରେ ସଅଳ ବିଦାୟ ନେବା ସହ ସମସ୍ତଙ୍କୁ ନିରାଶ କରିଥିଲା । କିନ୍ତୁ ୨୦୨୪ ବିଶ୍ୱକପ୍ ପରେ ଦଳର ତାହାର ରଣନୀତି ଓ ଦୃଷ୍ଟିକୋଣରେ ପରିବର୍ତ୍ତନ ଆଣିଛି । ଯାହା ଫଳରେ ୧୧ଟି ମ୍ୟାଚ୍ ଖେଳି ମାତ୍ର ୨ଟିରେ ପରାଜିତ ହୋଇଛି । ମିଚେଲ ମାର୍ଶଙ୍କ ନେତୃତ୍ୱରେ ପାୱାର ହିଟରଙ୍କୁ କେବଳ ଦଳରେ ସ୍ଥାନ ମିଳିଛି । ଟ୍ରାଭିସ ହେଡ୍, ଜୋଶ ଇଂଲିଶ, କାମେରନ ଗ୍ରୀନ୍ (ଏହି ସିରିଜ୍‌ରେ ଖେଳୁନାହାନ୍ତି), ଟିମ୍ ଡେଭିଡ୍, ମିଚେଲ ଓଏନ୍ ଓ ଗ୍ଲେନ୍ ମ୍ୟାକ୍ସୱେଲ (ଶେଷ ୩ଟି ମ୍ୟାଚ୍ ଖେଳିବେ)ଙ୍କୁ ନେଇ ଦଳର ବ୍ୟାଟିଂ ଲାଇନ୍ ବେଶ ସଫଳ ହୋଇଛି । ମାର୍କସ ଷ୍ଟୋଇନିସଙ୍କ ନେତୃତ୍ୱରେ ଏକାଧିକ ଅଲରାଉଣ୍ଡର ଅଷ୍ଟ୍ରେଲିଆର ସଫଳତାରେ ଭାଗୀଦାରି ହେଉଛନ୍ତି ।

### ସମ୍ଭାବ୍ୟ ଦଳ

**ଭାରତ**- ଅଭିଷେକ ଶର୍ମା, ଶୁବମନ ଗିଲ୍, ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ତିଲକ ବର୍ମା, ସଞ୍ଜୁ ସାମସନ (ୱିକେଟରକ୍ଷକ), ରିଙ୍କୁ ସିଂ, ଅକ୍ଷର ପଟେଲ, ଶିବମ ଦୁବେ/ ହର୍ଷିତ ରାଣା, କୁଲଦୀପ ଯାଦବ/ ବରୁଣ ଚକ୍ରବର୍ତ୍ତୀ, ଅର୍ଶଦୀପ ସିଂହ, ଯଶପ୍ରୀତ୍ ବୁମ୍‌ରା ।
**ବେଞ୍ଚ**- ୱାଶିଂଟନ ସୁନ୍ଦର, ନୀତୀଶ କୁମାର ରେଡ୍ଡୀ ।
**ଅଷ୍ଟ୍ରେଲିଆ**- ମିଚେଲ ମାର୍ଶ (ଅଧିନାୟକ), ଟ୍ରାଭିସ ହେଡ୍, ଜୋଶ ଇଂଲିଶ (ୱିକେଟରକ୍ଷକ), ଟିମ୍ ଡେଭିଡ୍, ଜୋଶ ଫିଲିପ୍, ମିଚେଲ ଓଏନ, ମାର୍କସ ଷ୍ଟୋଇନିସ୍, ସିନ୍ ଆବଟ/ ଜାଭିୟର ବାର୍ଟଲେଟ, ନାଥାନ ଏଲିସ୍, ମ୍ୟାଟ କୁନେମାନ, ଜୋଶ ହାଜ୍‌ଲେଉଡ୍ ।
**ବେଞ୍ଚ**- ମାଥ୍ୟୁ ସର୍ଟ, ଜୋଶ ଫିଲିପ୍, ତନବୀର ସାଙ୍ଘା ଓ ବେନ୍ ଡ୍ୱାରଶୁଇସ୍ ।

**ଖେଳ ଆରମ୍ଭ : ଅପରାହ୍ଣ ୧ଟା ୪୫ ମିନିଟ୍**
**ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓ ହଟ୍‌ଷ୍ଟାର**

# ରାଜ୍ୟ ଭାରୋତ୍ତୋଳନ: ଅଭୀପ୍ସାଙ୍କୁ ପ୍ରଥମ ସ୍ୱର୍ଣ୍ଣ



ଭୁବନେଶ୍ୱର,୨୮ ।୧୦(ସମିସ): କଳିଙ୍ଗ ଷ୍ଟାଡିୟମସ୍ଥିତ ବିଜୁ ପଟ୍ଟନାୟକ ଭାରୋତ୍ତୋଳନ କକ୍ଷରେ ଆଜି ଆରମ୍ଭ ହୋଇଛି ୭୨ତମ ରାଜ୍ୟ ଭାରୋତ୍ତୋଳନ ଚାମ୍ପିଅନସିପ୍ । ଏଥିରେ ୨୦ଟି ଜିଲ୍ଲାର ୨୫୨ଜଣ ବରିଷ୍ଠ, ଯୁଥ୍ ଓ କନିଷ୍ଠ ପ୍ରତିଯୋଗୀ ଉଭୟ ପୁରୁଷ ଓ ମହିଳା ବିଭାଗରେ ଅଂଶଗ୍ରହଣ କରିଛନ୍ତି । ପ୍ରତିଯୋଗିତାର ପ୍ରଥମ ଦିନରେ ଅନୁଷ୍ଠିତ ଯୁଥ୍ ବାଳିକା ୪୪ କିଲୋଗ୍ରାମ୍ ଶ୍ରେଣୀରେ ଅଭିପ୍ସା ଆଚାର୍ଯ୍ୟ ପ୍ରଥମ ସ୍ଥାନ ଅଧିକାର କରିବା ସହ ପ୍ରତିଯୋଗିତାର ପ୍ରଥମ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ । ଏହି ବିଭାଗରେ ନମିତା ବିରୁଆଙ୍କୁ ରୌପ୍ୟ ଓ ରିଆ ଗୌଡ଼ଙ୍କୁ କାଂସ୍ୟ ପଦକ ମିଳିଥିଲା ।

ପୂର୍ବରୁ ଏହି ପ୍ରତିଯୋଗିତାକୁ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ଅତିରିକ୍ତ ସଚିବ ବିଜୟକୁମାର ସ୍ୱାଇଁ ଓ ଭାରତୀୟ ଭାରୋତ୍ତୋଳନ ମହାସଂଘ କୋଷାଧ୍ୟକ୍ଷ ପ୍ରଦୀପ ଶର୍ମା ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଓଡ଼ିଶା ଭାରୋତ୍ତୋଳନ ସଂଘ ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ, କ୍ରୀଡ଼ା ବିଭାଗର ଅଫିସର ପଦ୍ମଚରଣ ସାହୁ, ଅମିତ ନାୟକ, ସୌମ୍ୟସାର୍ଥକ ମିଶ୍ର, ସୋନାଲି ପ୍ରିୟଦର୍ଶିନୀ ଚାନ୍ଦ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ଏସିଆନ୍ ଯୁଥ୍ ଗେମ୍ସରେ ବିଶ୍ୱରେକର୍ଡ କରିଥିବା ପ୍ରୀତିସ୍ମିତା ଭୋଇଙ୍କୁ ଅତିଥିମାନେ ଶୁଭେଚ୍ଛା ଜଣାଇଥିଲେ ।

# ଭୁବନେଶ୍ୱରରେ ହୋଇପାରେ ୨୦୨୮ ଏସିଆନ ଇଣ୍ଡୋର ଆଥ୍‌ଲେଟିକ୍ସ

ନୂଆଦିଲ୍ଲୀ,୨୮ ।୧୦(ଏଜେନ୍ସି): ଇଣ୍ଡୋର ଆଥଲେଟିକ୍ସ ଲାଗି ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍‌ରେ ଯେଉଁ ସୁବିଧା ରହିଛି ତାହା ଦେଶର ଅନ୍ୟ କୌଣସି ଷ୍ଟାଡିୟମ୍‌ରେ ନାହିଁ । ଏଣୁ ଭାରତ ଯଦି ୨୦୨୮ ଏସିଆନ୍ ଇଣ୍ଡୋର ଆଥ୍‌ଲେଟିକ ଚାମ୍ପିଅନସିପ୍ ଆୟୋଜନ କରିବାର ଅଧିକାର ହାସଲ କରେ ତେବେ ଏହା କଳିଙ୍ଗ ଷ୍ଟାଡିୟମ୍‌ରେ ଆୟୋଜିତ ହେବ ବୋଲି ଆଥ୍‌ଲେଟିକ୍ ଫେଡେରେସନ ଅଫ୍ ଇଣ୍ଡିଆ (ଏଏଫଆଇ) ସୂତ୍ରରୁ ଜଣାଯାଇଛି । ୨୦୨୮ରେ ଏସିଆନ୍ ଇଣ୍ଡୋର ଆଥଲେଟିକ୍ସ ଓ ୨୦୨୬ରେ ଏସିଆନ୍ ରିଲେଜ ଆୟୋଜନ କରିବାକୁ ଆଥ୍‌ଲେଟିକ୍ ଫେଡେରେସନ ଅଫ୍ ଇଣ୍ଡିଆ ପକ୍ଷରୁ ବିଡ୍ ଦାଖଲ କରାଯାଇଛି । ଏସିଆନ୍ ରିଲେଜ୍ ଲାଗି ଭେନ୍ୟୁ ସ୍ଥିର ହୋଇ ନ ଥିଲାବେଳେ ଭୁବନେଶ୍ୱରରେ ଇଣ୍ଡୋର ଆଥଲେଟିକ୍ସ ଲାଗି ଭେନ୍ୟୁ ପ୍ରସ୍ତାବ ଦିଆଯାଇଛି । ଉଭୟ ଇଭେଣ୍ଟର ଆୟୋଜନ ଅଧିକାର ପାଇଲେ ଭାରତ ବିଶ୍ୱସ୍ତରର ଆଥଲେଟିକ୍ ଇଭେଣ୍ଟ ଆୟୋଜନ କରିବାରେ ସଫଳ ହେବ ବୋଲି ଏଏଫ୍‌ଆଇ କହିଛି ।

ଏଏଫ୍‌ଆଇର ଜଣେ ବରିଷ୍ଠ କର୍ମକର୍ତ୍ତାଙ୍କ କହିବା ଅନୁଯାୟୀ କଳିଙ୍ଗରେ ଇଣ୍ଡୋର ଷ୍ଟାଡିୟମ୍ ୨୦୨୪ରେ ଉଦ୍‌ଘାଟିତ ହୋଇଥିଲା । ଇଣ୍ଡୋର ଷ୍ଟାଡିୟମ୍‌ରେ ୨୦୦ ମିଟର ରନିଂ ଟ୍ରାକ୍, ୧୦୦ ମିଟର ପ୍ରାକ୍ଟିସ୍ ଟ୍ରାକ୍, ଲଙ୍ଗ୍ ଜମ୍ପ, ଟ୍ରିପଲ ଜମ୍ପ, ପୋଲ ଭଲ୍ଟ ଓ ସଟ୍‌ପୁଟ୍ ଲାଗି ଆବଶ୍ୟକ ସୁବିଧା ସୁଯୋଗ ଅଲଗା ଭାବେ ରହିଛି । ଏହା ବ୍ୟତୀତ ଆଥ୍‌ଲେଟଙ୍କ ଲାଗି ୱାର୍ମଅପ୍ ଏରିଆ ଓ ଜିମ୍ନାସିୟମ ମଧ୍ୟ ଅଛି । ଓଭାଲ ଆକୃତିର ଏହି ଷ୍ଟାଡିୟମ୍‌ରେ ୨୦୦୦ ଦର୍ଶକ ଖେଳ ଦେଖିପାରିବାର ଗ୍ୟାଲେରୀ ରହିଛି । ଏଠାରେ ସବୁଦିନେ ଅଭ୍ୟାସ କରିବାକୁ ଆଶାୟୀ ଥିବା ଆଥ୍‌ଲେଟଙ୍କ ଲାଗି ଦୁଇ ଜଣ ରହିଲା ଭଳି ୬୦ଟି ରୁମ୍, ଡାଇନିଂ ହଲ୍‌ର ବ୍ୟବସ୍ଥା ରହିଛି । ଏଣୁ ଇଣ୍ଡୋର ଆଥ୍‌ଲେଟିକ ଚାମ୍ପିଅନସିପ୍ ଆୟୋଜନ କରିବାକୁ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍ ଉପଯୁକ୍ତ ସ୍ଥାନ ବୋଲି ଏଏଫ୍‌ଆଇ ପକ୍ଷରୁ କୁହାଯାଇଛି ।

ଏସିଆନ୍ ଇଣ୍ଡୋର ଆଥ୍‌ଲେଟିକ୍ ଚାମ୍ପିଅନସିପ୍ ୨୦୦୪ରୁ ଆୟୋଜିତ ହୋଇଆସୁଛି । ଏହାର ପ୍ରଥମ ଓ ୨୦୨୪ରେ ଅନୁଷ୍ଠିତ ଶେଷ ସଂସ୍କରଣ ସହ ଇରାନ ଏହାକୁ ୪ଥର ଆୟୋଜନ କରିଛି । ପ୍ରତି ଦୁଇ ବର୍ଷରେ ହେଉଥିବା ଏହି ପ୍ରତିଯୋଗିତାର ପରବର୍ତ୍ତୀ ସଂସ୍କରଣ ଚୀନ୍‌ର ତିଆନଜିନ୍‌ଠାରେ ଫେବୃଆରୀ ୬ରୁ ୮ ତାରିଖ ଯାଏ ଅନୁଷ୍ଠିତ ହେବ ।

**ରଣଜୀ ଟ୍ରଫି**

# ଗୋଟିଏ ପଏଣ୍ଟରେ ଓଡ଼ିଶା ସନ୍ତୁଷ୍ଟ

କଟକ,୨୮ ।୧୦(ସମିସ)

ଚଳିତ ରଣଜୀ ଟ୍ରଫି ଆରମ୍ଭରେ ଓଡ଼ିଶାର ପ୍ରଦର୍ଶନ ସନ୍ତୋଷଜନକ ରହିନାହିଁ । ପ୍ରଥମ ମ୍ୟାଚ୍‌ରେ ବରୋଦା ଠାରୁ ପରାଜୟ ପରେ ଉତ୍ତରପ୍ରଦେଶ ବିପକ୍ଷ ଦ୍ୱିତୀୟ ମୁକାବିଲାକୁ ଦଳ ଡ୍ର ରଖି ମାତ୍ର ୧ ପଏଣ୍ଟ ହାସଲ କରିଛି । ଏହି ମ୍ୟାଚ୍‌ରେ ଇନିଂସ୍ ଅଗ୍ରଣୀ ପାଇଥିବା ଉତ୍ତରପ୍ରଦେଶକୁ ୩ ପଏଣ୍ଟ ମିଳିଛି । ୨ଟି ଲିଗ୍‌ରୁ ମୋଟ ୧ ପଏଣ୍ଟ ପାଇ ଓଡ଼ିଶା ଏଲିଟ ଗ୍ରୁପ-ଏ ଟେବଲର ୭ମ ସ୍ଥାନରେ ରହିଛି । ନଭେମ୍ବର ୧ରୁ ରଣଜୀ ଟ୍ରଫିର ୩ୟ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ଆରମ୍ଭ ହେବ । ଘରୋଇ ବାରବାଟୀ ଷ୍ଟାଡିୟମରେ ଓଡ଼ିଶା ଆନ୍ଧ୍ରପ୍ରଦେଶକୁ ଭେଟିବ ।



ସ୍ୱସ୍ତିକ ସାମଲ



ଗୋବିନ୍ଦ ପୋଦ୍ଦାର

କାନପୁର ଗ୍ରୀନପାର୍କ ଷ୍ଟାଡିୟମରେ ଖେଳାଯାଇଥିବା ଓଡ଼ିଶା ବିପକ୍ଷ ମ୍ୟାଚ୍‌ରେ ଉତ୍ତରପ୍ରଦେଶ ଉଭୟ ବ୍ୟାଟିଂ ଓ ବୋଲିଂରେ ପ୍ରାଧାନ୍ୟ ବିସ୍ତାର କରି ରଖିଥିଲା । ଓଡ଼ିଶାକୁ ପ୍ରଥମ ପାଳିରେ ୨୪୩ରନରେ ଅଲଆଉଟ କରିଥିଲା । ଅଧିନାୟକ କରନ ଶର୍ମାଙ୍କ ୧୨୧ରନ, ଆରାଧ୍ୟା ଯାଦବଙ୍କ ୧୦୧ ରନ ସହାୟତାରେ ସୋମବାର ମ୍ୟାଚର ୩ୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଉତ୍ତରପ୍ରଦେଶ ୬ ୱିକେଟ ହରାଇ ୩୮୦ରନ ସଂଗ୍ରହ କରିଥିଲା । ଘରୋଇ ଦଳ ମ୍ୟାଚ୍‌କୁ କବଜା କରିବା ସହ ୧୩୭ରନର ଅଗ୍ରଣୀ ହାସଲ କରି ସାରିଥିଲା । ଆଜି କୌଣସି ୱିକେଟ ନହରାଇ ଦଳ ଆଉ ୨୯ରନ ଯୋଡ଼ିବା ସହ ଦଳୀୟ ସ୍କୋର ୪୦୯/୬ରେ ପାଳି ଘୋଷଣା କରିଥିଲା । ଭିପରାଜ ନିଗମ ୩୧ରନ, ଶିଭମ ମାଭି ୧୨ରନରେ ଅପରାଜିତ ଥିଲେ । ଓଡ଼ିଶା ପକ୍ଷରୁ ପଦାର୍ପଣ ମ୍ୟାଚ୍ ଖେଳୁଥିବା ସମ୍ବିତ ବରାଳ ସର୍ବାଧିକ ୩ଟି ୱିକେଟ ଦଖଲ କରିଥିବା ବେଳେ ବାଦଲ ବିଶ୍ୱାଳ ଏବଂ ସୁମିତ ଶର୍ମାଙ୍କୁ ଗୋଟିଏ ଲେଖାଏ ୱିକେଟ ମିଳିଥିଲା । ଉତ୍ତରପ୍ରଦେଶ ପ୍ରଥମ ଇନିଂସ୍‌ରେ ୧୬୬ରନରେ ଆଗୁଆ ରହିଥିଲା । ମଙ୍ଗଳବାର ମ୍ୟାଚ୍‌ର ଅନ୍ତିମ ଦିବସରେ ଓଡ଼ିଶା ୪୪ ଓଭର ଖେଳି ୩ ୱିକେଟ ବିନିମୟରେ ୧୫୧ରନ କରିଥିବା ବେଳେ ମ୍ୟାଚ୍ ଡ୍ର ଘୋଷଣା କରାଯାଇଥିଲା । ଓପନର ସ୍ୱସ୍ତିକ ସାମଲ ୭୧ରନର ଅପରାଜିତ ପାଳି ଖେଳିଥିଲେ । ପ୍ରଥମଶ୍ରେଣୀ କ୍ରିକେଟରେ ସ୍ୱସ୍ତିକଙ୍କୁ ଏହା ଦ୍ୱିତୀୟ ଅର୍ଦ୍ଧଶତକ । ଆଶୀର୍ବାଦ ସ୍ୱାଇଁ ୨୩ରନ, ସନ୍ଦୀପ ପଟ୍ଟନାୟକ ୬ରନ, ଅଧିନାୟକ ଶୁଭ୍ରାଂଶୁ ସେନାପତି ୧୧ରନରେ ଆଉଟ ହୋଇଥିବା ବେଳେ ଗୋବିନ୍ଦ ପୋଦ୍ଦାର ୩୮ରନରେ ଅପରାଜିତ ଥିଲେ । ଉତ୍ତରପ୍ରଦେଶର ଶିଭମ ମାଭିଙ୍କୁ ୨ଟି ୱିକେଟ ମିଳିଥିଲା ।

**ନନ୍ଦକିଶୋର ସ୍ମାରକୀ ମହିଳା ଫୁଟବଲ**

# ସେମିରେ କୁଆଁରମୁଣ୍ଡା

ଭୁବନେଶ୍ୱର,୨୮ ।୧୦(ସମିସ): କୁଆଁରମୁଣ୍ଡା ଫୁଟବଲ କ୍ଲବ୍ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ତୃତୀୟ ନନ୍ଦକିଶୋର ସ୍ମାରକୀ ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି । ମଙ୍ଗଳବାର ଖେଳାଯାଇଥିବା ମ୍ୟାଚ୍‌ରେ କୁଆଁରମୁଣ୍ଡା ଫୁଟବଲ କ୍ଲବ୍ ୩-୨ ଗୋଲରେ କଟକ ଟିମ୍‌କୁ ପରାସ୍ତ କରିଛି । ବିଜୟୀ କୁଆଁରମୁଣ୍ଡା ଫୁଟବଲ କ୍ଲବ୍‌ର ଜର୍ସି ନଂ-୧୮ ଖେଳାଳି ଜ୍ୟୋତ୍ସ୍ନା ଲାକ୍ରାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି । ବୁଧବାର କଟକର ଓଡ଼ିଶା ପୁଲିସ୍ ଓ କେନ୍ଦୁଝରର ତାରିଣୀ ଫୁଟବଲ ଏକାଡେମୀ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ଖେଳାଯିବ । ଖେଳ ଶେଷରେ ସାମାଜିକ କର୍ମୀ ରଜତ କୁମାର ପାଢ଼ୀ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ୱାର୍ଡ ନଂ-୪୫ର କର୍ପୋରେଟର ଅମରେଶ ଜେନା ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ । ଏହି ମ୍ୟାଚ୍‌କୁ ରେଫରି ଆଲୋକ ଦେହୁରୀ, ଏମ୍‌ଏସ୍ ବେଗ୍, ଶିବପ୍ରସାଦ ସାମନ୍ତରାୟ ପରିଚାଳନା କରିଥିଲେ ।

# ସିଦ୍ଧେଶ୍ୱର ମୁଦୁଲି ୨୦୨୫ର ଜୁଡୋ ଜୁଏଲ



ଭୁବନେଶ୍ୱର,୨୮ ।୧୦(ସମିସ): ବିଶ୍ୱ ଜୁଡୋ ଦିବସରେ ପ୍ରତିଷ୍ଠିତ ଜୁଡୋକା ସିଦ୍ଧେଶ୍ୱର ମୁଦୁଲିଙ୍କୁ ୨୦୨୫ର ଜୁଡୋ ଜୁଏଲ ପୁରସ୍କାର ପ୍ରଦାନ କରାଯାଇଛି । ରାଜଧାନୀ ଉପକଣ୍ଠ ଶିଶୁପାଳଗଡ଼ସ୍ଥିତ ଗଙ୍ଗାଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ମଙ୍ଗଳବାର ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଓଡ଼ିଶା ଖ୍ୟାତନାମା ଆଥ୍‌ଲେଟ ପ୍ରଣତି ମିଶ୍ର ମୁଖ୍ୟ ଅତିଥି ଓ ପୂର୍ବତନ ଜୁଡୋକା ଡ. ଶ୍ରୀକାନ୍ତ ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗ ଦେଇ ସିଦ୍ଧେଶ୍ୱରଙ୍କୁ ମାନପତ୍ର, ସ୍ମୃତିଫଳକ ଓ ନଗଦ ୨୫,୦୦୦ ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ । ପାରା-ଜୁଡୋ ଆସୋସିଏସନ ଆନୁକୂଲ୍ୟରେ ଏହି ପୁରସ୍କାର ପ୍ରଦାନ ଉତ୍ସବ ଆୟୋଜିତ କରାଯାଇଥିଲା । ଆସୋସିଏସନର ଉପଦେଷ୍ଟା ଅମିୟ କୁମାର ଦ୍ୱିବେଦୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ବିଶିଷ୍ଟ ଜୁଡୋ ପ୍ରଶିକ୍ଷକ କୃଷ୍ଣଚନ୍ଦ୍ର ପଣ୍ଡା, ଜୁଡୋକା ରଶ୍ମିରଞ୍ଜନ ପଟ୍ଟନାୟକ ଓ ମନମୋହନ ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ଉତ୍ସବକୁ ଜୁଡୋ ପଦକଧାରୀ ତଥା ଆୟୋଜକ ସମ୍ପାଦକ ବ୍ରଜକିଶୋର ଦାସ ପରିଚାଳନା କରିଥିଲାବେଳେ ସାଧାରଣ ସମ୍ପାଦକ ସନ୍ତୋଷ କୁମାର ଭୋଳ ଧନ୍ୟବାଦ ଅର୍ପଣ କରିଥିଲେ ।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS